# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୪/୨୦୨୦ (୧୩ ପୃଷ୍ଠା) | Bhubaneswar, Thursday, September 24/2020 | ★★★★★★

୪୬ଶ ଭାଗ ୩୦୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଉର୍ବଶୀଙ୍କ ଫିଟ୍‌ନେସ୍ ମନ୍ତ୍ର

ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା ଫିଟ୍‌ନେସ୍ ସମ୍ପର୍କରେ ପରାମର୍ଶ ଦେଇ କହିଛନ୍ତି ପ୍ରତିଦିନ ଏକ୍ସରସାଇଜ୍ ସହ ସକାଳ ଖରାରେ ଯୋଗ କରିବା ଦରକାର।

୦୨

୧୦

## ମିଚେଲଙ୍କ ସ୍ଥାନନେଲେ ହୋଲ୍ଡର

ଆହତ ମିଚେଲ ମାର୍ଶଙ୍କ ବଦଳ ଖେଳାଳିଭାବେ ଆଇପିଏଲ ଟିମ୍ ସନ୍‌ରାଇଜର୍ସ ହାଇଦ୍ରାବାଦରେ ସାମିଲ ହୋଇଛନ୍ତି ଅଲରାଉଣ୍ଡର ଜାସନ ହୋଲ୍ଡର।






# ମହଙ୍ଗା ହେଲା ବିଜୁଳି

## ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି



- ଅକ୍ଟୋବର ପହିଲାରୁ ଲାଗୁ
- କୁଟୀରଜ୍ୟୋତି, କୃଷି ଗ୍ରାହକଙ୍କୁ ବାଦ୍
- ଗ୍ରାହକ ଅସନ୍ତୁଷ୍ଟ, ଶ୍ରମିକ ସଂଘର ବିରୋଧ

ଭୁବନେଶ୍ୱର,୨୩।୯(ବ୍ୟୁରୋ)


କରୋନା ସମୟରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ପୁଣି ଏକ ବୋଝ ଲଦି ହୋଇଛି। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆର୍‌ସି) ୨୦୨୦-୨୧ ଆର୍ଥିକ ବର୍ଷ ଲାଗି ବିଦ୍ୟୁତ୍ ଦେୟ ବୃଦ୍ଧି କରିଛନ୍ତି। ଏ ନେଇ ବୁଧବାର ଓଇଆର୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅକ୍ଟୋବର ପହିଲାରୁ ଗ୍ରାହକଙ୍କୁ ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଭରିବାକୁ ପଡିବ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଘରୋଇ ବିଦ୍ୟୁତ୍ ଗ୍ରାହକମାନଙ୍କୁ ୟୁନିଟ୍ ପିଛା ୨୦ ପଇସା ଅଧିକ ଦେବାକୁ ପଡ଼ିବ। ଘରୋଇ ଉପଭୋକ୍ତାଙ୍କୁ ଏଣିକି ୫୦ ୟୁନିଟ୍ ପର୍ଯ୍ୟନ୍ତ ୨ଟଙ୍କା ୭୦ ପଇସା ଦେବାକୁ ହେବ। ସେହିପରି ୫୦ରୁ ୨୦୦ ୟୁନିଟ୍ ପାଇଁ ୪ଟଙ୍କା ୫୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ପାଇଁ ୫ ଟଙ୍କା ୫୦ ଏବଂ ୪୦୦ ୟୁନିଟ୍‌ରୁ ଅଧିକ ପାଇଁ ୟୁନିଟ୍ ପିଛା ୫ଟଙ୍କା ୯୦ ପଇସା ହିସାବରେ ଦେବାକୁ ପଡିବ। ତେବେ ଏହି ବର୍ଦ୍ଧିତ ଦରରୁ କୁଟୀରଜ୍ୟୋତି ଏବଂ କୃଷି ଉପଭୋକ୍ତାଙ୍କୁ ବାଦ୍ ଦିଆଯାଇଛି। ଆର୍ଥିକ ବୋଝ ହ୍ରାସ କରିବା ଲାଗି ବିଦ୍ୟୁତ୍ ଯୋଗାଣ ଓ ବଣ୍ଟନ କମ୍ପାନୀ ଓଇଆର୍‌ସିଙ୍କ ନିକଟରେ ଆବେଦନ କରିଥିଲେ। ଏହାର ଶୁଣାଣି କରି ବିଦ୍ୟୁତ୍ ଦେୟ ବଢ଼ାଇବାକୁ ଓଇଆର୍‌ସି ନିଷ୍ପତ୍ତି ନେଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ଓଇଆର୍‌ସି ବାର୍ଷିକ ହାରାହାରି ୨୦୧୦-୧୧ରେ ୨୨.୨ ପ୍ରତିଶତ ବିଦ୍ୟୁତ୍ ଦେୟ ବୃଦ୍ଧି କରିଥିବା ବେଳେ ୨୦୧୧-୧୨ରେ ୧୯.୭୪, ୨୦୧୨-୧୩ରେ ୧୧.୮୪, ୨୦୧୩-୧୪ରେ ୨.୪୦, ୨୦୧୫-୧୬ରେ ୪.୪୬ ଏବଂ ୨୦୧୭-୧୮ରେ ୧.୪୪ ପ୍ରତିଶତ ଦେୟ ବୃଦ୍ଧି କରିଥିଲେ। ୨୦୨୦-୨୧ରେ ୩.୯୦ ପ୍ରତିଶତ ବୃଦ୍ଧି କରିଛନ୍ତି।

ଓଇଆର୍‌ସି ଶିଳ୍ପସଂସ୍ଥା ଏବଂ ଗ୍ରାମାଞ୍ଚଳ ଉପଭୋକ୍ତାଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଘୋଷଣା କରିଛନ୍ତି। ୩୩ କେ.ଭି.ରୁ ୧ ମେଗାୱାଟ୍‌ରୁ ଅଧିକ ଅର୍ଥାତ୍ ୭୦ରୁ ୮୦ ପ୍ରତିଶତ ଯାଏ ବିଦ୍ୟୁତ୍ ନେଉଥିବା ଶିଳ୍ପ ସଂସ୍ଥାଗୁଡିକୁ ୟୁନିଟ୍ ପିଛା ୧୦, ୮୦ ପ୍ରତିଶତ ୱାର୍କ ଲୋଡ୍‌ରୁ ଅଧିକ ନେଉଥିବା ଶିଳ୍ପ ସଂସ୍ଥାକୁ ୟୁନିଟ୍ ପିଛା ୨୦ ପଇସା ରିହାତି ଦିଆଯିବ।

ସମସ୍ତ ଶିଳ୍ପ ସଂସ୍ଥା ଯେଉଁମାନେ ଇଏଚ୍‌ଟିରୁ ୮୦ ପ୍ରତିଶତ ଲୋଡ୍‌ରୁ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବେ ସେମାନଙ୍କୁ ୟୁନିଟ୍ ପିଛା ୧୦ ପଇସା ରିହାତି ପ୍ରଦାନ କରାଯିବ। ସମସ୍ତ ପ୍ରିପେଡ୍ ଗ୍ରାହକଙ୍କୁ ୨ ପ୍ରତିଶତ ଅତିରିକ୍ତ ରିହାତି ପ୍ରଦାନ କରାଯିବ। ଠିକ୍ ସମୟରେ ନିଜର ☞ପୃଷ୍ଠା-୪

## କରୋନାରେ ରେଳ ରାଷ୍ଟ୍ରମନ୍ତ୍ରୀ ଅଙ୍ଗାଡିଙ୍କ ପରଲୋକ



ସୁରେଶ ଅଙ୍ଗାଡି

### ପ୍ରଧାନମନ୍ତ୍ରୀଙ୍କ ଶୋକ

ନୂଆଦିଲ୍ଲୀ, ୨୩।୯

କରୋନାରେ ପୀଡ଼ିତ ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗାଡିଙ୍କର ବୁଧବାର ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। କରୋନାଜନିତ ମୃତ୍ୟୁରେ ସେ ହେଉଛନ୍ତି ପ୍ରଥମ କେନ୍ଦ୍ର ମନ୍ତ୍ରୀ। ସେପ୍ଟେମ୍ବର ୧୧ରେ ସେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ଅଜବ ଆହାର

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର ବିଚିତ୍ରା ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

## ପାର୍ଲାମେଣ୍ଟ ମୌସୁମୀ ଅଧିବେଶନ ଶେଷ



ନୂଆଦିଲ୍ଲୀ,୨୩।୯

ମୌସୁମୀ ଅଧିବେଶନର ନିର୍ଦ୍ଧାରିତ ସମୟର ୮ଦିନ ପୂର୍ବରୁ ପାର୍ଲାମେଣ୍ଟର ଉଭୟ ଗୃହକୁ ବୁଧବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ଚଳିତ ମୌସୁମୀ ଅଧିବେଶନ ବିଭିନ୍ନ ଦିଗରୁ ସରଗରମ ରହି ଆସିଥିବା ବେଳେ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖାଯାଇ ଏହାକୁ କାଟଛାଣ୍ଟ କରିଦିଆଯାଇଛି। ସେପ୍ଟେମ୍ବର ୧୪ରେ ଆରମ୍ଭ ହୋଇଥିବା ଅଧିବେଶନ କାଳରେ କୃଷି ବିଲ୍‌କୁ ନେଇ ବିରୋଧୀ ତୁମ୍ବିତୋଫାନ କରିଥିଲେ। ବୁଧବାର ରାଜ୍ୟସଭା ୪ଘଣ୍ଟା ଧରି ବସିଥିଲା, ଅଧିବେଶନର ୧୦ମ ଦିନରେ ୭ଟି ବିଲ୍‌କୁ ଗୃହୀତ କରାଯାଇଛି। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୃହୀତ ହୋଇଥିବା ବିଧେୟକ ଭିତରେ ରହିଛି ୩ଟି ଶ୍ରମ ସଂସ୍କାର ବିଲ, ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୦ ଓ ଜମ୍ମୁ-କଶ୍ମୀର ସରକାରୀ ଭାଷା ବିଲ୍-୨୦୨୦ ପ୍ରମୁଖ। ☞ପୃଷ୍ଠା-୪

## ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ବରିଷ୍ଠ ଆଇପିଏସ୍ ଅଫିସର ସ୍ତରରେ ଅଦଳବଦଳ କରାଯାଇଛି। ବୁଧବାର ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଫସର ଅରୁଣ କୁମାର ରାୟଙ୍କୁ କମ୍ୟୁନିକେଶନ ଏଡିଜିପି ଭାବେ ବଦଳି କରାଯାଇଥିବା ବେଳେ ଏଡିଜିପି କମ୍ୟୁନିକେଶନ ଲଳିତ ଦାସଙ୍କୁ ପୋଲିସ ହେଡ୍‌କ୍ୱାର୍ଟର୍ସର ଏଡିଜିପି, କେନ୍ଦ୍ରୀୟ ଡେପୁଟେଶନରେ ଥିବା ୱାଇ.କେ.ଜେଠ୍‌ୱାଙ୍କୁ ଆଇନଶୃଙ୍ଖଳା ଏଡିଜିପି ଭାବେ ବଦଳି କରାଯାଇଛି। ସେହିପରି ପୋଲିସ ମୁଖ୍ୟାଳୟର ଏଡିଜିପି ଥିବା ୧୯୯୩ ବ୍ୟାଚ୍ ଆଇପିଏସ୍ ଅଫିସର ବିନୟତୋଷ ମିଶ୍ରଙ୍କୁ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ଅତିରିକ୍ତ ପୋଲିସ କମିଶନର ସଞ୍ଜୟ କୁମାର ସିଂଙ୍କୁ ଆଇଜିପି(ଆଧୁନିକୀକରଣ), ଆଇଜିପି (ଆଧୁନିକୀକରଣ) ଥିବା ରେଖା ଲୋହାନୀଙ୍କୁ ଦ୍ୱୈତ୍ୟନଗରୀ ଅତିରିକ୍ତ ପୋଲିସ କମିଶନର, କେନ୍ଦ୍ରୀୟ ଡେପୁଟେଶନରୁ ଫେରିଥିବା ରତ୍ନୁ ଆରୋରାଙ୍କୁ ଗୃହ ବିଭାଗର ଓଏସ୍‌ଡି, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ରାଜେଶ କୁମାରଙ୍କୁ ଏଫ୍‌ଏସ୍‌ଏଲ୍ ଆଇଜିପି, ଢେଙ୍କାନାଳ ଏସ୍‌ପି ଥିବା ଅନୁପମା ଜେମ୍ସଙ୍କୁ ଭିଜିଲାନ୍ସ ଏସ୍‌ପି ଭାବେ ବଦଳି କରାଯାଇଛି।

## ଦିନକରେ ସର୍ବାଧିକ ମୃତ୍ୟୁ

### ଆଉ ୪,୨୩୭ ପଜିଟିଭ୍

- ମୃତ୍ୟୁ ସଂଖ୍ୟା ୭୩୬କୁ ବୃଦ୍ଧି, କେବଳ ସେପ୍ଟେମ୍ବରରେ ୨୫୪
- ୨୯ଜିଲାରୁ ମୁଣ୍ଡ ନେଲାଣି, ନୂଆପଡ଼ାରେ ପ୍ରଥମ ମୃତ୍ୟୁ
- ୧,୯୨,୫୪୮ ଛୁଇଁଲା ସଂକ୍ରମଣ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଥମିବାରେ ନାଁ ଧରୁନି। ଦିନକୁ ଦିନ ଘାତକ ହେବାରେ ଲାଗିଲାଣି। ସେପ୍ଟେମ୍ବରରେ ଏହି ମହାମାରୀ ଆହୁରି ଉଗ୍ର ରୂପ ନେଇଥିବାବେଳେ ସର୍ବାଧିକ ଜୀବନ ନେଲାଣି। ଶେଷ ୨୪ ଘଣ୍ଟାରେ ରେକର୍ଡ ସଂଖ୍ୟକ ଆଉ ୧୫ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ୭୩୬କୁ ବୃଦ୍ଧି ପାଇଥିବାବେଳେ କେବଳ ଚଳିତ ମାସରେ ୨୫୪ଜଣଙ୍କ ମୃତ୍ୟୁ ହୋଇସାରିଲାଣି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତଥ୍ୟ ଅନୁସାରେ, ଖୋର୍ଦ୍ଧା ଜିଲାରେ ଏବେ ସଂକ୍ରମଣ ଭଳି ମୃତ୍ୟୁ ମଧ୍ୟ ଅଧିକ ରହୁଛି। ତେବେ ଭୁବନେଶ୍ୱର ପାଇଁ ଏପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ଏଠାରୁ ପୁଣି ସର୍ବାଧିକ ୪ଜଣଙ୍କ ମୃତ୍ୟୁ ଘଟିଛି। ସେହିଭଳି ମୟୂରଭଞ୍ଜ ଓ ପୁରୀରୁ ୨ଜଣ ଲେଖାଏ, ବାଲେଶ୍ୱର, କଟକ, ଢେଙ୍କାନାଳ, କନ୍ଧମାଳ, ମାଲକାନଗିରି, ନୟାଗଡ଼ ଓ ନୂଆପଡ଼ାରେ ଜଣେ ☞ପୃଷ୍ଠା-୪

## ବଳାତ୍କାର ପୀଡ଼ିତାଙ୍କୁ ୫ ଲକ୍ଷ ଦିଅ

### ରାଜ୍ୟ ସରକାରଙ୍କୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ



କଟକ ଅଫିସ/କୁଜଙ୍ଗ, ୨୩।୯ (ଡି.ଏନ୍.ଏ.)

ଜଗତ୍‌ସିଂପୁର ଜିଲା କୁଜଙ୍ଗ ଥାନା ଅଞ୍ଚଳର ବଳାତ୍କାରର ଶିକାର ହୋଇଥିବା ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବୁଧବାର ଉଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୭ଦିନ ମଧ୍ୟରେ ପୀଡ଼ିତାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ କ୍ଷତିପୂରଣ ରାଶିକୁ କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ପୀଡ଼ିତାଙ୍କ ନାମରେ ସ୍ଥାୟୀ ଜମା(ଫିକ୍ସଡ଼ ଡିପୋଜିଟ୍) କରିବା ସହ ସେଥିରୁ ବାର୍ଷିକ ମିଳିବାକୁ ଥିବା ସୁଧକୁ ☞ପୃଷ୍ଠା-୪


INSTITUTE OF ENTREPRENEURSHIP DEVELOPMENT, ODISHA
*An Institute of*
MSME Department, Govt. of Odisha

ADMISSION NOTICE 2020-21

IMBA

INTEGRATED MASTER OF BUSINESS ADMINISTRATION
*(Affiliated to Utkal University)*

QUALITY EDUCATION IN GOVT. INSTITUTE

| COURSE | DURATION | COURSE FEE |
|---|---|---|
| BBA (IMBA FIRST 3 YEARS) | 3 YEARS | ₹ 25,000/- per year |
| | Eligibility : The candidate should have passed +2 or its equivalent in any discipline with minimum 45% marks in aggregate. | |
| MBA LATERAL ENTRY (IMBA LAST 2 YEARS) | 2 YEARS | ₹ 60,000/- per year |
| | Eligibility : The candidate should have passed 3 year BBA (six semesters) from any recognized university with minimum 50% marks in aggregate. | |

Applications are invited for admission into **IMBA 5 years programme** for the session **2020-21**. The Application Form is available in Institute's website **www.iedodisha.nic.in**. Interested candidates can also collect the Application Form personally from IED Odisha on payment of ₹ **500/-** (**₹ 200/- for SC/ST/PH Candidates**) cash or DD in favour of **IED ODISHA IMBA, payable at Bhubaneswar.**

| | |
|---|---|
| Last date for submission of IMBA Application form with all relevant documents and fees: | 28-09-2020 |
| Commencement of Admission into **IMBA 1st Semester and 7th Semester** at IED Odisha | 30-09-2020 |

Plot No. 123, Sector-A, Zone-A, Mancheswar Indl. Estate, Near Postal Printing Press, PO:Rasulgarh, Bhubaneswar-751010, Ph. 0674-2585609/2587176, Mob. 9437163828, 7978120939


## ଦୀପିକା, ସାରା, ଶ୍ରଦ୍ଧାଙ୍କୁ ସମନ



### ବଲିଉଡ୍ ଡ୍ରଗ୍ସ ଲିଙ୍କ୍ ମାମଲା : ୭ଜଣଙ୍କୁ ଏନ୍‌ସିବିର ସମନ

- ୨୪ରେ ରାକୁଲ୍, ସିମୋନ ଏବଂ ଦୀପିକାଙ୍କୁ ୨୫ରେ ହାଜର ପାଇଁ ସମନ୍

ମୁମ୍ବାଇ,୨୩।୯

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲା ସହ ଜଡ଼ିତ ଡ୍ରଗ୍ସ ଲିଙ୍କ୍ ଘଟଣାରେ ଗୋଟିଏ ପରେ ଗୋଟିଏ ଗୁମର ଖୋଲିବାରେ ଲାଗିଛି। ନାର୍କୋଟିକ୍ସ କଣ୍ଟ୍ରୋଲ୍ ବ୍ୟୁରୋ(ଏନ୍‌ସିବି) ଏହି ଘଟଣାରେ ବଲିଉଡର ଅନେକ ବଡ଼ ବଡ଼ ଅଭିନେତ୍ରୀଙ୍କ ସମ୍ପୃକ୍ତି ରହିଥିବା ତଦନ୍ତରେ ଜାଣିବାକୁ ପାଇଛି। ଡ୍ରଗ୍ସ ଲିଙ୍କ୍‌ରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିନେତ୍ରୀ ଦୀପିକା ପାଦୁକୋନ, ସାରା ଅଲ୍ଲୀ ଖାନ, ରାକୁଲ ପ୍ରୀତ ସିଂହ, ସିମୋନ୍ ଖମ୍ବୋଟା ଏବଂ ଶ୍ରଦ୍ଧା କପୁରଙ୍କ ସମେତ ୭ଜଣଙ୍କୁ ଏନ୍‌ସିବି ସମନ ଜାରି କରିଛି। ସମସ୍ତଙ୍କୁ ଜେରା ପାଇଁ ୩ଦିନ ମଧ୍ୟରେ ଏନ୍‌ସିବି ☞ପୃଷ୍ଠା-୪




## ୧୧ ରାଜ୍ୟ ସଭା ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧାର୍ଯ୍ୟ ସମୟର ୮ଦିନ ପୂର୍ବରୁ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ତେଣୁ ଆସନ୍ତା ନଭେମ୍ବର ମାସରେ କାର୍ଯ୍ୟକାଳ ଶେଷ ହେଉଥିବା ୧୧ଜଣ ଏମ୍‌ପିଙ୍କୁ ବୁଧବାର ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ, ଭାଜପାର ନିରଜ ଶେଖର ଓ ଅରୁଣ ସିଂ, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ ଓ ଜାଭେଦ ଅଲ୍ଲୀ ଖାଁ, କଂଗ୍ରେସର ରାଜ ବବର୍ ଓ ବିଏସ୍‌ପିର ବୀର୍ ସିଂ ରହିଛନ୍ତି।

# ୩ ଶ୍ରମ ସଂସ୍କାର ବିଲ୍ ସଂସଦରେ ପାରିତ

ନୂଆଦିଲ୍ଲୀ,୨୩ା୯(ପି.ଟି.)



ପାର୍ଲାମେଣ୍ଟରେ ବୁଧବାର ୩ଗୋଟି ଶ୍ରମ ସଂସ୍କାର ବିଲ୍‌କୁ ଅନୁମୋଦନ ମିଳିଛି। ଏହି ବିଲ୍ କମ୍ପାନୀଗୁଡ଼ିକର ପ୍ରତିବନ୍ଧକକୁ ଦୂର କରିବ। ଏଥିସହ ଯେଉଁ କମ୍ପାନୀରେ ୩୦୦ ପର୍ଯ୍ୟନ୍ତ ସଂଗଠିତ ଶ୍ରମିକ କାର୍ଯ୍ୟ କରୁଥିବେ ଛଟେଇ ସମୟରେ ସରକାରଙ୍କ ଅନୁମତି ନେବାକୁ ପଡ଼ିବ ନାହିଁ। ଯାହାଦ୍ୱାରା କମ୍ପାନୀଗୁଡ଼ିକ ଅଧିକ ପୁଞ୍ଜି ନିବେଶ ପ୍ରତି ଆଗ୍ରହ ପ୍ରକାଶ କରିବା ସହ କର୍ମନିଯୁକ୍ତି ସୃଷ୍ଟି ହୋଇପାରିବ। ମଙ୍ଗଳବାର ଲୋକ ସଭାରେ ଅକୁପେଶନାଲ ସେଫ୍ଟି, ହେଲ୍‌ଥ ଆଣ୍ଡ ୱାର୍କିଂ କଣ୍ଡିଶନ୍ସ କୋଡ୍-୨୦୨୦, ଇଣ୍ଡଷ୍ଟ୍ରିୟାଲ ରିଲେଶନ କୋଡ୍ ବିଲ୍-୨୦୨୦ ଏବଂ ସାମାଜିକ ସୁରକ୍ଷା ବିଲ୍-୨୦୨୦ଗୃହୀତ ହୋଇଥିଲା। ବୁଧବାର ରାଜ୍ୟ ସଭାରେ କଂଗ୍ରେସ ସମେତ ଟିଏମ୍‌ସି ଏବଂ ବାମଦଳଗୁଡ଼ିକ ଗୃହତ୍ୟାଗ କରିଥିବା ସତ୍ତ୍ୱେ ଧ୍ୱନି ମତରେ ଉକ୍ତ ୩ ବିଲ୍‌କୁ ପାରିତ କରାଯାଇଛି। ଉଭୟ ଗୃହରେ ବିଲ୍ ପାରିତ ହୋଇଥିବାରୁ ଏହାକୁ ସଂସଦର ଅନୁମୋଦନ ମିଳିଛି। ୨୯ କେନ୍ଦ୍ରୀୟ ଶ୍ରମ ଆଇନ ମିଶ୍ରଣରେ ୪ଟି ଶ୍ରମ କୋଡ୍ ଗଠନ ହୋଇଛି। ସରକାର ଆଣିଥିବା ନୂଆ ଶ୍ରମ ସଂସ୍କାର ବିଲ୍‌ରେ ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ଏବଂ ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସଭାରେ ଏହି ବିଲ୍ ଉପରେ ହୋଇଥିବା ଆଲୋଚନାରେ ଭାଗ ନେଇ ଶ୍ରମ ମନ୍ତ୍ରୀ ସନ୍ତୋଷ ଗଙ୍ଗୱାର କହିଥିଲେ ଯେ, ବ୍ୟବସାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ଶ୍ରମ ଆଇନରେ ସଂସ୍କାର ଅଣାଯାଇଛି। ଦେଶର ପ୍ରାୟ ୧୬ଟି ରାଜ୍ୟରେ ୩୦୦ କର୍ମଚାରୀ ଥିବା କମ୍ପାନୀଗୁଡ଼ିକ ସରକାରଙ୍କ ବିନା ଅନୁମତିରେ ଶ୍ରମିକ ଛଟେଇ ବ୍ୟବସ୍ଥା ଲାଗୁ କରିଛନ୍ତି। ସରକାରଙ୍କ ବିନା ଅନୁମତିରେ କମ୍ପାନୀଗୁଡ଼ିକରେ ଶ୍ରମିକମାନଙ୍କ ଛଟେଇ ସୀମା ୩୦୦କୁ ବୃଦ୍ଧି କରିବାକୁ ପାର୍ଲାମେଣ୍ଟର ଶ୍ରମ ସଂକ୍ରାନ୍ତ ଷ୍ଟାଣ୍ଡିଂ କମିଟି ସୁପାରିସ କରିଥିଲା। ପୂର୍ବରୁ କମ୍ପାନୀଗୁଡ଼ିକ ସରକାରଙ୍କ ବିନା ଅନୁମତିରେ ୧୦୦ରୁ ଅଧିକ ଶ୍ରମିକ ନିଯୁକ୍ତି କରିପାରୁ ନ ଥିଲେ। ଫଳରେ ଅଣସଂଗଠିତ ନିଯୁକ୍ତି ବଢ଼ି ଚାଲିଥିଲା। ୨୦୧୯ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁସାରେ ରାଜସ୍ଥାନରେ ନିଯୁକ୍ତି ସୃଷ୍ଟିରେ ଉନ୍ନତି ଆସିଥିବାବେଳେ କର୍ମଚାରୀ ଛଟେଇ ହ୍ରାସ ପାଇଥିଲା। ନୂତନ ଶ୍ରମ ସଂସ୍କାର ଆଇନ ହେବା ଦ୍ୱାରା ନିବେଶକଙ୍କୁ ବଡ଼ ଫ୍ୟାକ୍ଟ୍ରି ସ୍ଥାପନ କରିବାଲାଗି ଉତ୍ସାହିତ କରିବା ସହ ବୃହତ୍ ପରିମାଣରେ ନିଯୁକ୍ତି ସୃଷ୍ଟିର ସୁବିଧା ହୋଇପାରିବ ବୋଲି ଗଙ୍ଗୱାର କହିଥିଲେ। ଏହି ବିଲ୍ ଶ୍ରମିକମାନଙ୍କ ସ୍ୱାର୍ଥ ରକ୍ଷା କରିବା ସହ ସାର୍ବଜନୀନ ସାମାଜିକ ସୁରକ୍ଷା ପ୍ରଦାନ କରିବାରେ ସହାୟକ ହେବ। ବିଶେଷକରି କର୍ମଚାରୀ ଭବିଷ୍ୟନିଧି ଏବଂ ରାଜ୍ୟ କର୍ମଚାରୀ ନିଗମର ସୁବିଧା କରିବ। ଏହା ଦ୍ୱାରା ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ୪୦କୋଟି ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ପରିସରଭୁକ୍ତ କରାଯାଇପାରିବ। ଏହି ଆଲୋଚନାରେ ଭାଗ ନେଇ ବିଜେଡି ଏମ୍‌ପି ସୁବାସ ସିଂ କହିଥିଲେ ଯେ, ଏହି ନୂଆ ବିଲ୍ ଶ୍ରମିକ ଆନ୍ଦୋଳନ ନୀତିକୁ ପ୍ରଭାବ ଶୂନ୍ୟ କରିବା ସହ ନିଯୁକ୍ତିଦାତାଙ୍କୁ ସୁହାଇବା ଭଳି କାର୍ଯ୍ୟ କରିବ। ତଥାପି ଏହି ବିଲ୍‌ରେ ଏକାଧିକ ଶ୍ରମିକ କଲ୍ୟାଣ ବ୍ୟବସ୍ଥା ରଖାଯାଇଛି ବୋଲି ସିଂ କହିଛନ୍ତି। ବିଲ୍‌କୁ ସମର୍ଥନ କରି ଜେଡିୟୁ ଏମ୍‌ପି ଆର୍.ସି.ପି ସିଂ କହିଥିଲେ ଯେ ଏହା ଉଭୟ ଶ୍ରମିକ ଏବଂ ଶ୍ରମଦାତାଙ୍କ ଲାଗି ଫଳପ୍ରଦ ହେବ।

## ପ୍ରବଳ ବର୍ଷା
# ବମ୍ବେ ହାଇକୋର୍ଟ ଘୋଷଣା କଲେ 'ରେନି ଡେ'



ମୁମ୍ବାଇ, ୨୩ା୯


ପ୍ରବଳ ବର୍ଷା ଯୋଗୁ ମୁମ୍ବାଇରେ ସାଧାରଣ ଜୀବନ ଯାତ୍ରା ବାଧାପ୍ରାପ୍ତ ହୋଇଛି। ଅଧିକାଂଶ ରାସ୍ତାରେ ଛାତିଏ ଉଚ୍ଚର ପାଣି ଜମି ରହିଛି। ଏହାକୁ ଦୃଷ୍ଟିରେ ରଖି ବମ୍ବେ ହାଇକୋର୍ଟଙ୍କ ପକ୍ଷରୁ ବୁଧବାରକୁ 'ରେନି ଡେ' ଛୁଟି ଘୋଷଣା କରାଯାଇଛି। କୋର୍ଟର ସମସ୍ତ କାର୍ଯ୍ୟ ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି। ଏସମ୍ପର୍କରେ ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତ ଟୁଇଟ୍ କରି ସୂଚନା ଦେଇଛନ୍ତି। ଗୁରୁବାରଠାରୁ କୋର୍ଟର ସମସ୍ତ କାର୍ଯ୍ୟ ସ୍ୱାଭାବିକ ଭାବେ ଜାରି ରହିବ ବୋଲି ସେ କହିଛନ୍ତି।

### ରିଆଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଲା

ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ମାମଲାରେ ତାଙ୍କ ଗର୍ଲଫ୍ରେଣ୍ଡ ରିଆ ଚକ୍ରବର୍ତ୍ତୀଙ୍କ ଜାମିନ ଆବେଦନର ଶୁଣାଣି ବୁଧବାର ହେବାକୁ ଥିଲା। ତେବେ ହାଇକୋର୍ଟ ରେନି ଡେ ଘୋଷଣା ହେବା ପରେ ରିଆଙ୍କ ଜାମିନ ଆବେଦନର ଶୁଣାଣି ଗୁରୁବାର ହେବ ବୋଲି ତାଙ୍କ ଓକିଲ ସତୀଶ ମାନିସିନ୍ଦେ କହିଛନ୍ତି।

# ମୃତ୍ୟୁ ସଂଖ୍ୟା ୯୦ ହଜାର ଟପିଲା

ନୂଆଦିଲ୍ଲୀ, ୨୩ା୯



ଦେଶରେ କରୋନା ମହାମାରୀ ସଂକ୍ରମଣ ଥମିବାର ନାଁ ଧରୁନି। ଇତିମଧ୍ୟରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ୯୦ ହଜାର ୨୦ ଛୁଇଁଛି। ଲଗାତର ୨୧ ଦିନ ଧରି ଦେଶରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ହଜାରେ ଉପରେ ରହିଛି। ତେବେ ଭାରତରେ କରୋନା ଆକ୍ରାନ୍ତଙ୍କ ସୁସ୍ଥ ହେବା ହାର ବିଶ୍ୱରେ ସର୍ବାଧିକ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୮୯ ହଜାର ୭୪୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ସମୟରେ ୮୩ ହଜାର ୩୪୭ ଜଣ ନୂଆ ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ହଜାରେ ୮୫ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ଏସମ୍ପର୍କରେ ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚିକିତ୍ସିତ ହେଉଥିବା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇ ୯ ଲକ୍ଷ ୬୮ ହଜାର ୩୭୭ରେ ପହଞ୍ଚିଛି। ଅପରପକ୍ଷରେ ୪୫ ଲକ୍ଷ ୮୭ ହଜାର ୬୧୪ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୬ ଲକ୍ଷ ୪୬ ହଜାର ୧୧ରେ ପହଞ୍ଚିଛି। ମଙ୍ଗଳବାର ୯ଲକ୍ଷ ୫୩ ହଜାର ୬୮୩ଜଣଙ୍କ ନମୁନା ପରୀକ୍ଷା ହୋଇଛି। ସେହିପରି ସେପ୍ଟେମ୍ବର ୨୨ ସୁଦ୍ଧା ଦେଶରେ ୬ କୋଟି ୬୨ ଲକ୍ଷ ୭୯ ହଜାର ୪୬୨ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବା ଆଇସିଏମ୍‌ଆର୍ ପକ୍ଷରୁ ସୂଚନା ଦିଆଯାଇଛି।

# ବିଦେଶୀ ଅନୁଦାନ ସଂଶୋଧନ ବିଲ୍‌କୁ ଅନୁମୋଦନ

ନୂଆଦିଲ୍ଲୀ,୨୩ା୯

ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ବିଲ୍-୨୦୨୦ ରାଜ୍ୟ ସଭାରେ ବୁଧବାର ଗୃହୀତ ହୋଇଛି। ପୂର୍ବରୁ ଏହା ଲୋକ ସଭାରେ ଗୃହୀତ ହୋଇଥିବାରୁ ଏହି ସଂଶୋଧନ ବିଲ୍ ସଂସଦର ଅନୁମୋଦନ ଲାଭ କରିଛି। ଏହି ବିଲ୍ ୨୦୧୦ ବିଦେଶୀ ଅନୁଦାନ ନିୟନ୍ତ୍ରଣ ଆଇନ୍‌ରେ ସଂଶୋଧନ ଆଣିବ। ଏହି ସଂଶୋଧନ ବିଲ୍ ଅନୁସାରେ ବିଦେଶୀ ଅନୁଦାନ ଗ୍ରହଣ କରିବା ପାଇଁ ଅନୁମତି ନେବା, ପଞ୍ଜୀକରଣ କରିବା, ପଞ୍ଜୀକରଣର ନବୀକରଣ କରିବା ପାଇଁ ପ୍ରତ୍ୟେକଙ୍କୁ ଆଧାର ନମ୍ବର ଦେବାକୁ ହେବ। ଏପରି କି ଏହି ବିଲ୍ ଅନୁସାରେ ସରକାରୀ କର୍ମକର୍ତ୍ତାମାନେ କୌଣସି ବିଦେଶୀ ଅନୁଦାନ ଗ୍ରହଣ କରିପାରିବେ ନାହିଁ ବୋଲି ଉଲ୍ଲେଖ ରହିଛି। ଏହି ବିଲ ସଂକ୍ରାନ୍ତୀୟ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି, ବିଦେଶୀ ଅନୁଦାନ ଯେପରି ଦେଶର ସାମାଜିକ, ରାଜନୈତିକ ବାତାବରଣକୁ ପ୍ରଭାବିତ ନ କରେ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଏଥିସହ ଏହି ବିଲ୍ ବିଦେଶୀ ଅନୁଦାନ ଗ୍ରହଣ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବ ବୋଲି ରାୟ କହିଛନ୍ତି। ଏହି ବିଲ୍ ସମ୍ପର୍କିତ ଆଲୋଚନାରେ ଭାଗ ନେଇ ବିଜେଡି ଏମ୍‌ପି ପ୍ରଶାନ୍ତ ନନ୍ଦ କହିଥିଲେ ଯେ, ବିଦେଶୀ ଅନୁଦାନକୁ ଅନ୍ୟ ଦିଗରେ ଖର୍ଚ୍ଚ କରିବା କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକ ରହିଛି। ଏଥିସହିତ କୌଣସି ପ୍ରକାର ଅନିୟମିତତା ସହ ସମ୍ପୃକ୍ତ ନ ଥିବା ଏନ୍‌ଜିଓଗୁଡ଼ିକୁ ବିଭିନ୍ନ ସଂସ୍ଥା ଦ୍ୱାରା ହଇରାଣ ମଧ୍ୟ କରାଯିବା ଉଚିତ୍ ନୁହେଁ। ସେହିପରି ଆଲୋଚନାରେ ଭାଗ ନେଇ ଭାଜପା ଏମ୍‌ପି ଅରୁଣ ସିଂ କହିଥିଲେ ଯେ, ଏହି ବିଲ୍ ଏକ ଉତ୍ତମ ପଦକ୍ଷେପ। ଯାହାଦ୍ୱାରା ବିଦେଶରୁ ଆସୁଥିବା ପାଣ୍ଠିର ଉଚିତ ତଦାରଖ କରାଯାଇପାରିବ। ବିଲ୍‌କୁ ସମର୍ଥନ କରି ଜେଡିୟୁ ନେତା ଆର୍.ସି.ପି. ସିଂ କହିଥିଲେ ଯେ, ଏ ସଂକ୍ରାନ୍ତ ତଦାରଖ ବ୍ୟବସ୍ଥା ଏହି ଆଇନକୁ ଅଧିକ ମଜଭୁତ କରିବ। ଏଆଇଏଡିଏମକେ ଓ ଟିଡିପିର କେତେକ ଏମ୍‌ପି ଏହି ବିଲ୍ ଆଲୋଚନାରେଅଂଶଗ୍ରହଣ କରିଥିଲେ।

# ଟାଇମ୍ ପ୍ରଭାବଶାଳୀ ନେତାଙ୍କ ତାଲିକାରେ ମୋଦି

ନୂଆଦିଲ୍ଲୀ, ୨୩ା୯

ଟାଇମ୍ ମାଗାଜିନ୍‌ର ପ୍ରଭାବଶାଳୀ ନେତାଙ୍କ ତାଲିକାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନ ପାଇଛନ୍ତି। ୨୦୨୦ରେ ପୃଥିବୀର ଶହେ ଜଣ ପ୍ରଭାବଶାଳୀ ନେତାଙ୍କ ମଧ୍ୟରେ ପୁଣି ମୋଦିଙ୍କ ନାମ ରହିଛି। ଚଳିତ ବର୍ଷ ଏହି ତାଲିକାରେ ପୃଥିବୀର ୨୪ରୁ ଅଧିକ ନେତାଙ୍କ ନାମ ରହିଛି। ତାଲିକାରେ ମୋଦିଙ୍କ ସହିତ ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନା, ରବିନ୍ଦର ଗୁପ୍ତା, ମୂଳଭାରତୀୟ ସୁନ୍ଦର ପିଚାଇଙ୍କ ନାମ ମଧ୍ୟ ସ୍ଥାନ ପାଇଛି। ଦିଲ୍ଲୀର ଶାହିନ୍‌ବାଗ ପ୍ରଦର୍ଶନରେ ସାମିଲ୍ ହୋଇଥିବା ୮୨ ବର୍ଷ ବୟସ୍କା ମହିଳା ବିଲ୍କିସ୍ ଦାଦୀଙ୍କ ନାମ ମଧ୍ୟ ତାଲିକାରେ ସ୍ଥାନ ପାଇଛି। ବିଲ୍କିସ୍ ଦାଦୀ ନାଗରିକତ୍ୱ ସଂଶୋଧନ ଆଇନ ବିରୋଧରେ ପ୍ରଦର୍ଶନ କରୁଥିଲେ। ପୃଥିବୀର ବୃହତ୍ତମ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ବିପୁଳ ଜନମତ ନେଇ ମୋଦି କ୍ଷମତା ଦଖଲ କରିଥିଲେ। ରୋଜଗାରର ପ୍ରତିଶ୍ରୁତି ଦେଇ ମୋଦିଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିଥିଲେ ବି ବହୁ ବାଧାର ସମ୍ମୁଖୀନ ହୋଇଥିବା ଟାଇମ୍ ପକ୍ଷରୁ ଲେଖା ପ୍ରକାଶ ପାଇଛି। ଭାରତ ଏବେ କରୋନା ମହାମାରୀ ସହିତ ଲଢ଼େଇ ଜାରି ରଖିଥିବା ଏଥିରେ ଉଲ୍ଲେଖ କରାଯାଇଛି। ଏହି ତାଲିକାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍, କମଳା ହାରିସ୍, ଜୋ ବିଡେନ୍, ଏଞ୍ଜେଲା ମର୍କେଲ, ନୈନ୍ସି ପୋଲୋସି ପ୍ରମୁଖ ରାଜନେତାଙ୍କ ନାମ ରହିଛି। ସୂଚନାଯୋଗ୍ୟ, ଟାଇମ୍ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିବା ଶହେ ଜଣ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ ହୋଇଥାଏ।

## ଫୁର୍‌ସତ୍

# ଉର୍ବଶୀଙ୍କ ଫିଟ୍‌ନେସ୍ ମନ୍ତ୍ର



ଉର୍ବଶୀ ରୌତେଲା

**ନୂଆଦିଲ୍ଲୀ:** ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା ବେଶ୍ ସଫଳ। ଉର୍ବଶୀଙ୍କର ସୋସିଆଲ ମିଡିଆରେ ଫ୍ୟାନ୍ ଫଲୋଇଙ୍ଗ୍ ଖୁବ୍ ଅଧିକ। ଦେଖିବାକୁ ଯେମିତି ସୁନ୍ଦରୀ ଫିଗର୍ ମଧ୍ୟ ସେମିତି ମେଣ୍ଟେନ କରି ରଖିଛନ୍ତି। ସେ ତାଙ୍କ ଫିଗର୍‌କୁ ନେଇ ଚିନ୍ତିତ ମଧ୍ୟ। ଉର୍ବଶୀ କହିଛନ୍ତି ଯେ, ମଦ ଏବଂ ଡ୍ରଗ୍‌ସ ନେଲେ ମଣିଷ ସ୍ୱଳ୍ପ ସମୟ ପାଇଁ ମଜା ନେଇପାରିବ। ସେଥିପାଇଁ ମଣିଷକୁ ଏପରି ଜିନିଷରେ ସମୟ ଦେବା ଦରକାର ଯେଉଁଥିରେ ସେ ସ୍ଥାୟୀ ଭାବେ ଖୁସି ରହିପାରିବ। ମଣିଷ ନିଜକୁ କଣ୍ଟ୍ରୋଲ କରିବା ଦରକାର। ନିଜ ଶରୀର ପାଇଁ ନିଜର ଖରାପ ବିଚାରଧାରାକୁ ବଦଳାଇବା ଦରକାର। ସେଥିପାଇଁ ମୋ ମତରେ ସମସ୍ତଙ୍କୁ ଫିଟ୍ ରହିବା ପାଇଁ ବିଭିନ୍ନ ଶାରିରୀକ ପରିଶ୍ରମ କରିବା ଦରକାର। ପ୍ରତିଦିନ କିଛି ନା କିଛି ଏକ୍ସରସାଇଜ୍ କରିବା ଦରକାର। ସକାଳୁ ଶୀଘ୍ର ଉଠି ସୂର୍ଯ୍ୟ କିରଣରେ ଯୋଗ କରିବା ଦରକାର। ଏହାଦ୍ୱାରା ଶରୀର ଫିଟ୍ ରହିବା ସଙ୍ଗେ ସଙ୍ଗେ ମନ ମଧ୍ୟ ଭଲ ରହିବ। ଯେଉଁମାନଙ୍କର କୌଣସି ଖରାପ ଅଭ୍ୟାସ ରହିଛି ନିଜେ ଚାହିଁଲେ ତାକୁ ବଦଳାଇ ପାରିବେ। ବ୍ୟସ୍ତ ନ ହୋଇ ମନକୁ ସଂଯମ ରଖିବା ଦରକାର। ସେ ଆଉ ମଧ୍ୟ କହିଛନ୍ତି ଯେ, ସମସ୍ତଙ୍କୁ ଦୟାଳୁ ହେବା ଦରକାର। ପରୋପକାର କରିବା ଦରକାର। ସେ ଅଭିନେତା ଅଭିନେତ୍ରୀ ହୁଅନ୍ତୁନା କାହିଁକି ଗର୍ବ ଅହଙ୍କାର ଭୁଲି ସମସ୍ତଙ୍କୁ ଭଲ ପାଇବା ଦରକାର। ସୂଚନା ଥାଉ କି, ଉର୍ବଶୀ ଖୁବ୍ ଶୀଘ୍ର ଟଲିଉଡ୍ ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଫିଲ୍ମ 'ବ୍ଲାକ୍ ରୋଜ' ମାଧ୍ୟମରେ ସେ ଫ୍ୟାନ୍‌ମାନଙ୍କର ହୃଦୟ କିଣିବାକୁ ଯାଉଛନ୍ତି। ତେବେ ଦେଖିବାକୁ ବାକି ରହିଲା ଉର୍ବଶୀଙ୍କ ଯାଦୁ ଟଲିଉଡ୍‌ରେ ଚାଲୁଛି କି ନାହିଁ।

# ଏଲିଅନ୍‌କୁ ଗୁଳିମାଡ଼ କରିଥିଲା ଆମେରିକା

**ୱାଶିଂଟନ:** ଏଲିଅନ୍‌ର ଉପସ୍ଥିତି ନେଇ ବହୁ କଥା ଶୁଣିବାକୁ ମିଳିଥାଏ। ଏହାକୁ ନେଇ ବହୁ ଫିଲ୍ମ ମଧ୍ୟ ହୋଇସାରିଛି। କେତେକେ ଏହାକୁ କାଳ୍ପନିକ ବୋଲି ମନେକରିଥାନ୍ତି। ତେବେ ପୃଥିବୀ ଭଳି ଜୀବନ୍ତ ଗ୍ରହର ଉପସ୍ଥିତିକୁ ମହାକାଶ ବିଜ୍ଞାନୀମାନେ ସର୍ବଦା ସତ୍ୟ ବୋଲି କହିଆସିଛନ୍ତି। ଏବେ ଏଲିଅନ୍ ସମ୍ପର୍କିତ ଏକ ଖବର ନେଇ ବେଶ୍ ଚର୍ଚ୍ଚା ଜାରି ରହିଛି। ପ୍ରକାଶିତ ଏକ ଖବର ଅନୁସାରେ ଆମେରିକା ସୈନ୍ୟ ବାହିନୀ ଏଲିଅନ୍‌କୁ ଗୁଳିମାଡ଼ କରିଥିଲା। ଏବେ ଏହି ଘଟଣାର ପର୍ଦ୍ଦାଫାସ୍ ହୋଇଛି। ୪୨ ବର୍ଷ ତଳେ ୧୯୭୮ରେ ଏଭଳି ହୋଇଥିବା କୁହାଯାଉଛି। ଆମେରିକା ମିଲିଟାରି ବେସ୍ ପାଖରେ ଏଲିଅନ୍ ବୁଲୁଥିବା ସମୟରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଗୁଳିମାଡ଼ କରାଯାଇଥିଲା। ଆମେରିକାର ଜଣେ ପୂର୍ବତନ ବାୟୁସେନା ଅଧିକାରୀ ଏସମ୍ପର୍କରେ ଦାବି କରିଛନ୍ତି। ଗୁଳିମାଡ଼ରେ ଏଲିଅନ୍‌ର ମୃତ୍ୟୁ ଘଟିଥିଲା। ଏସମ୍ପର୍କରେ ପୁରସ୍କାରପ୍ରାପ୍ତ ଏକ ଅନୁସନ୍ଧାନ ପତ୍ରିକାରେ ମଧ୍ୟ ପ୍ରକାଶ ପାଇଥିବା ସେ କହିଛନ୍ତି। ପତ୍ରିକାର ଜଣେ ପ୍ରତିନିଧି ବାୟୁସେନା ଅଧିକାରୀଙ୍କ ସାକ୍ଷାତ୍‌କାର ନେଇଥିଲେ। ସାକ୍ଷାତ୍‌କାରରେ ବାୟୁସେନା ଅଧିକାରୀ ଏନେଇ ତଥ୍ୟ ପ୍ରଦାନ କରିଥିଲେ। ଏହି ବାୟୁସେନା ଅଧିକାରୀଙ୍କ ନାମ ମେଜର ଜର୍ଜ ଫିଲର। ସେ ଜନ୍ ଏଲ୍. ଗୁଏରାଙ୍କୁ ସାକ୍ଷାତ୍‌କାର ଦେଇଥିଲେ। ୧୯୭୮ ଜାନୁୟାରୀ ୧୮ରେ ଫେଲର ଏକ ଇଣ୍ଟେଲିଜେନ୍ସ ବାର୍ତ୍ତା ପ୍ରସ୍ତୁତ କରୁଥିବା ସମୟରେ ଏହା ଘଟିଥିଲା। ଏନେଇ ତାଙ୍କୁ ଜଣେ ବରିଷ୍ଠ ମେଜର ସର୍ଜେଣ୍ଟ ସୂଚନା ଦେଇଥିଲେ। ବାୟୁସେନା ରନ୍ ୱେ ନିକଟରେ ଗ୍ରେ-ବ୍ରାଉନ୍ ରଙ୍ଗର ଏଲିଅନ୍‌କୁ ଗୁଳିମାଡ଼ ହୋଇଥିବା ସେ କହିଥିଲେ। ଗୁଳିମାଡ଼ ପରେ ଏଲିଅନ୍ ଆସିଥିବା ମହାକାଶ ଯାନ ପ୍ରବଳ ବେଗରେ ସେହି ଅଞ୍ଚଳରେ ଉଡ଼ି ବୁଲିଥିଲା। ଏହାପରେ ଏଲିଅନ୍‌ର ମୃତଦେହକୁ ଓହାୟୋସ୍ଥିତ ରାଇଟ୍ ପିଟରସନ୍ ବାୟୁସେନା ବେସ୍‌କୁ ଅଣାଯାଇଥିଲା। ଫିଲର ଏହି ଘଟଣାକୁ ରେକର୍ଡ କରିବାକୁ ଚାହିଁଥିଲେ। ତେବେ ସରକାରଙ୍କ ପକ୍ଷରୁ ବାରଣ କରାଯାଇଥିଲା। ଏବେ ଫିଲରଙ୍କ ଏହି ସାକ୍ଷାତ୍‌କାର ନେଇ ସୋସିଆଲ୍ ମିଡିଆରେ ଚର୍ଚ୍ଚା ହେଉଛି।



# ବିଲେଇ ପିନ୍ଧିଛି ଶେରୱାନି



**ନୂଆଦିଲ୍ଲୀ:** ଜୀବଜନ୍ତୁଙ୍କ ଉପରେ ହିଂସ୍ର ବ୍ୟବହାର କରି କିଛି ଲୋକ ନିଜ କ୍ରୂରତାର ପରିଚୟ ଦେଉଥିବାବେଳେ ଆଉ କେତେଜଣ ବନ୍ୟଜନ୍ତୁଙ୍କୁ ଅତ୍ୟଧିକ ଭଲପାଇବା ଦେଖାଇ ଉଦାହରଣ ପାଲଟିଯାନ୍ତି। ଠିକ୍ ଏମିତି ଏକ ଉଦାହରଣ ଏବେ ଦେଖିବାକୁ ମିଳିଛି ସୋସିଆଲ ମିଡିଆରେ। ଜଣେ ମହିଳା ନିଜ ପୋଷା ବିଲେଇ ପାଇଁ ଏକ ସୁନ୍ଦର ଶେରୱାନି ତିଆରି କରି ତାକୁ ନିଜ ପରିବାରର ଏକ ସଦସ୍ୟ ବୋଲି କହିଛନ୍ତି। ସାନିୟା ନାମରେ ଜଣେ ଟୁଇଟର ବ୍ୟବହାରକାରୀ ଏକ ସୁନ୍ଦର ଶେରୱାନି ପିନ୍ଧିଥିବା ବିଲେଇର ଫଟୋ ଶେୟାର କରି ତାହା ତାଙ୍କ ମାଆ ତିଆରି କରିଛନ୍ତି ବୋଲି କ୍ୟାପସନରେ ଲେଖିଛନ୍ତି। ଶେରୱାନି ପିନ୍ଧିଥିବା ବିଲେଇର ଫଟୋ ଦେଖିବାକୁ ବହୁତ ସୁନ୍ଦର ଦେଖାଯାଉଛି। ତେଣୁ ଫଟୋଟିକୁ ଶେୟାର କରିବା ମାତ୍ରେ ଏହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଏହି ଫଟୋକୁ ୨୪ହଜାରରୁ ଅଧିକ ଲାଇକ୍ସ ମିଳିବା ସହ ୪ ହଜାରରୁ ଅଧିକ ରିଟୁଇଟ୍ କରାଯାଇଛି। ତେବେ ଟୁଇଟର ବ୍ୟବହାରକାରୀଜଣକ ବିଲେଇର ଶେରୱାନି ପିନ୍ଧିଥିବା ଫଟୋ ସହିତ ଆହୁରି ଅନେକ ମୁହୂର୍ତ୍ତର ଫଟୋ ବି ଶେୟାର କରିଛନ୍ତି। ତେଣୁ ବିଲେଇକୁ ନିଜ ପରିବାରର ଜଣେ ସଦସ୍ୟ ଭଳି ପାଳିଥିବା ଏହି ପରିବାର ତା' ସମ୍ପର୍କରେ ସୋସିଆଲ ମିଡିଆରେ ଜଣାଇ ବେଶ୍ ଖୁସି ହୋଇଥିବା କହିଛନ୍ତି। ତେବେ ଅନେକସମୟରେ ସେମାନେ ବିଲେଇକୁ ତାଙ୍କ ଛୋଟ ଝିଅର ପୋଷାକ ମଧ୍ୟ ପିନ୍ଧାଇ ସଜବାଜ କରିଥାନ୍ତି। ଏବେ ବିଲେଇ ପାଇଁ ପୁଣି ଥରେ ଏକ ବ୍ରାଇଡଲ୍ ଲେହେଙ୍ଗା କରିବେ ବୋଲି ସୂଚନା ଦେଇଛନ୍ତି।

# ପ୍ରାକୃତିକ ସୁଇମିଂ ପୁଲ୍

**ସ**ମସ୍ତଙ୍କର ସ୍ୱପ୍ନ ଥାଏ ନିଜ ଘର ସବୁଠୁ ସୁନ୍ଦର ହେଉ। ଘର ନିକଟରେ ବଗିଚା, ସୁଇମିଂ ପୁଲ୍ ଆଦି ରହି ଶୋଭାବର୍ଦ୍ଧନ କରୁ। ଖାସ୍ ଏଥିପାଇଁ ତ ଲୋକେ ସ୍ୱପ୍ନର ଘରଟିଏ ପାଇଁ ଜୀବନସାରା ରୋଜଗାର କରିଥିବା ଟଙ୍କା ଏଥିରେ ହିଁ ଖର୍ଚ୍ଚ କରିଥାନ୍ତି। ଠିକ୍ ସେମିତି, ଆମେରିକାରେ ରହୁଥିବା ଏକ ଦମ୍ପତିଙ୍କ କ୍ଷେତ୍ରରେ ଘଟିଛି। ଏହି ଦମ୍ପତି ମନ ପସନ୍ଦର ଏକ ପ୍ରାକୃତିକ ସୁଇମିଂ ପୁଲ୍ ତିଆରି କରିଛନ୍ତି। ଏହାକୁ ତିଆରି କରିବା ପାଇଁ ପ୍ରାୟ ୨ ବର୍ଷ ଲାଗିଛି। ଏଥିରେ ୧୮ ହଜାର ପାଉଣ୍ଡ ଅର୍ଥାତ୍ ୧୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି।

ଚେଲ୍ଟନହାମ୍‌ରେ ରହୁଥିବା ୫୬ ବର୍ଷୀୟ ଜନ ଏଡୱାର୍ଡ଼ ଏବଂ ତାଙ୍କର ୫୫ ବର୍ଷୀୟ ସ୍ତ୍ରୀ କ୍ୟାରୋଲିନ୍ ତିଆରି କରିଥିବା ପୁଲରେ କେମିକାଲ ଏବଂ କ୍ଲୋରିନ୍‌ର ବ୍ୟବହାର ଆଦୌ କରନ୍ତି ନାହିଁ। ଏହି ପୁଲ୍‌ର ଡିଜାଇନ ଏମିତି ହୋଇଛି କି ଏହାକୁ ସଫା କରିବାକୁ ପଡ଼େ ନାହିଁ। ଗଛର ଚେର ଦେଇ ପାଣି ଆପଣାଛାଏଁ ସଫା ହୋଇଥାଏ। ପୁଲ୍‌ର ଲମ୍ବ ୪୫ ଫୁଟ ଏବଂ ଚଉଡ଼ା ୩୦ ଫୁଟ। ଗଭୀର ୭.୫ ଫୁଟ ରହିଛି। ୨୦୧୮ରେ ଏହି ଦମ୍ପତି ଏକ ଡିଭିଡି ଦେଖି ପୁଲ୍‌ର ନିର୍ମାଣ କରିଥିଲେ। ପୁଲଟି ଦେଖିବାକୁ ଖୁବ୍ ମନୋରମ। ଜନ କୁହନ୍ତି, ଏହି ପୁଲ୍‌କୁ ତାଙ୍କ ସମ୍ପର୍କୀୟମାନେ ପାର୍ଟି ପାଇଁ ବ୍ୟବହାର କରିଥାନ୍ତି। ପୁଲର ଚତୁଃପାର୍ଶ୍ୱରେ ୧୫୦୦ ପ୍ରକାରର ଗଛ ରହିଛି। ପଶୁପକ୍ଷୀ ମଧ୍ୟ ରହିଛନ୍ତି; ଯାହା ଲୋକଙ୍କୁ ଆକର୍ଷିତ କରୁଛି।



# ଏରୋପ୍ଲେନ୍ ରଙ୍ଗ ଧଳା କାହିଁକି

**କେ**ବେ ଏରୋପ୍ଲେନ୍‌ରେ ଯାତ୍ରା କରିଛନ୍ତି କି? ଯଦି ହଁ ତେବେ ନିଶ୍ଚିତ ଦେଖିଥିବେ ଅଧିକାଂଶ ଏରୋପ୍ଲେନ୍‌ର ରଙ୍ଗ ଧଳା। ମନକୁ ବହୁବାର ପ୍ରଶ୍ନ ମଧ୍ୟ ଆସିଥିବ ଏରୋପ୍ଲେନ୍‌ର ରଙ୍ଗ କଳା, ନୀଳ, ହଳଦିଆ ନ ହୋଇ ଧଳା କାହିଁକି ହୋଇଛି। ତେବେ ଏରୋପ୍ଲେନ୍‌ର ରଙ୍ଗ ଧଳା ହେବା ପଛରେ ଏକ ବୈଜ୍ଞାନିକ କାରଣ ରହିଛି। ସୂର୍ଯ୍ୟଙ୍କ କିରଣକୁ ପରିବର୍ତ୍ତନ କରିବାରେ ଧଳାରଙ୍ଗର କ୍ଷମତା ଅଧିକ। ଏମିତିରେ ଧଳା ରଙ୍ଗ ଯୋଗୁ କମ୍ ଗରମ ବି ହୋଇଥାଏ। ତେଣୁ ଏରୋପ୍ଲେନ୍‌ର ବାହାର ଅଂଶ ଧଳା ହୋଇଥାଏ। ଅନ୍ୟ ଏକ କାରଣ ହେଲା ଏରୋପ୍ଲେନ୍‌ଟି ବଡ଼ ହୋଇଥିବାରୁ ଏଥିରେ ଅଧିକ ଲୋକ ଯାତ୍ରା କରିଥା'ନ୍ତି। ତେଣୁ ଧଳା ରଙ୍ଗ ହୋଇ ନ ଥିଲେ ଅତ୍ୟଧିକ ଗରମ ହୋଇ ଲୋକେ ମୃତାହତ ହୁଅନ୍ତେ। କୌଣସି ଏରୋପ୍ଲେନ୍ ଦୁର୍ଘଟଣାଗ୍ରସ୍ତ ହେଲେ ଆକାଶର ନୀଳ ରଙ୍ଗରେ ଧଳାକୁ ଖୋଜି ପାଇବା ସହଜ ହୋଇଥାଏ। ତେଣୁ ଏସବୁ କାରଣ ଯୋଗୁ ଏରୋପ୍ଲେନ୍‌ର ରଙ୍ଗ ଧଳା।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୧,୮୯୧,୧୮୮ | ୯,୭୭,୪୨୭ | ୨୪,୪୮୭,୪୧୧ |
| ଭାରତ | ୫୬,୭୯,୬୧୦ | ୯୦,୨୮୨ | ୪୬,୦୯,୭୦୪ |
| ଓଡ଼ିଶା | ୧,୯୨,୫୪୮ | ୭୩୬(+୫୩) | ୧,୫୭,୨୬୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ‘ଚାଇନା ଚାହେଁ ନାହିଁ ବିସ୍ତାରବାଦ’

## କାହା ସହ ଶୀତଳ, ଗରମ ଯୁଦ୍ଧ ଉଦ୍ଦେଶ୍ୟ ନାହିଁ: ଜିନ୍‌ପିଙ୍ଗ

**ଜାତିସଂଘ, ୨୩।୯(ପି.ଟି.)**

ଚାଇନା କାହା ଉପରେ ପ୍ରଭାବ ପକାଇବା ବା ନେତୃତ୍ୱ ନେବା କିମ୍ବା ବିସ୍ତାରବାଦର ଉଦ୍ଦେଶ୍ୟ ରଖିନାହିଁ। କୌଣସି ଦେଶ ସହ ‘ଶୀତଳଯୁଦ୍ଧ’ ବା ‘ଗରମ ଯୁଦ୍ଧ’ କରିବାକୁ ବେଜିଂର ଲକ୍ଷ୍ୟ ନାହିଁ ବୋଲି ଚାଇନା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ କହିଛନ୍ତି। ଜାତିସଂଘର ନିରାପତ୍ତା ପରିଷଦର ୭୫ ତମ ଅଧିବେଶନ ପରିପ୍ରେକ୍ଷୀରେ ପୂର୍ବ ପ୍ରସ୍ତୁତ ଏକ ଭିଡିଓ ବାର୍ତ୍ତାରେ ମଙ୍ଗଳବାର ସେ କହିଛନ୍ତି ଯେ, ଲଦାଖରେ ଭାରତ ଓ ଚାଇନା ମଧ୍ୟରେ ଦେଖା ଦେଇଆସିଥିବା ଉତ୍ତେଜନା ପୂର୍ଣ୍ଣ ସ୍ଥିତିର ପୃଷ୍ଠଭୂମିକୁ ନେଇ ପ୍ରକାଶ ପାଉଥିବା ବିସ୍ତାରବାଦୀ ଆଶଙ୍କା ଠିକ୍ ନୁହେଁ। ଯେଉଁ ଦେଶଗୁଡିକ ସହ ବିବାଦ ରହିଛି, ତାହାକୁ କଥାବାର୍ତ୍ତା ଓ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଚାଇନା ଲକ୍ଷ୍ୟ ରଖିଛି ବୋଲି ଜିନପିଙ୍ଗ କହିଛନ୍ତି।

୪ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲଦାଖକୁ ଅଚାନକ ପରିଦର୍ଶନ କଲାବେଳେ କହିଥିଲେ ଯେ, ବିସ୍ତାରବାଦର ଯୁଗ ସରିଯାଇଛି। ଇତିହାସ ପ୍ରମାଣ ଦେଇଛି ଯେ, ଯେଉଁମାନେ ବିସ୍ତାରବାଦ ଲକ୍ଷ୍ୟ ନେଇ ଆଗଉଥିଲେ ସେମାନେ ସମସ୍ତଙ୍କ ଦୃଷ୍ଟିରୁ ହଜି ଯାଇଛନ୍ତି ବା ଧ୍ୱଂସ ପାଇଯାଇଛନ୍ତି। ଚାଇନାକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ ମୋଦି ଏଭଳି ମନ୍ତବ୍ୟ ଦେଇଥିଲେ। ତେବେ କମ୍ୟୁନିଷ୍ଟ ପାର୍ଟି ଅଫ ଚାଇନାର ସାଧାରଣ ସମ୍ପାଦକ ତଥା ଚାଇନା ସାମରିକ ବାହିନୀର କମାଣ୍ଡର ଇନ ଚିଫ ଥିବା ଜିନ୍‌ପିଙ୍ଗ କହିଛନ୍ତି, ତାଙ୍କ ଦେଶ ନିବୁଜ ଦ୍ୱାରର ପଛପଟ ଦେଇ ବିକାଶ ଲାଭ କରିବାକୁ ଚାହେଁ ନାହିଁ। ବରଂ ଘରୋଇ ପ୍ରଚେଷ୍ଟାକୁ ପ୍ରଧାନ ଅବଲମ୍ବନ କରିବା ସହ ଅନ୍ତର୍ଜାତୀୟ ସହଯୋଗକୁ ଆଧାରକରି ନୂଆ ବିକାଶ ପୋଷଣ କରିବା ବେଜିଂର ଲକ୍ଷ୍ୟ ବୋଲି ଜିନ୍‌ପିଙ୍ଗ କହିଛନ୍ତି। ଏହା ଦ୍ୱାରା ଚାଇନାର ଅର୍ଥନୈତିକ ଅଭିବୃଦ୍ଧି ଲାଗି ସୁଯୋଗ ସୃଷ୍ଟି ହେବ ଏବଂ ବିଶ୍ୱ ଅର୍ଥନୀତିର ପୁନରୁଦ୍ଧାର ନିମନ୍ତେ ବାଟ ଖୋଲିଯିବ ବୋଲି ସେ କହିଛନ୍ତି।

କୋଭିଡ-୧୯ ମହାମାରୀ ପ୍ରସଙ୍ଗ ଉଠାଇ ଜିନ୍‌ପିଙ୍ଗ କହିଥିଲେ ଯେ, ଏହି ଭୂତାଣୁ ଲାଗି ଚାଇନାକୁ ସମାଲୋଚନା କରାଯାଉଛି ଏବଂ ତଥ୍ୟ ଚାପି ରଖାଯାଇଛି ବୋଲି ଅଭିଯୋଗ ହେଉଛି। କିନ୍ତୁ ଭୂତାଣୁକୁ ପ୍ରତିହତ କରିବା ସକାଶେ ସମସ୍ତଙ୍କୁ ଏକ ହୋଇ କାର୍ଯ୍ୟ କରିବାକୁ ପଡିବ। ସବୁ ଦେଶ ବିଜ୍ଞାନର ପଥ ପ୍ରଦର୍ଶନ କରିବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ନେଉଥିବା ପଦକ୍ଷେପକୁ ସମର୍ଥନ କରିବା ଦରକାର। ମହାମାରୀକୁ ହଟାଇବା ନିମନ୍ତେ ମିଳିତ ଅନ୍ତର୍ଜାତୀୟ ଉଦ୍ୟମ ଦରକାର। କିନ୍ତୁ ଏହାକୁ ରାଜନୀତିକରଣ କରିବା ଲାଗି ହେଉଥିବା ପ୍ରଚେଷ୍ଟାକୁ ପ୍ରତ୍ୟାହାର କରାଯିବା ଉଚିତ ବୋଲି ଜିନ୍‌ପିଙ୍ଗ କହିଛନ୍ତି।

ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନା ଉପରେ ବର୍ଷିଥିଲେ। ଚାଇନା ଭୂତାଣୁକୁ ବିଶ୍ୱବ୍ୟାପୀ ପ୍ରସାର କରିଥିବାରୁ ଏଥିଲାଗି ଜାତିସଙ୍ଘ ବେଜିଂକୁ ଦାୟୀ କରୁ ବୋଲି ଟ୍ରମ୍ପ ଦାବି କରିଥିଲେ। କରୋନା ଭୂତାଣୁକୁ ରୋକିବାରେ ଚାଇନା ବିଫଳ ହୋଇଥିବାରୁ ଆମେରିକାର ୨ ଲକ୍ଷ ଲୋକଙ୍କ ସହ ବିଶ୍ୱରେ ୧୦ ଲକ୍ଷ ଲୋକ ପ୍ରାଣ ହରାଇଛନ୍ତି ବୋଲି ସେ ଅଭିଯୋଗ ଆଣିଥିଲେ।

ଅନ୍ୟପକ୍ଷରେ ଜିନ୍‌ପିଙ୍ଗ କହିଥିଲେ ଯେ, ଅନ୍ୟମାନଙ୍କ ଅସୁବିଧାରୁ କୌଣସି ଦେଶ ଫାଇଦା ନେଇପାରିବ ନାହିଁ। ତେଣୁ ସମସ୍ତେ ଏକ ବଡ ପରିବାରର ସଦସ୍ୟ ଭାବେ ବ୍ୟବହାର କରିବା ଦରକାର। ଆଦର୍ଶଗତ ବିବାଦରୁ ଊର୍ଦ୍ଧ୍ୱକୁ ଉଠିବା ଓ ସଭ୍ୟତାର ସଂଘର୍ଷ ଯନ୍ତାରେ ନ ପଡିବା ସକାଶେ ସମସ୍ତେ ପଦକ୍ଷେପ ନେବା ଉପରେ ଜିନପିଙ୍ଗ ଗୁରୁତ୍ୱ ଦେଇଥିଲେ।

## ସଂକ୍ଷେପରେ

### ରାଜ୍ୟ ସଭାରେ ଅଧ୍ୟକ୍ଷତା କଲେ ସସ୍ମିତ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ):** ରାଜ୍ୟ ସଭା ଉପାଧ୍ୟକ୍ଷ ଏବଂ ବିଜେଡି ଏମ୍‌ପି ସସ୍ମିତ ପାତ୍ର ବୁଧବାର ରାଜ୍ୟ ସଭା ପରିଚାଳନା କରିଛନ୍ତି। ଏହି ସମୟରେ ୩ଟି ଶ୍ରମ ବିଲ୍ ଆଲୋଚନା ହେବା ସହ ଗୃହୀତ ହୋଇଛି। ଏଥିସହିତ ମଙ୍ଗଳବାର ରାଜ୍ୟ ସଭାରେ ଦୁଇଟି ବିଲ୍ ନ୍ୟାଶନାଲ ଫୋରେନ୍‌ସିକ ସାଇନ୍‌ସେସ ୟୁନିଭର୍ସିଟି ବିଲ୍-୨୦୨୦ ଏବଂ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ବିଲ୍-୨୦୨୦ ଆଲୋଚନା ଏବଂ ଭୋଟିଂ ବେଳେ ମଧ୍ୟ ସସ୍ମିତ ଗୃହ ପରିଚାଳନା କରିଥିଲେ। ଗତ ୩/୪ ଦିନ ହେବ ସେ ରାଜ୍ୟ ସଭାରେ ଲଗାତର ଅଧକ୍ଷତା କରି ଆସୁଛନ୍ତି।

### ଭିଜିଲାନ୍ସ ଜାଲରେ ଫାୟାର ଅଫିସର

**ଭବାନୀପାଟଣା, ୨୩।୯(ଡି.ଏନ.ଏ.):** କଳାହାଣ୍ଡି ଜିଲାର ନର୍ଲା ଫାୟାର ଅଫିସର ଅନୁପମ ବାଗ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ନର୍ଲା ବ୍ଲକ ଛତିକୁଡାର ବରୁଣ ସାହୁଙ୍କ ଫାୟାର ସାର୍ଟିଫିକେଟ କରେଇ ଦେବା ପାଇଁ ସେ ବୁଧବାର ୪ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଛକି ବସିଥିବା କଳାହାଣ୍ଡି ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ। ପରେ ଭିଜିଲାନ୍ସ ଟିମ୍ ବାଗଙ୍କ ସରକାରୀ ଅଫିସ ଯାଞ୍ଚ କରିବା ସହ ତାଙ୍କୁ ଗିରଫ କରିଥିଲେ। ସୂଚନା ଅନୁସାରେ, ବରୁଣ ନିଜ ବାସଭବନରେ ରଖିଥିବା କାରକୁ ଗତ ୧୬ ତାରିଖ ରାତ୍ରିରେ ଦୁର୍ବୃତ୍ତ ନିଆଁ ଲଗାଇ ପୋଡି ଦେଇଥିଲେ। ତେଣୁ ପରବର୍ତ୍ତୀ ସମୟରେ ଇନ୍ସୁରାନ୍ସର ସହାୟତା ପାଇଁ କାଗଜପତ୍ର କରିବାକୁ ସାହୁ ଅଗ୍ନିଶମ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଏହି ସମୟରେ ଉକ୍ତ ଅଫିସର ଲାଞ୍ଚ ମାଗିଥିଲେ। ଏନେଇ ବରୁଣ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ସୂଚନାଯୋଗ୍ୟ, ଭିଜିଲାନ୍ସ ଜାଲରେ ପଡିଥିବା ଉକ୍ତ ଫାୟାର ଅଫିସର ଦୁଇ ମାସ ତଳେ ନର୍ଲାରେ ଯୋଗଦାନ କରିଥିଲେ।

### ୨୫,୨୬ରେ ପ୍ରବଳ ବର୍ଷା ସମ୍ଭାବନା

#### ଏଲୋଓ୍ୱାର୍ନିଂ ଜାରି କଲା ପାଣିପାଗ ବିଭାଗ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ):** ଓଡିଶା ଉପକୂଳରେ ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୫ ଓ ୨୬ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୫ତାରିଖରେ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ସମ୍ବଲପୁର, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, କଟକ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଏବଂ ପୁରୀ ଜିଲାରେ ଘଡଘଡି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୬ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଏବଂ ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର ଭଦ୍ରକ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଗଞ୍ଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ, କେନ୍ଦୁଝର, ମୟୂରଭଞ୍ଜ, କନ୍ଧମାଳ, କଳାହାଣ୍ଡି ଜିଲାରେ ମଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋଓ୍ୱାର୍ନିଂ ଜରି କରାଯାଇଛି।

# କର୍କଟ ରୋଗୀଙ୍କୁ କରୋନା ସଂକ୍ରମଣ ଆଶଙ୍କା ଅଧିକ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

- ଭୟରେ କର୍କଟ ଚିକିତ୍ସା ବନ୍ଦ ନ କରିବାକୁ ପରାମର୍ଶ
- ଆକ୍ରାନ୍ତ ହେଲେ ହୋମ୍ ଆଇସୋଲେଶନରେ ରହିପାରିବେ

କର୍କଟ ରୋଗୀଙ୍କ କ୍ଷେତ୍ରରେ କରୋନା ସଂକ୍ରମଣ ହେବା ସମ୍ଭାବନା ବେଶି ରହିଛି। କାରଣ ଜଣେ କର୍କଟ ରୋଗରେ ଆକ୍ରାନ୍ତ ହେଲେ ତାଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି କମିଯାଇଥାଏ। ତେଣୁ କର୍କଟ ରୋଗୀ ସଂକ୍ରମିତ ନ ହେବା ଲାଗି ଅଧିକ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡ଼ିବ ବୋଲି କଟକସ୍ଥିତ ଆଚାର୍ଯ୍ୟ ହରିହର ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡା. ସୁରେନ୍ଦ୍ର ସେନାପତି ପରାମର୍ଶ ଦେଇଛନ୍ତି।

ବୁଧବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଡା. ସେନାପତି ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, କର୍କଟ ରୋଗୀ କେମୋଥେରାପି ନେଉଥିବା ସମୟରେ ଯଦି କରୋନା ଆକ୍ରାନ୍ତ ହୁଅନ୍ତି, ତେବେ ସେମାନେ ଉକ୍ତ ଚିକିତ୍ସା ଜାରି ରଖିପାରିବେ। ଅତି ଜରୁରୀ ଆବଶ୍ୟକତା ନ ଥିଲେ କେମୋଥେରାପି ସମୟକୁ ଘୁଞ୍ଚାଯାଇପାରିବ। ଜଣେ ବ୍ୟକ୍ତି କର୍କଟ ରୋଗମୁକ୍ତ ହୋଇ ସାରିଥିଲେ ସେ ସାଧାରଣ ବ୍ୟକ୍ତିଙ୍କ ଭଳି କରୋନା ସଂକ୍ରମିତ ହୋଇପାରନ୍ତି। କର୍କଟ ରୋଗୀ ଯଦି କରୋନା ସଂକ୍ରମିତ ହୁଅନ୍ତି, ତାଙ୍କୁ ହୋମ୍ ଆଇସୋଲେଶନରେ ରଖାଯାଇପାରିବ। ଯଦି ସମ୍ପୃକ୍ତ ଆକ୍ରାନ୍ତ ବ୍ୟକ୍ତିଙ୍କଠାରେ କରୋନାଜନିତ କୌଣସି ଲକ୍ଷଣ ନାହିଁ, ତେବେ ସେ ଡାକ୍ତରଙ୍କ ପରାମର୍ଶକ୍ରମେ ହୋମ୍ ଆଇସୋଲେଶନରେ ରହିପାରିବେ। ବିଗତ ୪ ମାସ ମଧ୍ୟରେ ଅନେକ କର୍କଟ ରୋଗୀ କରୋନା ଭୟରେ ଚିକିତ୍ସା ବନ୍ଦ କରି ଦେଇଛନ୍ତି। ସେମାନେ କିନ୍ତୁ ଏଭଳି କରିବା ଅନୁଚିତ। ରାଜ୍ୟ ସରକାର ସବୁ ରୋଗୀଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ତେଣୁ କର୍କଟ ରୋଗୀ ଡାକ୍ତରଙ୍କ ପରାମର୍ଶକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିପାରିବେ। ଚିକିତ୍ସା ବନ୍ଦ କଲେ ଅବସ୍ଥା ବିଗିଡ଼ିଯିବ ଓ ରୋଗ ତୃତୀୟ କିମ୍ବା ଚତୁର୍ଥ ସ୍ତରକୁ ଚାଲିଯିବ ବୋଲି ଡା. ସେନାପତି କହିଛନ୍ତି।

# ‘ପୃଥ୍ୱୀ-୨’ର ରାତ୍ରିକାଳୀନ ପରୀକ୍ଷଣ ସଫଳ

**ବାଲେଶ୍ୱର ଅଫିସ, ୨୩।୯**



ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷା କେନ୍ଦ୍ରର ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ବୁଧବାର ସନ୍ଧ୍ୟା ୭ଟା ୩୦ ମିନିଟ୍ ସମୟରେ ‘ପୃଥ୍ୱୀ-୨’ ପରୀକ୍ଷଣ କରାଯାଇଛି। ପରୀକ୍ଷଣ ସଫଳ ହେବା ପରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଡିଆରଡିଓ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଯାଇଛି। ଏହି କ୍ଷେପଣାସ୍ତ୍ର ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି।

ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୩୫୦ କିଲୋମିଟର। ଏହା ୫୦୦ରୁ ୧୦୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରିବ। ଡିଆରଡ଼ିଓର ଷ୍ଟ୍ରାଟେଜିକ କମାଣ୍ଡୋ ଫୋର୍ସ ପକ୍ଷରୁ ଗଚ୍ଛିତ ରହିଥିବା କ୍ଷେପଣାସ୍ତ୍ରଗୁଡିକ ମଧ୍ୟରୁ ‘ପୃଥ୍ୱୀ-୨’ କ୍ଷେପଣାସ୍ତ୍ର ବଛାଯାଇ ଏହି ପରୀକ୍ଷା କରାଯାଇଥିଲା। ଡିଆରଡ଼ିଓର ରାଡ଼ାର, ଇଲେକ୍ଟ୍ରୋ ଅପ୍‌ଟିକାଲ ଟ୍ରାକିଂ ସିଷ୍ଟମ ଦ୍ୱାରା ଓଡ଼ିଶା ଉପକୂଳରେ ରହିଥିବା ଟେଲିମେଟ୍ରି ଷ୍ଟେଶନ ସହାୟତାରେ କ୍ଷେପଣାସ୍ତ୍ରର ଗତିପଥ ଉପରେ ନଜର କରାଯାଇଥିଲା। ସୂଚନା ଯେ, ଗତ ୨୦୦୩ରୁ ଭାରତୀୟ ସେନାରେ ନିୟୋଜିତ ହୋଇ ସାରିଥିବା ‘ପୃଥ୍ୱୀ-୨’ କ୍ଷେପଣାସ୍ତ୍ରର ଲମ୍ବ ୯ ମିଟର। ରାତ୍ରୀକାଳୀନ ପରୀକ୍ଷା ଲଗାତାର ଭାବେ କିଛିବର୍ଷ ହେଲା କରାଯାଉଥିଲା। ଶେଷଥର ପାଇଁ ଏହା ଗତ ୨୦୧୯ ଡିସେମ୍ବର ୪ ତାରିଖରେ ପରୀକ୍ଷା କରାଯାଇଥିଲା।

# ଯୁବ ବିଜେଡି ରାଜ୍ୟ, ଜିଲା କର୍ମକର୍ତ୍ତା ନିଯୁକ୍ତ

**ଭୁବନେଶ୍ୱର, ୨୩।୯(ବ୍ୟୁରୋ)**

**ବୈକୁଣ୍ଠ କାର୍ଯ୍ୟକାରୀ ସଭାପତି, ଏଲିନା ସେକ୍ରେଟାରି ଜେନେରାଲ**

ବିଜୁ ଯୁବ ଜନତା ଦଳର ନୂତନ ରାଜ୍ୟ କର୍ମକର୍ତ୍ତା ଓ ଜିଲା ସଭାପତି ବୁଧବାର ନିଯୁକ୍ତ କରାଯାଇଛି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଛି ବୋଲି ବିଜେଡି ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତ ରାୟ ବୁଧବାର ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଭାବେ ବୈକୁଣ୍ଠ ନାଏକଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସେକ୍ରେଟାରି ଜେନେରାଲ ଭାବେ ଏଲିନା ଦାଶଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ବରିଷ୍ଠ ଉପସଭାପତି ଭାବେ ରାଣା ପ୍ରତାପା ପାତ୍ର, ଧୃତି ରଞ୍ଜନ ପାତ୍ର ଓ ଜ୍ୟୋତ୍ସ୍ନାମୟୀ ପରିଡାଙ୍କୁ ନିଯୁକ୍ତି ଦିଆଯାଇଛି। ଜୋନ୍ ସଭାପତି ଭାବେ ଭୁବନେଶ୍ୱର ପାଇଁ ବିଜୟକେତନ ସାହୁ, କଟକ ଶୁଭ୍ରାଂଶୁ ନାରାୟଣ ମିଶ୍ର, ଗଞ୍ଜାମ ନଚିକେତା ସ୍ୱାଇଁ, ବଲାଙ୍ଗୀର ମନୀନ୍ଦ୍ର ମହାନ୍ତି, ସମ୍ବଲପୁର ଦେବାଶିଷ ପରିଡା ଏବଂ କୋରାପୁଟ ପାଇଁ ତାପସ ତ୍ରିପାଠୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଯୁବ ବଜେଡି ଉପସଭାପତି ଭାବେ ଛବି ମାହାଳି, ସୋଫିଆ ଆଲାମ, ମାନଭଞ୍ଜନ ବେହେରା, ସୁନୀଲ କୁମାର ମହାନ୍ତି, ସୌମ୍ୟ ଶଙ୍କର ଚକ୍ର, ମଣ୍ଟୁ ନାୟକ, ସୁଜିତ ପ୍ରସାଦ ଦ୍ୱିବେଦୀ, ସୁବାଶିଷ ଖୁଣ୍ଟିଆ, ସୁନୀଲ ପଣ୍ଡା ଏବଂ ଭବାନୀ ଶଙ୍କର ଦାସଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଯୁବ ବିଜେଡି ସାଧାରରଣ ସମ୍ପାଦକ ଭାବେ ୨୮ ଜଣ, ସମ୍ପାଦକ ୩୫, ଯୁଗ୍ମ ସମ୍ପାଦକ ଭାବେ ୨୫, ସାଂଗଠନିକ ଜିଲା ସଭାପତି ଭାବେ ୩୩ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। କଟକ ଜିଲାର କାର୍ଯ୍ୟକାରୀ ସଭାପତି ଭାବେ ସିଦ୍ଧାର୍ଥ ରାୟଙ୍କୁ ନିଯୁକ୍ତ କରାଯାଇଛି।

**UTKAL UNIVERSITY**
**M.TECH. (IT)**
UTKAL UNIVERSITY
NAAC-A+ Accreditation
**ADMISSION 2020-21**

Applications are invited for admission for the 2 Year Full time Program on M.Tech in Information Technology for the academic session 2020-21 under PPP mode.

**ELIGIBILITY FOR ADMISSION**

(i) Master's degree in Computer Science/Information Technology/Computer Applications/ Statistics/ Mathematics/Physics/Electronic Sciences or any other qualification considered equivalent.

**OR**

(ii) Bachelor's degree in Engineering/Technology or any other qualification considered equivalent (such as AMIEE or DOEACC 'B' Level). Candidates waiting for final result can also apply.

**Last date of issue and submission of application form 10.10.2020 (5:00 P.M.)**

Date of Entrance : 15.10.2020

For more details visit the website : www.citeutkal.com

Course Director, Centre for IT Education, M.TECH.(IT)
P.G. Department of Statistics, Utkal University,
Vani Vihar, Bhubaneswar-751004,
Tel : 0674 - 2567711 / 9438014469 / 6371615706.
e-mail : admission@citeutkal.com / centreforiteducation@gmail.com

Chairman, P.G. Council

# ଓଡ଼ିଶା ଜିଏସ୍‌ଟି ସଂଗ୍ରହ ୨୨% କମିଛି

**ନୂଆଦିଲ୍ଲୀ, ୨୩।୯**




ଚଳିତ ବର୍ଷ ମାର୍ଚ୍ଚରୁ ଜୁଲାଇ ସମୟ ମଧ୍ୟରେ ଓଡିଶାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ୨୨.୬% କମିଛି। ଏହି ଅବଧିରେ ଏଠାରେ ୨୯୬୬ କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଛି। ଦେଶର ବଡ ରାଜ୍ୟଗୁଡିକରେ ଜିଏସ୍‌ଟି ସଂଗ୍ରହ ପ୍ରାୟ ୨୦% ଉର୍ଦ୍ଧ୍ୱ କମିଥିବା ଲୋକସଭାରେ ସରକାର ଦେଇଥିବା ଡାଟାରୁ ସାମ୍ନାକୁ ଆସିଛି। ତାମିଲନାଡୁ,ଗୁଜରାଟ ଏବଂ ମହାରାଷ୍ଟ୍ର ଭଳି ଶିଳ୍ପ ଉନ୍ନତ ରାଜ୍ୟଗୁଡିକ ତୁଳନାରେ ଓଡିଶା, ବିହାର, ମଧ୍ୟପ୍ରଦେଶ, ଆସାମ ଭଳି ରାଜ୍ୟରେ ଜିଏସ୍‌ଟି ସଂଗ୍ରହ ଉପରେ ବେଶି ପ୍ରଭାବ ପଡିନାହିଁ। ତାମିଲନାଡୁରେ ଜିଏସ୍‌ଟି ଆଦାୟ ୩୪% କମିଥିବା ବେଳେ ଗୁଜରାଟରେ ୩୦% ଏବଂ ମହାରାଷ୍ଟ୍ରରେ ୨୮.୫% ଖସିଛି। କେବଳ ଛତିଶଗଡରେ ଜିଏସ୍‌ଟି ହ୍ରାସ ୧୭% ରହିଛି। ଅରୁଣାଚଳ ପ୍ରଦେଶ, ଲାକ୍ଷାଦୀପ, ଆଣ୍ଡାମାନ ନିକୋବର ଏବଂ ସିକିମରେ ଗତ ବର୍ଷ ଏହି ସମୟ ତୁଳନାରେ ଚଳିତ ବର୍ଷ ଟିକସ ସଂଗ୍ରହ ଅପେକ୍ଷାକୃତ ଉନ୍ନତ ରହିଛି। ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅଗଷ୍ଟ ସମୟ ଅବଧିରେ ଦେଶ ମଧ୍ୟରେ ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୩୧.୧% କମିଛି। ସେହିଭଳି ପରୋକ୍ଷ ଟିକସ ସଂଗ୍ରହ ୧୧.୨% ହ୍ରାସ ହୋଇଛି। ଉତ୍ତରାଖଣ୍ଡରେ ଜିଏସ୍‌ଟି ସଂଗ୍ରହ ସବୁଠାରୁ ବେଶି ପ୍ରଭାବିତ ହୋଇଛି। ଏଠାରେ ଆଦାୟ -୪୨.୨% ରହିଛି। ସେହିଭଳି ଗୋଆରେ ୪୦% ପରୋକ୍ଷ ଟିକସ କମିଛି। ମୋଟ ୩୬ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରୁ ୩୪ଟି ରାଜସ୍ୱ କ୍ଷତି ସହିଛନ୍ତି।






**ଆଜିର ମନ୍ତବ୍ୟ**

"ଦୀର୍ଘ ଦଶନ୍ଧି ଧରି କଂଗ୍ରେସ ସମ୍ପର୍କର ଯେଉଁ ଜାଲ ସୃଷ୍ଟି କରିଥିଲା, ତାହାକୁ ପ୍ରଧାନମନ୍ତ୍ରୀ ମୋଦି ନଷ୍ଟ କରିଦେଇଛନ୍ତି। କୌଣସି ବନ୍ଧୁ ନ ଥିବା ପଡୋଶୀ ହୋଇ ରହିବା ବିପଜ୍ଜନକ। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଶ୍ରୀୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସରକାରୀ ଆଇଟିଆଇରେ ଫାଙ୍କା ପଡ଼ିଲା ସିଟ୍

■ ସରିଲା ପ୍ରଥମ ପର୍ଯ୍ୟାୟ ନାମଲେଖା

■ ସ୍ୱଟ୍ ଆଡ୍‌ମିଶନ ଉପରେ ଭରସା

**କଟକ ଅଫିସ, ୨୩।୯:** ଆଇଟିଆଇଗୁଡ଼ିକରେ ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଶେଷ ହୋଇଛି। ଏହାପରେ କଟକ ସହରସ୍ଥ ୨ଟି ଯାକ ସରକାରୀ ଆଇଟିଆଇରେ ୫୦ ପ୍ରତିଶତ ସିଟ୍ ଫାଙ୍କା ପଡ଼ିଛି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଛି। ସ୍ୱଟ୍ ଆଡ୍‌ମିଶନ ଉପରେ ସମସ୍ତଙ୍କ ନଜର ରହିଛି। ଯଦି କମ୍ ଛାତ୍ରୀଛାତ୍ର ନାମଲେଖାନ୍ତି ତେବେ ବହୁ ସିଟ ଫାଙ୍କା ପଡ଼ିବ। କଟକ ଜିଲାରେ ୨ଟି ସରକାରୀ ଆଇଟିଆଇ ରହିଛି। ସେଗୁଡ଼ିକ ହେଲା ଖପୁରିଆ ଆଇଟିଆଇ ଏବଂ ଯୋବ୍ରାସ୍ଥିତ ମଧୁସୂଦନ ଆଇଟିଆଇ। ପ୍ରତିବର୍ଷ ଏଠାରେ ବହୁ ଛାତ୍ରୀଛାତ୍ର ନାମ ଲେଖାଇଥାନ୍ତି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ପ୍ରାୟ ସମସ୍ତ ସିଟ ପୂରଣ ହୋଇଯାଏ। ମାତ୍ର ଚଳିତ ଶିକ୍ଷାବର୍ଷରେ ଏଥିରେ ବ୍ୟତିକ୍ରମ ଘଟିଛି। ପ୍ରଥମ ପର୍ଯ୍ୟାୟ ନାମଲେଖା ଶେଷ ପରେ ବି ୫୦ ପ୍ରତିଶତ ସିଟ ଫାଙ୍କା ପଡ଼ିଛି। ଖପୁରିଆ ଆଇଟିଆଇର ମୋଟ ୧୧୪୬ ସିଟ୍ ମଧ୍ୟରୁ ୬୫୯ ପୂରଣ ହୋଇଥିବାବେଳେ ୪୮୭ଟି ଶୂନ୍ୟ ପଡ଼ିଛି। ସେହିପରି ମଧୁସୂଦନ ଆଇଟିଆଇରେ ୩୫୨ ସିଟ୍ ମଧ୍ୟରୁ ୧୭୧ଟି ପାଇଁ ଆଡ୍‌ମିଶନ ସରିଥିବାବେଳେ ୧୮୧ଟି ଫାଙ୍କା ରହିଛି। ଚଳିତବର୍ଷ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖାକୁ ବାଦ୍ ଦିଆଯାଇଛି। ତେଣୁ ସ୍ୱଟ ଆଡମିଶନ ଉପରେ ଭରସା। ଆସନ୍ତା ୨୫ ତାରିଖରୁ ସ୍ୱଷ୍ଟ ଆଡମିଶନ ପାଇଁ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଆରମ୍ଭ ହେବ। ତେବେ ଏତେ ସଂଖ୍ୟକ ସିଟ୍ ପୂରଣ ହେବା ନେଇ ବିଭାଗୀୟ ଅଧିକାରୀମାନେ ଆଶଙ୍କାରେ ରହିଛନ୍ତି।

# ରାଜେଶ ମହାପାତ୍ରଙ୍କୁ ମିଳିବ ପ୍ରାଣୀମିତ୍ର ଆୱାର୍ଡ



**ଭୁବନେଶ୍ୱର, ୨୩।୯(ବ୍ୟୁରୋ)** ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବାୟୋଲୋଜିଷ୍ଟ ଡ. ରାଜେଶ କୁମାର ମହାପାତ୍ରଙ୍କୁ ୨୦୨୦ ମସିହାର ସମ୍ମାନଜନକ 'ପ୍ରାଣୀମିତ୍ର ଆୱାର୍ଡ' ମିଳିବ। କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣ ତରଫରୁ ଅକ୍ଟୋବର ୫ରେ ଅନୁଷ୍ଠିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ରାଜେଶଙ୍କ ନାମ ଏହି ସମ୍ମାନ ପ୍ରଦାନ କରାଯିବ। ଏଥିପାଇଁ ଦେଶରୁ ୧୫୦ଜଣ ମନୋନୀତ ହୋଇଥିବାବେଳେ ଓଡ଼ିଶାର କେବଳ ଡ. ରାଜେଶଙ୍କୁ ଏହି ସମ୍ମାନ ପାଇଁ ଘୋଷଣା କରାଯାଇଛି। ଏନେଇ ବୁଧବାର କେନ୍ଦ୍ରୀୟ ଚିଡିଆଖାନା ପ୍ରାଧିକରଣର ଡିଆଇଜି ଡ. ସୋନାଲି ଘୋଷ ପତ୍ର ମାଧ୍ୟମରେ ନନ୍ଦନକାନନ ନିର୍ଦ୍ଦେଶକ ଓ ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ବନ୍ୟପ୍ରାଣୀ ଗବେଷଣା କ୍ଷେତ୍ରରେ ଡ. ମହାପାତ୍ର ବେଶ୍ ଚର୍ଚ୍ଚିତ। ବଜ୍ରକାପ୍ତା ବିଶେଷଜ୍ଞ ଭାବେ ରାଜେଶଙ୍କୁ ଆନ୍ତର୍ଜାତିକ ମାନ୍ୟତା ମିଳିଛି। ତାଙ୍କର ଅନେକ ଗବେଷଣାତ୍ମକ ନିବନ୍ଧ ପ୍ରତିଷ୍ଠିତ ଆନ୍ତର୍ଜାତିକ ଜର୍ନାଲରେ ମଧ୍ୟ ପ୍ରକାଶ ପାଇଛି।

# ନକଲି ସେଲ୍ସଟ୍ୟାକ୍ସ ଅଫିସର ଗିରଫ

**କଟକ ଅଫିସ,୨୩।୯** ନିଜକୁ ସେଲ୍ସ ଟ୍ୟାକ୍ସ ବିଭାଗର ଜଣେ ବରିଷ୍ଠ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ଅଭିଯୁକ୍ତ ଜଣଙ୍କ ନିଜେ ଜଣେ ଆୟକର ବିଭାଗର ପୂର୍ବତନ ଅଫିସର ହୋଇଥିବାରୁ ବ୍ୟବସାୟୀଙ୍କ ଦୋଷ ଦୁର୍ବଳତା ବେଶ୍ ଜାଣିଥିଲେ। ଏହାର ଫାଇଦା ଉଠାଇ ଲୋକଙ୍କ ଠାରୁଟଙ୍କା ନେଉଥିବା ଜଣେ ବ୍ୟକ୍ତିଙ୍କୁ ମାଲଗୋଦାମ ଥାନା ପୋଲିସ ଗିରଫ କରିଛି। ନକଲି ପରିଚୟ ଦର୍ଶାଇ ଟଙ୍କା ଆଦାୟ କରିବା ଏହି ବ୍ୟକ୍ତିଙ୍କ ପାଇଁ ମହଙ୍ଗା ପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଜଗତସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ହଳଦୀପଦାର ଉମାକାନ୍ତ ରାଉତ (୫୯)। ତାଙ୍କ ବିରୋଧରେ କେସ୍ ନଂ. ୧୮୩/୨୦, ଆଇପିସି ଧାରା ୪୧୯, ୩୮୭, ୨୯୪, ୫୦୬ ରୁଜୁ କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଡିସିପି ପ୍ରତୀକ ସିଂ କହିଛନ୍ତି। ପୋଲିସଠାରୁ ମିଳିଥିବା ସୂଚନା ମୁତାବକ, ଗତ ରବିବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଆଶିଷ କୁମାର ସାହୁ ନାମକ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଙ୍କ ନିକଟକୁ ଏକ ଫୋନ କଲ୍ ଆସିଥିଲା। ତୁମର ଲକ୍ଷାଧିକ ଟଙ୍କା ଟ୍ୟାକ୍ସ ବକେୟା ରହିଛି। ଟ୍ୟାକ୍ସ ନ ଦେଲେ ଠକେଇ ଅଭିଯୋଗରେ ତୁମକୁ ଗିରଫ କରାଯିବ ବୋଲି ଅଭିଯୁକ୍ତ ଉମାକାନ୍ତ କହିଥିଲେ। ମୋତେ ଲକ୍ଷେ ଟଙ୍କା ଦିଅ। ନଚେତ୍ ସେଲ୍ସ ଟ୍ୟାକ୍ସ ବିଭାଗ ପକ୍ଷରୁ ଚଢାଉ କରାଯିବ ବୋଲି କହିଥିଲେ। ଏ ନେଇ ଆଶିଷ ମାଲଗୋଦାମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଉମାକାନ୍ତ ପୂର୍ବରୁ ଏଭଳି ଅନେକ ଘଟଣାରେ ସମ୍ପୃକ୍ତ ଅଛନ୍ତି। ଚାକିରି ଛାଡ଼ିବା ପରେ ଏଭଳି ଅସାଧୁ ଉପାୟରେ ସେ ଅର୍ଥ ରୋଜଗାର କରୁଥିଲେ ବୋଲି ପୋଲିସ କହିଛି।

## ପ୍ରଥମ ପୃଷ୍ଠାରୁ...

### ବଳାତ୍କାର ପୀଡ଼ିତାଙ୍କୁ ...

ପୀଡ଼ିତାଙ୍କ ଉଦ୍ଦେଶ୍ୟରେ ତାଙ୍କ ମାଁଙ୍କ ମାଧ୍ୟମରେ ଖର୍ଚ୍ଚ କରିବାକୁ କୁହାଯାଇଛି। ସେହିପରି ପୀଡ଼ିତା ଗର୍ଭବତୀ ଥିବାରୁ ସେ ଯଦି କନ୍ୟା ସନ୍ତାନ ଜନ୍ମ ଦିଅନ୍ତି, ତେବେ ୫ଲକ୍ଷ ଓ ପୁତ୍ର ସନ୍ତାନ ହେଲେ ୩ ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଯାହାଫଳରେ ଭବିଷ୍ୟତରେ ପୀଡ଼ିତାଙ୍କ କନ୍ୟା କିମ୍ବା ପୁତ୍ର ସନ୍ତାନଙ୍କ ଚଳଣୀରେ ଯେପରି କୌଣସି ଅସୁବିଧା ହେବ ନାହିଁ। ଏହାବ୍ୟତିତ କଟକ ଏସ୍‌ସିବି ମେଡିକାଲରେ ପୀଡ଼ିତାଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ହାଇକୋର୍ଟ ବିଚାରପତି ବିଶ୍ୱନାଥ ରଥ ରାୟରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, କୁଜଙ୍ଗ ଥାନା ଅଞ୍ଚଳର ଜଣେ ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ଫତେପୁର ଗ୍ରାମର ସିଲି ମାଝି(୩୫) ବଳାତ୍କାର କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ପରେ ପରିବାର ଲୋକେ ଏ ସମ୍ପର୍କରେ ଜାଣିଥିଲେ। ଘଟଣାର ଆପୋଷ ସମାଧାନ ପାଇଁ ଗ୍ରାମସଭା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରି ନ ଥିଲା। ଫଳରେ ପୀଡ଼ିତାଙ୍କ ମା' ଗତ ଅଗଷ୍ଟ ୧୩ତାରିଖରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ସେତେବେଳକୁ ସେ ପ୍ରାୟ ୪ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତ ଫେରାର ଥିବାରୁ ପୋଲିସ ଅଦ୍ୟାବଧି ତାଙ୍କୁ ଗିରଫ କରାଯାଇପାରି ନ ଥିବା ଏସ୍‌ଆଇ ସୁବ୍ରଜିତ ଦାଶ ସୂଚନା ଦେଇଛନ୍ତି। ଏ ନେଇ ଥାନାରେ ମାମଲା (ନଂ-୨୦୦/୨୦) କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ଅପରପକ୍ଷରେ ପୀଡ଼ିତା ଜଣେ ମାନସିକ ଭିନ୍ନକ୍ଷମ ଅଟନ୍ତି। ସେ ନିଜ କାମ ନିଜେ ଠିକ୍‌ଭାବେ କରିପାରୁ ନାହାନ୍ତି। ତେଣୁ ସେ ଗର୍ଭବତୀ ଥିବାରୁ ଭବିଷ୍ୟତରେ ତାଙ୍କଠାରୁ ଜନ୍ମ ନେବାକୁ ଥିବା ପିଲାର ଠିକ୍‌ଭାବେ ଭରଣ ପୋଷଣ କରିବା ସମ୍ଭବ ହେବ ନାହିଁ। ଏଭଳିସ୍ଥିତିରେ ଜଣେ ମା' ହିସାବରେ ପୀଡ଼ିତା କନ୍ୟାଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ତଥା ସାମାଜିକ କୁସଂରଚନାରୁ ରକ୍ଷା ପାଇବା ପାଇଁ ନିୟମ ଅନୁସାରେ ପୀଡ଼ିତାଙ୍କ ଗର୍ଭ ନଷ୍ଟ କରିବାକୁ ଅନୁମତି ଦେବାକୁ ହାଇକୋର୍ଟରେ ରିଟ୍ ପିଟିଶନ ଆଗତ କରିଥିଲେ। ଉକ୍ତ ରିଟ୍ ପିଟିଶନର ଶୁଣାଣି କରି ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବଂ ତାଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ବିଚାରକୁ ନେଇ ହାଇକୋର୍ଟ ଏହି ରାୟ ଦେଇଛନ୍ତି।

### ମହଙ୍ଗା ହେଲା ...

ବିଦ୍ୟୁତ୍ ଦେୟ ଦେଉଥିବା ଗ୍ରାମାଞ୍ଚଳ ଗ୍ରାହକଙ୍କୁ ୟୁନିଟ୍ ପିଛା ୫ ପଇସା ରିହାତି ଦେବାକୁ ଘୋଷଣା କରାଯାଇଛି। ମାସିକ ଫିକ୍ସଡ ଚାର୍ଜ, ଡିମାଣ୍ଡ ଚାର୍ଜ କିମ୍ବା ମିଟର ରେଣ୍ଟ ଆଦାୟ ଉପରେ କୌଣସି ବୃଦ୍ଧି ହୋଇ ନ ଥିବା ବିଜ୍ଞପ୍ତିରେ କୁହାଯାଇଛି। ତେବେ ବିଦ୍ୟୁତ୍ ବଣ୍ଟନ କମ୍ପାନି ପରିବହନଜନିତ କ୍ଷତି ୨୯.୨୨ ପ୍ରତିଶତ ଧାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଓଇଆର୍‌ସି ଏହାକୁ ୨୧.୩୪ ପ୍ରତିଶତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସମନ୍ୱିତ ପରିବହନ ଓ ବାଣିଜ୍ୟିକ କ୍ଷତି (ଏଟି ଆଣ୍ଡ ସି) କ୍ଷତିକୁ ୨୨.୧୩ ପ୍ରତିଶତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ବିଲ୍ ବୃଦ୍ଧିକୁ ନେଇ ଘରୋଇ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଉପଭୋକ୍ତା ଶ୍ୟାମସୁନ୍ଦର ନାୟକ କହିଛନ୍ତି ଯେ, କରୋନା ମହାମାରୀ ବେଳେ ରୋଜଗାର ହ୍ରାସ ପାଇଛି। ଏପରି ସ୍ଥଳେ ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ସାଙ୍ଗକୁ ବିଦ୍ୟୁତ୍ ବିଲ୍ ବୃଦ୍ଧି ଆହୁରି ବୋଝ ହୋଇଛି। ସରକାର କମ୍ପାନିଗୁଡ଼ିକ ଉପରେ ଥିବା ବକେୟା ଆଦାୟ ନ କରି ଘରୋଇ ଉପଭୋକ୍ତାଙ୍କ ଉପରେ ବିଦ୍ୟୁତ୍ ବୋଝ ଲଦିବା କେତେଦୂର ଯୁକ୍ତିଯୁକ୍ତ । ସରକାର ଏହାର ପୁନଃ ବିଚାର କରନ୍ତୁ ବୋଲି ସେ କହିଛନ୍ତି। ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ ତ୍ରିପାଠୀ କହିଛନ୍ତି, ଓଇଆର୍‌ସି ବିଦ୍ୟୁତ୍ ପରିବହନ ଓ ବାଣିଜ୍ୟିକ କ୍ଷତି ନ କମାଇ ଘରୋଇ କମ୍ପାନିକୁ ଫାଇଦା ଦେବା ସକାଶେ ଦର ବୃଦ୍ଧି କରିଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବା ଦରକାର ବୋଲି ସେ କହିଛନ୍ତି।

### ଦିନକରେ ସର୍ବାଧିକ ...

ଲେଖାଏ ମରିଛନ୍ତି। ତେବେ ନୂଆପଡ଼ାରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ। ଇତିମଧ୍ୟରେ ରାଜ୍ୟର ସବୁଜିଲାରେ କରୋନା ତା'ର କାୟା ବିସ୍ତାର କରିସାରିଥିବାବେଳେ ୨୯ ଜିଲାରୁ ମୁଣ୍ଡ ନେଇଛି। ଗଞ୍ଜାମରୁ ସର୍ବାଧିକ ୨୧୮ଜଣ ମରିଥିବାବେଳେ ଦ୍ୱିତୀୟ ସ୍ଥାନରେ ଥିବା ଖୋର୍ଦ୍ଧାରେ ୧୧୦, କଟକ ୬୦, ପୁରୀ ୪୦, ସୁନ୍ଦରଗଡ଼ ୩୯, ରାୟଗଡ଼ା ୩୫, ସମ୍ବଲପୁର ଓ ଗଜପତିରେ ୨୨ ଲେଖାଏ, କନ୍ଧମାଳ ଓ ବାଲେଶ୍ୱରରେ ୨୦ ଲେଖାଏ, ନୟାଗଡ଼ ୧୯, ମୟୂରଭଞ୍ଜ ଓ ବଲାଙ୍ଗୀରରେ ୧୭ ଲେଖାଏ, ବରଗଡ଼ ଓ ଭଦ୍ରକରେ ୧୨ ଲେଖାଏ, ମାଲକାନଗିରି ୧୧ ଏବଂ କେନ୍ଦୁଝରରେ ୧୦ଜଣ କରୋନାରେ ଆଖିବୁଜିଛନ୍ତି। ଅନ୍ୟପଟେ ରାଜ୍ୟରେ ଆଉ ୪,୨୩୭ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୨,୪୮୫ଜଣ କ୍ୱାରାଣ୍ଟାଇନ ସେଣ୍ଟରରୁ ରହିଥିବାବେଳେ ୧,୭୫୨ଜଣ ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ଖୋର୍ଦ୍ଧାରୁ ସର୍ବାଧିକ ୬୪୭ଜଣ ରହିଥିବାବେଳେ କଟକ ୫୭୭, ପୁରୀ ୨୧୯, ଝାରସୁଗୁଡ଼ା ୨୦୫, ଯାଜପୁର ୨୦୧, ଜଗତ୍‌ସିଂହପୁର ୧୭୩, ବାଲେଶ୍ୱର ୧୬୧, କେନ୍ଦ୍ରାପଡ଼ା ୧୪୮, ମୟୂରଭଞ୍ଜ ୧୩୯, ଭଦ୍ରକ ୧୩୬, ସୁବର୍ଣ୍ଣପୁର ୧୩୧, ବରଗଡ଼ ୧୨୧, ନୂଆପଡ଼ା ୧୧୫, ସମ୍ବଲପୁର ୧୧୧, ଅନୁଗୋଳ ୧୧୦ ଓ ସୁନ୍ଦରଗଡ଼ରୁ ୧୦୧ଜଣ ନୂଆ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ଶହେ ତଳକୁ ନୂଆ ଆକ୍ରାନ୍ତ ରହିଛନ୍ତି ଓ ଦେବଗଡ଼ରେ ସର୍ବନିମ୍ନ ଆଉ ୨୨ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ କରୋନା ପଜିଟିଭ୍ ସଂଖ୍ୟା ୧,୯୨,୫୪୮କୁ ବୃଦ୍ଧି ପାଇଛି।

### ପାର୍ଲାମେଣ୍ଟ ମୌସୁମୀ ...

ରାଜ୍ୟସଭା ଅଧ୍ୟକ୍ଷ ଏମ୍ ଭେଙ୍କାୟାନାଇଡୁ ୨୫୨ତମ ଅଧିବେଶନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରହିଲା ବୋଲି ଘୋଷଣା କରିଥିଲେ। ବୁଧବାର ଗୃହ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.ମୁରଲୀଧରନ କହିଥିଲେ ଯେ, ଉଚ୍ଚସଦନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖିବା ନିମନ୍ତେ ସରକାର ସୁପାରିସ କରିଛନ୍ତି। ସେହିପରି ବୁଧବାର ସନ୍ଧ୍ୟାରେ ଲୋକ ସଭା ଅଧିବେଶନ ଆରମ୍ଭ ହେବାର କିଛିସମୟ ପରେ ବାଚସ୍ପତି ଓମ୍ ବିର୍ଲା ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ। କେବଳ ପୋର୍ଟ ଅଥରିଟିଜ୍ ବିଲ୍‌କୁ ପାରିତ କରାଯାଇଥିଲା। ଗୃହ ମୁଲତବୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ଥିଲେ। ଚଳିତ ଅଧିବେଶନକୁ ବାଚସ୍ପତି ବିର୍ଲା ସଫଳତମ ଅଧିବେଶନ ବୋଲି ଉଲ୍ଲେଖ କରିଥିଲେ। ପ୍ରଥମ ଥର ପାଇଁ ଉଭୟ ରାଜ୍ୟ ସଭା ଏବଂ ଲୋକ ସଭାକୁ ପୃଥକ ସମୟରେ କରାଯାଇଥିଲା। ଏପରି କି ଶନିବାର ଏବଂ ରବିବାରରେ ମଧ୍ୟ ଅଧିବେଶନ ବସିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ କୃଷି ବିଲ୍‌କୁ ନେଇ ବିରୋଧୀ ହଟ୍ଟଗୋଳ କରିବା ପରେ ବିରୋଧୀ ଦଳର ୮ଜଣ ଏମ୍‌ପିଙ୍କୁ ସପ୍ତାହକ ପାଇଁ ନିଲମ୍ବନ କରାଯାଇଥିଲା। ମଙ୍ଗଳବାର ନିଲମ୍ବିତ ଏମପିଙ୍କ ଉପରୁ କଟକଣା ହଟାଇବା ସହ ୩ଟି ଦାବି ରଖି ବିରୋଧୀ ଅଧିବେଶନର ଅବଶିଷ୍ଟ ସମୟ ଯାଏ ଗୃହ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଉଭୟ ଗୃହର ୩୦ ଜଣ ଏମ୍‌ପି କୋଭିଡ୍-୧୯ରେ ଆକ୍ରାନ୍ତ ହେବା ପରେ ମୌସୁମୀ ଅଧିବେଶନକୁ ସ୍ଥଗିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଛି।

### ଦୀପିକା, ସାରା, ...

ନିକଟରେ ହାଜର ହେବାକୁ କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ଦୀପିକାଙ୍କୁ ୨୫ତାରିଖରେ ଏନ୍‌ସିବି ନିକଟରେ ହାଜର ହେବାକୁ ସମନ୍ ହୋଇଥିବାବେଳେ ରାକୁଲ୍ ପ୍ରୀତ୍ ସିଂ ଓ ସିମୋନଙ୍କୁ ୨୪ତାରିଖରେ ହାଜର ହେବାକୁ କୁହାଯାଇଛି। ପୂର୍ବରୁ ଡ୍ରଗ୍ସଲିଙ୍କ ମାମଲାରେ ଏନ୍‌ସିବି ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ, ତାଙ୍କ ଭାଇ ସୌଭିକ ଚକ୍ରବର୍ତ୍ତୀଙ୍କ ସମେତ ୧୨ଜଣଙ୍କୁ ଗିରଫ କରିଛି। ରିଆ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି। ପ୍ରକାଶ ଯେ, ନାର୍କୋଟିକ୍ସ କଣ୍ଟ୍ରୋଲ ଏନ୍‌ସିବି ଦୀପିକା ପାଦୁକୋନଙ୍କ ମ୍ୟାନେଜର କରିଷ୍ମା ପ୍ରକାଶଙ୍କୁ ଡକାଇ ପଚରାଉଚରା କରିଥିଲା। ଦୀପିକା ଖୋଲାଖୋଲି ଭାବେ କରିଷ୍ମାଙ୍କ ସହ ଡ୍ରଗ୍ସ ସମ୍ପର୍କରେ ହ୍ୱାଟ୍ସ ଆପ୍ ଚାର୍ଟ କରିଥିବା ଏନ୍‌ସିବି ଜାଣିବାକୁ ପାଇଥିଲା। ପ୍ରକାଶ ଯେ, ଦୀପିକା ତାଙ୍କ ଅଭିନୀତ ହିନ୍ଦୀ ଚଳଚ୍ଚିତ୍ର ଛପକ୍‌ର ପ୍ରମୋଶନ କରୁଥିବାବେଳେ ଗତ ଜାନୁୟାରୀ ୭ତାରିଖ ରାତିରେ ହଠାତ୍ ଜବାହାରଲାଲ୍ ନେହରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)କୁ ଯାଇ ସେଠାରେ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ସମବେଦନା ଜଣାଇଥିଲେ। ଯାହାକୁ ନେଇ ସେ ଚର୍ଚ୍ଚାର ପରିସରକୁ ଆସିଥିଲେ।

### କରୋନାରେ ରେଳ ...

କର୍ଣ୍ଣାଟକର ବେଲ୍‌ଗାଭି ଲୋକସଭା ଆସନରୁ ସେ ପ୍ରତିନିଧିତ୍ୱ କରୁଥିଲେ। ଲୋକସଭାକୁ ୪ର୍ଥ ଥର ପାଇଁ ନିର୍ବାଚିତ ଅଙ୍ଗାଡ଼ି କର୍ଣ୍ଣାଟକରେ ଭାଜପାର ଜଣେ ଦୃଢ଼ ସଙ୍ଗଠକ ମଧ୍ୟ ଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ, ଦଳୀୟ କର୍ମକର୍ତ୍ତା ଗଭୀର ଶୋକବ୍ୟକ୍ତ କରିଛନ୍ତି। ମୋଦି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି, କର୍ଣ୍ଣାଟକରେ ଦଳକୁ ଶକ୍ତିଶାଳୀ କରିବା ଦିଗରେ ଅଙ୍ଗାଡି ଜଣେ ଅସାଧାରଣ କାର୍ଯ୍ୟକର୍ତ୍ତା ଥିଲେ। ସେ ଜଣେ ଉତ୍ସର୍ଗୀକୃତ ଏମ୍‌ପି, ପ୍ରଭାବଶାଳୀ ମନ୍ତ୍ରୀ ଏବଂ ସମସ୍ତଙ୍କର ପ୍ରିୟପାତ୍ର ମଧ୍ୟ ଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ। କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ଦ୍ୱିଜା ନକ୍ଷତ୍ର ସନ୍ତାନଙ୍କ କୃତୀ ଓ କୃତିତ୍ୱରେ ଖୁସୀ ହୋଇପାରନ୍ତି। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କିମ୍ବା ନିଜର ଘର ଲୋକ ମାନଙ୍କୁ କୈଫିୟତ୍ ଦେବାକୁ ପଡିବାର ଆଶଙ୍କା ରହିଛି।

**ବୃଷ** ମାନସିକ ଅସ୍ଥିରତାକୁ ବୃଦ୍ଧି କରିବାରେ ନିଜର ବନ୍ଧୁ ମାନଙ୍କ ପରୋକ୍ଷ କାର୍ଯ୍ୟାବଳୀ ଅନନ୍ୟ କାରଣ ହୋଇପାରେ । କୃତ୍ତିକା ନକ୍ଷତ୍ର ସକାଶେ ସନ୍ତାନ ମାନଙ୍କ ସମସ୍ୟା ସମାଧାନର ଓ ଚିନ୍ତା ମନକୁ ଆନ୍ଦୋଳିତ କରିବ । ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋରଦାର କରିପାରନ୍ତି ।

**ମିଥୁନ** ଆଜି ହଠାତ୍ କିଛି ନୂତନ କାମ ଆରମ୍ଭ କରିବା ସକାଶେ ଚେଷ୍ଟା କରିପାରନ୍ତି । ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟାକୁ ସହଜରେ ସମାଧାନ କରିବାରେ ସଫଳ ହେବେ । ସାଧାରଣ କଥାକୁ କେନ୍ଦ୍ରକରି ପ୍ରିୟଜନମାନଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିବେ ।

**କର୍କଟ** କର୍ମକ୍ଷେତ୍ରରେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ କେତେକ କାମ ଅଧୁରା ରହିଯିବ । ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ବନ୍ଧୁ ସାହାଯ୍ୟ କରିବେ । ନିଜର ଚତୁଃପାର୍ଶ୍ୱରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ ।

**ସିଂହ** ଯେତେ ପ୍ରକାରର ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ଅନ୍ୟମାନଙ୍କୁ ତାହା ସନ୍ତୁଷ୍ଟ କରିପାରିବନାହିଁ । ଆଜିର ସଭାସମିତିରେ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ । ପ୍ରବାସରେ ହଠାତ୍ ବନ୍ଧୁଙ୍କ ସାନ୍ନିଧଲାଭରୁ ଏକାନ୍ତତାବୋଧ ହ୍ରାସ ପାଇବ ।

**କନ୍ୟା** ଆଜି ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି । ଜମିଜମା, ଗୃହସୀମା କିମ୍ବା ଘରଭଡାକୁ କେନ୍ଦ୍ରକରି ସାମାନ୍ୟ ଝଗଡା ସୃଷ୍ଟି ହୋଇପାରେ । ହସ୍ତା ନକ୍ଷତ୍ର ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ ।

**ତୁଳା** ଚନ୍ଦ୍ର ସହ ବୁଧଙ୍କ ସଂଯୋଗଜନିତ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ । ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ,ଏଣୁ ମନଟା ସାମୟିକ ଭାବରେ ଗୋଳମାଳିଆ ରହିବ । ପରିବାରରେ ସୁଖ ଶାନ୍ତି ରାଜୁତି କରିବ, କିନ୍ତୁ ଏଥିପାଇଁ କିଛିଟା ସ୍ୱାର୍ଥତ୍ୟାଗ ଜରୁରୀ ହୋଇପାରେ ।

**ବିଛା** ଆଜି ଅନୁରାଧା ନକ୍ଷତ୍ର ବନ୍ଧୁମାନଙ୍କୁ ଆପଣେଇ ନେଇ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ଆଜିର ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇ ପାରନ୍ତି । କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନରେ ଟେନସନ୍ ବଢିପାରେ ।

**ଧନୁ** ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରୁ ନୂଆଁ ନୂଆଁ ଚିନ୍ତା ଓ ଯୋଜନା ମନରେ ଉଙ୍କିମାରିବ । କୌଶଳ ପ୍ରୟୋଗ କରି, ବନ୍ଧୁମାନଙ୍କୁ ମନାଇ, ଅର୍ଥ ପ୍ରଲୋଭନ ମାଧ୍ୟମରେ କାମ ହାସଲ କରିବେ । ବିବାଦୀୟ ଘଟଣା କ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା ଆଜି ହଠାତ୍ ପରିଜନ ସହିତ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି ।

**ମକର** ଆଜିର ଗ୍ରହସ୍ଥିତି ପ୍ରଭାବରେ କୌଣସି ଅଭାବ ଅସୁବିଧା ନ ଥିଲେ ମଧ୍ୟ ପ୍ରିୟଜନଙ୍କ ଅନୁପସ୍ଥିତି ମାନସିକ ଦୁଶ୍ଚିନ୍ତା ସୃଷ୍ଟିକରିବ । ଈର୍ଷାପରାୟଣ ମନୋଭାବ ନେଇ ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ । ଧନିଷ୍ଠା ନକ୍ଷତ୍ର ପରିବାର ଓ ପରିବହନ ତଥା ବ୍ୟବସାୟିକ ଦିଗରୁ ଲାଭବାନ ହେବେ ।

**କୁମ୍ଭ** ଆଜି ପାରିବାରିକ କ୍ଷେତ୍ରରେ ଛୋଟ ଛୋଟ କଥାକୁ ଧରି ବସିଲେ ଅଶାନ୍ତିର ମାତ୍ରା ବଢିଯାଇପାରେ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପରିବହନ ଦିଗରୁ ଲାଭବାନ୍ ହେବେ । କର୍ମକ୍ଷେତ୍ରରେ ଦୃଢ ପଦକ୍ଷେପ ଗ୍ରହଣ କରି କାମ ହାସଲ କରିବେ ।

**ମୀନ** ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ ଶୁଭ ଖବର ପାଇ ମନଟା ଖୁସୀ ହୋଇଯିବ । ନିଜର ଲୋକମାନଙ୍କ ଚାଲି ଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରି ପାରନ୍ତି । ପଡୋଶୀଙ୍କ ସହାୟତାରେ କୌଶଳର ସହ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ ।

ଆଜି ଆଶ୍ୱିନ ମଳ ଶୁକ୍ଳପକ୍ଷ ଅଷ୍ଟମୀ ଗୁରୁବାର,ସେପ୍ଟେମ୍ବର ୨୪ ତାରିଖ,ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ଜୟନ୍ତୀ,(୨୪।୦୯।୧୯୧୬)ଦିବା ଘ.୦୭.୧୫ମି. ଗତେ ଘ.୦୦୮.୦୩ମି. ମଧ୍ୟେ ଘ.୧୦.୨ମି.ରାଶିନକ୍ଷତ୍ର-ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ସକାଳ ଘ.୦୫.୩୯ମି.ଗତେ ଘ.୦୭.୧୫ମି. ମଧ୍ୟେ, ଘ.୦୧.୩୮ମି.ଗତେ ଘ.୦୩.୧୩ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୨୫ମି. ଗତେ ଘ.୦୯.୩୮ମି.ମଧ୍ୟେ, ରାତ୍ରି ଘ.୧୨.୦୨ମି. ଗତେ ଘ.୦୩.୧୫ମି.ମଧ୍ୟେ, ଘ.୦୪.୦୩ମି. ଗତେ ଘ.୦୫.୩୯ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୧.୦୮ମି. ଗତେ ଘ.୦୨.୩୭ମି.ମଧ୍ୟେ ରାହୁକାଳ।


# classifieds

**Everyday**
0674-2580101, 2549302




**SALE**

କଟକ- ଭୁବନେଶ୍ୱର Twincity ର middle pointରେ walkable distanceରେ ବାସୋପଯୋଗୀ ଘରବାରି plot ସୁଲଭମୂଲ୍ୟରେ କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। 9438362273. D-69169

Bhubaneswar Simplex, Duplex at Nakhara & Raghunathpur. Ready to move Flat 2/3 BHK at Patia, 9438166120. D-69164

ଫୁଲନଖରା- ନିଆଳି bypass roadରେ ଥିବା Synergy Engg. Collegeର ସମ୍ମୁଖରୁ walkable distanceରେ ପିଚୁରାସ୍ତାକୁ ଲାଗି ଘରବାରି boundary plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 6371200121. D-69170

For selling of 2 Nos. Plots of Land (1) At and near Patia Railway Station and 1.5 Km. from Patia Big Bazaar (2586 Sq.ft. area in Maroon Zone (Industrial Land) at Rakat Mouza. (2) At and near Mathematical Institute, Chandaka at Sunderpur Mouza (2000 Sq.ft. in Yellow Zone) (3) Flat (3 BHK) at and near Nuagaon Indian Oil Petrol Pump, At- Gouri Enclave and at Samantarapur (1595 Sq.ft.) in 2nd Floor of the building. Contact Mobile: 9938138185. GST - 21AAUPG4183A1Z1. Wanted Brokers. D-69023

A commercial plot 2300 Sq.ft. for sale at Raghunathpur, Nandankanan Main Road, Bhubaneswar, Price - 92 lakhs. Contact: 7504392698. D-69760

**GENERAL**

**SALE**

**1. Fully furnished Flat No. B-506, 5th Floor Gymkhana Palm Height near Sum Hospital, Bhubaneswar, Front South Facing Flat, 1911sqft. 3BHK attached 3 bath.**
**2. Verna Vehicle (Vehicle No. - OD02AX7761) Registered on 31.08.2018.**
**3. Bolero Pickup (Vehicle No. - OR02BZ9485) Registered on 28.08.2012.**
**4. Micra Vehicle (Vehicle No.- OR02BV1467) Registered on 21.01.2012. Contact No. 9873669329, 9437028801.** D-18346




Office/Godown space 2500 Sq.ft. (5 Rooms), Bapuji Nagar, Bhubaneswar, Phone: 9556700943. D-68375

1200sqft. semi furnished Office space for rent at Goutam Nagar, Bhubaneswar. Contact: 9776117523, 9337117523. D-67565




Get good massage for your health the best therapy SPA Station. 7655024727, 8118079281. D-69542

Get refreshment body massage by expert therapist contact for. 9556978408. D-69755

Swarna SPA newly open positively health benefits with expert therapist. 7873794731. D-69756

Herbal full body massage by smart / expert therapist. Contact: 8338067247. D-69752

Newly open SPA centre smart therapist full body massage: 8114970372. D-59964

Thailand Massage Refreshments Bhubaneswar, Cuttack, Puri. 9853999966, 9853999966, Homeser vices 9853999966@gmail.com. D-18258

Newly open SPA centre smart therapist full body massage: 7846814019. D-59962

Refresh your mind and soul with best therapy at Orchid Salon/ Spa, 9937287222. D-69546

Newly open SPA centre smart therapist full body massage: 7205187702. D-59963

Newly open full body massage SPA in Bhubaneswar. Contact: 7205058838. D-69758

Rejuvenate and Ayurvedic full body massage by smart therapist. 9348123330. D-69759

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପୁରୀ: ୨୧୯ ପଜିଟିଭ୍ ଚିହ୍ନଟ

ପୁରୀ ଅଫିସ: ପୁରୀ ଜିଲାରେ ଏବେ କରୋନା ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ଦ୍ରୁତଗତିରେ ବଢୁଛି। ମଙ୍ଗଳବାର ଜିଲାରୁ ୨୬୫ ପଜିଟିଭ ଚିହ୍ନଟ ହୋଇଥିବାବେଳେ ବୁଧବାର ପୁଣି ୨୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ଜିଲାର ମୋଟ ପଜିଟିଭ ସଂଖ୍ୟା ୮,୮୭୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୭,୧୪୩ ଜଣ ସୁସ୍ଥ ହୋଇଥିବା ବେଳେ ୧,୬୮୫ ଜଣ ଚିକିତ୍ସାଧୀନ ଅଛନ୍ତି। ଏ ପର୍ଯ୍ୟନ୍ତ ଜିଲାରେ ୪୦ ଜଣଙ୍କ ମୃତ୍ୟୁ ଘଟିଲାଣି। ସେହିପରି ବର୍ତ୍ତମାନ ସୁଦ୍ଧା ଜିଲାରୁ ମୋଟ ୮୩,୭୫୨ କୋଭିଡ୍ ପରୀକ୍ଷା କରାଯାଇଛି। ସୁସ୍ଥ ହାର ରହିଛି ୮୦.୫୨ପ୍ରତିଶତ।

## ସଂକ୍ଷେପରେ

### ମାର୍ଚ୍ଚ ସୁଦ୍ଧା ସରିବ ଅତ୍ୟାଧୁନିକ ତେଜସ୍କ୍ରିୟ ବିକିରଣ ଗୃହ କାମ

#### ଆଚାର୍ଯ୍ୟ ହରିହର କ୍ୟାନ୍ସର ହସ୍ପିଟାଲ

**କଟକ ଅଫିସ,୨୩।୯:** ଆସନ୍ତା ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନରେ ଉଚ୍ଚଶକ୍ତି ସମ୍ପନ୍ନ ତେଜସ୍କ୍ରିୟ ବିକିରଣ ଗୃହ ନିର୍ମାଣ କାର୍ଯ୍ୟ ଶେଷ ହେବ। ଏଥିରେ ୨ଟି ଲିନାକ, ୧ ଷ୍ଟିମୁଲେଟର, ଡ୍ରୋସି ମିଟର ଓ ବ୍ରାକି ଥେରାପି ଆଦି ବ୍ୟବସ୍ଥା କରାଯିବ। ଫଳରେ ସଫଳ ଓ ନିରାପଦ ଭାବେ ବିକିରଣ ଚିକିତ୍ସା ହୋଇପାରିବ। ସେହିପରି ନୂତନ ଭାବେ ହେବାକୁ ଥିବା ସମ୍ପ୍ରସାରଣ କାମକୁ ମଧ୍ୟ ଏସ୍‌ସିବିର ପ୍ରସ୍ତାବିତ ସମ୍ପ୍ରସାରଣ କାର୍ଯ୍ୟ ସହ ସଂଯୋଗ କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଗଭର୍ଣ୍ଣିଂ ବଡି ମିଟିଂରେ ନିଷ୍ପତ୍ତି ନିଆଯାଇଛି। ଭିଡିଓ କନ୍‌ଫରେନ୍ସରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଆବଶ୍ୟକ ଅନୁଦାନ ବିଷୟରେ ଆଲୋଚନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ କହିଥିଲେ, ଚଳିତବର୍ଷ ସର୍ଜିକାଲ ଅଙ୍କୋଲୋଜି ଓ ଗାଇନିକ୍ ଅଙ୍କୋଲୋଜିରେ ପ୍ରଥମ କରି ୨ଜଣ ଲେଖାଏ ଏମ୍‌ସିଏଚ୍ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଆଗକୁ ଅଙ୍କୋ ପାଥୋଲୋଜି ଏବଂ ହେଡ୍ ଆଣ୍ଡ ନେକରେ ଡି.ଏମ୍ ସହ ଏମ୍.ଡି ଆନାସ୍ଥେସିଆ ଖୋଲାଯିବ। ଚଳିତ ବର୍ଷ 'ମେଡିକାଲ ଫିଜିକ୍ସରେ ଡିପ୍ଲୋମା' ପାଠ୍ୟକ୍ରମ ଆରମ୍ଭ ହେବ। ବୈଠକରେ ଡିଏମ୍‌ଇଟି ଡା. ସି.ବି.କେ. ମହାନ୍ତି, ଓଏମ୍‌ସି ନିର୍ଦ୍ଦେଶକ ଡା. ଯାମିନୀ ଷଡ଼ଙ୍ଗୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, ହସ୍ପିଟାଲ ପ୍ରଶାସନିକ ଅଧିକାରୀ ରୁଦ୍ରନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରୁପା ଛାଉଣି ପ୍ରକ୍ରିୟା ଆରମ୍ଭ

ପୁରୀ ଅଫିସ, ୨୩।୯

ଶ୍ରୀମନ୍ଦିରର ୩ଟି ପ୍ରମୁଖ କବାଟ ରୁପା ଛାଉଣି ହେବ। କଳାହାଟ ଦ୍ୱାର, ବେହେରଣ ଦ୍ୱାର ଏବଂ ଜୟବିଜୟ ଦ୍ୱାରରେ ଲାଗିଥିବା କବାଟଗୁଡ଼ିକୁ ରୁପା ଛାଉଣି କରାଯିବ। ଏଥିପାଇଁ ଆବଶ୍ୟକ ରୁପା ଜଣେ ଦାତା ଦେବେ। ତେବେ ପୂର୍ବରୁ ଏହି ନିଷ୍ପତ୍ତି ନିଆଯାଇଥିବା ବେଳେ ବୁଧବାରଠାରୁ ଏହାର ପ୍ରକ୍ରିୟା ଆରମ୍ଭ ହୋଇଛି। ଉପରୋକ୍ତ ୩ କବାଟର ମାପ ନେଇଛନ୍ତି ଦାତାଙ୍କ ପକ୍ଷରୁ ଆସିଥିବା ମୁମ୍ବାଇର ୪ ଜଣିଆ ପ୍ରତିନିଧି। ଶ୍ରୀମନ୍ଦିରର ନିର୍ବାହୀ ଯନ୍ତ୍ରୀ ଆଶିଷ ସୁବୁଦ୍ଧିଙ୍କ ନେତୃତ୍ୱରେ ପ୍ରତିନିଧିମାନେ ମାପଚୁପ କରିଛନ୍ତି। ଏମାନଙ୍କ ମଧ୍ୟରେ ରୁପା କାରିଗର ରହିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଜଣେ ବଦାନ୍ୟ ବ୍ୟକ୍ତି ଏଥିପାଇଁ ରୁପା ଦାନ କରିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ଏହାକୁ ଆଧାର କରି ଶ୍ରୀମନ୍ଦିର ପ୍ରଶାସନ ୩ଟି କବାଟ ରୁପା ଛାଉଣି ଲାଗି ନିଷ୍ପତ୍ତି ନେଇଛି। ଏହି ତିନୋଟି ଯାକ ଦ୍ୱାର କବାଟ ମଧ୍ୟ ନଷ୍ଟ ଅବସ୍ଥାକୁ ଚାଲି ଆସିଲାଣି। ଶ୍ରୀମନ୍ଦିର ପ୍ରଶାସନର ଜଣେ ଅଧିକାରୀ କହିଛନ୍ତି,



ମାପଚୁପ ପ୍ରକ୍ରିୟା ସାରି ପ୍ରତିନିଧି ଦଳ ଶ୍ରୀମନ୍ଦିରରୁ ଫେରୁଛନ୍ତି।

ପ୍ରଥମେ ବର୍ମାଟିକ କାଠରେ ୩ଟି ଦ୍ୱାର ପାଇଁ ନୂଆ କବାଟ ତିଆରି କରାଯିବ। ଏହାପରେ ଏହି କବାଟଗୁଡ଼ିକରେ ୧.୬୩ ଇଞ୍ଚର ରୁପା ଛାଉଣି କରାଯିବାକୁ ପ୍ରାଥମିକ ଭାବେ ଆଲୋଚନା କରାଯାଇଛି। ୩ଟି କବାଟରେ ପ୍ରାୟ ୧,୯୨୦ କେଜି ରୁପା ଲାଗିବ। ଅର୍ଥାତ୍ ପ୍ରାୟ ୧୪ କୋଟି ଟଙ୍କାର ରୁପା ଲାଗିବ ବୋଲି ଆକଳନ କରାଯାଇଛି। ସେହିପରି କାରିଗରଙ୍କ ପାରିଶ୍ରମିକ ବାବଦରେ ପ୍ରାୟ ୧.୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବର୍ମାଟିକ୍ କାଠ ମଧ୍ୟ କିଣାଯିବ। ଏହି ୩ଟି କବାଟ

**ଶ୍ରୀମନ୍ଦିର ୩ କବାଟର ମାପ ନିଆଗଲା**

- ମୁମ୍ବାଇରୁ ଆସିଥିଲେ ୪ ଜଣିଆ ପ୍ରତିନିଧି
- ମୋଟ ଖର୍ଚ୍ଚ ହେବ ପ୍ରାୟ ୨୦ କୋଟି ଟଙ୍କା

ସମ୍ପୂର୍ଣ୍ଣ ହେବାରେ ପ୍ରାୟ ୧୮ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସମ୍ପୃକ୍ତ ଅଧିକାରୀ ସୂଚନା ଦେଇଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶ୍ରୀମନ୍ଦିରର ସଂସ୍କୃତି, ଐତିହ୍ୟ, ପରମ୍ପରା ହେଉଛି ବିଶ୍ୱରେ ଅନନ୍ୟ। ୩ଟି ଦ୍ୱାର ସହ ମହାପ୍ରଭୁଙ୍କ ନୀତିକାନ୍ତିର ବି ସମ୍ପର୍କ ରହିଛି। ତେଣୁ ଏ ସମସ୍ତ ଦିଗକୁ ନଜରରେ ରଖି ମରାମତି ଏବଂ ରୁପା ଛାଉଣି କରାଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ରୁପା ଛାଉଣି ପାଇଁ ଦାତାଙ୍କ ପକ୍ଷରୁ ଆସିଥିବା ପ୍ରତିନିଧିମାନେ ୩ଟି କବାଟର ମାପ ନେଇଛନ୍ତି।

# ଅକ୍ଟୋବର ୯ରେ ଜମି ଅଧିଗ୍ରହଣ ଜନଶୁଣାଣି

ପୁରୀ ଅଫିସ, ୨୩।୯

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା ବଳୟ ଉନ୍ନତୀକରଣ କରାଯିବ। ଏହି ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଓଡ଼ିଶା ସାମାଜିକ ପ୍ରଭାବ ଆକଳନ ୟୁନିଟ୍ ଏକ ଚିଠା ସାମାଜିକ ପ୍ରଭାବ ବିବରଣୀ ପ୍ରସ୍ତୁତ କରିଛନ୍ତି। ସୁରକ୍ଷା ବଳୟ ମଧ୍ୟରେ ଥିବା ବାସେଳିସାହି ମୌଜା ୱାର୍ଡ ନଂ.୩ର ଜମି ଅଧିଗ୍ରହଣ ଲାଗି ଜନଶୁଣାଣି କରାଯିବ। ଆସନ୍ତା ଅକ୍ଟୋବର ୯ ତାରିଖ ପୂର୍ବାହ୍ନ ୧୧ଟାରେ ନୀଳାଦ୍ରି ଭକ୍ତନିବାସ ପରିସରରେ ଏହି ଜନଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ସେହିପରି ଦୋଳମଣ୍ଡପ ସାହି ୧୫ ନଂ. ୱାର୍ଡରେ ଅପରାହ୍ନ ୪ଟାରେ ଜନଶୁଣାଣି ହେବ। ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀ ଏଥିରେ ଉପସ୍ଥିତ ରହି ଜମି ଅଧିଗ୍ରହଣ ଏବଂ ତତ୍‌ଜନିତ ସାମାଜିକ ପ୍ରଭାବ ବିବରଣୀ ଉପରେ ନିଜ ମତାମତ ଉପସ୍ଥାପନ କରିପାରିବେ। ବୁଧବାର ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଶାସନ ଜନଶୁଣାଣିର ବିଜ୍ଞପ୍ତି ଲଗାଇଛି। ଧାର୍ଯ୍ୟ

**ଶ୍ରୀମନ୍ଦିର ସୁରକ୍ଷା ବଳୟ ଉନ୍ନତୀକରଣ**

ତାରିଖ ଓ ସମୟରେ ଜନଶୁଣାଣିରେ ପ୍ରକଳ୍ପ ପ୍ରଭାବିତ ୱାର୍ଡବାସୀ ଉପସ୍ଥିତ ରହି ସେମାନଙ୍କ ମତ ପ୍ରଦାନ କରିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ନିରାପତ୍ତା ବଳୟ ଉନ୍ନତୀକରଣ ପାଇଁ ମୋଟ ୧୫.୧୯୧ ଏକର ଜମି ଅଧିଗ୍ରହଣ କରାଯିବାକୁ ସ୍ଥିର ହୋଇଛି, ଯେଉଁଥିରେ ୧୨.୫୪୪୫ ଏକର ଘରୋଇ ଏବଂ ୨.୬୪୬୫ ଏକର ସରକାରୀ ଜମି ରହିଛି। ଏଥିମଧ୍ୟରେ ପୁରୀ ତହସିଲ ଅଧୀନ ୫ଟି ମୌଜା ବାସେଳିସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡ ସାହି ଓ ବୃଙ୍ଗ ସାହିର ଜମି ରହିଛି। ଏଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଜମି ଆସିସାରିଥିବାବେଳେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମଦିବସ ବୃଦ୍ଧି ଦାବି କଲେ ମହତାବ

**ନୂଆଦିଲ୍ଲୀ,୨୩।୯:** ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଶ୍ରମ ଦିବସକୁ ୧୦୦ରୁ ୨୦୦ଦିନକୁ ବୃଦ୍ଧି କରିବାକୁ ବୁଧବାର କେନ୍ଦ୍ର ସରକାରଙ୍କ ନିକଟରେ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ ଦାବି କରିଛନ୍ତି। ଲୋକ ସଭାରେ ଶୂନ୍ୟ କାଳରେ ମହତାବ କହିଥିଲେ ଯେ, କରୋନା ମହାମାରୀ ଯୋଗୁ ଗତ ୬ମାସ ହେଲା ଅଧିକାଂଶ ଲୋକ କାମଧନ୍ଦା ହରାଇଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସେମାନଙ୍କ ପାଇଁ ବରଦାନ ସାଜିଛି। ସେପ୍ଟେମ୍ବର ମାସ ମଧ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦୦ଦିନରୁ ପ୍ରାୟ ୭୫ ଶ୍ରମ ଦିବସ ଶେଷ ହୋଇଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଆହୁରି ପ୍ରାୟ ୬ମାସ ଅଛି। ତେଣୁ କେନ୍ଦ୍ର ସରକାର ଏହି ଶ୍ରମ ଦିବସକୁ ୧୦୦ଦିନରୁ ୨୦୦ଦିନକୁ ବୃଦ୍ଧି କରିବାକୁ ମହତାବ କହିଛନ୍ତି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ କରୁଥିବା ଅଣକୁଶଳୀ ଶ୍ରମିକଙ୍କ ମଜୁରି ବୃଦ୍ଧି କରିବା ଜରୁରୀ ହୋଇପଡ଼ିଛି। କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କ ମଜୁରିକୁ ୧୯୬ରୁ ୨୦୭ଟଙ୍କାକୁ ବୃଦ୍ଧି କରିଛନ୍ତି। ଓଡ଼ିଶାରେ ଏବେ ସାଧାରଣ ମଜୁରି ପ୍ରାୟ ୩୦୩ଟଙ୍କା ରହିଛି। ଏତେ କମ୍ ମଜୁରିରେ ଶ୍ରମିକମାନେ କାମ କରିବାକୁ ରାଜି ହେଉ ନାହାନ୍ତି। ତେଣୁ ମଜୁରି ବୃଦ୍ଧି କରିବାକୁ ମହତାବ ଦାବି କରିଛନ୍ତି।

## ମୌସୁମୀ ଅଧିବେଶନରେ ୩୨୬ ପ୍ରଶ୍ନ କରିଛନ୍ତି ବିଜେଡି ଏମ୍‌ପି

ନୂଆଦିଲ୍ଲୀ,୨୩।୯

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନର ଉଭୟ ଗୃହରେ ବିଜୁ ଜନତା ଦଳ(ବିଜେଡି) ଏମ୍‌ପିମାନେ ୩୨୬ଟି ଲିଖିତ ପ୍ରଶ୍ନ ପଚାରିଛନ୍ତି। ସେପ୍ଟେମ୍ବର ୧୪ ତାରିଖରୁ ଆରମ୍ଭ ହୋଇଥିବା ଅଧିବେଶନ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ ଚାଲିଥାନ୍ତା। ହେଲେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଅଧିବେଶନକୁ ମାତ୍ର ୧୦ଦିନରେ ସୀମିତ କରାଯାଇଛି। ବୁଧବାର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଏହି ଅଧିବେଶନରେ ଉଭୟ ଗୃହରେ ମୋଟ ୨୫ଟି ବିଲ୍ ପାରିତ ହୋଇଛି। ବିଜେଡି କେବଳ କୃଷି ବିଲ୍‌କୁ ଛାଡ଼ି ଅନ୍ୟ ସବୁ ବିଲ୍‌କୁ ସମର୍ଥନ ଜଣାଇଛି। ସ୍ୱଳ୍ପ ସମୟ ପାଇଁ ମୌସୁମୀ ଅଧିବେଶନ ବସିବାକୁ ଥିବାରୁ ଏଥିରେ ପ୍ରଶ୍ନ କାଳକୁ ବାତିଲ କରାଯାଇଥିଲା। ଶୂନ୍ୟ କାଳ ସମୟରେ ବିଜେଡି ଏମ୍‌ପିମାନେ ବିଭିନ୍ନ ପ୍ରସଙ୍ଗ ଉତ୍‌ଥାପନ କରିଥିଲେ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ, ପାରାଦୀପ ପୋର୍ଟର ନାମକୁ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିବା, ଆଶା ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ପାରିଶ୍ରମିକ ବୃଦ୍ଧି ଆଦି ପ୍ରସଙ୍ଗ ଉଠାଇଥିଲେ। ବିଜେଡି ଏମ୍‌ପିମାନେ ରାଜ୍ୟ ସଭାରେ ୧୫୬ଟି ଏବଂ ଲୋକ ସଭାରେ ୧୭୦ଟି ଅଣତାରକା ପ୍ରଶ୍ନ ପଚାରିଥିଲେ। ବିଜେଡି ଏମ୍‌ପି ସସ୍ମିତ ପାତ୍ର ୪୮ଟି ପ୍ରଶ୍ନ ରାଜ୍ୟ ସଭାରେ ପଚାରିଛନ୍ତି। ଅପରପକ୍ଷରେ ଭାଜପା ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓ ସର୍ବାଧିକ ୪୯ଟି ଲିଖିତ ପ୍ରଶ୍ନ ଲୋକ ସଭାରେ ପଚାରିଥିଲେ।

## ୨ ଏସ୍‌ଆଇଙ୍କୁ କରୋନା

ବ୍ରହ୍ମଗିରି,୨୩।୯(ଡି.ଏନ୍.ଏ.)

ଗତ ଦୁଇଦିନ ତଳେ ବ୍ରହ୍ମଗିରି ଥାନାଧିକାରୀ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୁଧବାର ଆଉ ଦୁଇ ଏସ୍‌ଆଇ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅଞ୍ଚଳରେ ସଂକ୍ରମିତ ସଂଖ୍ୟା ବଢୁଥିବାବେଳେ ଜନସାଧାରଣ ସଚେତନତା ହେଉ ନ ଥିବା ଦେଖାଯାଉଛି। ଏପରିକି ଥାନାକୁ ବିଭିନ୍ନ କାମରେ ଆସୁଥିବା ଲୋକମାନେ ମାସ୍କ ପିନ୍ଧୁ ନ ଥିବା ଓ ସାମାଜିକ ଦୂରତ୍ୱ ରକ୍ଷା କରୁ ନ ନାହାନ୍ତି। ତେଣୁ ବ୍ରହ୍ମଗିରିରେ କୋଭିଡ୍ ସଚେତନତାକୁ ବ୍ୟାପକ କରିବା ପାଇଁ ସାଧାରଣରେ ଦାବି ହୋଇଛି।

भाकृअनुप-केन्द्रीय पटसन एवं समवर्गीय रेशा अनुसंधान संस्थान
ICAR - CENTRAL RESEARCH INSTITUTE FOR JUTE & ALLIED FIBRES
(Indian Council of Agricultural Research)
AN ISO 9001:2015 CERTIFIED INSTITUTE,
Barrackpore, Kolkata-700121: West Bengal
Ph: 033-2535-6123; Fax: 033-2535-0415; E-mail: aao_ps@rediffmail.com; Web-site: www.crijaf.org.in

Open tenders are invited on behalf of the Director, ICAR-CRIJAF from reputed / specialized firms for

| Sl. No. | Job list | Last date of uploading of tender | Date of opening of tender |
|---|---|---|---|
| | E-TENDER NOTICE No.: 16/20-21 {e-tender ID: 2020_DARE_585290_1} | | |
| 01 | Tender For Annual Watch And Ward Security Services On Job Contract Basis At Sisal Research Station, Bamra, Odisha | 14-10-2020 | 16-10-2020 |

a. The detailed specification with terms & conditions of the tender is available on the CRIJAF website i.e http://www.crijaf.org.in & CPP Portal in the tender documents (for reference only).
b. Bids have to be submitted online only at CPP Portal website: https://eprocure.gov.in/eprocure/app
Asstt. Administrative Officer (P)

**ଏସ୍.ଇ. ରେଳପଥ - ଟେଣ୍ଡର**

ଏନ୍‌ଆଇଟି ନଂ.: ଏସ୍‌ଟି-ସିଓଏନ୍-କେଜିପି-୨୦-ଆର୍‌ଜିଟି-ଆର୍‌ଓପି-ବିଏଲ୍‌ଏସ୍, ତାରିଖ ୨୨।୦୯।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ସିଏସ୍‌ଟିଇ/ସିଓଏନ୍/ଖଡ଼ଗପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି: କାର୍ଯ୍ୟର ନାମ: ଏସ୍.ଇ. ରେଳପଥର ଖଡ଼ଗପୁର ଡିଭିଜନରେ ନାରାୟଣଗଡ଼ ଓ ଭଦ୍ରକ ମଧ୍ୟରେ ୩ୟ ଲାଇନ୍ କାର୍ଯ୍ୟ ସଂକ୍ରାନ୍ତରେ ରୁପ୍‌ସା ଓ ବାଲେଶ୍ୱର ଏବଂ ଜଳେଶ୍ୱର ଓ ରାଜଘାଟ ସେକ୍ସନ ମଧ୍ୟରେ ଟେଲିକମ୍ କେବୁଲ କ୍ଲିୟରାନ୍ସ ପାଇଁ କେବୁଲ ଶିଫ୍ଟିଙ୍ଗର ବ୍ୟବସ୍ଥା। ବିଜ୍ଞାପିତ ମୂଲ୍ୟ: ₹୨,୩୧,୩୫,୨୦୬.୫୪। ଅମାନତ ରାଶି: ₹୨,୬୫,୭୦୦/-। ଟେଣ୍ଡର ସମାପ୍ତିର ତାରିଖ ଓ ସମୟ: ୧୪।୧୦।୨୦୨୦ ମଧ୍ୟାହ୍ନ ୧୨.୦୦ ଘଟିକା। ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ବିବରଣୀ www.ireps.gov.inରେ ଉପଲବ୍ଧ। (PR-265)

## ଲାଞ୍ଚ ନେଇ ଧରାପଡ଼ିଲେ ଯନ୍ତ୍ରୀ

ପାରାଦୀପ,୨୩।୯(ସ୍ୱ.ପ୍ର)

ପାରାଦୀପସ୍ଥିତ ଭାରତୀୟ ତଟରକ୍ଷୀ ବାହିନୀ ପରିସରରେ ଥିବା ଏମ୍‌ଇଏସ୍ (ମିଲିଟାରୀ ଇଞ୍ଜିନିୟର ସର୍ଭିସ୍) ପରିସରରେ ବୁଧବାର ସିବିଆଇ ଚଢ଼ାଉ କରିଛି। ଯନ୍ତ୍ରୀ ରାଜୀବ ରଞ୍ଜନ ରେଡ୍ଡୀ ଶ୍ରମିକଙ୍କ ଗେଟ୍‌ପାସ୍ ପାଇଁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇର ଏକ ୧୪ ଜଣିଆ ଟିମ୍ ତାଙ୍କୁ ଗିରଫ କରିଛି। ପରେ ତାଙ୍କର କ୍ୱାର୍ଟର୍ସ, ଅଫିସରେ ରେକର୍ଡ ପତ୍ର ଯାଞ୍ଚ କରିଛନ୍ତି। ପ୍ରତିରକ୍ଷା ବିଭାଗର ନିର୍ମାଣକାରୀ ସଂସ୍ଥା ହେଉଛି ଏମ୍‌ଇଏସ୍। ଉକ୍ତ ସଂସ୍ଥାର ଏକ କାର୍ଯ୍ୟାଳୟ ପାରାଦୀପ ମୁଖ୍ୟ କୋଷ୍ଟଗାର୍ଡ ମୁଖ୍ୟାଳୟ ଅଧୀନରେ ରହିଛି। ଏଠାରେ ଏକ ନିର୍ମାଣ କାମ ପାଇଁ ଠିକାଦାର ପବିତ୍ର କୁମାର ମହାରଣା ୬ ଜଣ ଶ୍ରମିକଙ୍କ ଗେଟ୍ ପାସ୍ ପାଇଁ ଆବେଦନ କରିଛନ୍ତି। ଏଥିପାଇଁ ଯନ୍ତ୍ରୀ ରେଡ୍ଡୀ ତାଙ୍କୁ ୬୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ଠିକାଦାର ମହାରଣା ଏନେଇ ସିବିଆଇରେ ସୂଚନା ଦେଇଥିଲେ। ଆଜି ବୁଧବାର ଠିକାଦାର ଓ ସିବିଆଇର ଜଣେ ଅଧିକାରୀ ସନ୍ଧ୍ୟାରେ ଯନ୍ତ୍ରୀଙ୍କ ସହ ମୂଲଚାଲ କରି ୩୦,୦୦୦ ଟଙ୍କା ଦେଇଥିଲେ। ଏହାପରେ ତୁରନ୍ତ ଉକ୍ତ ଟଙ୍କାକୁ ସିବିଆଇ ଜବତ କରିବା ସହ ଯନ୍ତ୍ରୀ ରେଡ୍ଡୀଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

**CSIR-INSTITUTE OF MINERALS AND MATERIALS TECHNOLOGY**
**ACHARYA VIHAR, BHUBANESWAR-751013**

**Application for the positions of Project Staff**

**CSIR-Institute of Minerals and Materials Technology (CSIR-IMMT),** Bhubaneswar invites applications for about **08 nos.** of positions of Project Staff in its ongoing projects. The requirement covers: **B.Sc.** in Chemistry; **Diploma (3 years)** in Metallurgical Engg.; **M.Sc.** in Geology; **B.E. / B. Tech.** in Mechanical Engg. / Chemical / Metallurgical Engg. / Metallurgy / Mineral Engg. with or without Experience. **The positions are purely temporary and co-terminus with the tenure of projects.** Eligible candidates may please visit CSIR-IMMT website: **www.immt.res.in** for the details regarding application, essential qualifications, job requirement, experience, age, monthly emoluments and other terms and conditions.

**Last date of submission of application: 5th October 2020**

**Only short listed candidates will be intimated to be interview through online platform.**

*Advt. No. RDPD/P48/2020* — *R&D PLANNING DEPT*

**ସଂଘୀୟ ଲୋକ ସେବା ଆୟୋଗ**

**ପରୀକ୍ଷା/ନିଯୁକ୍ତି ପରୀକ୍ଷା (ଆର୍‌ଟି), ୨୦୨୧ର କାର୍ଯ୍ୟକ୍ରମ**

ନଂ. ୨୨/୨୧/୨୦୧୯-ଇ.ଆଇ(ବି) - ବର୍ଷ ୨୦୨୧ ନିମନ୍ତେ ଆୟୋଗର ପରୀକ୍ଷା ଓ ନିଯୁକ୍ତି ପରୀକ୍ଷା (ଆର୍‌ଟି)ଗୁଡ଼ିକର କାର୍ଯ୍ୟକ୍ରମ ପ୍ରାର୍ଥୀଙ୍କ ସୂଚନା ପାଇଁ ନିମ୍ନରେ ପ୍ରଦାନ କରାଯାଉଛି। ବାର୍ଷିକ କ୍ୟାଲେଣ୍ଡର ଆୟୋଗର ୱେବ୍‌ସାଇଟ୍ (www.upsc.gov.in)ରେ ମଧ୍ୟ ସ୍ଥାନିତ କରାଯାଇଛି । ଆଶାର୍ଥୀ ଓ ପ୍ରାର୍ଥୀମାନଙ୍କୁ ଏହି ବିଜ୍ଞାପନକୁ ସାଇତି ରଖିବା ଏବଂ ୨୦୨୧ରେ ଆୟୋଗର ପରୀକ୍ଷାଗୁଡ଼ିକ ଲାଗି ଆବେଦନ କରିବା ନିମନ୍ତେ ଏକ ତତ୍କାଳ ସନ୍ଦର୍ଭ ଭାବେ ବ୍ୟବହାର କରିବା ପାଇଁ ପରାମର୍ଶ ଦିଆଯାଉଛି।

| କ୍ର. ସଂ. | ପରୀକ୍ଷାର ନାମ | ଅଧିସୂଚନା ତାରିଖ | ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ | ପରୀକ୍ଷା ଆରମ୍ଭ ତାରିଖ | ପରୀକ୍ଷା ଅବଧି |
|---|---|---|---|---|---|
| ୧. | ସମ୍ମିଳିତ ଭୂ-ବୈଜ୍ଞାନିକ (ପ୍ରାରମ୍ଭିକ) ପରୀକ୍ଷା, ୨୦୨୧ | ୦୭।୧୦।୨୦୨୦ | ୨୭।୧୦।୨୦୨୦ | ୨୧।୦୨।୨୦୨୧ (ରବିବାର) | ୧ ଦିନ |
| ୨. | ସି.ଡି.ଏସ୍. ପରୀକ୍ଷା (I), ୨୦୨୧ | ୨୮।୧୦।୨୦୨୦ | ୧୭।୧୧।୨୦୨୦ | ୦୭।୦୨।୨୦୨୧ (ରବିବାର) | ୧ ଦିନ |
| ୩. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୨୧।୦୨।୨୦୨୧ (ରବିବାର) | ୧ ଦିନ |
| ୪. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୭।୦୩।୨୦୨୧ (ରବିବାର) | ୧ ଦିନ |
| ୫. | ସିଆଇଏସ୍‌ଏଫ୍ ଏସି(ଇଏକ୍ସଇ) ଏଲ୍‌ଡିସିଇ-୨୦୨୦-୨୧ | ୦୨।୧୨।୨୦୨୦ | ୨୨।୧୨।୨୦୨୦ | ୧୪।୦୩।୨୦୨୧ (ରବିବାର) | ୧ ଦିନ |
| ୬. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (I), ୨୦୨୧ | ୩୦।୧୨।୨୦୨୦ | ୧୯।୦୧।୨୦୨୧ | ୧୮।୦୪।୨୦୨୧ (ରବିବାର) | ୧ ଦିନ |
| ୭. | ଇପିଏଫ୍‌ଓରେ ଇଓ/ଏଓ ପଦବୀଗୁଡ଼ିକ ପାଇଁ ୟୁପିଏସ୍‌ସି ଆର୍‌ଟି ଲାଗି ସଂରକ୍ଷିତ | | | ୦୯।୦୫।୨୦୨୧ (ରବିବାର) | ୧ ଦିନ |
| ୮. | ସିଭିଲ ସେବା (ପ୍ରାରମ୍ଭିକ) ପରୀକ୍ଷା, ୨୦୨୧ | ୧୦।୦୨।୨୦୨୧ | ୦୨।୦୩।୨୦୨୧ | ୨୭।୦୬।୨୦୨୧ (ରବିବାର) | ୧ ଦିନ |
| ୯. | ଭାରତୀୟ ବନ ସେବା (ପ୍ରାରମ୍ଭିକ) ପରୀକ୍ଷା, ୨୦୨୧ ସିଏସ୍(ପି) ପରୀକ୍ଷା ୨୦୨୧ ମାଧ୍ୟମରେ | | | | |
| ୧୦. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୦୪।୦୭।୨୦୨୧ (ରବିବାର) | ୧ ଦିନ |
| ୧୧. | ଆଇ.ଇ.ଏସ୍./ଆଇ.ଏସ୍.ଏସ୍. ପରୀକ୍ଷା, ୨୦୨୧ | ୦୭।୦୪।୨୦୨୧ | ୨୭।୦୪।୨୦୨୧ | ୧୬।୦୭।୨୦୨୧ (ଶୁକ୍ରବାର) | ୩ ଦିନ |
| ୧୨. | ସମ୍ମିଳିତ ଭୂ-ବୈଜ୍ଞାନିକ (ମୁଖ୍ୟ) ପରୀକ୍ଷା, ୨୦୨୧ | | | ୧୭।୦୭।୨୦୨୧ (ଶନିବାର) | ୨ ଦିନ |
| ୧୩. | ଇଞ୍ଜିନିୟରିଂ ସେବା (ପ୍ରାରମ୍ଭିକ) ପରୀକ୍ଷା, ୨୦୨୧ | ୦୭।୦୪।୨୦୨୧ | ୨୭।୦୪।୨୦୨୧ | ୧୮।୦୭।୨୦୨୧ (ରବିବାର) | ୧ ଦିନ |
| ୧୪. | କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ଏସିଏସ୍) ପରୀକ୍ଷା, ୨୦୨୧ | ୧୫।୦୪।୨୦୨୧ | ୦୫।୦୫।୨୦୨୧ | ୦୮।୦୮।୨୦୨୧ (ରବିବାର) | ୧ ଦିନ |
| ୧୫. | ସମ୍ମିଳିତ ଚିକିତ୍ସା ସେବା ପରୀକ୍ଷା, ୨୦୨୧ | ୦୫।୦୫।୨୦୨୧ | ୨୫।୦୫।୨୦୨୧ | ୨୯।୦୮।୨୦୨୧ (ରବିବାର) | ୧ ଦିନ |
| ୧୬. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୨୯।୦୮।୨୦୨୧ (ରବିବାର) | ୧ ଦିନ |
| ୧୭. | ଏନ୍.ଡି.ଏ. ଓ ଏନ୍.ଏ. ପରୀକ୍ଷା (II), ୨୦୨୧ | ୦୯।୦୬।୨୦୨୧ | ୨୯।୦୬।୨୦୨୧ | ୦୫।୦୯।୨୦୨୧ (ରବିବାର) | ୧ ଦିନ |
| ୧୮. | ୟୁପିଏସ୍‌ସି ଆର୍‌ଟି/ପରୀକ୍ଷା ଲାଗି ସଂରକ୍ଷିତ | | | ୧୨।୦୯।୨୦୨୧ (ରବିବାର) | ୧ ଦିନ |
| ୧୯. | ସିଭିଲ ସେବା (ମୁଖ୍ୟ) ପରୀକ୍ଷା, ୨୦୨୧ | | | ୧୭।୦୯।୨୦୨୧ (ଶୁକ୍ରବାର) | ୫ ଦିନ |
| ୨୦. | ଇଞ୍ଜିନିୟରିଂ ସେବା (ପ୍ରାରମ୍ଭିକ) ପରୀକ୍ଷା, ୨୦୨୧ | | | ୧୦।୧୦।୨୦୨୧ (ରବିବାର) | ୧ ଦିନ |
| ୨୧. | ସି.ଡି.ଏସ୍. ପରୀକ୍ଷା (II), ୨୦୨୧ | ୦୪।୦୮।୨୦୨୧ | ୨୪।୦୮।୨୦୨୧ | ୧୪।୧୧।୨୦୨୧ (ରବିବାର) | ୧ ଦିନ |
| ୨୨. | ଭାରତୀୟ ବନ ସେବା (ମୁଖ୍ୟ) ପରୀକ୍ଷା, ୨୦୨୧ | | | ୨୧।୧୧।୨୦୨୧ (ରବିବାର) | ୧୦ ଦିନ |
| ୨୩. | ଏସ୍.ଓ./ଷ୍ଟେନୋ (ଜିଡି-ବି/ଜିଡି-I) ଏଲ୍‌ଡିସିଇ | ୧୫।୦୯।୨୦୨୧ | ୦୫।୧୦।୨୦୨୧ | ୧୧।୧୨।୨୦୨୧ (ଶନିବାର) | ୨ ଦିନ |

ଦ୍ରଷ୍ଟବ୍ୟ ୧: ପରିସ୍ଥିତି ଉପୁଜିଲେ ପରୀକ୍ଷା/ଆର୍‌ଟିଗୁଡ଼ିକର ଅଧିସୂଚନା, ଆରମ୍ଭ ଏବଂ ଅବଧି ବାବଦୀୟ ତାରିଖଗୁଡ଼ିକ ପରିବର୍ତ୍ତିତ ହୋଇପାରେ।
ଦ୍ରଷ୍ଟବ୍ୟ ୨: ସିଭିଲ ସେବା (ମୁଖ୍ୟ) ପରୀକ୍ଷା, ୨୦୨୦ ୮, ୯, ୧୦, ୧୬, ୧୭ ଜାନୁୟାରୀ, ୨୦୨୧ ଦିନ ସଞ୍ଚାଳିତ ହେବ ।
ଦ୍ରଷ୍ଟବ୍ୟ ୩: ଭାରତୀୟ ବନ ସେବା (ମୁଖ୍ୟ) ପରୀକ୍ଷା, ୨୦୨୦ ତା୨୮।୦୨।୨୦୨୧ରିଖରୁ ଆରମ୍ଭ ହେବା ଏବଂ ଏହା ୧୦ ଦିନ ଧରି ତା୦୯।୦୩।୨୦୨୧ରିଖ ପର୍ଯ୍ୟନ୍ତ ଚାଲିବ ।

ଆୟୋଗ ପରୀକ୍ଷା ଓ ନିଯୁକ୍ତିଗୁଡ଼ିକ ସଂକ୍ରାନ୍ତୀୟ ସଦ୍ୟତମ ସୂଚନା, ସବିଶେଷ ସୂଚନା ଏବଂ ପ୍ରାୟତଃ ପଚରାଯାଉଥିବା ପ୍ରଶ୍ନ ତଥା ଅନ୍‌ଲାଇନ୍ ଆବେଦନ କରିବା ଓ ଇ-ପ୍ରବେଶ ପତ୍ର ଓ ଇ-ସମନ ପତ୍ର ଡାଉନଲୋଡ୍ କରିବା ପାଇଁ ପ୍ରାର୍ଥୀମାନଙ୍କୁ ନିୟମିତ ଭାବେ ଆୟୋଗର ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି।

ଲିଙ୍ଗ ସନ୍ତୁଳନକୁ ପ୍ରତିଫଳିତ କରୁଥିବା ଏକ କାର୍ମିକ ବଳ ପାଇଁ ସରକାର ଉଦ୍ୟମରତ ଏବଂ ମହିଳା ପ୍ରାର୍ଥୀଙ୍କୁ ଆବେଦନ କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି ।
davp 55101/14/0001/2021

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଖୁଚୁରା ସମ୍ପତ୍ତି କେନ୍ଦ୍ରୀୟ ପ୍ରକରଣ କେନ୍ଦ୍ର, ଭୁବନେଶ୍ୱର

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟଗୁଡିକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଓ ଆନୁସଙ୍ଗିକ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିର ମାଲିକ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତାମାନେ: ୧) ତପନ କୁମାର ବିଶ୍ୱାସ, ୨) ତାପସ କୁମାର ବିଶ୍ୱାସ, ୩) ସ୍ୱପନ କୁମାର ବିଶ୍ୱାସ, ଠିକଣା-୧: କ୍ୱାର୍ଟର ନଂ.: ଟାଇପ୍-୩-୪୩, ଓଲ୍ଡ ଏଜି କଲୋନୀ, ୟୁନିଟ୍-୪, ଭୁବନେଶ୍ୱର, ଖୋର୍ଦ୍ଧା, ପିନ୍-୭୫୧୦୦୪, ଠିକଣା-୨: ପ୍ଲଟ୍ ନଂ.: ୯୫୫/୯୦, ଜାଗମରା, ପ୍ରମେୟ ଅଫିସ୍ ନିକଟ, ୟୁନିଟ୍-୨୦, ଭୁବନେଶ୍ୱର / ଆକାଉଣ୍ଟ ନଂ.: ଗୃହ ଋଣ ଆକାଉଣ୍ଟ ନଂ.: ୩୦୨୭୨୧୪୫୭୭୧, ଗୃହ ଋଣ ଟପ ଅପ୍- ୩୦୩୭୫୫୧୮୧୭୧ | ସମ୍ପତ୍ତିର ମାଲିକମାନେ: ତପନ କୁମାର ବିଶ୍ୱାସ, ତାପସ କୁମାର ବିଶ୍ୱାସ ଏବଂ ସ୍ୱପନ କୁମାର ବିଶ୍ୱାସ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୯୧, ପ୍ଲଟ୍ ନଂ.: ୯୫୫ (ଅଂଶ), କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଜାଗମରା, ୟୁନିଟ୍-୨୦, ଭୁବନେଶ୍ୱର | ୨୨.୦୭.୨୦୧୯ | ୧୮.୦୯.୨୦୨୦ | ୩୧.୦୮.୨୦୨୦ ସୁଦ୍ଧା ଟ.୨,୪୬,୭୯୬.୬୦ + ଟ.୩,୮୯,୨୬୦.୦୦ = ଟ.୬,୩୬,୦୫୬.୬୦ + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |
| ଋଣଗ୍ରହୀତାମାନେ: ୧) ସୁମନ୍ତ କୁମାର ବିଶ୍ୱାଳ, ୨) ଶୁଭଶ୍ରୀ ରାଉତରାଏ, ସ୍ୱାମୀ: ସୁମନ୍ତ କୁମାର ବିଶ୍ୱାଳ, ପ୍ଲଟ୍ ନଂ.: ୩୦୪, ଇନ୍ଦିରା କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୧୦୦୨ / ଆକାଉଣ୍ଟ ନଂ.: ଗୃହ ଋଣ ଆକାଉଣ୍ଟ ନଂ.: ୩୦୦୮୭୬୩୪୦୧୩ | ସମ୍ପତ୍ତିର ମାଲିକ: ଶୁଭଶ୍ରୀ ରାଉତରାଏ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୨୮, ପ୍ଲଟ୍ ନଂ.: ୩୪୦ (ଅଂଶ), ସବ୍ ପ୍ଲଟ୍ ନଂ.: ୧୧, କ୍ଷେତ୍ର: ଏକର୦.୦୪ଡିସିମିଲି, ଇନ୍ଦିରା କଲୋନୀ, ଲିଙ୍ଗିପୁର, ଭୁବନେଶ୍ୱର | ୨୭.୧୨.୨୦୧୯ | ୨୨.୦୯.୨୦୨୦ | ୩୧.୦୮.୨୦୨୦ ସୁଦ୍ଧା ଟ.୭,୦୩,୩୫୨.୫୪ + ସେବାବଦ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ |

ତାରିଖ: ୨୩.୦୯.୨୦୨୦, ସ୍ଥାନ: ଭୁବନେଶ୍ୱର — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

> ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହୁଁଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମେ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା

# ଅଜବ ଆହାର



**ମାନେକା ଗାନ୍ଧୀ**

ଭାରତ ଓ ଆଫ୍ରିକାର ହାତୀମାନେ ଯେତେବେଳେ ସାକ୍ଷାତ ହୁଅନ୍ତି ସେମାନେ ଉଭୟେ ହାତୀ ବୋଲି ଚିହ୍ନାଚିହ୍ନି ହୁଅନ୍ତି, ନିଜର ପରିଚୟକୁ ସ୍ୱୀକାର କରିଥାନ୍ତି।। ଭାରତୀୟ ବାଘ ଓ ସାଇବେରିଆର ବାଘଙ୍କ କ୍ଷେତ୍ରରେ ବି ସେଇଆ ହୁଏ। କିନ୍ତୁ ନ୍ୟୁଜିଲାଣ୍ଡର ୱାଇଲ୍ଡ ଲାଇଫ୍ ଫେଷ୍ଟିଭାଲରେ ଯେଉଁମାନେ ଅପ୍ରାକୃତିକ ଉପାୟରେ ସଂଗୃହୀତ ଷଣ୍ଢ(ବୁଲ୍) ଓ ଘୋଡ଼ାଙ୍କ ତାଜା ସିମେନ ବା ବୀର୍ଯ୍ୟ ପିଇବାକୁ ଯାଆନ୍ତି ସେମାନଙ୍କୁ ମଣିଷ ବୋଲି ମୁଁ ଗ୍ରହଣ କରିପାରେ ନାହିଁ। ଜଣେ ମାଂସାଶୀ ଭାବେ ତୁମେ ପ୍ରାଣୀର ମୁଣ୍ଡ ହେଉ କି କାନ୍ଧ କିମ୍ବା ମଳଦ୍ୱାର ଖାଉଥିଲେ ବି ଏଥିରେ ସାମାନ୍ୟ ପ୍ରଭେଦ ଅଛି ବୋଲି ମୁଁ ମନେକରେ। କିନ୍ତୁ ଆମେରିକାରେ 'ଟେଷ୍ଟିକଲ ଫେଷ୍ଟିଭାଲ' ବା 'ଅଣ୍ଡକୋଷ ଉତ୍ସବ' ପାଳନ କରୁଥିବା ଲୋକଙ୍କୁ ଲକ୍ଷ୍ୟ କଲେ ଏବେ ବି ଅତି ଅସଭ୍ୟ ଘୃଣିତ ଜଙ୍ଗଲୀ ମଣିଷ ରହିଥିବା ଭଳି ମନେହୁଏ। ଏହି ଉତ୍ସବରେ ପେରୁ ପକ୍ଷୀ, ଘୁଷୁରି, ଷଣ୍ଢ ଓ ମେଣ୍ଢାର ଟେଷ୍ଟିକଲକୁ ଫ୍ରାଏ କରି ପରଷି ଦିଆଯାଏ। ମଧ୍ୟପ୍ରାଚ୍ୟରେ ଅତିଥିମାନଙ୍କ ସମ୍ମାନାର୍ଥେ ଭଜା ଟେଷ୍ଟିକଲ ଓ ଆଖି ଦିଆଯାଏ। ଏ କ୍ଷେତ୍ରରେ ନ୍ୟୁଜିଲାଣ୍ଡବାସୀ ବି ପଛରେ ନାହାନ୍ତି। ସେମାନେ କମ୍ ବୟସ୍କ ମେଣ୍ଢାମାନଙ୍କୁ ମୋଟା ଓ ଓଜନଦାର କରିବା ଲାଗି ସେମାନଙ୍କ ଟେଷ୍ଟିକଲ ବାହାର କରିଦିଅନ୍ତି ଓ ତାହାକୁ ଫାର୍ମରେ ସେହି ପଶୁଙ୍କ ସମ୍ମୁଖରେ ଦିନବେଳା ଖାଆନ୍ତି। କାନାଡ଼ା ଓ ଆମେରିକାରେ ଷଣ୍ଢର ଟେଷ୍ଟିକଲରୁ ସ୍ୱାଦିଷ୍ଟ ଡିଶ୍ ରକି ମାଉଣ୍ଟେନ ଓୟଷ୍ଟର କିମ୍ବା ପ୍ରାଇରି ଓୟଷ୍ଟର ପ୍ରସ୍ତୁତ କରାଯାଉଛି। ସେଗୁଡ଼ିକୁ ଲାଟିନ୍ ଆମେରିକା ଓ ସ୍ପେନରେ ହୁଇଭସ ଡେ ଟୋରା(ବୁଲ୍ସ ଏଗ୍), ଚାଇନାରେ 'ଅକ୍ସ ଟ୍ରେଜର୍ସ' ଏବଂ ଗ୍ରୀସ୍‌ରେ ଏ 'ଅନ୍‌ମେନ୍‌ଶନେବଲସ୍' ବୋଲି କୁହାଯାଏ।

ସ୍କଟ୍‌ଲାଣ୍ଡରେ ଲୋକେ ମୃଗର ଟେଷ୍ଟିକଲ ଖାଇଥାନ୍ତି। ସିରିଆରେ ମେଣ୍ଢାର ଏହି ଅଙ୍ଗକୁ ଭାଜି ଲେମ୍ବୁରସରେ ଖିଆଯାଏ। ଷଣ୍ଢ ଲଢ଼େଇ ସମୟରେ ମୃତ୍ୟୁ ଘଟୁଥିବା ଷଣ୍ଢର ଟେଷ୍ଟିକଲରୁ ବୁଲ୍ ଫ୍ରାଏଜ୍ ପ୍ରସ୍ତୁତ କରାଯାଏ। ଷଣ୍ଢ ଲଢ଼େଇରେ ବିଜୟୀ ଷଣ୍ଢର ଟେଷ୍ଟିକଲ ଖାଇବା ସାହସିକତା ଓ ପୁରୁଷତ୍ୱ ପ୍ରଦର୍ଶନ କରିବାର ଏକ ବାଟ ବୋଲି ସ୍ପେନ୍ ଲୋକେ ଭାବନ୍ତି। ଗୋଲାପି ରଙ୍ଗର ଶିରା ରହିଥିବା ଷଣ୍ଢର ଏହି ଅଙ୍ଗକୁ ଭିଏତ୍‌ନାମରେ 'ନଗୌପିନ୍' (ଇଲେକ୍ଟ୍ରି ବ୍ୟାଟେରି) କୁହାଯାଏ। ଏହା ବିଶ୍ୱର ସବୁ ସୁପର୍ ମାର୍କେଟ୍‌ରେ ଉପଲବ୍ଧ। ଅଧିକାଂଶ କମ୍ ବୟସ୍କ ପ୍ରାଣୀମାନଙ୍କଠାରୁ ଏହା ସଂଗ୍ରହ କରାଯାଏ। ବିନା ଆନାସ୍ଥେସିଆରେ ଏହାକୁ କାଟି ଦିଆଯାଏ। ସେମାନଙ୍କୁ ମରାଯିବା ଯାଏ ସେମାନେ ମାସ ମାସ ଏପରି କି ବର୍ଷ ବର୍ଷ ଧରି ଯନ୍ତ୍ରଣା ଭୋଗନ୍ତି। ପ୍ରାଣୀଙ୍କ ଜନନେନ୍ଦ୍ରିୟ ବି ଲୋକଙ୍କ ପ୍ରିୟ। ଷଣ୍ଢର ଜନନେନ୍ଦ୍ରିୟକୁ ଜାମାଇକାରେ କଦଳୀ ସହ ରୋଷେଇ କରି ଏକ ପ୍ରକାର ସ୍ୱାଦିଷ୍ଟ ଡିଶ୍ ପ୍ରସ୍ତୁତ କରାଯାଇଥାଏ। ଏହାକୁ କାମୋଦ୍ଦୀପକ ବୋଲି ବିଚାର କରାଯାଏ। ଚାଇନା ଓ କୋରିଆ ଲୋକମାନେ ପୁରୁଷତ୍ୱ ବଢ଼ାଇବା ଲାଗି ଏହାକୁ ଖାଇଥାନ୍ତି। ୨୦୦୮ ସମର ଅଲିମ୍ପିକ୍ସରେ ଚାଇନାମାନେ ମୃଗର ଗୁପ୍ତାଙ୍ଗକୁ ସବୁବେଳେ ଚୋବାଇ ଖାଉଥିଲେ। ଏହି ସବୁ ଘଟଣାକୁ ଦେଖିଲେ ମୋର ଆଉ ଏକ କଥା ବି ମନେପଡ଼ିଯାଉଛି। ହଜାର ହଜାର ବର୍ଷ ପୂର୍ବେ ଆଫ୍ରିକାରେ ଏକ ନିର୍ଦ୍ଦିଷ୍ଟ ଜନଜାତି ଖ୍ରୀଷ୍ଟିଆନ୍ ପାଦ୍ରୀମାନଙ୍କ ଅଙ୍ଗକୁ ଖାଉଥିଲେ। ପାଦ୍ରୀମାନଙ୍କ ସାଧୁତାକୁ ଗ୍ରହଣ କରିବା ଲାଗି ସେମାନେ ଏହା କରୁଥିଲେ। ଗୁପ୍ତାଙ୍ଗ ଖାଇବା ଦ୍ୱାରା କୌଣସି ସ୍ୱାସ୍ଥ୍ୟଗତ ଉପକାର ମିଳେ ବୋଲି କୌଣସି ଡାକ୍ତରୀ ପ୍ରମାଣ ନାହିଁ। କିନ୍ତୁ ତାହାକୁ ଆମେରିକାରେ ପିଜା ଭାବେ ବିକ୍ରି କରାଯାଉଛି। ଖାଦ୍ୟରେ ଖିଆଯାଉଛି। ଏହା କୋଲେଷ୍ଟେରଲ କମ୍ କରିବା ସହ ଏଥିରୁ ଅଧିକ ପ୍ରୋଟିନ, ମିନେରାଲ୍ସ ଏବଂ ହର୍ମୋନ ମିଳେ ବୋଲି କୁହାଯାଉଛି।

ଚାଇନାରେ ବହୁତ ଖରାପ ଖାଦ୍ୟ ଖିଆଯାଉଥିବାରୁ ଏହା ସାରା ବିଶ୍ୱରେ କରୋନା ଆତଙ୍କ ଖେଳାଇ ଦେଇଛି। ସେଠାରେ ପ୍ରାଣୀମାନଙ୍କ ଗୁପ୍ତାଙ୍ଗ ଓ ଅଣ୍ଡକୋଷରୁ ଖାଦ୍ୟ ପ୍ରସ୍ତୁତ କରୁଥିବା ସ୍ୱତନ୍ତ୍ର ରେସ୍ତୋରାଁ ରହିଛି। ୧୯୬୫ରେ ପ୍ରତିଷ୍ଠିତ ଗୌଲିଜହୁଆଙ୍ଗ ରେସ୍ତୋରାଁ ପ୍ରକାଶ କରେ ଯେ, ମଙ୍ଗୋଲିଆନ ଛେଳି ଗୋଠର ମୁଖ୍ୟ ଛେଳିର ଜନନେନ୍ଦ୍ରିୟକୁ ଖାଇଲେ ମହିଳାମାନେ ବେଶି ସୁନ୍ଦର ଓ ପୁରୁଷମାନେ ଅଧିକ ଶକ୍ତିଶାଳୀ ହୋଇଥାନ୍ତି। ଏହା ମଧ୍ୟ ଘୋଡ଼ା, ଷଣ୍ଢ, କୁକୁଡ଼ା, ଗଧ, କୁକୁର, ମୃଗ, ଛେଳି, ମେଣ୍ଢା ଏବଂ ସାପର ଜନନେନ୍ଦ୍ରିୟ ଉପରେ ବିଜ୍ଞାପନ ଦେଉଛି। ଏହି ସବୁ ଡିଶ୍‌ର କାବ୍ୟିକ ନାମକରଣ ବି କରାଯାଇଛି। ସେଗୁଡ଼ିକ ହେଲା- 'ଦି ଏସେନ୍ସ ଅଫ୍ ଦି ଗୋଲ୍ଡେନ ବୁଦ୍ଧ', 'ଫୋନିକ୍ସ ରାଇଜିଂ', 'ଜସ୍‌ମିନ ଫ୍ଲାୱାର ୱିଥ୍ ୧୦୦୦ ଲେୟାର', 'ଲୁକ୍ ଫର୍ ଦି ଟ୍ରେଜର ଇନ୍ ଦି ଡେଜର୍ଟ ସ୍ୟାଣ୍ଡ', 'ହେଡ୍ କ୍ରାଉନ ୱିଥ୍ ଏ ଜାଡେ ବ୍ରେସ୍‌ଲେଟ' ଏବଂ ଡ୍ରାଗନ ଇନ୍ ଦି ଫ୍ଲେମ୍ ଅଫ ଡିଜାଏର'। ଏହି ରେସ୍ତୋରାଁ ମୃଗ ମଳ, ମେଣ୍ଢା ଭ୍ରୁଣ ଓ ମୟୂର ପଞ୍ଝାରୁ ପ୍ରସ୍ତୁତ ମଦ ବିକ୍ରି କରୁଛି। ମଣିଷର କାମପ୍ରବୃତ୍ତି ବଢ଼ାଇବା ଲାଗି ଏହି ରେସ୍ତୋରାଁ ସବୁ ମେଳ ପ୍ରାଣୀମାନଙ୍କ ଗୁପ୍ତାଙ୍ଗରୁ ପ୍ରସ୍ତୁତ ଏକ ଡିଶ୍‌ରେ ବିକ୍ରି କରୁଛି। ସେ ଯାହା ହେଉ ପ୍ରତ୍ୟେକ ପ୍ରାଣୀଙ୍କ ଗୁପ୍ତାଙ୍ଗ ଖାଇବା ଦ୍ୱାରା ଏସିଆରେ ଏହି ଛୋଟ ମଣିଷମାନଙ୍କୁ ବା କେତେ ଶକ୍ତି ଯୋଗାଇବ। ପୁରୁଷତ୍ୱ ପ୍ରଦର୍ଶନ କରିବାକୁ ବାଘର ଗୁପ୍ତାଙ୍ଗକୁ ଜଡ଼ିବୁଟି ମିଶ୍ରିତ ପାଣିରେ ଭିଜାଇ ଖାଇବା ଓ ଗଣ୍ଡାର ଶିଙ୍ଗରୁ ପ୍ରସ୍ତୁତ ଡିଶ୍ ଉପରେ ଚାଇନା ନିଷେଧ କରିଥିଲେ ବି ସେଠାରେ ଖୋଲାଖୋଲି ଭାବେ ଏହାକୁ ପରଷା ଯାଉଛି।

ସିଲ୍‌ର ଜନନେନ୍ଦ୍ରିୟକୁ ପୂର୍ବ କାନାଡ଼ା ଲୋକେ ଖାଇଥାନ୍ତି। ଏପରି କି କାନାଡ଼ାରେ ସିଲ୍ ଜନନେନ୍ଦ୍ରିୟ ମାର୍କେଟ ବୃଦ୍ଧି କରିବା ପାଇଁ ୧,୪୦,୦୦୦ ଗ୍ରେ ସିଲଙ୍କୁ ହତ୍ୟା କରିବାର ଯୋଜନା କରାଯାଇଥିବା ସମ୍ପର୍କରେ ୨୦୧୫ରେ ସେଠାକାର ଫୁର୍ ଇନ୍‌ଷ୍ଟିଚ୍ୟୁଟ୍ ଘୋଷଣା କରିଥିଲା। କାମୋଦ୍ଦୀପକ ଭାବେ ଏହି ଜନନେନ୍ଦ୍ରିୟକୁ ଶୁଖାଇ ବିକ୍ରି କରାଯାଏ। ସିଲ୍ ଗୁପ୍ତାଙ୍ଗ ଓ ଅଣ୍ଡକୋଷରୁ ପ୍ରସ୍ତୁତ ଡାଲିଶେନ ଓରାଲ ଲିକ୍ୟୁଡ଼ି ନାମକ ମଦ ଏସିଆନଙ୍କୁ କାନାଡ଼ା ବିକ୍ରି କରିଥାଏ। ଗାଈ ଓ ଘୁଷୁରିର ଗର୍ଭାଶୟକୁ ଭାଜି ଭିଏତ୍‌ନାମର ମହିଳାମାନେ ଖାଇଥାନ୍ତି। ଜାପାନରେ ଏହାକୁ ସମସ୍ତେ ଖାଆନ୍ତି। ଘୁଷୁରି ଗର୍ଭାଶୟରୁ ପ୍ରସ୍ତୁତ ଡିଶ୍‌କୁ ରଙ୍ଗେରୁ କୁହାଯାଏ। ତାଇୱାନର ଗର୍ଭବତୀମାନେ ମୃଗ ଗୁପ୍ତାଙ୍ଗକୁ ଏକ ବଡ଼ ଜାର୍‌ରେ ରଖି ଆଚାର କରି ଖାଇଥାନ୍ତି। ଶିରା ପ୍ରଶିରା ଭର୍ତ୍ତି ହଳଦିଆ ରଙ୍ଗର କୁକୁଡ଼ା ଓଭାରି ବା ଅଣ୍ଡାଶୟକୁ ଏମାନେ ମଧ ଖାଇଥାନ୍ତି। ପ୍ରାଣୀଙ୍କ ଗୁପ୍ତାଙ୍ଗକୁ ଖାଇବା ସହ ସେଥିରୁ ପ୍ରସ୍ତୁତ ପାନୀୟକୁ ମଧ୍ୟ ପିଉଛନ୍ତି। ଆଇସ୍‌ଲାଣ୍ଡରେ ସ୍ମୋକିଂ ହ୍ୱେଲ୍ ଓ ମେଣ୍ଢା ମଳରୁ ପ୍ରସ୍ତୁତ ପାନୀୟ ହେଭାଲୁର ବିକ୍ରି କରାଯାଏ। ଏହି ହ୍ୱେଲ ଏବେ ଲୋପ ପାଇବାକୁ ବସିଛି ଏବଂ ଏହାକୁ ମାରିବା ବେଆଇନ। ଆମେରିକାରେ ଷଣ୍ଢ ଅଣ୍ଡକୋଷରୁ ଏକ ପ୍ରକାର ବିୟର ତିଆରି କରାଯାଏ। ସେକ୍ସ ଅର୍ଗାନ ଶୁପ୍ ହଂକଂରେ ଭାରି ଲୋକପ୍ରିୟ। ଏହାକୁ ଅଣ୍ଡକୋଷ ଓ ଏହାର ଥଳୀ, ଗୁପ୍ତାଙ୍ଗରୁ ପ୍ରସ୍ତୁତ କରାଯାଏ। ମାଲେସିୟାରେ ବି ଷଣ୍ଢ ଗୁପ୍ତାଙ୍ଗରୁ ଡିକ୍ ଶୁପ୍ ପ୍ରସ୍ତୁତ କରାଯାଉଛି।

କେତେ ଭୟଙ୍କର ଜୀବ ଆମେ। ଏହା ଉପରେ ଅନୁଧ୍ୟାନ କରି ଏହି ଲେଖା ଖଣ୍ଡେ ପ୍ରସ୍ତୁତ କରିବା ମୋତେ ଭୀଷଣ ଆଘାତ ଦେଇଛି। ପୃଥିବୀର ଭବିଷ୍ୟତକୁ ନେଇ ମୁଁ ନୈରାଶ୍ୟ ଅନୁଭବ କରିଛି। କିନ୍ତୁ ଜଣେ ମାଂସାଶୀ ପାଇଁ ଏହା ବଡ କଥା ନୁହେଁ। ଯଦି ତୁମେ କଟାଯାଉଥିବା ପ୍ରାଣୀଙ୍କ ଅନ୍ୟ ଅଙ୍ଗକୁ ଖାଇବ ତେବେ ଏହାର ଜନନେନ୍ଦ୍ରିୟ ଖାଇବାରେ ସେମିତି କିଛି ଅସୁବିଧା ରହିବ ନାହିଁ। କିନ୍ତୁ ସମୟ ଆସିବ ପ୍ରାଣୀଙ୍କ ପରେ ମଣିଷର ପାଳି ପଡ଼ିପାରେ।

Email: gandhim@nic.in

## ଏଇ ଭାରତରେ

ପୁଣେର ଝିଅ ଶାଲ୍‌ମଲି ନଲାୱାଡେଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ବୟସ ହାର ମାନିଛି। ବୟସ ୧୪, କିନ୍ତୁ ପୁଣେର ମୁଥା ନଦୀକୁ ସଫା କରିବା ଲାଗି ସେ ଅଭିଯାନ ଚଳାଇଛନ୍ତି। ଏହା ସେ ତିନି ବର୍ଷ ପୂର୍ବରୁ ଅର୍ଥାତ୍ ୧୧ ବର୍ଷ ବୟସରୁ ଆରମ୍ଭ କରିଥିଲେ। ଏହି ସମୟରେ ସେ ମୁଥା ନଦୀର ୱାର୍‌ଜେ ବ୍ରିଜ୍ ଉପରେ ଠିଆହୋଇ ପାଣିରେ ବର୍ଜ୍ୟ ପଡିଥିବା ଲକ୍ଷ୍ୟ କରିଥିଲେ। ପରେ ସେ ନଦୀ ପ୍ରଦୂଷଣ ଦୂର କରିବାକୁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ସେ ବ୍ରିଜ ଉପରେ ଠିଆ ହୋଇ ଲୋକମାନଙ୍କୁ ନଦୀରେ ବର୍ଜ୍ୟ ନ ପକାଇବା ଲାଗି ବାରଣ କରି ଆସୁଛନ୍ତି। ସେ ଏକା ଏମିତି ଦିନ ସାରା ଠିଆ ହୋଇ କେତେଦିନ ବା କରିପାରିଥାଆନ୍ତେ। ପରେ ସେ ପିଲାମାନଙ୍କୁ ନେଇ ଏକ ସ୍ୱେଚ୍ଛାସେବୀ ଟିମ୍ ଗଠନ କରି ନଦୀ ସୁରକ୍ଷାରେ ଲାଗିଛନ୍ତି। ଶାଲମଲିଙ୍କ ଟିମ୍‌ରେ ୧୫ ଜଣ ପିଲା ସାମିଲ ହୋଇଛନ୍ତି। କେବଳ ଏତିକି ନୁହେଁ, ସେ ମୁଥା ନଦୀ କୂଳ ସଫା କରିବା ପାଇଁ 'ଜୀବିତନଦୀ' ଏନ୍‌ଜିଓର ଅଭିଯାନରେ ପ୍ରତି ରବିବାର ତାଙ୍କ ଟିମ୍ ସହ ଯୋଗ ଦେଉଛନ୍ତି। ଶାଲ୍‌ମଲିଙ୍କ ପିତା ଜଣେ ବ୍ୟବସାୟୀ ଓ ମାତା ଗୃହିଣୀ। ସେମାନେ ସୁବୁବେଳେ ଏହି କାର୍ଯ୍ୟରେ ସହଯୋଗ କରୁଆସୁଛନ୍ତି। ବହୁ ସମୟରେ ଅଭିଭାବକମାନେ ପିଲାମାନଙ୍କୁ ନଦୀ ପାଖକୁ ନେବାରେ ବିଳମ୍ବ କଲେ ସେମାନେ ସାଇକେଲରେ ପହଞ୍ଚି ଯାଉଛନ୍ତି। ମୁଥା ନଦୀକୁ ପ୍ରଦୂଷଣମୁକ୍ତ କରିବା ଲାଗି ପିଲାମାନଙ୍କ ଉଦ୍ୟମକୁ ପ୍ରଶଂସା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ସେପ୍ଟେମ୍ବର ୧୯୯୫**

- ଯୁକ୍ତରାଷ୍ଟ୍ର ଆମେରିକାର 'ଆୱାକସ୍' ସାମରିକ ପର୍ଯ୍ୟବେକ୍ଷଣ ବିମାନ ଆଲସ୍କାର ଏଲମେନଡୋର୍ଫ ସାମରିକ ବିମାନ ଘାଟି ନିକଟରେ ଖସିପଡ଼ିବା ଫଳରେ ୨୬ ଜଣ ପ୍ରାଣ ହରାଇଛନ୍ତି।
- ଶ୍ରୀଲଙ୍କା ସରକାର ଦେଶର ନିରାପତ୍ତା ସମ୍ପର୍କିତ ଖବରଗୁଡ଼ିକୁ କୌଣସି ସ୍ଥାନୀୟ କିମ୍ବା ବିଦେଶୀ ଖବରକାଗଜ ଛାପିପାରିବେ ନାହିଁ ବୋଲି କଠୋର କଟକଣା ଜାରିକରିଛନ୍ତି।
- ବେଜିଂ ବିଶ୍ୱ ମହିଳା ସମ୍ମିଳନୀରେ ଭାରତୀୟ ଭିଡିଓ ଚଳଚ୍ଚିତ୍ର 'କରେଜ ଇନ୍ କ୍ଲୋଜ ଅପ ଅନରେବଲ ମେନସନ' ପୁରସ୍କାର ଲାଭ କରିଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 1 | | | | | | | 0 | D | | E | 7 | A |
| | | | | 0 | | | | | | | | | | |
| | | | 8 | | 6 | | 1 | | | 5 | | | 4 | |
| 0 | 8 | | | | B | 2 | | 6 | A | 9 | | | | |
| | 5 | | E | | | 8 | B | D | 1 | 7 | | | | C |
| | | | | | 9 | 6 | | 2 | 3 | E | | | | |
| D | A | | 6 | | 2 | E | 0 | | | | | | | 9 |
| | | 3 | 0 | C | | | | | 5 | | | | | |
| | | E | 1 | 7 | 4 | B | C | | 6 | | | 2 | | |
| C | | | | | | | | 4 | | 2 | 0 | 3 | | |
| | | D | | | | | | | | 0 | | 7 | 5 | 2 |
| | | | | | E | | | 7 | | | | | 3 | |
| 6 | | | C | | D | | | | E | B | | 1 | | |
| | | 2 | 3 | | | A | 9 | 5 | C | | | | 0 | |
| | | 5 | | | | | | E | | | | 6 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | 3 | 7 | 0 | B | C | 8 | 5 | 2 | 6 | D | E | A | 4 | 9 |
| 8 | 0 | D | 7 | E | A | 6 | B | 9 | 3 | 4 | C | 1 | 2 | 5 |
| 6 | 2 | A | 4 | 9 | 5 | 3 | E | 7 | 1 | B | 8 | 0 | C | D |
| 9 | C | 4 | 2 | 8 | 6 | D | 0 | 1 | 7 | A | 5 | 3 | E | B |
| B | 5 | E | 3 | 1 | D | C | 4 | A | 9 | 2 | 0 | 8 | 6 | 7 |
| 2 | 8 | 3 | E | 6 | 0 | 9 | C | 5 | B | 1 | 7 | 4 | D | A |
| C | A | 9 | 8 | 5 | B | 1 | 3 | 4 | 0 | E | D | 2 | 7 | 6 |
| 4 | 6 | 1 | D | C | 2 | A | 7 | B | 5 | 9 | 3 | E | 8 | 0 |
| E | B | 5 | 1 | A | 7 | 0 | 8 | D | 2 | 6 | 4 | C | 9 | 3 |
| D | 7 | 0 | 9 | 3 | 4 | E | 2 | 6 | 8 | C | A | B | 5 | 1 |
| 5 | 1 | B | A | D | E | 7 | 6 | 3 | C | 8 | 2 | 9 | 0 | 4 |
| 0 | 9 | 8 | B | 4 | 1 | 2 | A | C | D | 5 | 6 | 7 | 3 | E |
| 3 | 4 | 6 | C | 7 | 8 | B | D | E | A | 0 | 9 | 5 | 1 | 2 |
| 7 | D | 2 | 5 | 0 | 9 | 4 | 1 | 8 | E | 3 | B | 6 | A | C |
| A | E | C | 6 | 2 | 3 | 5 | 9 | 0 | 4 | 7 | 1 | D | B | 8 |

ଗତକାଲିର ଉତ୍ତର

# ସଙ୍ଗରୋଧରେ ସଙ୍ଗତ୍ୟାଗ



**ରଂଜନ କୁମାର ଦାସ**

ଏ କଥା ଅନସ୍ୱୀକାର୍ଯ୍ୟ ଯେ କରୋନା ଆମ ସମସ୍ତଙ୍କ ଜୀବନଶୈଳୀକୁ ବଦଳେଇ ଦେଇଚି। ସମାଜର ଚଳଣି, ପ୍ରଥା, ସବୁ ବଦଳିଯାଉଚି। ସମ୍ପର୍କ ସବୁ ବଦଳି ଯାଉଚି। ବାପା ମଲେ ପୁଅ ତାକୁ ମୁଖାଗ୍ନି ଦେବାକୁ ଡରୁଚି। ସ୍ୱାମୀ ସହ ସ୍ତ୍ରୀ ସାତଜନ୍ମ ପାଇଁ ଏକାଠି ରହିବାର ନେଇଥିବା ଶପଥ ଶିଥିଳ ହେଇଯାଉଚି। କରୋନା ଆସିବା ପରେ ସଙ୍ଗରୋଧରେ ରହିବା ପାଇଁ, ବାହାରେ ଅଯଥାରେ ନ ବୁଲି ନିଜ ପରିବାର ସହ ସମୟ କାଟିବା ପାଇଁ କୁହାଗଲା। ସମସ୍ତେ ଭାବୁଥିଲେ ବୋଧହୁଏ ସଙ୍ଗରୋଧରେ ରହିବାଟା ପାରିବାରିକ ବନ୍ଧନକୁ ଆହୁରି ସୁଦୃଢ଼ କରିବ। ପରସ୍ପର ପରସ୍ପର ସହ ବେଶି ସମ୍ପର୍କରେ ଆସିବେ। ସମ୍ପର୍କ ସବୁ ଦୃଢ଼ୀଭୂତ ହେବ। ମାତ୍ର ସବୁ କଳନାକୁ ଭୁଲ୍ ପ୍ରମାଣିତ କରିଚି ଏ ଦୁଃସମୟ। ହଲିଉଡ୍ ଓ ବଲିଉଡ୍‌ର ଶତାଧିକ ତାରକା ଯୋଡି ଏବେ ସଙ୍ଗତ୍ୟାଗ କରିବା ପାଇଁ ବା ବିବାହ ବନ୍ଧନରୁ ମୁକ୍ତ ହେବାପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ଓଲିଉଡ୍ ମଧ ଏଥିରୁ ବାଦ୍ ପଡିନାହିଁ। ଯେଉଁମାନଙ୍କର ସ୍କ୍ରିନ୍ ଉପରର ଦାମ୍ପତ୍ୟ ପ୍ରେମକୁ ଆଦର୍ଶ ଭାବେ ଗ୍ରହଣ କରି ସାଧାରଣ ଲୋକ ନିଜ ଦାମ୍ପତ୍ୟ ଜୀବନକୁ ସଜାଉଥିଲେ, ତା'ର ନକଲ କରୁଥିଲେ, ସେମାନଙ୍କ ଅଲଗା ଅଲଗା ହୋଇଯିବା ଅନେକଙ୍କ ମନରେ ଦୁଃଖ ଭରିଦେଉଛି। ସାଧାରଣ ଲୋକ ଭାବୁଛନ୍ତି ଯେଉଁମାନଙ୍କୁ ଆମେ ପ୍ରେମର ଦେବତା ଓ ଦେବୀ ବୋଲି ଭାବିଥିଲୁ, ଯେଉଁମାନଙ୍କ ଯୋଡି ମଜଭୁତ୍ ଓ ଅତୁଟ ଭଳି ସ୍କ୍ରିନ୍‌ରେ ଦିଶୁଥିଲା ତାହା ଯଦି ଏତେ କ୍ଷଣଭଙ୍ଗୁର ତେବେ ଆମ ବନ୍ଧନର କ'ଣ ହେବ ? ଯେଉଁ ଆତ୍ମବିଶ୍ୱାସ ଲୋକଙ୍କ ମନରେ ଥିଲା ତାହା ଭାଙ୍ଗି ଭୁଶୁଡି ପଡୁଚି। ତାଙ୍କର ଯଦି ରହିଲା ନାହିଁ ଆମର କୋଉ ରହିବ, ଏ ପ୍ରକାର ଏକ ଧାରଣା ସାଧାରଣ ପରିବାରକୁ ଗ୍ରାସ କରୁଚି।

ଏବେ ବିଭିନ୍ନ ପାରିବାରିକ ମାମଲା ଲଢୁଥିବା ଓକିଲମାନଙ୍କ ପାଖରେ ଭିଡ଼ ଜମିବାର ଲକ୍ଷ୍ୟ କରାଯାଉଚି। ଲୟରେବ୍ ନାମକ ଏକ ଲ' ଫାର୍ମ ପ୍ରକାଶ କରିଛନ୍ତି ଯେ ଛାଡ଼ପତ୍ର ସଂକ୍ରାନ୍ତୀୟ ବ୍ୟାପାରରେ ୨୦ପ୍ରତିଶତ ଅଧିକ ଲୋକ ତାଙ୍କୁ ଯୋଗାଯୋଗ କରିଛନ୍ତି। ମାଇଁ ଆଡ୍‌ଭୋ ସୂତ୍ରରୁ ପ୍ରକାଶ ଯେ ଲକ୍‌ଡାଉନ ଆରମ୍ଭ ହେବା ପରଠାରୁ ପ୍ରତି ମାସରେ ପ୍ରାୟ ୪୦-୫୦ପ୍ରତିଶତ ଅଧିକ ଲୋକ ଛାଡପତ୍ର ପରାମର୍ଶ ଲୋଡିଛନ୍ତି। ଲିଗାଲ କାର୍ଟ ନାମକ ଏକ ସଂସ୍ଥା ପ୍ରକାଶ କରିଛନ୍ତି ଯେ ଯେତିକି ଗ୍ରାହକ ଏଭଳି ପରାମର୍ଶ ଲୋଡ଼ିଛନ୍ତି ତାଙ୍କ ଭିତରୁ ୩୪ପ୍ରତିଶତ ମୁମ୍ବାଇ, ୨୮ପ୍ରତିଶତ ଦିଲ୍ଲୀ ଓ ୨୩ପ୍ରତିଶତ ବାଙ୍ଗାଲୋରରୁ ଆସିଚି। ସମସ୍ତ ଗ୍ରାହକଙ୍କ ମଧ୍ୟରୁ ୬୦-୬୫ ପ୍ରତିଶତ ମହିଳା ଏ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିଛନ୍ତି। ଏସବୁ କେସ୍‌କୁ ତର୍ଜମା କଲାପରେ ଯାହା ଜଣାପଡିଛି ୪୨ପ୍ରତିଶତ ଲୋକ ଭାବୁଛନ୍ତି ସେମାନଙ୍କ ସ୍ୱାମୀ ବା ସ୍ତ୍ରୀମାନେ ବିରକ୍ତିକର, ସେମାନଙ୍କର ବ୍ୟବହାର ଅସହ୍ୟ। ଆଉ କିଛି ଲୋକ କହିଛନ୍ତି ଯେ ସଙ୍ଗରୋଧ ସମୟରେ ସେମାନେ ବହୁତଥର ସାମ୍ନାସାମ୍ନି ହେଇଛନ୍ତି ତେଣୁ ଯୁକ୍ତିତର୍କ ଅଧିକ ହେଇଚି, ଯାହା ମନାନ୍ତର ଆଡ଼କୁ ମୁହାଁଇଛି।

ଫ୍ୟାମିଲି କାଉନ୍‌ସେଲରମାନେ କହୁଛନ୍ତି ଲକ୍‌ଡାଉନ ସମୟରେ ମୋଟାମୋଟି ଭାବେ ପାରିବାରିକ ଅଶାନ୍ତି, ଯୁକ୍ତିତର୍କ, କଳହ, ସନ୍ଦେହ, ଈର୍ଷା, ପାରିବାରିକ ହିଂସା ଆଦି ବଢ଼ିଛି। ଏହାର ଅନେକ କାରଣ ଅଛି। ଆଗରୁ ଅନେକ ପରିବାରର ଆର୍ଥିକ ବ୍ୟବସ୍ଥା ସୁଦୃଢ଼ ଥିଲା। ସେମାନେ ଆବଶ୍ୟକ ମୁତାବକ ରୋଜଗାର କରୁଥିଲେ ଓ ଆନୁପାତିକ ଭାବେ ଖର୍ଚ୍ଚ କରୁଥିଲେ। ମାତ୍ର ସଙ୍ଗରୋଧ ସମୟରେ ଅନେକଙ୍କ ଚାକିରି ଚାଲିଗଲା, ଚାକିରି ଥିଲେ ବି ଦରମା କମିଗଲା। ଯେଉଁମାନଙ୍କର ବ୍ୟବସାୟ ଥିଲା ତାହା ମାନ୍ଦା ଚାଲିଚି। ତେଣୁ ଋଣଭାର ବି ବଢ଼ିଲା। ମାତ୍ର ଖର୍ଚ୍ଚ କରିବାର ପ୍ରବୃତ୍ତି କମିଲା ନାହିଁ। ତେଣୁ ଅର୍ଥନୈତିକ ଚାପ ଯୋଗୁ ସମସ୍ତଙ୍କ ଅଭାବ ଅସୁବିଧା, ଇଚ୍ଛା ପୂରଣ କରିହେଲା ନାହିଁ। ତେଣୁ ଗୃହିଣୀମାନେ ଅସୁଖୀ ରହିଲେ। କଥାକଥାକେ ଯୁକ୍ତିତର୍କ ଆରମ୍ଭ ହେଲା। ପରସ୍ପରର ରୋଜଗାର କ୍ଷମତା ଓ ଯୋଗ୍ୟତା ଅଯୋଗ୍ୟତାକୁ ନେଇ କଥା କଟାକଟି ହେଲା। ସେଇଭଳି ଅନେକ ଘରେ ପୁରୁଷ ଲୋକେ ଓ ପିଲାମାନେ ଘରେ ବସିରହିବାକୁ ବାଧ ହେଲେ। ସେମାନଙ୍କୁ ଖାଇବାପିଇବା ଦେବା ଅନ୍ୟାନ୍ୟ ସୁଖସୁବିଧା ଓ ଯତ୍ନ ଯୋଗାଇ ଯୋଗାଇ ମହିଳାମାନେ କ୍ଳାନ୍ତ ହେଇଗଲେ। ପୁରୁଷମାନେ ଅଭ୍ୟାସ ବଶତଃ ଅନେକ ଜାଗାରେ କେବଳ ଅର୍ଡର ପକେଇଲେ, ଅପରପକ୍ଷରେ କାମରେ ମହିଳାମାନଙ୍କୁ ସାହାଯ୍ୟ କଲେନାହିଁ। ଯାକୁ ନେଇ ମଧ ଅନେକ ଘରେ ଯୁକ୍ତିତର୍କ, କଳହ ସୃଷ୍ଟି ହେଲା। ଆଗରୁ ପୁରୁଷ ପିଲାମାନେ ଘରେ ଆଠଦଶ ଘଣ୍ଟା ରହୁଥିଲାବେଳେ ପ୍ରାୟ ସମୟ ବାହାରେ କାଟୁଥିଲେ। ଏଥିରେ ପୁରୁଷ, ମହିଳା ତଥା ଶିଶୁ ସମସ୍ତଙ୍କର ନିଜନିଜ ସ୍ୱାଧୀନତା ଓ ବ୍ୟକ୍ତିଗତ ସମୟ ରହୁଥିଲା। ସଙ୍ଗରୋଧରେ ସମସ୍ତେ ଗୋଟିଏ ଜାଗାରେ ପଡିରହିଲେ। ପରସ୍ପର ପରସ୍ପରର ସ୍ୱାଧୀନତା ଓ ବ୍ୟକ୍ତିଗତ ବ୍ୟାପାର ତଥା ଗୋପନୀୟତା ଉପରେ ହସ୍ତକ୍ଷେପ କଲେ, ଯାହା ଅନ୍ୟକୁ ଅସହ୍ୟ ହେଲା। କିଛି ଲୋକଙ୍କର ମଦ୍ୟପାନ, ଜୁଆଖେଳ ଓ ଅନ୍ୟାନ୍ୟ ଦୁର୍ବଳତା ଯାହା ଥିଲା ତାହା ଅନେକ ସମୟରେ ପାର୍ଟନରଙ୍କ ଦୃଷ୍ଟିରେ ଏତେ ପଡୁ ନ ଥିଲା। କାରଣ ସେମାନେ ଦୁଇ ତୃତୀୟାଂଶ ସମୟ ଅଲଗା ଅଲଗା ରହୁଥିଲେ। ମାତ୍ର ସଙ୍ଗରୋଧ ଏ ସମୟରେ ଏ ସବୁ ଦୋଷ ଦୁର୍ବଳତା ସବୁ ବେଶି ଫୁଟିକି ଦିଶିଲା। ତାକୁ ନେଇ ମଧ ଟଣା ଓଟରା ଚାଲିଲା। କାହାର କାହାର ଗୋପନ ପରକୀୟା ପ୍ରୀତି ସବୁ ମଧ ପର୍ଦ୍ଦାଫାଶ ହେଇଗଲା। ଧୀରେ ଧୀରେ ତାସ୍‌ର ଘର ସବୁ ଭାଙ୍ଗିବା ଆରମ୍ଭ ହେଇଗଲା। ଅନେକ ପରିବାର ଯୋଉଠି ଏସବୁ ପୂର୍ବରୁ ଆରମ୍ଭ ହେଇଯାଇଥିଲା ଓ କୁହୁଳି କୁହୁଳି ଜଳୁଥିଲା ସଙ୍ଗରୋଧ ସମୟରେ ତାହା ତୀବ୍ରତର ହେଇଗଲା ଓ ହୁତ୍‌ହୁତ୍ ହେଇ ଜଳିଲା। କେହି କାହାରିକୁ ସହିପାରିଲେ ନାହିଁ। ପରସ୍ପରର ଉପସ୍ଥିତି ଅସହ୍ୟ ହେଲା। ଆଗରୁ ଯାହାକୁ ଗୋଲାପ ଫୁଲ ଭାବି ଆଦର କରୁଥିଲେ ଧୀରେ ଧୀରେ ତା'ର କଣ୍ଟା ଫୋଡିହେବା ଆରମ୍ଭ ହେଲା। ଏ ମତାନ୍ତର ଓ ମନାନ୍ତର ସେତିକିରେ ସୀମିତ ହେଇ ରହିଲା ନାହିଁ। ଚବିଶ ଘଣ୍ଟା ଗୋଟିଏ ଛାତ ତଳେ, ଗୋଟିଏ ଶେଯ ଉପରେ ରହିବା ସମ୍ଭବ ହେଲାନାହିଁ। ପାରିବାରିକ ଅସହିଷ୍ଣୁତା ଚରମ ସୀମାରେ ପହଞ୍ଚିଲା। ସ୍ଥଳ ବିଶେଷରେ ପାରିବାରିକ ହିଂସା, ବିବାହ ବିଚ୍ଛେଦ ଓ ଆତ୍ମହତ୍ୟା ଆଦିରେ ଶେଷ ହେଲା। ମାନସିକ ଅବସାଦକୁ ଏଡ଼େଇ ନ ପାରି ଅନେକ ଲୋକ ନିଶାପାଣି, ଡ୍ରଗ୍‌ସ ଆଦି ପ୍ରତି ମଧ ଆକର୍ଷିତ ହେଲେ। ଏଥିରେ ସବୁଠୁ ବେଶି କ୍ଷତିଗ୍ରସ୍ତ ହେଲେ ଛୋଟ ପିଲାମାନେ।

ବିବାହ ସଙ୍ଗବଦ୍ଧତାର ଏକ ଶପଥ। ଭାରତୀୟ ସଂସ୍କୃତିରେ ଏହାକୁ ଐଶ୍ୱରୀୟ ବରଦାନ ଭଳି ମାନ୍ୟତା ଦିଆଯାଏ। ଆମ ସଂସ୍କୃତି ପାଶ୍ଚାତ୍ୟ ସଭ୍ୟତା ଭଳି ଯେବେ ଚାହିଁବ ଏକାଠି ଯେବେ ଚାହିଁବ ଅଲଗା ହେଇପାରିବାରେ ବିଶ୍ୱାସ କରେ ନାହିଁ। ଏ ସଙ୍ଗରୋଧର ସମୟ ଆମ ସମସ୍ତଙ୍କୁ ଆର୍ଥିକ, ମାନସିକ ଭାବେ ଦୁର୍ବଳ କରିଚି ସତ, ମାତ୍ର ଏ ସମୟ ଅଧିକ ଭଲ ପାଇବାର ସମୟ। ଅଧିକ ବୁଝାମଣା, ଅଧିକ ସହନଶୀଳତା ଆପଣେଇବାର ସମୟ। ଜୀବନ ପ୍ରତି ବୀତସ୍ପୃହ ନ ହେଇ ଏକ ରୋମାଣ୍ଟିକ ଚେତନା ମଧ୍ୟରେ ବଞ୍ଚିବାର ସମୟ। ଦୁଃସମୟକୁ ଅତିକ୍ରମ କରିବା ପାଇଁ ପରସ୍ପର ପରସ୍ପରକୁ ସହଯୋଗ କରିବାର ଆବଶ୍ୟକତା ଅଛି ଏ ସମୟରେ। ବହୁବର୍ଷ ତଳେ ଜିତେନ୍ଦ୍ର ଓ ମୌସୁମୀ ଚାଟାର୍ଜୀ ଅଭିନୀତ 'ପ୍ୟାସା ସାୱନ' ବୋଲି ଗୋଟେ ଚଳଚ୍ଚିତ୍ର ଆସିଥିଲା। ସେଥିରେ ଗୋଟିଏ ଗୀତ ଥିଲା 'ତେରା ସାଥ୍ ହେ ତୋ, ମୁଝେ କ୍ୟା କମି ହେ... ଅନ୍ଧେରୋ ମେ ଭି ମିଲଗୟି ରୋଶ୍‌ନି ହେ...'। ଏବେ ବି ସମୟ ଅଛି ତମାମ ଅନ୍ଧାର ଭିତରେ ସେ ଆଲୁଅ ଟିକକ ଖୋଜିବାକୁ ହେବ...। ସଙ୍ଗରୋଧର ସମୟ ସଙ୍ଗତ୍ୟାଗର ସମୟ ନ ହେଇ ସଙ୍ଗଭୋଗର ସମୟ ହେଉ।

ମୋ-୯୪୩୭୨୮୬୫୧୨

# ବିଦ୍ୟାଳୟ ଓ ଆମ ଶିକ୍ଷା ବ୍ୟବସ୍ଥା



**ପ୍ରଦୀପ୍ତ ଆଚାର୍ଯ୍ୟ**

୨୦୨୦ ମସିହା ମାଟ୍ରିକ ଫଳ ପ୍ରକାଶ ପାଇବା ପରେ ଖବରକାଗଜରେ ଦେଖିବାକୁ ମିଳିଲା ଆକ୍ସନ ମୁଡ୍‌ରେ ଗଣଶିକ୍ଷା ବିଭାଗ। ଯେଉଁ ସବୁ ବିଦ୍ୟାଳୟ ଖରାପ ଫଳ ପ୍ରଦର୍ଶନ କରିଛନ୍ତି ବା ଯେଉଁ ସବୁ ବିଦ୍ୟାଳୟରେ କେହି ଛାତ୍ରୀଛାତ୍ର ପାଶ୍ କରିନାହାନ୍ତି, ଏହିଭଳି ସମଗ୍ର ରାଜ୍ୟର ୧୧୦୬ ଗୋଟି ବିଦ୍ୟାଳୟ ଉତ୍ତରଦାୟୀ ତାଲିକାଭୁକ୍ତ ଅଛନ୍ତି। ତନ୍ମଧ୍ୟରୁ ଯେଉଁ ବିଦ୍ୟାଳୟର ଚାଳିଶ ପ୍ରତିଶତ ଛାତ୍ରୀଛାତ୍ର ତିରିଶ ପ୍ରତିଶତରୁ କମ୍ ନମ୍ବର ରଖିଛନ୍ତି ଓ ଏକକ ବିଷୟରେ ଅକୃତକାର୍ଯ୍ୟ ହୋଇଛନ୍ତି,ସେହିସବୁ ବିଦ୍ୟାଳୟର ପ୍ରଧାନଶିକ୍ଷକମାନଙ୍କୁ ରିପୋର୍ଟ ତଲବ କରାଯାଇଛି। ସେହି ରିପୋର୍ଟରେ ଅଛି ୫୫ଟି ପ୍ରଶ୍ନ। ସେଥିରୁ ଛାତ୍ରୀଛାତ୍ରମାନଙ୍କ ବାବଦରେ ୧୬ଟି ଏବଂ ଶିକ୍ଷାଦାନ ବ୍ୟବସ୍ଥା ତଥା ବିଦ୍ୟାଳୟର ଭିତ୍ତିଭୂମି ବାବଦରେ ଅନ୍ୟାନ୍ୟ ପ୍ରଶ୍ନ ରହିଅଛି। ଗତବର୍ଷ ୮୦ଟି ବିଦ୍ୟାଳୟର ଫଳାଫଳ ଶୂନ୍ୟ ହୋଇଥିଲା, ଏବର୍ଷ ତାହା ହ୍ରାସପାଇ ୩୦ରେ ପହଞ୍ଚିଛି। ତାହା କିନ୍ତୁ ଶିକ୍ଷାଦାନ ବ୍ୟବସ୍ଥାର ଉନ୍ନତି ପାଇଁ ନୁହେଁ ବରଂ କରୋନା ମହାମାରୀର ପ୍ରଭାବ ପାଇଁ। ଲୁଚିଛି ନା ଗୋଡ ଦୁଇଟି ଦିଶୁଛି ନ୍ୟାୟରେ ସମସ୍ତେ ପରୀକ୍ଷା ପରିଚାଳନା ପଦ୍ଧତି ଏବଂ ମୂଲ୍ୟାୟନ ପଦ୍ଧତିର ସ୍ୱଚ୍ଛତା ବିଷୟରେ ଅଳ୍ପବହୁତେ ଅବଗତ। ଯାହାହେଲା ଶିକ୍ଷକ ଦାୟୀ। ସାଧାରଣ ଲୋକମାନଙ୍କ ମନରେ ମଧ୍ୟ ଗୋଟିଏ ପ୍ରଶ୍ନ, ସରକାରୀ ବିଦ୍ୟାଳୟର ଶିକ୍ଷକମାନେ ହଜାର ହଜାର ଟଙ୍କା ବେତନ ପାଉଥିବା ସତ୍ତ୍ୱେ, ଫଳାଫଳ ନୈରାଶ୍ୟଜନକ କାହିଁକି? ସରକାରୀ ବିଦ୍ୟାଳୟର ବ୍ୟବସ୍ଥା ସମ୍ପର୍କରେ କେତେଗୋଟି ତଥ୍ୟ ଉପସ୍ଥାପନା କରାଯାଉଅଛି। ପ୍ରଥମତଃ ଆମ ରାଜ୍ୟରେ ଏକ ସ୍ଥିର ଶିକ୍ଷାନୀତି ପ୍ରଚଳିତ ହୋଇନାହିଁ, ଶିକ୍ଷାନୀତି ପ୍ରଣୟନ ଦାୟିତ୍ୱରେ ଥିବା ଶିକ୍ଷାବିତ୍‌ମାନେ ସର୍ବଦା ପରୀକ୍ଷାମୂଳକ ଭାବରେ ବିଭିନ୍ନ ପ୍ରକାର ଶିକ୍ଷା ପଦ୍ଧତି ପ୍ରଣୟନ କରୁଛନ୍ତି ଏବଂ ସେଥିରେ ସଫଳ ନ ହେଲେ ସେଥିରୁ ଓହରି ଯାଉଛନ୍ତି। ବିଦ୍ୟାଳୟର ସାଂପ୍ରତିକ ଭିତ୍ତିଭୂମି ଏବଂ ନିଯୁକ୍ତ ଶିକ୍ଷକମାନଙ୍କ ସଂଖ୍ୟା ତଥା ଯୋଗ୍ୟତାକୁ ନେଇ କୌଣସି ଶିକ୍ଷାନୀତିର ସଫଳ ରୂପାୟନ ସମ୍ପୂର୍ଣ୍ଣ ଅସମ୍ଭବ। ବର୍ତ୍ତମାନ ସରକାରୀ, ଅର୍ଦ୍ଧସରକାରୀ, ବେସରକାରୀ, ବ୍ଲକଗ୍ରାଣ୍ଟ, ଅନୁଦାନପ୍ରାପ୍ତ ପରି ବିଭିନ୍ନ ପ୍ରକାର ବିଦ୍ୟାଳୟ ଏବଂ ପାରା ଶିକ୍ଷକ, ଗଣ ଶିକ୍ଷକ, ଚୁକ୍ତିଭିତ୍ତିକ ଶିକ୍ଷକ, ଅତିଥି ଶିକ୍ଷକ ଓ ନିୟମିତ ଶିକ୍ଷକ ପରି ବିଭିନ୍ନବର୍ଗର ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଗୋଟିଏ ବିଦ୍ୟାଳୟରେ ସମାନ କାର୍ଯ୍ୟ କରି ଜଣେ ଶିକ୍ଷକ ୭୦ ହଜାର ଟଙ୍କା ବେତନ ପାଉଥିବା ସ୍ଥଳେ ଜଣେ ସାତ ହଜାର ପାଇଲେ, ଶିକ୍ଷାଦାନ ପ୍ରତି ସାତ ହଜାର ପାଉଥିବା ଶିକ୍ଷକର ମାନସିକତା ସୃଷ୍ଟି ହୋଇପାରିବ ତ ? ବିଦ୍ୟାଳୟରେ ଆବଶ୍ୟକୀୟ ସଂଖ୍ୟକ ଶିକ୍ଷକ ନାହାନ୍ତି। ସରକାରୀ ବିଦ୍ୟାଳୟର ଶିକ୍ଷକମାନେ ଶିକ୍ଷାଦାନ କାର୍ଯ୍ୟ ବ୍ୟତୀତ ଜନଗଣନା, ଭୋଟର ତାଲିକା ପ୍ରସ୍ତୁତି, ବିପିଏଲ ଚୟନ, ନିର୍ବାଚନ କାର୍ଯ୍ୟ, ମଧ୍ୟାହ୍ନଭୋଜନ, ପୋଷାକ ବଣ୍ଟନ, ସାଇକେଲ ବଣ୍ଟନ, ଔଷଧ ବିତରଣ, ବୃତ୍ତି ଅର୍ଥ ପ୍ରଦାନ ସର୍ବୋପରି ଗୃହ ନିର୍ମାଣ ପରି କାର୍ଯ୍ୟ ଏବଂ ତତ୍‌ସଂଲଗ୍ନ କାଗଜପତ୍ର ପ୍ରସ୍ତୁତିରେ ନିୟୋଜିତ ହୋଇଥାନ୍ତି।

ବିଦ୍ୟାଳୟରେ ଶିକ୍ଷାଦାନର ମାନ ବୃଦ୍ଧିନିମନ୍ତେ କେତେକ ମତାମତ ମଧ ଉପସ୍ଥାପିତ କରାଯାଉଅଛି। ଆଶ୍ଚର୍ଯ୍ୟର କଥା ରାଜ୍ୟର ସରକାରୀ କର୍ମଚାରୀଙ୍କ ସନ୍ତାନସନ୍ତତି ସରକାରୀ ବିଦ୍ୟାଳୟରେ ପ୍ରାୟତଃ ଅଧ୍ୟୟନ କରନ୍ତି ନାହିଁ। ଯେଉଁଦିନ ସେମାନଙ୍କ ପିଲା ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରିବାର ନିୟମ ପ୍ରଣୟନ କରାଯିବ, ତା'ପରେ ସରକାରୀ ବିଦ୍ୟାଳୟରେ ଶିକ୍ଷାଦାନର ମାନ କିପରି ବୃଦ୍ଧି ହୋଇପାରିବ, ତାହା ଦର୍ଶନ ସାପେକ୍ଷ। ବିଦ୍ୟାଳୟରେ ସର୍ବନିମ୍ନ ଆବଶ୍ୟକତା ଥିବା ଶିକ୍ଷକ ପଦବୀଗୁଡ଼ିକ ପୂରଣ କରାଯାଉ। ସ୍ଥାନାନ୍ତର କିମ୍ବା ଅବସରଜନିତ ଶୂନ୍ୟସ୍ଥାନ ଗୁଡ଼ିକରେ କାଳକ୍ଷେପଣ ନୀତି ଅବଲମ୍ବନ ନ କରି, ତୁରନ୍ତ ନିଯୁକ୍ତି ଦିଆଯାଉ। ସାରା ରାଜ୍ୟରେ ଏକପ୍ରକାର ଶିକ୍ଷାନୀତି,ଏକପ୍ରକାର ବିଦ୍ୟାଳୟ ଏବଂ ଏକପ୍ରକାର ଶିକ୍ଷକ ନିଯୁକ୍ତ କରାଯାଉ। ସେମାନଙ୍କ ବେତନରେ ଆକାଶ ପାତାଳ ପ୍ରଭେଦ ରଖି, ସେମାନଙ୍କ ମନରେ ହୀନମନ୍ୟତା ସୃଷ୍ଟି କରା ନ ଯାଉ। ଶିକ୍ଷକମାନଙ୍କୁ ଶିକ୍ଷାଦାନ କାର୍ଯ୍ୟ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟରୁ ନିବୃତ୍ତି କରାଯାଉ। ଦଣ୍ଡ ଉଠାଇଦେବା ଏକ ମାନବିକ ପଦକ୍ଷେପ, କିନ୍ତୁ ବିଦ୍ୟାଳୟ ପରିସରରେ ଦଣ୍ଡ ମୁକ୍ତ ଅଞ୍ଚଳ ଏବଂ ଟୋଲ୍‌ଫ୍ରି ନମ୍ବର ଲେଖି ଛାତ୍ରୀଛାତ୍ର ତଥା ଅଭିଭାବକମାନଙ୍କ ମନରୁ ଶିକ୍ଷକମାନଙ୍କ ପ୍ରତି ଥିବା ସଂଭ୍ରମତାକୁ ହ୍ରାସ କରା ନ ଯାଉ। ଶିକ୍ଷାଦାନ କାର୍ଯ୍ୟ ଏକ ସମ୍ବେଦନଶୀଳ କ୍ରିୟା, ଶିକ୍ଷକମାନଙ୍କର ସମ୍ମାନହାନି ହେଲେ ତାହା ସଫଳ ହେବା ଅସମ୍ଭବ।ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ରଖି ଦକ୍ଷ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଉ। ଅତି କମ୍‌ରେ ୫ ବର୍ଷରେ ଥରେ ଶିକ୍ଷକମାନଙ୍କୁ ସ୍ଥାନାନ୍ତରିତ କରାଯାଉ। ସର୍ବଦା ପଢାଉଥିବା ବିଷୟ ଉପରେ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉ।ଅଧୁନା ସରକାର ଏକ ଅତ୍ୟନ୍ତ ଉଚ୍ଚକୋଟୀର ଶିକ୍ଷାନୀତି ପ୍ରଣୟନ କରିଛନ୍ତି, କିନ୍ତୁ ଉପଯୁକ୍ତ ଭିତ୍ତିଭୂମି ଏବଂ ଦକ୍ଷ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ବିନା ଏହା ଅସଫଳ ହେବାର ଯଥେଷ୍ଟ ସମ୍ଭାବନା ଅଛି।

ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

## ପାଠକ ଶ୍ରେଷ୍ଠ ବିଚାରକ

### ବେଆଇନ ପାହାଡ଼ ଖନନ ରୋକାଯାଉ

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ ରହିଛି ଅନେକ ପାହାଡ଼ ଖାଦାନ। ଏଥିରୁ ଅଧିକାଂଶ ଖାଦାନକୁ ଲିଜ୍ ଦିଆଯାଇ ନ ଥିଲେ ସୁଦ୍ଧା ଦିନରାତି ଏଗୁଡିକରୁ ବେଆଇନ୍ ଖନନ କରାଯାଇ ଟନ୍ ଟନ୍ କଳାପଥର ଚୋରାଚାଲାଣ ହେଉଛି। ଫଳରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନି ହେବା ସହ ପରିବେଶ ପ୍ରଦୂଷଣ ଚରମସୀମାରେ ପହଞ୍ଚିଛି । ଏହି କ୍ରମରେ ଧର୍ମଶାଳା ତହସିଲ ଅଧୀନ ଆରୁହା ମୌଜାରେ ବର୍ଷ ବର୍ଷ ଧରି ବେଆଇନଭାବେ ଚାଲିଆସୁଛି ଆରୁହା କଳାପଥର ପାହାଡ଼ ଖନନ। ଉକ୍ତ ପାହାଡ଼କୁ ଲାଗି ରହିଛି ନାନପୁର ରାଜସ୍ୱ ଗ୍ରାମ ସମେତ ଜାବରା ନୂଆସାହି ପ୍ରାଥମିକ ବିଦ୍ୟାଳୟ । ପଥର ମାଫିଆମାନେ ଖାଦାନ ଜାଗାକୁ ଧ୍ୱଂସ କରିବାରେ ଲାଗିଛନ୍ତି। ଏହାକୁ ଦୃଷ୍ଟିରେ ରଖି କିଛି ମାସ ପୂର୍ବରୁ ଉକ୍ତ ପାହାଡ଼ରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଥିଲା। ଏହାର ପ୍ରଭାବରେ କିଛି ମାସ ଧରି କଳାପଥର ଚୋରିକୁ ରୋକାଯାଇ ପାରିଥିଲେ ମଧ ବର୍ତ୍ତମାନ ପୁଣି କେତେକ ମୁନାଫାଖୋର ପଥରମାଫିଆ କଳାପଥର ଲୁଟିବାକୁ ଆଗେଇ ଆସିଛନ୍ତି।

**ସୁଶାନ୍ତ କୁମାର ଖଟୁଆ, ଜେନାପୁର, ଧର୍ମଶାଳା, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।

(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୯.୧୫ ଫୁଟ**
**୧୨ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ**

ସମ୍ବଲପୁର,(ବ୍ୟୁରୋ): ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ସମ୍ବଲପୁର ହୀରାକୁଦ ଡ୍ୟାମ୍ ଜଳସ୍ତର ବୁଧବାର ବୃଦ୍ଧିପାଇ ୬୨୯.୧୫ ଫୁଟ ରହିଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୨ ଲକ୍ଷ ୧୫ ହଜାର ୩୨୨ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ଡାହାଣ ପାର୍ଶ୍ୱର ୪ଟି ଓ ବାମ ପାର୍ଶ୍ୱର ୮ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନାଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୨ ଲକ୍ଷ ୧୫ ହଜାର ୩୨୨ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି। ମିଳିଥିବା ରିପୋର୍ଟ ଅନୁସାରେ ବେଲଗାଁରେ ୩୧ ହଜାର, ପଥର୍ଲାରେ ୮୨ ହଜାର ୫୪୦, ଖଇରମାଳରେ ୨ ଲକ୍ଷ ୧୪ ହଜାର ୫୦୦, ବରମୁଳରେ ୧ ଲକ୍ଷ ୫୮ ହଜାର ୩୭୫, ମୁଣ୍ଡଳିରେ ୭୮ ହଜାର ୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି।

# କୃଷକ ସଙ୍ଗଠନ ଆନ୍ଦୋଳନରେ ସାମିଲ ହେବ କଂଗ୍ରେସ

## କୃଷି ବିଧେୟକକୁ ବିରୋଧ

ଭୁବନେଶ୍ୱର ୨୩।୯(ବ୍ୟୁରୋ)

ପାର୍ଲାମେଣ୍ଟରେ ଅଗଣତାନ୍ତ୍ରିକ ଉପାୟରେ କେନ୍ଦ୍ର ସରକାର ପାରିତ କରିଥିବା ୩ଟି କୃଷି ବିଧେୟକକୁ ନେଇ ସାରା ଭାରତରେ କୃଷକମାନଙ୍କ ପ୍ରତିବାଦ ଓ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। କୃଷକ ଓ ଭାଗଚାଷୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ତଦନୁଯାୟୀ ଓଡିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ସବୁ ଜିଲା ନେତୃବୃନ୍ଦଙ୍କୁ ସୂଚାରୁରୂପେ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ନିବେଦନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ମଧ୍ୟରେ ଗୁରୁବାର ରାଜ୍ୟ ସଭା ଏମ୍‌ପି ଦିଗ୍‌ବିଜୟ ସିଂହ ଓଡିଶା ଗସ୍ତରେ ଆସି ଏକ ଖବରଦାତା ସମ୍ମିଳନୀ କରିବେ। ସେପ୍ଟେମ୍ବର ୨୫ରେ ଅଖିଳ ଭାରତ କୃଷକ ସଙ୍ଗଠନ ଡାକରାକୁ କଂଗ୍ରେସ ସମର୍ଥନ କରିବ। ସେହିପରି ୨୬ରେ ସାମାଜିକ ଗଣମାଧ୍ୟମ ଜରିଆରେ କୃଷକମାନଙ୍କ ପାଇଁ ଏକ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁଥିରେ କୃଷକମାନେ ନିଜର ମତପୋଷଣ କରିବା ସହ କଂଗ୍ରେସ ନେତୃବୃନ୍ଦ ଏଥିରେ ବହୁଳ ପରିମାଣରେ ଅଂଶଗ୍ରହଣ କରିବେ। ୨୮ରେ ଓପିସିସିର ବରିଷ୍ଠ କଂଗ୍ରେସ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ସହ ଆଲୋଚନା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ପିସିସି ପକ୍ଷରୁ କିଷାନ ମଜଦୁର ବଞ୍ଚାଓ ଦିବସ ସମସ୍ତ ଜିଲା ମୁଖ୍ୟାଳୟ ଓ ବିଧାନସଭା କ୍ଷେତ୍ରରେ ପାଳନ କରାଯିବ। ୧୦ ତାରିଖରେ ଓଡ଼ିଶାର ଯେ କୌଣସି ଗୋଟିଏ ସ୍ଥାନରେ ରାଜ୍ୟସ୍ତରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଏବଂ କୃଷକମାନେ ଯୋଗଦେବେ। ୨ ତାରିଖରେ ରାଷ୍ଟ୍ରପତିଙ୍କ ଉଦ୍ଦେଶରେ ବୁଥ୍, ଗ୍ରାମପଞ୍ଚାୟତଠୁ ଆରମ୍ଭ କରି ଏନ୍‌ଏସି, ମ୍ୟୁନିସିପାଲଟି, ମହାନଗର ନିଗମ ଓ ସର୍ବୋପରି ଜିଲାସ୍ତରରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ କର୍ମୀମାନେ ସଫଳ କରିବା ପାଇଁ ପିସିସି ସଭାପତି ଅନୁରୋଧ କରିଛନ୍ତି।

## ସଂକ୍ଷେପରେ

### ଏସ୍‌ସିବି ଅଧ୍ୟକ୍ଷଙ୍କ ମାତୃ ବିୟୋଗ



ଜ୍ଞାନୀ ହୋତା

**କଟକ ଅଫିସ, ୨୩।୯:** ଶ୍ରୀରାମ ଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜର ଅଧ୍ୟକ୍ଷ ତଥା ୟୁରୋଲୋଜି ବିଭାଗ ମୁଖ୍ୟ ପ୍ରଫେସର ଦତ୍ତେଶ୍ୱର ହୋତାଙ୍କ ମା' ଜ୍ଞାନୀ ହୋତାଙ୍କର ୮୬ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ଅସୁସ୍ଥ ହୋଇ କଟକ ଏସ୍‌ସିବି ମେଡିକାଲ କଲେଜରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ଦେହାନ୍ତ ହୋଇଛି। ସେ ୧୯୩୫ ମସିହାରେ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସେଲେଡି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ତିନି ପୁଅ ଅଛନ୍ତି। ଜ୍ୟେଷ୍ଠ ପୁତ୍ର ଗୋଧନେଶ୍ୱର ହୋତା ଆଇନ ବିଭାଗର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ। ମଧ୍ୟମ ପୁତ୍ର ପ୍ରଫେସର ହୋତା ଏସ୍‌ସିବିର ଅଧ୍ୟକ୍ଷ ଅଛନ୍ତି ଏବଂ ସାନପୁଅ ରାଜେଶ୍ୱର ହୋତା ଜଣେ ବରିଷ୍ଠ ଆଇନଜୀବୀ। ମା'ଙ୍କ ମୃତ୍ୟୁଶଯ୍ୟା ନିକଟରେ ତିନିପୁଅ ଉପସ୍ଥିତ ଥିଲେ। କଟକରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ବଡପୁଅ ଗୋଧନେଶ୍ୱର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଡାକ୍ତର ହୋତାଙ୍କ ପିତା ଚିତ୍ତରଞ୍ଜନ ହୋତାଙ୍କର ଚଳିତ ମାସ ୧୫ ତାରିଖରେ ପରଲୋକ ହୋଇଥିଲା। ଉଭୟ ଚିତ୍ତରଞ୍ଜନ ଓ ଜ୍ଞାନୀ ଦୁର୍ଗମ ଅଞ୍ଚଳର ଲୋକଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ଗଠନ କରିଥିଲେ। ଏହି ଟ୍ରଷ୍ଟର ସଦସ୍ୟମାନେ ଏବେ ବି ରାଜ୍ୟର ପ୍ରତିଷ୍ଠିତ ଡାକ୍ତରମାନଙ୍କୁ ନେଇ ପାହାଡ଼ିଆ ଓ ଦୁର୍ଗମ ଅଞ୍ଚଳକୁ ଯାଇ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି।

### ଫେସ୍‌ବୁକ ଏମ୍‌ଡିଙ୍କୁ ଅକ୍ଟୋବର ୧୫ ଯାଏ ଆଶ୍ୱସ୍ତି

**ନୂଆଦିଲ୍ଲୀ,୨୩।୯:** ଦିଲ୍ଲୀ ଦଙ୍ଗା ପ୍ରସଙ୍ଗରେ ଫେସ୍‌ବୁକ ଇଣ୍ଡିଆ ଏମ୍‌ଡି ଅଜିତ ମୋହନଙ୍କୁ ସୁପ୍ରିମକୋର୍ଟ ଅକ୍ଟୋବର ୧୫ ଯାଏ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଦଙ୍ଗା ଘଟଣାରେ ହାଜର ହେବାକୁ ଦିଲ୍ଲୀ ବିଧାନସଭାର କମିଟି ଫେସ୍‌ବୁକ ଏମ୍‌ଡିଙ୍କୁ ସମନ ଜାରି କରିଥିଲେ। ସେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବଧି ମଧ୍ୟରେ ଫେସ୍‌ବୁକ ଏମ୍‌ଡିଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ ନେବାକୁ ନ୍ୟାୟାଳୟ କହିଛନ୍ତି। ସୂଚନାଯୋଗ୍ୟ, ଦଙ୍ଗାକୁ ଉସୁକାଇବାରେ ସୋସିଆଲ ମିଡିଆ ହେଟ୍ ସ୍ପିଚ୍‌ର ଭୂମିକା ଉପରେ ଦିଲ୍ଲୀ ବିଧାନ ସଭା କମିଟି ବର୍ତ୍ତମାନ ବିଚାର କରୁଛି। କମିଟି ସେପ୍ଟେମ୍ବର ୧୦ ଏବଂ ୧୮ରେ ମୋହନଙ୍କୁ ନୋଟିସ ଜାରି କରିଥିଲା।

# କଟକ ଦଶହରା: ହାଇକୋର୍ଟରେ ପୁଣି ୫ ମାମଲା

କଟକ ଅଫିସ,୨୩।୯

କଟକ ଦଶହରାକୁ ନେଇ ପୁଣି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ସହରର ୩ଟି ପୂଜା କମିଟି ବୁଧବାର ୫ ମାମଲା ରୁଜୁ କରିଛନ୍ତି। ବାଲୁବଜାର ପୂଜା କମିଟି ପକ୍ଷରୁ କେବଳ ୩ଟି ମାମଲା ରୁଜୁ ହୋଇଥିବାବେଳେ ଫିରିଙ୍ଗିବଜାର ପୂଜା କମିଟି ଏବଂ ଉପର ତେଲେଙ୍ଗାବଜାର ପୂଜା କମିଟି ଗୋଟିଏ ଲେଖାଏ ମାମଲା ରୁଜୁ କରିଛନ୍ତି। ଯେଉଁ ପୂଜା କମିଟି ଯେତିକି ଉଚ୍ଚର ମୂର୍ତ୍ତି ନିର୍ମାଣ କରିଛନ୍ତି, ସେମାନଙ୍କୁ ସେତିକି ଉଚ୍ଚର ମୂର୍ତ୍ତି ପୂଜା କରିବାକୁ ଅନୁମତି ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ପୋଲିସ କମିଶନର ୪ଫୁଟରୁ ଅଧିକ ଉଚ୍ଚର ମୂର୍ତ୍ତି ହୋଇ ପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିବା ପରେ ଏହି ବିବାଦ ଜଟିଳ ହୋଇଛି। ବାଲୁବଜାର ପୂଜା କମିଟି ସଭାପତି ତଥା ଆଇନଜୀବୀ ସୂର୍ଯ୍ୟକାନ୍ତ ସାଙ୍ଗନାରିଆଙ୍କ ପକ୍ଷରୁ ଗୋଟିଏ ରିଟ୍ ପିଟିଶନ, ଗୋଟିଏ ଅଦାଲତ ଅବମାନନା ମାମଲା ଏବଂ ଗୋଟିଏ ରିଭ୍ୟୁ ପିଟିଶନ ଦାଖଲ କରାଯାଇଥିବା ଜଣାପଡ଼ିଛି।

# ୫୦୦ଟଙ୍କା ପାଇଁ ନାବାଳକଙ୍କୁ ହତ୍ୟା

ବାରିପଦା ଅଫିସ,୨୩।୯

୫ଶହ ଟଙ୍କା ପାଇଁ ଜଣେ ନାବାଳକଙ୍କୁ ପିଟି ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ବୁଧବାର ଚାଞ୍ଚଲ୍ୟ ସୃଷ୍ଟି କରିଛି। ଘଟଣା ଘଟିଛି ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଧୀନ କିଆପଣପୋଷି ଗ୍ରାମରେ। ପୁଅକୁ ହତ୍ୟା କରାଯିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଏକ ହତ୍ୟା ମାମଲା (ନଂ.୧୮୦/୨୦)ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଆଇଆଇସି ସରୋଜିନୀ ସିଂଙ୍କ ସୂଚନା ଅନୁଯାୟୀ, ଉକ୍ତ ନାବାଳକ ମଙ୍ଗଳବାର ରାତିରେ ପଡ଼ୋଶୀଙ୍କ ଘରେ ପଶି ୫ଶହ ଟଙ୍କା ଚୋରି କରୁଥିଲେ। ଏ ସମ୍ପର୍କରେ ଘର ମାଲିକ ଜାଣିପାରି ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ନାବାଳକଙ୍କୁ ରକ୍ଷା କରିଥିଲେ। ଫଳରେ ନାବାଳକ ଜଣକ ନିଜ ଘରକୁ ଯାଇଥିଲେ। ବିଳମ୍ବିତ ରାତିରେ ନାବାଳକଙ୍କ ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକେ ଏ ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ସମ୍ପୃକ୍ତ ଘର ମାଲିକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ନାବାଳକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ରେଳ ସମ୍ପତ୍ତି ସୁରକ୍ଷାରେ ଆର୍‌ପିଏଫ୍ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ପୂର୍ବତଟ ରେଳପଥ ମୁଖ୍ୟାଳୟରେ ବୁଧବାର ୩୬ତମ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୋଭିଡ୍ ପ୍ରୋଟୋକଲ୍ ମଧ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟା ଭୂଷଣ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜିତ ପରେଡ଼ରେ ଅଭିବାଦନ ଗ୍ରହଣ କରିବା ସହ ରେଳ ସୁରକ୍ଷା ବଳ ଯବାନଙ୍କୁ ସମ୍ବୋଧନ କରିଥିଲେ। ଆର୍‌ପିଏଫ୍ ଯାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପ୍ରତି ବିଶେଷ ଭାବେ ଧ୍ୟାନଦେବା ଦରକାର। ରେଳ ସମ୍ପତ୍ତି ଓ ଯାତ୍ରୀ ସୁରକ୍ଷାରେ ଆର୍‌ପିଏଫ୍‌ର ଯବାନମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାରୁ ସେ ପ୍ରଶଂସା କରିଥିଲେ। କୋଭିଡ ଲକ୍‌ଡାଉନ ସମୟରେ ମଧ୍ୟ ଆର୍‌ପିଏଫ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେମାନଙ୍କୁ ଆଧୁନିକ ଅସ୍ତ୍ରଶସ୍ତ୍ର ଯୋଗାଇବା ଲାଗି ବିଦ୍ୟାଭୂଷଣ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳ ପ୍ରମୁଖ ସୁରକ୍ଷା ଆୟୁକ୍ତ ରାଜା ରାମ ରେଳପଥ ପରିସୀମା ମଧ୍ୟରେ ରେଳ ସୁରକ୍ଷା ବଳ ଯବାନଙ୍କ କାର୍ଯ୍ୟଦକ୍ଷତା ସଂକ୍ରାନ୍ତରେ କହିଥିଲେ। ଯାତ୍ରୀଙ୍କ ଜୀବନର ସୁରକ୍ଷା ସହିତ ରେଳ ସମ୍ପତ୍ତିର ସୁରକ୍ଷା ଲାଗି ସେମାନଙ୍କର ନିଷ୍ଠାପର ସେବାକୁ ସେ ସମ୍ମାନ ଜଣାଇଥିଲେ। ରେଳପଥର ଅତିରିକ୍ତ ମହାପ୍ରବନ୍ଧକଙ୍କ ସହିତ ସମସ୍ତ ବିଭାଗୀୟ ପ୍ରମୁଖ ଅଧିକାରୀ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଜୟ ଦାସଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ କରିବ ଇଡି

ଭୁବନେଶ୍ୱର,୨୩।୯(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ପୂର୍ବତନ ସ୍ୱତନ୍ତ୍ର ସଚିବ ଅଜୟ ଦାସଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତ କରିବ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)। ଅର୍ଥ ନେଣଦେଣ ସମ୍ପର୍କରେ ଖୋଳତାଡ କରିବା ସହ କାହା ନାମରେ କେଉଁଠି କେତେ ପରିମାଣର ସ୍ଥାବର ଅସ୍ଥାବର ସମ୍ପତ୍ତି ବେଆଇନ ଭାବେ ଠୁଳ କରିଛନ୍ତ ତାହାକୁ ପଦାକୁ ଆଣିବ ଇଡି। ପ୍ରକାଶ ଥାଉକି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଅଜୟଙ୍କୁ ଗତ ଅଗଷ୍ଟ ୧୩ରେ ଗିରଫ କରିଥିଲା। ଚଢାଉ ସମୟରେ ତାଙ୍କର ଭୁବନେଶ୍ୱର ଓ ପୁରୀରେ ଏକାଧିକ ଫ୍ଲାଟ୍, ବାଲେଶ୍ୱରରେ କୋଠା, ବିଭିନ୍ନ ସ୍ଥାନରେ ପ୍ଲଟ୍, ୫୦ଲକ୍ଷ ୮୩ ହଜାର ଟଙ୍କାର ବ୍ୟାଙ୍କ ଓ ଫିକ୍ସଡ୍ ଡିପୋଜିଟ୍ ମିଳିଥିଲା। ଏଥିସହିତ ୧ କେଜିରୁ ଅଧିକ ଓଜନର ସୁନା ଓ ରୁପା ଅଳଙ୍କାର ଠାବ ହୋଇଥିଲା। ୮୧ ଲକ୍ଷ ୫୩ ହଜାର ଟଙ୍କାର ଜୀବନ ବୀମା ପଲିସି ଓ ନଗଦ ୨ଲକ୍ଷ ୬୯ହଜାର ଟଙ୍କା ମଧ୍ୟ ଭିଜିଲାନ୍ସ ଜବତ କରିଥିଲା। ଜବତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୩କୋଟି ଟଙ୍କାରୁ ଅଧିକ ହେବ ବୋଲି ଭିଜିଲାନ୍ସ ଆକଳନ କରିଥିବାବେଳେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଆୟବହିର୍ଭୂତ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଥିଲା।

# ମୃତ ବ୍ୟକ୍ତିଙ୍କର ହେବନି କରୋନା ପରୀକ୍ଷା

## କରୋନା ମୃତକଙ୍କ ତଥ୍ୟ ୪୮ ଘଣ୍ଟାରେ ଦାଖଲ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୯(ବ୍ୟୁରୋ)

ଏଣିକି ମୃତ ବ୍ୟକ୍ତିଙ୍କର କରୋନା ପରୀକ୍ଷା ହେବ ନାହିଁ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। କରୋନା ପରୀକ୍ଷା ପାଇଁ ଶବ ହସ୍ତାନ୍ତରରେ ବିଳମ୍ବ ହେଉଥିବାରୁ ପରିବାର ଲୋକେ ନାନା ହନ୍ତସନ୍ତ ହେଉଥିଲେ। ଏନେଇ ବାରମ୍ବାର ଅଭିଯୋଗ ଆସିବା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ଯେଉଁସବୁ ସରକାରୀ ଓ ଘରୋଇ ଡାକ୍ତରଖାନାଗୁଡ଼ିକରେ କରୋନା ସଂକ୍ରମିତଙ୍କ ଚିକିତ୍ସା ଚାଲିଛି, ସେଠାରେ ପ୍ରାଣ ହରାଉଥିବା କରୋନା ରୋଗୀଙ୍କ ସମସ୍ତ ତଥ୍ୟ ୪୮ ଘଣ୍ଟା ମଧ୍ୟରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ରୋଗୀଙ୍କ ବେଡ୍ ହେଡ୍ ଟିକେଟ, ବିଭିନ୍ନ ନମୁନା ପରୀକ୍ଷା ରିପୋର୍ଟ ଓ କୋଭିଡ୍ ପରୀକ୍ଷା ରିପୋର୍ଟ ଦାଖଲ ହେବ। ରାଜ୍ୟସ୍ତରୀୟ ଡେଥ୍ ଅଡିଟ୍ ଉଦ୍ଦେଶ୍ୟରେ ଏଭଳି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି। ସେହିଭଳି କରୋନା ରୋଗୀଙ୍କ ଆଡମିଶନବେଳେ ତାଙ୍କର ପୂର୍ବ ରୋଗ, ରୋଗୀଙ୍କ ଶରୀରରେ ଥିବା ଲକ୍ଷଣ ସମ୍ପର୍କରେ ସୂଚନା ସଂଗ୍ରହ କରି ରାଜ୍ୟସ୍ତରୀୟ କମିଟି ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀଙ୍କର ଏହିସବୁ ରେକର୍ଡ ଓ ରିପୋର୍ଟ ଦାଖଲ କଲାବେଳେ ସେମାନଙ୍କୁ ଚିକିତ୍ସା କରିଥିବା ଡାକ୍ତରଙ୍କ ନାମ ଓ ତାଙ୍କ ଯୋଗାଯୋଗ ନମ୍ବର ଉଲ୍ଲେଖ କରିବାକୁ ହେବ। ପ୍ରାଣ ହରାଉଥିବା ସମସ୍ତ କରୋନା ରୋଗୀଙ୍କର ମୃତ୍ୟୁର କାରଣ ଜାଣିବା ପାଇଁ ରାଜ୍ୟ ସ୍ତରରେ ଅଡିଟ୍ କରାଯିବ।

# ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର ୨୩।୯(ବ୍ୟୁରୋ)

ବର୍ତ୍ତମାନ ସୁଦ୍ଧା ୩୦ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇଛି। ବିଭିନ୍ନ ହିତାଧିକାରୀଙ୍କୁ ୧୯୦୦ କୋଟି ଟଙ୍କା ବଣ୍ଟନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୩୦୦ କୋଟି ଟଙ୍କା ସେସ୍ ଆଦାୟ କରାଯାଇଛି। ରାଜ୍ୟ ଭିତରେ ଏବଂ ବାହାରେ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କୁ ଯଥାଶୀଘ୍ର କଲ୍ୟାଣ ବୋର୍ଡରେ ନାମ ପଞ୍ଜୀକରଣ କରିବା ପାଇଁ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବୁଧବାର ଶ୍ରମ ମନ୍ତ୍ରୀ ଏକ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଭର୍ଚୁଆଲ୍ ମୋଡ୍‌ରେ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାର ଅଗ୍ରଗତି ସମ୍ପର୍କରେ ଜିଲାର ବରିଷ୍ଠ ଶ୍ରମ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଓଡ଼ିଶାକୁ ଫେରିଥିବା ପ୍ରବାସୀଙ୍କ ସାମାଜିକ ନିରାପତ୍ତା ଓ କଲ୍ୟାଣ ପ୍ରତି ଧ୍ୟାନ ଦେବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

# କୋଣାର୍କ ସ୍ୱତନ୍ତ୍ର ଏକ୍ସପ୍ରେସ୍ ବାତିଲ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):** ମୁମ୍ବାଇରେ ଲଗାଣ ବର୍ଷା ଯୋଗୁ ଅଧିକାଂଶ ଟ୍ରେନ୍‌କୁ ବାତିଲ୍ କରାଯାଇଛି। ଟ୍ରାକ୍‌ରେ ପାଣି ଜମିବାରୁ ଟ୍ରେନ୍ ସେବା ସ୍ୱାଭାବିକ ହୋଇପାରୁ ନାହିଁ। ତେଣୁ ବୁଧବାର ମୁମ୍ବାଇରୁ ଭୁବନେଶ୍ୱର ଅଭିମୁଖେ ଆସିବାକୁଥିବା କୋଣାର୍କ ସ୍ୱତନ୍ତ୍ର ଏକ୍ସପ୍ରେସ୍‌କୁ ବାତିଲ୍ କରାଯାଇଛି। ସେପ୍ଟେମ୍ବର ୨୫ରେ ଭୁବନେଶ୍ୱରରୁ ଛାଡ଼ିବାକୁଥିବା ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ସ୍ୱତନ୍ତ୍ର ଏକ୍ସପ୍ରେସ୍‌କୁ ମଧ୍ୟ ବାତିଲ୍ କରାଯାଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।


## ସର୍ବସାଧାରଣ ଘୋଷଣାର ଭ୍ରମ ସଂଶୋଧନ

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍ ୨୦୧୬ ତଥା ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ ୨୦୧୬ ଏବଂ ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍‌ର ୱେବ୍‌ସାଇଟ୍ https://www.mtpcl.in ଅନୁଯାୟୀ ଫେବୃଆରୀ ୨୫, ୨୦୨୦ରେ ଜାରି ପୂର୍ବବର୍ତ୍ତୀ ସର୍ବସାଧାରଣ ଘୋଷଣା ଅନୁଯାୟୀ, ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଅଧିଗ୍ରହଣ ପାଇଁ ଇ-ନିଲାମ ସମୟରେଖା ନିମ୍ନ ଅନୁଯାୟୀ ସଂଶୋଧିତ ଓ ପୁନଃ ନିର୍ଦ୍ଧାରିତ ହେବ:

(ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେସନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

| ସମ୍ପର୍କିତ ବିବରଣୀ | | |
|---|---|---|
| ୧. | କର୍ପୋରେଟ୍ ଋଣୀଙ୍କ ନାମ | **ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨. | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩. | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ - କଟକ |
| ୪. | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫. | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା - ୭୫୩୦୧୦<br>**କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ- ୭୫୪୦୨୨, ଓଡ଼ିଶା |
| ୬. | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭. | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା**<br>ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬<br>**ପଞ୍ଜୀକୃତ ଇମେଲ୍ ଠିକଣା:** pankajdhanuka@gmail.com<br>ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮<br>**ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧<br>**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧<br>**ଯୋଗାଯୋଗ ଇମେଲ୍ ଠିକଣା:** inmtpclip@deloitte.com |
| ୮. | ଇ-ନିଲାମର ତାରିଖ | ନିଲାମ ଆରମ୍ଭ ତାରିଖ ଓ ସମୟ: ଅକ୍ଟୋବର ୧୩, ୨୦୨୦ @ ପୂ. ୧୧.୦୦ ଘ.<br>ନିଲାମ ସମାପ୍ତିର ତାରିଖ ଓ ସମୟ: ଅକ୍ଟୋବର ୧୩, ୨୦୨୦ @ ଅ. ୪.୩୦ ଘ. |
| ୯. | ପ୍ରକ୍ରିୟା ଦସ୍ତାବିଜ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦. | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଅକ୍ଟୋବର ୬, ୨୦୨୦ |
| ୧୧. | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨. | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩. | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ସମୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ ।<br>କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ । |

ଦ୍ରଷ୍ଟବ୍ୟ:
ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୁକ୍ତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ । ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.mtpcl.inରେ ଅଧିସୂଚିତ ହେବ।

**ମା'ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ ପାଇଁ**
**ସ୍ୱା./- ପଙ୍କଜ ଧାନୁକା**
**ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
**ପଞ୍ଜୀକୃତ ଠିକଣା:** ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
**ପଞ୍ଜୀକୃତ ଇମେଲ୍:** pankajdhanuka@gmail.com
**ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାତ୍ସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧
**ଯୋଗାଯୋଗ ଇମେଲ୍:** inmtpclip@deloitte.com
**ତାରିଖ:** ସେପ୍ଟେମ୍ବର ୨୪, ୨୦୨୦
**ସ୍ଥାନ:** କୋଲକାତା



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 573/ NIT-016 / 2020-21 Dated : 23th Sept 2020

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Closing of AC duct holes in Hospital and different buildings in AIIMS, Bhubaneswar** *(NIT No. : AIIMS/BBSR/Engg./ 016 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer(Civil) I/C**
**AIIMS, Bhubaneswar**



अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in

File No. : AIIMS/BBSR/Engg./ 576/ NIT-019 / 2020-21 Dated : 23th Sept 2020

**NOTICE INVITING E-TENDER**

The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Renovation of Lecture Theatre-II and IV in Administrative Block, AIIMS, Bhubaneswar** *(NIT No. : AIIMS/BBSR/Engg./ 019 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/AIIMSBBSR & CPP Portal www.eprocure.gov.in.**

Sd/-
**Executive Engineer(Civil) I/C**
**AIIMS, Bhubaneswar**



## CORRIGENDUM NOTICE

**Notice No. 3160/NHM** **Date: 22.09.2020**

No. E-257: The following changes have been made in the Tender Call Notice No. 5235/CDM PHO/SNG Date 07.09.2020 for supply, for erection & installation of Hoarding, Flex, Banner, Poster, Wall Painting & etc. for RNTCP (NTEP) 2020-21, which are as follows.

1. (a) **Point No. 08(V) -** Should have an average Annual Turnover of Rs.50 lakh or more during the last three financial years 2016-17, 2017-18, 2018-19 as per format Annexure - VI.
(b) **Point No. 08(X) -** Undertaking to be given in affidavit that the firm has not blacklisted by any Govt. organisation institution as per format at **Annexure - IV**.
2. **Point No. 15 -** The number of hoarding may increase or decrease as per the decision of Technical Committee. Delivery & Installation of Hoarding/ Goods at 17 Block CHC/SDH/Municipality & Rourkela Mahanagar as per Annexure - 01. The installation of hoarding in different Block CHCs should be completed within 45 days from the date of receipt of confirmed purchase order. Any delay by the supplier in the delivery of goods shall render the supplier liable to be charged liquidated damages @ 0.5% per week or part there of subject to a maximum of 10% of purchase order value which will be deducted from the payment due.
3. **Point No. 16 -** The Assistant Engineer, NHM will be the point person to supervise the installation work. Agency will submit the bill after successful installation of hoarding & the bills should be certified by the Assistant Engineer, NHM, Sundargarh and Counter signed by the concerned ADPHO (TB). Full payment will be made after completion or works as per scope of order, subject to the selected agency has to submit the proof of proper installation with certificate duly signed by Head of the Health Institute of Concerned Block CHCs with still photograph of the installed hoarding/flex/banner/poster & wall painting from each four site as applicable. Apart from that agency has to submit the GPRS Mapping Photograph of the installed hoarding/banner/poster & wall painting, if any adverse report submitted by the Assistant Engineer, NHM that must be replaced or re-palced as per the specification set by SIHFW standard within next 10 days time period as mentioned or time period communicated by this office.

The last date for submission of tender is 05.10.2020 upto 5.00 P.M. & tender shall be opened on 06.10.2020 at 11.30 P.M.
All other terms and conditions remain unchanged.

**Sd./- Chief District Medical & Public Health Officer, Sundargarh**
**OIPR-10100/11/0013/2021**



Your classified advertisement published in Dharitri will be listed free in Dharitri online edition : **www.dharitri.com**



# GRIDCO Limited

GRIDCO Empowering Odisha
(A Government of Odisha Undertaking)
Janpath, Bhubaneswar - 751022, Odisha
**CIN: L40109OR1995SGC003960**

## NOTIFICATION

**BULK SUPPLY PRICE EFFECTIVE FROM 1ST OCTOBER, 2020**

In exercise of powers conferred under Section 86 (1) (b) and other related provisions of the Electricity Act, 2003, the Odisha Electricity Regulatory Commission has passed an order on 23.09.2020 in Case No. 71 of 2019 with regard to revision of Aggregate Revenue Requirement and of Bulk Supply Price of GRIDCO Ltd. effective from 01.10.2020 for purchase of power by TPCODL, NESCO Utility, WESCO Utility & SOUTHCO Utility strictly for use by the State consumers.

The GRIDCO Ltd. hereby notifies the schedule of Bulk Supply Price as given below:

**Bulk Supply Price**

The Bulk Supply Price, as under, shall be applicable for sale of power by GRIDCO Ltd. to the Distribution Utilities (TPCODL, NESCO Utility, WESCO Utility and SOUTHCO Utility) which is strictly meant for supply of power by the Utilities to the State consumers and not for resale to any other utility / trader under Open Access. The total charges payable by a Distribution Utility shall be calculated by summation of the following charges mentioned in Para (A) to (F) below and applicable for supply of power with effect from **01.10.2020** until further order.

(A) **Energy Charges:** The charges on the scheduled energy supplied by GRIDCO Ltd. to the Distribution Utilities shall be as follows:

| | |
|---|---|
| **TPCODL** | **- 277.00 paise per kWH** |
| **NESCO Utility** | **- 316.30 paise per kWH** |
| **WESCO Utility** | **- 322.60 paise per kWH** |
| **SOUTHCO Utility** | **- 197.40 paise per kWH** |

(B) **Adjustment for Overdrawal / Underdrawal of Energy**: Any over or under drawal of energy by the Distribution Utilities will be billed by GRIDCO Ltd. and paid by the Distribution Utilities at the above Bulk Supply Price till Intra-State DSM Regulations comes into force in the State. Thereafter, overdrawal/underdrawal of energy by the Distribution Utilities shall be regulated under the provisions of Intra-State DSM Regulations.

(C) **Demand Charges**: There shall not be any levy of separate maximum demand charges upto the permitted SMD in a month for the distribution utilities for the FY 2020-21. Permitted SMD would mean monthly SMD recorded upto maximum of 10% over the approved SMD in the current tariff order to take care of monthly variations. Any excess drawl over the permitted SMD will have to be paid by the Distribution Utilities @ **Rs.250** per KVA per month. This is again subject to the condition that the annual average SMD shall be limited to the SMD approved in the order. This is necessary to maintain the load planning and system stability. In case the annual average SMD is more than the approved SMD, then overdrawal quantum shall attract the penalty @ **Rs.250** per KVA per month, notwithstanding the fact that a utility might have paid the SMD charges for exceeding the permitted SMD in any month.

(D) **Rebate**: For payment of bills through a letter of credit or by cash within two working days (excluding holidays under the N.I. Act., 1881), a rebate of 2% shall be allowed on current dues. If the payments are made by the Distribution Utilities by a mode other than through a letter of credit but within a period of thirty days of presentation of bills, a rebate of 1% shall be allowed.

(E) **Late Payment Surcharge**: In case payment of bills by the distribution utilities is delayed beyond a period of thirty days from the date of presentation of bill, a late payment surcharge at the rate of 1.25% per month shall be levied by GRIDCO Ltd. on the unpaid amount.

(F) **Duty and Taxes**: The statutory levy/duty/tax/cess/toll etc. imposed under any law from time to time shall be charged over and above the Bulk Supply Price fixed by the Commission.

The detailed order of the Commission shall be available in the Commission's website **www.orierc.org** as well as in the website of GRIDCO Ltd. **www.gridco.co.in**

**Bhubaneswar**
**Dt. 23.09.2020**

**Sd/-**
**Managing Director**
**GRIDCO Ltd.**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୨୪, ୨୦୨୦



**ସ୍ୱଚ୍ଛ ରେଳ- ସ୍ୱଚ୍ଛ ଭାରତ- ସ୍ୱଚ୍ଛ ପରିସର**

ଭୁବନେଶ୍ୱର,(ବ୍ୟୁରୋ)- ସ୍ୱଚ୍ଛ ଭାରତ ଅଭିଯାନରେ ସ୍ୱଚ୍ଛ ରେଳ- ସ୍ୱଚ୍ଛ ଭାରତ- ସ୍ୱଚ୍ଛ ପରିସର ପରିକଳ୍ପନା କରି ପୂର୍ବତଟ ରେଳପଥ ପକ୍ଷରୁ ନିଆରା ଢଙ୍ଗରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ପ୍ରମୁଖ ଅଧିକାରୀଙ୍କ ନେତୃତ୍ୱରେ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଷ୍ଟେଶନ ପରିଚାଳନା କ୍ଷେତ୍ରରେ ସ୍ୱଚ୍ଛତା ଆଣିବା ସହ ନିଜ କାର୍ଯ୍ୟାଳୟ ଓ ଏହା ପରିସରରେ ପରିଚ୍ଛନ୍ନତା ବଜାୟ ରଖିବା ପାଇଁ ଏହି ଅଭିଯାନରେ ଭାଗନେଇଥିଲେ। ରେଳଷ୍ଟେଶନ ପରିଚାଳନା କ୍ଷେତ୍ରଗୁଡ଼ିକରେ ଉପଯୁକ୍ତ ଯାତ୍ରୀ ପରିବେଶ ସୁନିଶ୍ଚିତ କରାଯାଇଥିଲା। ଷ୍ଟେଶନଗୁଡ଼ିକର ସମସ୍ତ ଡ୍ରେନର ସଫେଇ କାର୍ଯ୍ୟ କରାଯାଇଥିଲା। ସ୍ୱଚ୍ଛତା ଅଭିଯାନକୁ ସ୍ମରଣୀୟ କରିବା ପାଇଁ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ରେଳ ସଦନ ପରିସରରେ ସଫେଇ କାର୍ଯ୍ୟ କରିଥିଲେ।

## ସଂକ୍ଷେପରେ

### ମାଛ ଅଡ଼ାରେ ପଡ଼ିଲା ସାଢେ ୧୨ଫୁଟର ଅଜଗର ବନ ବିଭାଗକୁ ହସ୍ତାନ୍ତର

ପୁରୀ ଅଫିସ,୨୩।୯: ମାଛ ଧରିବା ପାଇଁ ବସାଯାଇଥିବା ଜାଲ ଅଡ଼ାରେ ଏକ ବିରାଟ ଅଜଗର ସାପ ପଡ଼ିଥିଲା। ଏହାକୁ ସ୍ନେକ ହେଲ୍ପ ଲାଇନର ସଦସ୍ୟ ସଂଗ୍ରାମ କେଶରୀ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ପୁରୀ ସଦର ବ୍ଲକ ବଳଭଦ୍ରପୁର ପଞ୍ଚାୟତ ପୋଡେକେରା ଗ୍ରାମର କେତେଜଣ ଲୋକ ଭାର୍ଗବୀ ନଦୀର ଏକ ଯୋରରେ ମାଛ ଧରିବା ପାଇଁ ଜାଲ ଅଡ଼ା ବସାଇଥିଲେ। ମାତ୍ର ସେଥିରେ ଏକ ଅଜଗର ସାପ ପଡ଼ିଥିଲା। ବୁଧବାର ସକାଳେ ଅଡ଼ା ଉଠାଇବାବେଳେ ଲୋକେ ସାପଟିକୁ ଦେଖିଥିଲେ। ବାଉଁଶ ଭାର କରି ଜାଲ ସହ ସାପକୁ ପାଣିରୁ ନେଇ ଆସିଥିଲେ। ଏହାପରେ ସ୍ନେକ ହେଲ୍ପ ଲାଇନର ସଂଗ୍ରାମଙ୍କୁ ଖବର ଦେଇଥିଲେ। ସକାଳ ପ୍ରାୟ ସାଢେ ୮ଟାରେ ସଂଗ୍ରାମ ପୋଡ଼ାକେରାରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଜାଲ ଭିତରୁ ସାପକୁ ଉଦ୍ଧାର କରିଥିଲେ। ସାଢେ ୧୨ ଫୁଟ ଲମ୍ବର ଏହା ଏକ ବର୍ମିଜ ପାଇଥନ। ଏହାର ଓଜନ ୧୬ କେଜି, ଗୋଲେଇ ୧୭ ଇଞ୍ଚ ରହିଛି। ପ୍ରାୟ ୧୦/୧୧ ବର୍ଷର ଏହା ଏକ ଅଣ୍ଡିରା ଅଜଗର ବୋଲି ସଂଗ୍ରାମ କହିଛନ୍ତି।

### ବିଳମ୍ବ ପାଇଁ ସାପକାମୁଡ଼ାରେ ନାବାଳିକାଙ୍କ ଜୀବନ ଗଲା

ଭୁବନେଶ୍ୱର, ୨୩।୯(ବ୍ୟୁରୋ)- ସାପ କାମୁଡ଼ାରେ ଭୁବନେଶ୍ୱରର ଜଣେ ନାବାଳିକାଙ୍କ ବୁଧବାର ମୃତ୍ୟୁ ଘଟିଛି। ସେ ହେଲେ ବାଣୀବିହାର ବିଶ୍ୱେଶ୍ୱର ବସ୍ତିର ପୁନିଆ ନାୟକଙ୍କ ସାନଝିଅ ଗାୟତ୍ରୀ(୧୪)। ମଙ୍ଗଳବାର ରାତି ପ୍ରାୟ ୨ଟା ୪୫ରେ ଗାୟତ୍ରୀ ଘରେ ଶୋଇଥିବାବେଳେ ଏକ ନାଗସାପ ତାଙ୍କ ବାମ ହାତକୁ କାମୁଡି ଧରିଥିଲା। ସେ ଡାହାଣ ହାତରେ ସାପଟିକୁ ଭିଡି ଛଡ଼େଇବା ଭିତରେ ଆଉଥରେ କାମୁଡି ଦେଇଥିଲା। ପରେ ସାପଟି ଘରର ଏକ ଗାତ ଭିତରକୁ ପଶିଯାଇଥିଲା। ଗାୟତ୍ରୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ଆସିଥିଲେ ମଧ ମୂଷା କାମୁଡ଼ି ଦେଇଥିବା ଭାବି ଅଧଘଣ୍ଟାରୁ ଊର୍ଦ୍ଧ୍ୱ ବିଳମ୍ବ କରିଦେଇଥିଲେ। ତେବେ ଗାୟତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କ୍ୟାପିଟାଲ ହସ୍ପିଟାଲରେ ଫୋରେନ୍‌ସିକ ବିଶେଷଜ୍ଞ ଡା. ଲକ୍ଷ୍ମୀକାନ୍ତ ବେହେରା ମୃତଦେହକୁ ବ୍ୟବଚ୍ଛେଦ କରିବା ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏପଟେ ସକାଳେ ଘର ଭିତରେ ସାପ ଥିବା ଆଶଙ୍କା କରି ଗାୟତ୍ରୀଙ୍କ ଘର ଲୋକ ସ୍ନେକ ହେଲ୍ପ ଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କ ସହାୟତା ଲୋଡ଼ିଥିଲେ। ହେଲ୍ପ ଲାଇନ ସଦସ୍ୟ ପୂର୍ଣଚନ୍ଦ୍ର ଦାସ ଗାୟତ୍ରୀ ଶୋଇଥିବା ଘରେ ଏକ ଗାତକୁ ଖୋଳି କାମୁଡ଼ିଥିବା ୪ଫୁଟ ଲମ୍ବର ନାଗ ସାପକୁ ଉଦ୍ଧାର କରିଥିଲେ। ତେବେ ପରିବାର ଲୋକେ ଯଦି ମୂଷା ଖୋଜିବାରେ ଅଧଘଣ୍ଟା ଡେରି ନ କରି ଶୀଘ୍ର ଗାୟତ୍ରୀଙ୍କୁ ମେଡିକାଲ ନେଇଯାଇଥାନ୍ତେ ନିଶ୍ଚିତ ତାଙ୍କ ଜୀବନ ରକ୍ଷା ପାଇଯାଇଥାନ୍ତା ବୋଲି ଶୁଭେନ୍ଦୁ କ୍ଷୋଭର ସହ କହିଛନ୍ତି।

### ବିଦ୍ୟୁତ୍ ବିଲ୍ ବୃଦ୍ଧି ନିଷ୍ପତ୍ତିକୁ ବିରୋଧ

କଟକ ଅଫିସ,୨୩।୯: କରୋନା ମହାମାରୀ ସମୟରେ ରାଜ୍ୟରେ ବିଦ୍ୟୁତ୍ ବିଲ୍ ବୃଦ୍ଧି ନେଇ ନିଷ୍ପତ୍ତି ହୋଇଛି। ଅକ୍ଟୋବର ମାସରୁ ଏହି ବିଦ୍ୟୁତ୍ ଦର ଲାଗୁ ହେବ। ଏହି ବିଦ୍ୟୁତ୍ ଦର ନିଷ୍ପତ୍ତିକୁ ବିରୋଧ କରିଛି ଓଡିଶା ଯୁବ ସ୍ୱାଭିମାନ ମଞ୍ଚ। ଏନେଇ ମଞ୍ଚ ଆବାହକ ଦେବାଶିଷ ଘୋଷଙ୍କ ସଭାପତିତ୍ୱରେ ଶ୍ରୀବିହାର କଲୋନୀ ଅଫିସଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସରକାର ପୁନର୍ବିଚାର ନ କରନ୍ତି ଆଗାମୀ ଦିନରେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ମଞ୍ଚ ରାଜରାସ୍ତାକୁ ଓହ୍ଲାଇବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଉକ୍ତ ବୈଠକରେ ସାରଦା ଷଡ଼ଙ୍ଗୀ, ରାକେଶ ସାହୁ, ସାର୍ଥକ ରାଏ , ଅଜୟ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

### ରାଜସ୍ୱ ଗାଁ ହେଲା ବାଲିଗୁଆଲି

ପୁରୀ ଅଫିସ,୨୩।୯: ପୁରୀ ସଦର ବ୍ଲକର ଏକ ପଡ଼ା ଗାଁ ଥିବା ବାଲିଗୁଆଲି ସରକାରୀ ଭାବେ ରାଜସ୍ୱ ଗାଁର ମାନ୍ୟତା ପାଇଛି। ଓଡ଼ିଶା ବନ୍ଦୋବସ୍ତ ଓ ସର୍ବେକ୍ଷଣ ନିୟମର ଧାରା ୬୧ ଏବଂ ଭୂ ଅଭିଲେଖ ସର୍ବେକ୍ଷଣ ନିର୍ଦ୍ଦେଶକ ରାଜସ୍ୱ ପରିଷଦଙ୍କ ଅନୁମୋଦନ କ୍ରମେ ପଡାଗ୍ରାମ ବାଲିଗୁଆଲି ନୂତନ ଭାବେ ରାଜସ୍ୱ ଗାଁରେ ପରିଣତ ହୋଇଛି। ଏଥିପାଇଁ ରାଜସ୍ୱ ବିଭାଗ ଓ ଜିଲା ପ୍ରଶାସନକୁ ଗ୍ରାମବାସୀ ଧନ୍ୟବାଦ ଜଣାଇଛନ୍ତି। ଏଣିକି ବାଲିଗୁଆଲିର ସମସ୍ତ ସରକାରୀ କାର୍ଯ୍ୟ ସହଜ ଓ ସରଳ ହୋଇପାରିବ। ରାଜସ୍ୱ ମୌଜା ଭାବେ ସରକାରଙ୍କ ସୁବିଧା ସୁଯୋଗ ପାଇପାରିବେ ବୋଲି ଗ୍ରାମବାସୀ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।



ଭୁବନେଶ୍ୱର ୟୁନିଟ୍-୧ ଅସ୍ଥାୟୀ ପରିବା ହାଟରେ ପାଣି କାଦୁଅ ଓ ପଡିରହିଥିବା ଆବର୍ଜନା।




ରସୁଲଗଡ଼ ଛକରେ ଅଧାପନ୍ତରିଆ ଡ୍ରେନ୍ କାମ ଯୋଗୁ ଆବର୍ଜନା ପାଣି ଉଛୁଳି ରାସ୍ତାରେ ଚାଲୁଛି।

# ମୋତେ ଯେତେ ମାଠିବୁ ମାଠ୍, ମୁଁ ସେହି...

**ଭୁବନେଶ୍ୱର,୨୩।୯ (ବ୍ୟୁରୋ)**

'ମୋତେ ଯେତେ ମାଠିବୁ ମାଠ୍, ମୁଁ ସେଇ ଦରପୋଡ଼ା କାଠ।' ଓଡ଼ିଆରେ ଥିବା ଏହି ରୂଢ଼ି ଏବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ବ୍ୟବହାର କରୁଛନ୍ତି ସ୍ମାର୍ଟସିଟିବାସୀ। ରାସ୍ତାଘାଟ, ବଜାର ହାଟ ସବୁଠି ଏବେ ପୂତି ଗନ୍ଧମୟ ପରିବେଶ ସହରବାସୀଙ୍କୁ ଅତିଷ୍ଠ କରିପକାଉଥିବାବେଳେ ରାଜଧାନୀକୁ ବାହାରୁ ଆସୁଥିବା ଲୋକେ ବି ଭିନ୍ନ ଅନୁଭୂତି ନେଇ ଫେରୁଛନ୍ତି। ବିଶେଷକରି ୟୁନିଟ୍-୧ ଅସ୍ଥାୟୀ ପରିବା ହାଟ ଓ ରସୁଲଗଡ଼-ବମିଖାଲ ମୁଖ୍ୟ ରାସ୍ତାକୁ ଦେଖିଲେ ଅବହେଳା ଯୋଗୁ ସ୍ମାର୍ଟସିଟିର ରୂପ କେମିତି କଦର୍ଯ୍ୟ ହୋଇଗଲାଣି ତାହା ସହଜରେ ବାରିହୋଇପଡୁଛି। ପୁଣି କେଉଁଠି ପାଇପ୍ ଫାଟି ପିଇବା ପାଣିରେ ଡ୍ରେନ୍ ପାଣି ମିଶୁଛି ତ ଆଉ କେଉଁଠି ମାସ ମାସ ଧରି ପିଇବା ପାଣି ବୋହି ଚାଲିଛି। ଏମିତି ଅସ୍ୱାସ୍ଥ୍ୟକର ପରିବେଶ ଓ ଦୂଷିତ ପିଇବା ପାଣି ସ୍ମାର୍ଟସିଟିବାସୀଙ୍କୁ ରୋଗ ବାଣ୍ଟୁଥିବା କୁହାଯାଉଛି।

କରୋନା ପାଇଁ ମାର୍ଚ୍ଚ ୨୭ରେ ୟୁନିଟ୍-୧ ପରିବା ହାଟକୁ ଅସ୍ଥାୟୀଭାବେ ମଦର ପବ୍ଲିକ୍ ସ୍କୁଲ୍ ନିକଟ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଭିତ୍ତିଭୂମି ଓ ଆବଶ୍ୟକ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ବର୍ଷା ହେବାମାତ୍ରେ ଉକ୍ତ ହାଟଟି କାଦୁଅ ପଚ ପଚ ହୋଇଯାଉଛି। ସେହିପରି ହାଟରୁ ବାହରୁଥିବା ଆବର୍ଜନା ଚାରିଆଡ଼େ ପଡ଼ି ଦୁର୍ଗନ୍ଧ ହେଉଛି। ସେଠାରେ ଏବେ ପ୍ରାୟ ୫ଶହ ବ୍ୟବସାୟୀ ସେଠାରେ ପରିବା ବିକୁଥିବାବେଳେ ଦୈନିକ ହଜାର ହଜାର ଲୋକ ଯାଉଛନ୍ତି। ୟୁନିଟ୍-୧ କଞ୍ଚା ପରିବା ବ୍ୟବସାୟୀ ସଂଘର ସଭାପତି କବିରାଜ ସ୍ୱାଇଁ କହିଛନ୍ତି, ସମସ୍ତ ବ୍ୟବସାୟୀ ବିଏମ୍‌ସିର ନିଷ୍ପତ୍ତିକୁ ସମ୍ମାନ ଜଣାଇ ପଡ଼ିଆକୁ ଆସି ବେପାର କରୁଛନ୍ତି। ବର୍ଷା ହେଲେ ହାଟର ସ୍ଥିତି କଦର୍ଯ୍ୟ ହୋଇପଡୁଛି।

**ଅବହେଳାରୁ କଦର୍ଯ୍ୟ ହେଉଛି ସ୍ମାର୍ଟସିଟି**

- କାଦୁଅ, ଆବର୍ଜନାରେ ଭର୍ତ୍ତି ୟୁନିଟ୍-୧ ଅସ୍ଥାୟୀ ପରିବା ହାଟ
- ବର୍ଷସାରା ରାଜଧାନୀ ରାସ୍ତାରେ ଭାସୁଛି ଡ୍ରେନ୍ ପାଣି
- ସବୁ ଜାଣି ବିଏମ୍‌ସି ଚୁପ୍, ରୋଗ ବାଣ୍ଟୁଛି ଅସ୍ୱାସ୍ଥ୍ୟକର ପରିବେଶ

ବ୍ୟବସାୟୀ ଓ ଗ୍ରାହକ ରୋଗର ଶିକାର ହେଉଛନ୍ତି। ଏଥିପାଇଁ ଗ୍ରାହକ ମୁହଁ ମୋଡୁଥିବାରୁ ଦୈନିକ ପରିବା ବିକ୍ରି ହୋଇ ନ ପାରି ପଡୁଛି। ବିଏମ୍‌ସି କର୍ମଚାରୀମାନେ ଠିକ୍ ଭାବେ ଆବର୍ଜନା ଉଠାଉନାହାନ୍ତି କି ବାଲି ଓ ମାଟି ପକାଇ କାଦୁଅ ସ୍ଥିତିକୁ ସୁଧାରୁନାହାନ୍ତି। ଏପଟେ ପଡ଼ିଆରେ ବିକାଶ କାର୍ଯ୍ୟ ଆରମ୍ଭ କରିଥିବା ସ୍ପୋର୍ଟ୍ସବିଭାଗ ୫୦% ସ୍ଥାନକୁ ଫାଙ୍କା କରିବା ସହ ବ୍ୟବସାୟୀଙ୍କୁ ଉଠାଇ ଦେଇଛି। ଏ ପରିସ୍ଥିତିରେ ଏହି ଅସ୍ଥାୟୀ ପରିବା ହାଟକୁ ପୁନର୍ବାର ହାଟ ପିଣ୍ଡିକୁ ଫେରାଇବା ପାଇଁ ବିଏମ୍‌ସିକୁ ଗତ ୧ ଓ ୧୯ ତାରିଖରେ ଦୁଇଥର ଦାବିପତ୍ର ଦିଆଯାଇଥିଲେ ମଧ କିଛି ସୁଫଳ ମିଳୁନି ବୋଲି କବିରାଜ କହିଛନ୍ତି। ସେହିପରି ଚାରିଆଡେ ଆବର୍ଜନା ପଡ଼ି ରହୁଥିବାବେଳେ ଏବେ ବର୍ଷା ଯୋଗୁ ତାହା ପଚି ଦୁର୍ଗନ୍ଧ ହେଉଛି।

ଅନ୍ୟପକ୍ଷରେ ବେପରୁଆ ଓ ମନମୁଖି ଡ୍ରେନ୍‌କାମ ଯୋଗୁଁକିଏ ବର୍ଷାରେ ରାଜଧାନୀ ଉବୁଟୁବୁ ହେଉଛି। ଏବେ ଚାରିଆଡେ ରାସ୍ତା ଖୋଳା ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ସବୁଠୁ ଉଦ୍‌ବେଗର ବିଷୟ ହେଲା, ବମିଖାଲ ରାସ୍ତାରେ ବର୍ଷସାରା ଡ୍ରେନ୍ ପାଣି ଚାଲୁଛି। ମରାମତି ନାଁରେ ଅଧା ଖୋଳା ଅବସ୍ଥାରେ ରାସ୍ତାରେ ମାଟି ଜମା ହୋଇ ରହୁଥିବା ଦେଖିବାକୁ ମିଳୁଛି। ନିକଟରେ ମଧ ଅଧିକାଂଶ ସମୟରେ ଜଳଯୋଗାଣ ପାଇପ୍ ଫାଟି ରାସ୍ତାରେ ବୋହୁଥିବାବେଳେ ସେହିବାଟ ଦେଇ ପିଇବା ପାଣିରେ ଆବର୍ଜନା ବର୍ଷା ଓ ଡ୍ରେନ୍ ପାଣି ମିଶୁଛି। ମୁଖ୍ୟ ରାସ୍ତାରେ ଏଭଳି ଅବସ୍ଥା ଦେଖିଲେ ସହରର ବିଭିନ୍ନ କଲୋନୀ ରାସ୍ତାର ସ୍ଥିତି କ'ଣ ରହିଥିବା ତାହା ଜଣାପଡୁଛି। ଏସବୁ ସମସ୍ୟା ନେଇ 'ଧରିତ୍ରୀ' ବାରମ୍ବାର ଖବର ପ୍ରକାଶ କରି ବିଏମ୍‌ସିର ଦୃଷ୍ଟିଆକର୍ଷଣ କରୁଥିଲେ ମଧ 'ମୋତେ ଯେତେ ମାଠିବୁ...' ଚିନ୍ତାଧାରରେ ରହୁଥିବାରୁ ସହରବାସୀ ପ୍ରତିଦିନ ନାନା ଦୁର୍ଦ୍ଦଶା ଭୋଗୁଛନ୍ତି। ତେବେ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେମାନେ ସମସ୍ୟାକୁ ସ୍ୱୀକାର କରିଥିଲେ ମଧ କେହି ନିଜ ନାମ ଉଲ୍ଲେଖ କରିବାକୁ ଚାହିଁ ନ ଥିଲେ।

## ହୋଟେଲ ମାଲିକ, ପୋଲିସଙ୍କୁ ଦୁର୍ବ୍ୟବହାର, ୪ ଗିରଫ

**ନିମାପଡ଼ା,୨୩।୯(ଡି.ଏନ୍.ଏ.):**

ନିମାପଡ଼ା ଥାନା ଅଞ୍ଚଳରେ ପ୍ରଥମେ ହୋଟେଲ ମାଲିକଙ୍କୁ ଆକ୍ରମଣ ପରେ ପୋଲିସ ଅଫିସରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ୪ଜଣଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ଭୁବନେଶ୍ୱର ଖଣ୍ଡଗିରି ଥାନା ଅଞ୍ଚଳର ସମୀର ପାଇକରାୟ, ଶଶାଙ୍କ ଶେଖର ପାଇକରାୟ, ସମୀର ସାହୁ ଓ ପ୍ରଶାନ୍ତ ମୁଦୁଲି। ଏ ନେଇ ପୋଲିସ(ନଂ.୨୩୧,୨୩୨/୨୦)ରେ ମାମଲା ରୁଜୁ କରିଛି। ସେମାନଙ୍କଠାରୁ ଏକ କାର୍, ୩ ମୋବାଇଲ ଫୋନ, ଗୋଟିଏ ଘଣ୍ଟା, ୫ହଜାର ୮ଶହ ଟଙ୍କା ଜବତ କରିଛି। ସୂଚନାଯୋଗ୍ୟ, ନିମାପଡ଼ା ତଳ ଅଣ୍ଡିଆ ଛକରେ ଥିବା ଏକ ହୋଟେଲକୁ ମଙ୍ଗଳବାର ରାତିରେ ଏହି ୪ଜଣ ପହଞ୍ଚି ଖାଇବାକୁ ମାଗିଥିଲେ। ହୋଟେଲ ବନ୍ଦ କରିବାର ସମୟ ଥିବାରୁ ଖାଇବା ପାର୍ସଲ ନେବାକୁ ମାଲିକ ଶୁଭବ୍ରତ ସ୍ୱାଇଁ କହିଥିଲେ। କିନ୍ତୁ ସେମାନେ ବସି ଖାଇବା ପାଇଁ ଜିଦ୍ କରିବାରୁ ଶୁଭବ୍ରତ ମନା କରିଥିଲେ। ଏଥିରେ ୪ଜଣ ଉତ୍ୟକ୍ତ ହୋଇ ତାଙ୍କୁ ଲୁହାରଡରେ ପିଟିବା ସହ କ୍ୟାଶବାକ୍ସରୁ ଟଙ୍କା ନେଇଯାଇଥିଲେ। ଏ ନେଇ ଶୁଭବ୍ରତ ପୋଲିସଙ୍କୁ ଜଣାଇବାରୁ ପୋଲିସ ପହଞ୍ଚି ୪ଜଣଙ୍କୁ ଥାନାକୁ ନେଇଥିଲେ। ଥାନାରେ ସେମାନଙ୍କୁ ପଚରାଉଚୁରା କରିବା ବେଳେ ଉତ୍ତେଜିତ ହୋଇ ଏସ୍ଆଇ ମମତା ବିଶ୍ୱାଳ, ଏସ୍ଆଇ ପ୍ରଦୀପ କୁହାର ସିଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଠେଲାପେଲା କରି ଦୁର୍ବ୍ୟବହାର କରିଥିଲେ। ପରେ ଏସ୍ଆଇ ବିଶ୍ୱାଳଙ୍କ ଅଭିଯୋଗକ୍ରମେ ୪ଜଣଙ୍କୁ ଗିରଫ କରାଯାଇଛି। ବୁଧବାର ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ହାଜତକୁ ପଠାଇ ଦିଆଯାଇଛି।

## ୧୩୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୨୩।୯ (ବ୍ୟୁରୋ):**

ଆନ୍ତଃଜିଲା ବ୍ରାଉନସୁଗାର କାରବାରରେ ସଂପୃକ୍ତ ପୁରୀ ଜିଲାର ୨ ଅଭିଯୁକ୍ତଙ୍କୁ ସ୍ପେଶାଲ ସ୍କ୍ୱାଡ୍ ଓ ଶହୀଦନଗର ଥାନା ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେମାନଙ୍କ ନିକଟରୁ ୧୩୦ ଗ୍ରାମ ବ୍ରାଉନସୁଗାର ସମେତ ଏକ ବାଇକ ଓ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ଗଡିଶାଗଦା ଥାନା ଅଞ୍ଚଳର ଧିରେନ୍ଦ୍ର ଜୟସିଂ ଓ ନିକୁଞ୍ଜ ଜଗଦେବ।

ସୂଚନା ମୁତାବକ, ଶହୀଦନଗର ଥାନା ଅଞ୍ଚଳରେ ବୁଧବାର ୨ ଅଭିଯୁକ୍ତ ବ୍ରାଉନସୁଗାର ନେଇ ଡିଲ୍ କରିବାକୁ ଆସିଥିବା ସ୍ପେଶାଲ ସ୍କ୍ୱାଡ୍‌କୁ ଗୋଇନ୍ଦା ଖବର ମିଳିଥିଲା। ଏହାପରେ ସ୍ପେଶାଲ ସ୍କ୍ୱାଡ୍ ଶହୀଦନଗର ପୋଲିସ ସହ ମିଶି ଉକ୍ତ ର୍ୟାକେଟକୁ ଧରିବା ପାଇଁ ଜାଲ ବିଛାଇଥିଲା। ୨ ଅଭିଯୁକ୍ତ ଠିକଣା ସ୍ଥାନରେ ପହଞ୍ଚିବା ପରେ ପୋଲିସ ସେମାନଙ୍କୁ କାବୁ କରିନେଇଥିଲା। ଏ ନେଇ ଥାନାରେ ନଂ.୪୧୧/୨୦ରେ ମାମଲା ରୁଜୁ କରାଯିବା ସହ ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ପୋଲିସ ସେମାନଙ୍କୁ ପଚରାଉଚରା କରି ତଥ୍ୟ ହାସଲ କରୁଛି। ଗୁରୁବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ୬୩ କେଜି ଗଞ୍ଜେଇ ଜବତ: ୩ ଗିରଫ

**କଟକ ଅଫିସ,୨୩।୯:**

ରାଜ୍ୟ ଅବକାରୀ ବିଭାଗର କଟକ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ବୁଧବାର ମଙ୍ଗୁଳି ଛକରେ ଚଢ଼ାଉ କରାଯାଇ ୬୩ କେଜି ଗଞ୍ଜେଇ ଜବତ କରାଯାଇଛି। ଏହାର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ। ଏହି ଘଟଣାରେ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ ଯାଜପୁର ଜିଲା କୁଆଖିଆର ଅଜୟ ସାହୁ(୩୧), ଜଗତସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ କୋଠିଆ ସାହିର ସୁବାସ ଚନ୍ଦ୍ର ସାହୁ(୪୬) ଓ ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କର ବିଶ୍ୱନାଥ ସୂତାର(୩୬)। ଏମାନେ ଖୋର୍ଦ୍ଧାରୁ ଗୋଟିଏ ସ୍କର୍ପିଓ ଗାଡ଼ିରେ ଗଞ୍ଜେଇ ଭର୍ତ୍ତି କରି କୋଲକାତା ଅଭିମୁଖେ ଯାଉଥିଲେ। ଦିଲ୍ଲୀପ କୁମାର ପଲେଇଙ୍କ ନେତୃତ୍ୱରେ ଏକ ଟିମ୍ ସାଦା ପୋଷାକରେ ମଙ୍ଗୁଳି ଛକରେ ଏମାନଙ୍କୁ କାବୁ କରିଥିଲା। ଚାଲାଣରେ ବ୍ୟବହୃତ ଗାଡ଼ି (ଓଡି-୦୪-ଏଫ-୦୦୬୫)କୁ ଜବତ କରାଯାଇଛି। ଏହି ଚଢ଼ାଉରେ ଇନ୍ସପେକ୍ଟର ସୁଶାନ୍ତ ପାଢୀ, ଏସ୍ଆଇ କମଳ ଲୋଚନ ପାଇକରାୟ, ମନିଷା ଭୋଳ, ସଚିନ ବେହେରା, ନଟବର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ୧୪ ପ୍ରକଳ୍ପ ଉଦ୍‌ଘାଟିତ

**କଟକ ସଦର,୨୩।୯(ଡି.ଏନ୍.ଏ.):**

କଟକ ସଦର ବିଧାୟକ ଚନ୍ଦ୍ର ସାରଥୀ ବେହେରା ପରମହଂସ ପଞ୍ଚାୟତରେ ବୁଧବାର ୧୪ଟିପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପର କାମ ଠିକ୍ ସମୟରେ ହୋଇପାରିଛି ବୋଲି ବିଧାୟକ ବେହେରା କହିଛନ୍ତି। ଏଥିସହ ମିଶନ ଶକ୍ତି ଗୃହର ଶିଳାନ୍ୟାସ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମୀନତି ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ରାଜୀବ ଲୋଚନ ପରିଡ଼ା, ବିଭୂତିଭୂଷଣ ପରିଡ଼ା, ପ୍ରମୋଦ ମହାପାତ୍ର, ଝିନୁ ବେହେରା, ପ୍ରଭାକର ବେହେରା, ତ୍ରିଲୋଚନ ସ୍ୱାଇଁ, ଯତୀନ୍ ରାଉଳ, ପ୍ରଫୁଲ୍ଲ ଭୋଇ, ସମର ବେହେରା, ରଜନୀକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶୁଭାଶିଷ ଯୁବ ବିଜେଡି ରାଜ୍ୟ ଉପସଭାପତି

**ପୁରୀ ଅଫିସ,୨୩।୯:**

ପୁରୀର ଶୁଭାଶିଷ ଖୁଣ୍ଟିଆଙ୍କୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ମନୋନୀତ କରାଯାଇଛି। ବିଗତ ଦିନରେ ଶୁଭାଶିଷ ଗୋପବନ୍ଧୁ ଆଇନ ମହାବିଦ୍ୟାଳୟର ଛାତ୍ର ସଭାପତି, ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସମ୍ପାଦକ ଓ ପୁରୀ ଜିଲା ଜୀବନ ବିନ୍ଦୁ ଜିଲା ସଂଯୋଜକ ମଧ ରହିଥିଲେ। ବର୍ତ୍ତମାନ 'ଓଡ଼ିଶା ମୋ ପରିବାର' ପୁରୀ ଜିଲା ସଂଯୋଜକ ଥିବା ଶୁଭାଶିଷଙ୍କୁ ପୁଣି ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଭାବେ ମନୋନୀତ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।




ଅନ୍ତର୍ଜାତୀୟ ଶ୍ରବଣ ବାଧିତ ସପ୍ତାହ ପାଳନ ଅବସରରେ ବୁଧବାର ପୁରୀ ବେଳାଭୂମିରେ ଶ୍ରୀ ନୃସିଂହ ଦେବ ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ବାଲୁକା କଳାରେ ଦିବ୍ୟାଙ୍ଗଙ୍କ ଅଧିକାର ଏବଂ କରୋନା ସଂକ୍ରାନ୍ତ ସଚେତନତା।

**ଆହତ ଯୁବକ ୧୦ରୁ ଊର୍ଦ୍ଧ୍ୱ ହସ୍ପିଟାଲ ବୁଲିବା ଘଟଣା**

## ତୁରନ୍ତ ଚିକିତ୍ସା କରିବାକୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୯(ବ୍ୟୁରୋ):**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଛୁରା ମାଡ଼ରେ ଗୁରୁତର ଆହତ ହୋଇଥିବା ଅରବିନ୍ଦ ନଗର ବସ୍ତିର ରଞ୍ଜିତ ନାୟକ ଚିକିତ୍ସା ପାଇଁ ୧୦ ହସ୍ପିଟାଲ ବୁଲିବା ଘଟଣାକୁ ନେଇ ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି) ଉଦ୍‌ବେଗ ପ୍ରକାଶ କରିଛନ୍ତି। ବୁଧବାର ଏ ସଂକ୍ରାନ୍ତ ଏକ ଆବେଦନର ଶୁଣାଣି କରି ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ କିମ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଘଟଣାର ତଦନ୍ତ କରି ଅକ୍ଟୋବର ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ନୋଟିସ କରିଛନ୍ତି। ଅନ୍ୟପକ୍ଷରେ ଅବହେଳା କରିଥିବା କ୍ୟାପିଟାଲ ହସ୍ପିଟାଲ, ଏମ୍‌ସ ଓ ଚନ୍ଦ୍ରଶେଖରପୁର ଥାନା ଅଧିକାରୀଙ୍କୁ ରିପୋର୍ଟ ମାଗିଛନ୍ତି।

## ୫୭୮୨ ଅମାନିଆ ଦଣ୍ଡ ଗଣିଲେ, ୪ ଦୋକାନ ସିଲ୍

ଭୁବନେଶ୍ୱର,୨୩।୯(ବ୍ୟୁରୋ): କରୋନା ସଂକ୍ରମଣ ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଚଢ଼ାଉ ଓ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ସହରର ହାଟ, ବଜାର, ମଲ୍‌ଠାରୁ ଆରମ୍ଭ କରି ରାସ୍ତା, ଗଳିକନ୍ଦିରେ ଅମାନିଆଙ୍କୁ ଧରି ସାବାଡ୍ କରାଯାଉଛି। ବୁଧବାର କୋଭିଡ ନିୟମ ଉଲ୍ଲଂଘନ କରିଥିବା ୫୭୮୨ ଅମାନିଆଙ୍କଠାରୁ ଜରିମାନା ଆଦାୟ କରାଯାଇଥିବାବେଳେ ସାମାଜିକ ଦୂରତା ରକ୍ଷା କରି ନ ଥିବା ୪ ଦୋକାନ ସିଲ କରାଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିସହ ସଚେତନ ରହି ନିଜେ ଓ ଅନ୍ୟମାନଙ୍କୁ କରୋନାରୁ ସୁରକ୍ଷା ଦେବାକୁ ପୋଲିସକୁ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

**ଖୋର୍ଦ୍ଧା ଅଫିସ,୨୩।୯:**

**ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲା**

ଅଧିକ ଯୌତୁକ ଦାବିକରି ସ୍ତ୍ରୀଙ୍କୁ ତଣ୍ଟି ଚିପି ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଖୋର୍ଦ୍ଧା ଦ୍ୱିତୀୟ ଅତିରିକ୍ତ ଜିଲା ଦୌରାଜଜ ଅମିୟ ଜେନା ଅଭିଯୁକ୍ତ ସ୍ୱାମୀ ଦାଶରଥି ସେଠୀଙ୍କୁ ଦଫା ୩୦୨ରେ ଆଜୀବନ କାରାଦଣ୍ଡାଦେଶ ସହ ୫୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଦେଇ ନ ପାରିଲେ ଆଉ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ସେ ରାୟରେ ଶୁଣାଇଛନ୍ତି। ସୂଚନାଥାଉ କି, ୨୦୧୩ ମସିହାରେ କଟକ ଜିଲା ବାଙ୍କୀ ତାଳବସ୍ତ ଗ୍ରାମର ପିଙ୍କି ସେଠୀ ଖୋର୍ଦ୍ଧା ଟାଉନ ଥାନା ଅଧୀନ ଉଇଲକିଶନ ନଗର ଗ୍ରାମର ଦାଶରଥି ସେଠୀଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଓ ଆସବାବପତ୍ର ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବିକରି ଶାଶୁଘର ପରିବାର ପିଙ୍କିଙ୍କୁ ନିର୍ଯାତନା ଦେଉଥିଲେ। ୨୦୧୬ ସେପ୍ଟେମ୍ବର ୧୯ରେ ଦାଶରଥି ଅଧିକ ଯୌତୁକ ଦାବିରେ ପିଙ୍କିଙ୍କୁ ତଣ୍ଟିଚିପି ହତ୍ୟା କରିଥିବା ନେଇ ମୃତାଙ୍କ ମା' ବାସନ୍ତି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ଦାଶରଥିଙ୍କୁ ଗିରଫ କରିଥିଲା। ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ଅମିୟ ଜେନା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି।

## ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି ସ୍ୱାସ୍ଥ୍ୟସେବା

**ଖୋର୍ଦ୍ଧା ଅଫିସ,୨୩।୯:**

ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ଖୋର୍ଦ୍ଧା ଜିଲା ଟାଙ୍ଗିଆପଡ଼ା ପଞ୍ଚାୟତର ଉଇଲକିଶନ ନଗର ଗ୍ରାମରେ ଏକ ପ୍ରାଥମିକ ଉପ ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ ହୋଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଚାଲିଥିବା ଦେଖିବାକୁ ମିଳିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। କେବଳ ପ୍ରତିଶ୍ରୁତି ମିଳୁଛି। ସରକାରୀ ନାଳିଫିତା ତଳେ ଅଭିଯୋଗପତ୍ର ରହିଯାଉଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ ଉଇଲକିଶନ ନଗର ଗ୍ରାମରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଆରମ୍ଭ ହୋଇଥିଲା। ଏଠାରେ ଦୁଇଜଣ ସ୍ୱାସ୍ଥ୍ୟକର୍ମୀଙ୍କୁ ନିଯୁକ୍ତି ଦିଆଯାଇଥିଲା। କିଛି ବର୍ଷ ହେବ ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବା ବେଳେ ଜଣେ ମହିଳା ସ୍ୱାସ୍ଥ୍ୟକର୍ମୀ ଏଠାରେ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଛନ୍ତି। ତେବେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ସେ ଗ୍ରାମରେ ରହିଥିବା ଅଙ୍ଗନୱାଡି କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ହଳଦିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ଅଧୀନରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ପଞ୍ଚାୟତବାସୀ ଏହି ଉପସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ହେଲେ ଏଠାରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଳୟ ଯିବାକୁ ବାଧ ହେଉଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ଏବଂ ଷ୍ଟାଫ କ୍ୱାର୍ଟର ନିର୍ମାଣ ଲାଗି ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ କଲ୍ୟାଣୀ ଦଳାଇ କହିଛନ୍ତି, ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। କିନ୍ତୁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା।



- ପ୍ରାଥମିକ ଉପ ସ୍ୱାସ୍ଥ୍ୟକେନ୍ଦ୍ରର ନିଜସ୍ୱ ଗୃହ ନାହିଁ
- ପ୍ରତିଶ୍ରୁତି ମିଳୁଛି, କାର୍ଯ୍ୟକାରୀ ହେଉନି

# ବିମାନ ଟିକେଟ ରିଫଣ୍ଡ ନେଇ ସ୍ପଷ୍ଟ କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୩।୯

ଲକ୍‌ଡାଉନ ଯୋଗୁ ଦେଶ ମଧ୍ୟରେ ବିମାନ ସେବା ବାତିଲ ରହିଥିଲା। ହେଲେ ପୂର୍ବରୁ ବିମାନ ଟିକେଟ କରିଥିବା ଲୋକମାନେ ଏହି ଅବଧିରେ ଉଡାଣ ଲାଗି କରିଥିବା ଟିକେଟର ଅର୍ଥ ଫେରି ପାଉନାହାନ୍ତି। ବିମାନ କମ୍ପାନୀଗୁଡିକ ରିଫଣ୍ଡ ପ୍ରଦାନରେ ସମସ୍ୟା କରିବାରୁ ଏନେଇ ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ବୁଧବାର ଏ ସଂକ୍ରାନ୍ତ ଆବେଦନର ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ବାତିଲ ହୋଇଥିବା ବିମାନ ଟିକେଟର ରିଫଣ୍ଡ ଲୋକଙ୍କୁ ପ୍ରଦାନ ନେଇ କିଭଳି ବ୍ୟବସ୍ଥା ହୋଇଛି ସେ ନେଇ ଶୁକ୍ରବାର ସୁଦ୍ଧା ସ୍ପଷ୍ଟ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୨୫ ସୁଦ୍ଧା ଏ ସଂକ୍ରାନ୍ତରେ ଏକ ସତ୍ୟପାଠ ଦାଖଲ କରିବାକୁ ସରକାରଙ୍କୁ ନିର୍ଦ୍ଦେଶରେ କୁହାଯାଇଛି। ମାମଲା ଉପରେ ଜଷ୍ଟିସ ଅଶୋକ ଭୂଷଣ, ଜଷ୍ଟିସ ଆର୍‌. ସୁଭାଷ ରେଡ୍ଡୀ ଏବଂ ଜଷ୍ଟିସ ଏମ୍‌.ଆର୍‌. ଶାହା ଶୁଣାଣି କରୁଛନ୍ତି।



## ରିଲାଏନ୍ସ ରିଟେଲରେ କେକେଆର୍‌ର ନିବେଶ

ନୂଆଦିଲ୍ଲୀ,୨୩।୯

ବିଶ୍ୱର ପ୍ରମୁଖ ପୁଞ୍ଜିନିବେଶକାରୀ କମ୍ପାନୀ କେକେଆର୍‌ ରିଲାଏନ୍ସ ରିଟେଲ ଭେଞ୍ଚର୍ସ ଲିମିଟେଡରେ ୫,୫୫୦ କୋଟି ଟଙ୍କା ନିବେଶ କରିବ। ଏ ନେଇ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ପକ୍ଷରୁ ବୁଧବାର ସୂଚନା ଦିଆଯାଇଥିଲା। ଏହି ନିବେଶ ଦ୍ୱାରା କେକେଆର୍‌ ୧.୨୮% ଇକ୍ୱିଟି ଅଂଶଧନ ହାସଲ କରିବ। ଏହି କମ୍ପାନୀ ଚଳିତ ବର୍ଷ ରିଲାଏନ୍ସର ଜିଓ ପ୍ଲାଟ୍‌ଫର୍ମସରେ ୧୧,୩୬୭ କୋଟି ଟଙ୍କା ନିବେଶ କରିଥିଲା। ରିଲାଏନ୍ସ ରିଟେଲ ବର୍ତ୍ତମାନ ସାରା ଦେଶରେ ୧୨ ହଜାର ଷ୍ଟୋର ସହ ସେବା ଯୋଗାଇ ଦେଉଛି।

## ସାଇରସଙ୍କ ଝିଅ ଆକାଉଣ୍ଟରୁ ୯୦ ହଜାର ଗାଏବ

ମୁମ୍ବାଇ,୨୩।୯

ସାପୁରଜୀ ପାଲୋନଜୀ ଗ୍ରୁପ୍‌ର ଦାୟିତ୍ୱ ସମ୍ଭାଳୁଥିବା ବିଲିୟନେୟାର ସାଇରସ୍‌ ମିସ୍ତ୍ରିଙ୍କ ଝିଅଙ୍କ ବ୍ୟାଙ୍କ ଠକେଇ ମାମଲା ସାମ୍ନାକୁ ଆସିଛି। କେହି ଅଜଣା ବ୍ୟକ୍ତି ସାଇରସ୍‌ଙ୍କ ଝିଅ ଲୈଲା ରୁସ୍ତମ ଜାହାଙ୍ଗୀରଙ୍କ ଆକାଉଣ୍ଟରୁ ୯୦ ହଜାର ଟଙ୍କା ଉଠାଇ ନେଇଛି। ଏ ନେଇ କୋଲାବା ପୋଲିସ ଷ୍ଟେସନରେ ସାଇବର ଠକେଇ ମାମଲା ରୁଜୁ କରାଯାଇଛି। ମାମଲା ସମ୍ପର୍କରେ ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ, ଲୈଲା ବର୍ତ୍ତମାନ ଦୁବାଇରେ ରହୁଛନ୍ତି। ଆକାଉଣ୍ଟ ପରିଚାଳନା ତାଙ୍କ ବାପାଙ୍କ ଅଧୀନରେ ରହିଛି। ୨୦୧୮ରେ ସାଇରସ୍ ମିସ୍ତ୍ରି ତାଙ୍କ କମ୍ପାନୀରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଫିରୋଜ ଭଟେନାଙ୍କୁ ଏହି ବ୍ୟାଙ୍କ ଖାତାର ପରିଚାଳନା ଏବଂ ଆର୍ଥିକ ଗତିବିଧି ଦେଖାଶୁଣା କରିବାକୁ ଦାୟିତ୍ୱ ଦେଇଥିଲେ। ଭଟେନା ଏହି କାମକୁ ଡେପୁଟି ଜେନେରାଲ ମ୍ୟାନେଜର ଜୟେଶ ମର୍ଚ୍ଚାଣ୍ଟ ଦେଖିବାକୁ କହିଥିଲେ। ନିକଟରେ ଏହି ଆକାଉଣ୍ଟରୁ ଟଙ୍କା ଉଠିବା ନେଇ ଏକ ମେସେଜ ମର୍ଚ୍ଚାଣ୍ଟଙ୍କ ନିକଟକୁ ଆସିଥିଲା। ନେଣଦେଣ ଆଲର୍ଟ ଲାଗି ମର୍ଚ୍ଚାଣ୍ଟଙ୍କ ନମ୍ବର ବ୍ୟାଙ୍କରେ ଦିଆଯାଇଥିଲା। ଖାତାଟି ବହୁ ପୁରୁଣା ହୋଇଥିବା ବେଳେ କେବଳ ଚେକ୍‌ ଦ୍ୱାରା ହିଁ ନେଣଦେଣ ହେଉଥିଲା। ଟଙ୍କା ଉଠାଣ ନେଇ ମର୍ଚ୍ଚାଣ୍ଟ ବ୍ୟାଙ୍କରେ ପଚରାଉଚରା କରିବାରୁ ଡେବିଟ କାର୍ଡ ବ୍ୟବହାର ଦ୍ୱାରା ପ୍ରାୟ ୯୦ ହଜାର ଟଙ୍କା ଉଠାଣ ହୋଇଥିବା ଜଣାପଡିଥିଲା। ଏହି ମାମଲା ଉପରେ ପୋଲିସ ବର୍ତ୍ତମାନ ତଦନ୍ତ ଚଳାଉଛି।

## ଚାଇନା ଆପ୍‌ରେ ୧୦୦୦ କୋଟିର କାରବାର

### ମାମଲା ଉପରେ ଇଡି ନଜର

ନୂଆଦିଲ୍ଲୀ,୨୩।୯

ଚାଇନାର ଅନ୍‌ଲାଇନ ବେଟିଂ ବା ଜୁଆ ଆପ୍ ଦ୍ୱାରା ୧୦୦୦ କୋଟିର ଟ୍ରାଞ୍ଜାକଶନ ହୋଇଛି। ଏହି ମାମଲା ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଦନ୍ତ କରୁଥିବା ଜଣାପଡିଛି। ପେଟିଏମ୍ ଏବଂ ଏଚ୍‌ଏସ୍‌ବିସି ବ୍ୟାଙ୍କ ଦ୍ୱାରା ଏହି ନେଣଦେଣ ହୋଇଛି। କେଉଁମାନଙ୍କ ନିକଟକୁ ଏହି ଅର୍ଥ ଆସିଛି ତା'ର ତଦନ୍ତ ଏହି ଏଜେନ୍ସି କରୁଥିବା ସୂଚନା ରହିଛି। ପେମେଣ୍ଟ ଗେଟ୍‌ୱେର ବ୍ୟବହାର ବିଦେଶୀ ନେଣଦେଣ ଲାଗି କରାଯାଇଥିବା ଇଡି ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ହାଇଦ୍ରାବାଦର ବେଆଇନ ଅର୍ଥ କାରବାର ନିରୋଧ ଆଇନ ଅଦାଲତ ଏହି ମାମଲାରେ ଜଡିତ ଥିବା ଚାଇନା ନାଗରିକ ୟାନ୍ ହୋ ଏବଂ ତାଙ୍କର ଦୁଇ ସହଯୋଗୀ ଧୀରଜ ସରକାର ଓ ଅଙ୍କିତ କପୁରଙ୍କୁ ଆଠଦିନ ଲାଗି ଇଡି ହେପାଜତରେ ନେବା ଲାଗି ଅନୁମତି ଦେଇଛନ୍ତି। ଅନ୍‌ଲାଇନ ବେଟିଂ ଏବଂ ବେଆଇନ ଅର୍ଥ କାରବାର ମାମଲାରେ ଚଳିତ ମାସ ୧୫ ତାରିଖରେ ଏମାନଙ୍କୁ ଗିରଫ କରାଯାଇଥିଲା। ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ବର୍ତ୍ତମାନ ଚିହ୍ନଟ କରାଯାଉଛି। ସେହିଭଳି ପେଟିଏମ୍‌ରେ କାହାକୁ ଫାଇଦା ମିଳିଛି ସେ ନେଇ ମଧ୍ୟ ଖୋଳତାଡ଼ କରାଯାଉଛି। କମ୍ପାନୀର ନିର୍ଦ୍ଦେଶକଙ୍କୁ ମଧ୍ୟ ସମନ ଜାରି କରାଯାଇଛି।


WESCO ୱେସ୍କୋ ୟୁଟିଲିଟି

ମୁଖ୍ୟ କାର୍ଯ୍ୟାଳୟ, ବୁର୍ଲା, ଜିଲ୍ଲା- ସମ୍ବଲପୁର- ୭୬୮୦୧୭

ଶୁଳ୍କସୂଚୀ ଅଧିସୂଚନା

୧ ମେଗାୱାଟ୍ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ୍ ଉପଭୋକ୍ତାଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଦେୟ ଏବଂ ଟ୍ରାନ୍ସମିଶନ ଦେୟ

୧ ଅକ୍ଟୋବର, ୨୦୨୦ଠାରୁ ଲାଗୁ

୧. ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୩୯, ୪୦, ୪୨ ଓ ୬୨(୪) ସହିତ ପଠନପୂର୍ବକ ଓଇଆରସି (ଓପନ୍ ଆକ୍ସେସ୍ ଚାର୍ଜେସ୍) ନିୟମାବଳୀ ୨୦୦୬ର ଅଧାୟ ୨ର ବ୍ୟବସ୍ଥାପନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି, ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ଓପନ୍ ଆକ୍ସେନ୍ ଦେୟ (ଟ୍ରାନ୍ସମିଶନ/ହ୍ୱିଲିଂ ଦେୟ, ସରଚାର୍ଜ ଏବଂ ଅନ୍ତଃ ରାଜ୍ୟ ଟ୍ରାନ୍ସମିଶନ/ବିତରଣ ପ୍ରଣାଳୀର ଉପଯୋଗ ପାଇଁ ଓପନ୍ ଆକ୍ସେସ୍ ଉପଭୋକ୍ତାଙ୍କ ଲାଗି ପ୍ରଯୁଜ୍ୟ ଅତିରିକ୍ତ ସରଚାର୍ଜ) ଅନୁମୋଦନ ସଂକ୍ରାନ୍ତୀୟ ୨୦୧୯ର ମାମଲା ସଂଖ୍ୟା ୭୦, ୭୪, ୭୫, ୭୬, ୭୭, ୭୮, ୭୯ ଓ ୮୦ରେ ତା୨୩।୦୯।୨୦୨୦ରିଖ ଦିନ ଏକ ସାଧାରଣ ନିର୍ଦ୍ଦେଶ ଗୃହୀତ କରିଛନ୍ତି ଯାହା ୧ ଅକ୍ଟୋବର, ୨୦୨୦ଠାରୁ ଲାଗୁ ହେବ ।

୨. ନିମ୍ନ ସାରଣୀରେ ଦର୍ଶାଯାଇଥିବା ଅନୁଯାୟୀ ହ୍ୱିଲିଂ ଦେୟ ଏବଂ ସରଚାର୍ଜ ତା୦୧।୧୦।୨୦୨୦ରିଖଠାରୁ ଲାଗୁ ହେବ।

୧ ମେଗାୱାଟ୍ ଏବଂ ତଦୂର୍ଦ୍ଧ୍ୱ ଓପନ୍ ଆକ୍ସେସ୍ ଉପଭୋକ୍ତାଙ୍କ ପାଇଁ ସରଚାର୍ଜ, ହ୍ୱିଲିଂ ଦେୟ ଏବଂ ଟ୍ରାନ୍ସମିଶନ୍ ଦେୟ

| ଲାଇସେନ୍ସିଙ୍କ ନାମ | କ୍ରସ୍ ସବ୍‌ସିଡି ସରଚାର୍ଜ (ପି/ୟୁ) | | କେବଳ ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରଯୁଜ୍ୟ ହ୍ୱିଲିଂ ଦେୟ ପି/ୟୁ | ଓପନ୍ ଆକ୍ସେସ୍ ଗ୍ରାହକଙ୍କ ପାଇଁ ଟ୍ରାନ୍ସମିଶନ୍ ଦେୟ (ଏଚ୍‌ଟି ଓ ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରଯୁଜ୍ୟ) |
|---|---|---|---|---|
| | ଇଏଚ୍‌ଟି | ଏଚ୍‌ଟି | | |
| ଟିପିସିଓଡିଏଲ୍ | ୧୫୨.୪୦ | ୯୩.୪୪ | ୭୨.୩୧ | ଓପନ୍ ଆକ୍ସେସ୍‌ର ସୁବିଧା ନେଉଥିବା ଦୀର୍ଘମିଆଦୀ ଓପନ୍ ଆକ୍ସେସ୍ ଗ୍ରାହକ ଟ.୬୦୦୦/ମେଗାୱାଟ୍/ଦିନ (ଟ.୨୫୦/ମେଗାୱାଟ୍ ଘଣ୍ଟା) ପୈଠ କରିବେ ଏବଂ ସ୍ୱଳ୍ପମିଆଦୀ ଓପନ୍ ଆକ୍ସେସ୍ ଗ୍ରାହକ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ଦେୟ ପୈଠ କରିବେ। |
| ନେସ୍କୋ ୟୁଟିଲିଟି | ୧୨୭.୬୪ | ୫୭.୦୫ | ୮୭.୩୫ | |
| ୱେସ୍କୋ ୟୁଟିଲିଟି | ୧୨୩.୬୭ | ୭୧.୨୯ | ୫୭.୯୧ | |
| ସାଉଥ୍‌କୋ ୟୁଟିଲିଟି | ୨୦୨.୫୪ | ୧୩୭.୪୭ | ୮୮.୯୪ | |

୩. ଇଏଚ୍‌ଟିରେ ନର୍ମେଟିଭ୍ ଟ୍ରାନ୍ସମିଶନ୍ କ୍ଷତି (୩.୦%) ଏବଂ ଏଚ୍‌ଟି ସ୍ତରରେ ନର୍ମେଟିଭ୍ ହ୍ୱିଲିଂ କ୍ଷତି (୮%) ବର୍ଷ ୨୦୨୦–୨୧ ପାଇଁ ପ୍ରଯୁଜ୍ୟ ।

୪. ଅତିରିକ୍ତ ସରଚାର୍ଜ: ଏମ୍ବେଡେଡ୍ ଲାଇସେନ୍‌ସିଙ୍କୁ କ୍ରସ୍ ସବ୍‌ସିଡି ସରଚାର୍ଜରୁ ଉପରେ ଓ ଉର୍ଦ୍ଧ୍ୱରେ ସରଚାର୍ଜ ପୈଠଯୋଗ୍ୟ ହେବନାହିଁ।

୫. ଅକ୍ଷୟ ଶକ୍ତିର ସୁବିଧା ନେଉଥିବା ଉପଭୋକ୍ତାଙ୍କ ଦ୍ୱାରା କୌଣସି କ୍ରସ୍–ସବ୍‌ସିଡି ସରଚାର୍ଜ ପୈଠଯୋଗ୍ୟ ହେବନାହିଁ।

୬. କୋ–ଜେନେରେଶନ ଓ ବାୟୋ ମାସ୍ ପାୱାର୍ ପ୍ଲାଣ୍ଟକୁ ଛାଡ଼ି ଅକ୍ଷୟ ଉତ୍ସରୁ ଶକ୍ତି ହାସଲ କରୁଥିବା ଉପଭୋକ୍ତାଙ୍କ ଦ୍ୱାରା ୨୦% ଟ୍ରାନ୍ସମିଶନ୍ ଓ ହ୍ୱିଲିଂ ଦେୟ ପେଠଯୋଗ୍ୟ।

୭. ଆର୍ଥିକବର୍ଷ ୨୦୨୦–୨୧ ପାଇଁ ଅଧିସୂଚିତ ତଥା ୧ ଅକ୍ଟୋବର, ୨୦୨୦ଠାରୁ ଲାଗୁ ଏହି ଦେୟଗୁଡ଼ିକ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

ସର୍ବସାଧାରଣ ତଥା ଏ ବିଷୟରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷଙ୍କ ସୂଚନାର୍ଥେ ଆୟୋଗ ଏତଦ୍ୱାରା ଏଚ୍‌ଟି ଏବଂ ଇଏଚ୍‌ଟିର ସମସ୍ତ ଶ୍ରେଣୀର ଉପଭୋକ୍ତାଙ୍କ ପାଇଁ ଲାଗୁ ଦେୟଗୁଡ଼ିକୁ ପ୍ରକାଶିତ କରୁଛନ୍ତି। କଥିତ ନିର୍ଦ୍ଦେଶ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.orgରେ ତଥା ୱେସ୍କୋ ୟୁଟିଲିଟର ୱେବ୍‌ସାଇଟ୍ www.wescoodisha.comରେ ଉପଲବ୍ଧ।

ସ୍ଥାନ: ବୁର୍ଲା
ତାରିଖ: ୨୩।୦୯।୨୦୨୦

ସ୍ୱା./-
ପ୍ରାଧିକୃତ ଅଧିକାରୀ






GOVERNMENT OF ODISHA No. B-287

OFFICE OF THE EXECUTIVE ENGINEER
JAGATSINGHPUR R&B DIVISION

TENDER CALL NOTICE No. 06/Dt.22.09.2020

1. The Executive Engineer, Jagatsinghpur R&B Division, Jagatsinghpur on behalf of Hon'ble Governor of Odisha invites sealed tenders in conformity with the terms and conditions of the details tender schedule for **"Procurement & Installation of X-Ray Machine (500mA) with High Frequency, CR Unit & 3D Ultrasound machine with Colour Doppler for CHC, Balikuda in the District Jagatsinghpur"** from the interested authorized Medical Equipment Supplier/Distributers having valid GST Registration Certificate and PAN Card etc.
2. The bid document can be received from the Office of the Executive Engineer, Jagatsinghpur R&B Division, Jagatsinghpur on payment of Cash/Bank Draft of Rs.6000.00 (Non-refundable) from Dt.29.09.2020 to Dt.14.10.2020 during office hours.
3. The bid should accompany EMD of Rs.36000.00 (Rupees thirty six thousand) only as bid security in shape of N.S.C./Post Office Savings Bank Account/Post Office Time Deposit Account/Kissan Vikas Patra/Fixed Deposit of any Schedule Bank duly pledged in favour of Executive Engineer, Jagatsinghpur (R&B) Division and will have to be in any one of the forms as specified in the bidding documents duly pledged in favour of Executive Engineer, Jagatsinghpur R&B Division, Jagatsinghpur, failing which the bid will be liable for rejection.
4. The bid document will be available in the website **www.odisha.gov.in** from 11.00 hours of Dt.29.09.2020 to Dt.14.10.2020 upto 5 P.M.
5. The bid will be opened on Dt.15.10.2020 at 1.00 P.M. in the Office of the Executive Engineer, Jagatsinghpur R&B Division.
6. The authority reserves the right to accept or reject in part or full any or all quotations without assigning any reason thereof.
7. Further details can be seen from the website **www.odisha.gov.in**.

Sd./- Executive Engineer
Jagatsinghpur R&B Division

OIPR-34093/11/0006/2021



ନିର୍ବାହୀ ଯନ୍ତ୍ରୀ, ଭୁବନେଶ୍ୱର (ରାସ୍ତା ଓ ଗୃହ)
ବିଭାଜନ ନଂ.–୪ଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର
E-mail ID: eernb4bbsr@gmail.com

ନଂ. ୪୧୩୯ ତାରିଖ: ୨୨।୦୯।୨୦୨୦

ଅଧିସୂଚନା

No. B-292: ଏତଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ତା୧୦।୦୯।୨୦୧୭ରିଖରେ ଭୁବନେଶ୍ୱରସ୍ଥିତ ବମିଖାଲ ଓଭରବ୍ରିଜ୍‌ରେ ଘଟିଥିବା ଦୁର୍ଘଟଣାରେ ଆହତ ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବା ପାଇଁ ମାନ୍ୟବର ଜାତୀୟ ମାନବାଧିକାର ଆୟୋଗ କେସ୍ ନମ୍ବର ୪୪୭୦/୧୮/୨୮/୨୦୧୭କୁ ଆଧାରକରି ପ୍ରତି ବ୍ୟକ୍ତି ବିଶେଷଙ୍କୁ ଟ.୫୦,୦୦୦.୦୦ଙ୍କା (ପଚାଶ ହଜାର ଟଙ୍କା) ଆଦେଶନାମା ଦେଇଛନ୍ତି। ଏଣୁ ଆପଣମାନେ ଉକ୍ତ କ୍ଷତିପୂରଣ ବାବଦ ଟ.୫୦,୦୦୦.୦୦ଙ୍କା (ପଚାଶ ହଜାର ଟଙ୍କା) ପାଇବା ପାଇଁ ଆପଣଙ୍କ ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ବ୍ୟାଙ୍କ ପାସ୍‌ବୁକ ଧରି ନିମ୍ନସ୍ୱାକ୍ଷର ଅଧିକାରୀଙ୍କ କାର୍ଯ୍ୟାଳୟରେ ଆସନ୍ତା ଅକ୍ଟୋବର ମାସ ୦୭ ତାରିଖ କିମ୍ବା ତା' ପୂର୍ବରୁ ଉପସ୍ଥିତ ହୋଇ କ୍ଷତିପୂରଣ ବାବଦ ରାଶି ଗ୍ରହଣ କରିବା ହେବେ।

| କ୍ରମିକ ସଂଖ୍ୟା | ଆହତ ଶ୍ରମିକଙ୍କ ନାମ | ପିତାଙ୍କ ନାମ | ଠିକଣା |
|---|---|---|---|
| ୧. | ତପୀ ଭୋଇ | ଗୁରୁଦେବ ଭୋଇ | ଗ୍ରାମ: କୁସୁମାଳ, ପୋ: ଅମାପଲ୍ଲି ପଞ୍ଚାୟତ, ଥାନା: ସଇଁତଳା, ଜିଲ୍ଲା: ବଲାଙ୍ଗିରି |
| ୨. | ବିନୋଦ ଡୁଙ୍ଗ୍‌ଡୁଙ୍ଗ୍ | ଆକ୍ୟୁଷ୍ଟସ୍ ଡୁଙ୍ଗ୍‌ଡୁଙ୍ଗ୍ | ଗ୍ରାମ: ଜୟଟେଗା, ପୋ: ଝୁମୁରା, ଥାନା: ରାଇବଗ, ଜିଲ୍ଲା: ସୁନ୍ଦରଗଡ଼ |
| ୩. | ସନ୍ତୋଷ କେଟେ | ପଲିକାର୍ପ କେଟେ | ଗ୍ରାମ: ଜୟଡେଗା ନୂଆଟଲି, ପୋ: ଝୁମୁରା, ଥାନା: ରାଇବଗ, ଜିଲ୍ଲା: ସୁନ୍ଦରଗଡ଼ |
| ୪. | ପାଉଲ କିରୋ | ଶୈଲସ କିରୋ | ଗ୍ରାମ: ଯାଜପୁର ଗିରିଜାପଡ଼ା, ପୋ: ଦନଜାମେରା, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ଼ |
| ୫. | ଆନନ୍ଦ ପ୍ରକାଶ କେରକେଟା | ଅଭିନାଶ କେରକେଟା | ଗ୍ରାମ: ମଙ୍ଗରକୁନ୍ଦ, ପୋ: ଖଟକୁରୁବାହାଲ, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ଼ |
| ୬. | ଅମ୍ରିତ୍ କେର୍‌କେଟା | ମିରିୟାନସ୍ କେର୍‌କେଟା | ଗ୍ରାମ: ମଙ୍ଗରାକୁନ୍ଦ, ପୋ: ଖାଟକୁରବାହାଲ୍, ଥାନା: କୁତ୍ରା, ଜିଲ୍ଲା: ସୁନ୍ଦରଗଡ଼ |
| ୭. | ଉମେଶ ଶୁକ୍ଳା | ରାଜେନ୍ଦ୍ର ଶୁକ୍ଳା | ଗ୍ରାମ: କମଳପୁର, ପୋ: ମୀରନପୁର, ଥାନା: ନୋହରା, ଜିଲ୍ଲା: ଗାଜିପୁର, ରାଜ୍ୟ: ଉତ୍ତରପ୍ରଦେଶ |

ସ୍ୱା./– ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ ଗୃହ), ବିଭାଜନ ନଂ.–୪, ଭୁବନେଶ୍ୱର

OIPR-34090/11/0007/2021



WESCO ୱେସ୍କୋ ୟୁଟିଲିଟି

ମୁଖ୍ୟ କାର୍ଯ୍ୟାଳୟ, ବୁର୍ଲା, ଜିଲ୍ଲା- ସମ୍ବଲପୁର- ୭୬୮୦୧୭

ଶୁଳ୍କସୂଚୀ ଅଧିସୂଚନା

୧ ଅକ୍ଟୋବର ୨୦୨୦ରୁ ଲାଗୁ ଖୁଚୁରା ଯୋଗାଣ ଶୁଳ୍କସୂଚୀ

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୨(୪), ୬୪(୩) ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ବ୍ୟବସ୍ଥାପନ ଅଧୀନରେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିତରକ ଲାଇସେନ୍ସି ଏବଂ ୟୁଟିଲିଟିଗୁଡ଼ିକ ପାଇଁ ମୋଟ ରାଜସ୍ୱ ଆବଶ୍ୟକତା ଏବଂ ଖୁଚୁରା ଯୋଗାଣ ଶୁଳ୍କସୂଚୀ ତଥା ଓପନ୍ ଆକ୍ସେସ୍ ଦେୟର ସଂଶୋଧନ ସଂକ୍ରାନ୍ତୀୟ ୨୦୧୯ର ମାମଲା ନଂ. ୭୦, ୭୪, ୭୫, ୭୬, ୭୭, ୭୮, ୭୯ ଓ ୮୦ରେ ତା୨୩।୦୯।୨୦୨୦ରିଖ ଦିନ ଏକ ସାଧାରଣ ନିର୍ଦ୍ଦେଶ ଗୃହୀତ କରିଛନ୍ତି ଯାହା ରାଜ୍ୟରେ ତା୦୧।୧୦।୨୦୨୦ରିଖଠାରୁ ଲାଗୁ ହେବ ।

ଓଇଆରସି (ବ୍ୟବସାୟର ସଞ୍ଚାଳନ) ବ୍ୟବସ୍ଥାପନ, ୨୦୦୪ର ବ୍ୟବସ୍ଥାପନ ୫୭ ଅନୁଯାୟୀ, ୱେସ୍କୋ ୟୁଟିଲିଟି ଏତଦ୍ୱାରା ଖୁଚୁରା ଯୋଗାଣ ଶୁଳ୍କସୂଚୀ ଓ ଅନ୍ୟାନ୍ୟ ଦେୟଗୁଡ଼ିକୁ ନିମ୍ନରେ ପ୍ରକାଶିତ କରୁଛନ୍ତି:

୧. ୨୦୨୦–୨୧ ଆର୍ଥିକ ବର୍ଷ ପାଇଁ ତା୨୩।୦୯।୨୦୨୦ରିଖର ଓଇଆର୍‌ସିର ସାଧାରଣ ନିର୍ଦ୍ଦେଶ ଅନୁଯାୟୀ ଶୁଳ୍କସୂଚୀ ଓ ଅନ୍ୟାନ୍ୟ ଦେୟ ଓଡ଼ିଶା ରାଜ୍ୟରେ ବିତରଣ ୟୁଟିଲିଟିଙ୍କ ଯୋଗାଣ ଅଞ୍ଚଳର ବିଦ୍ୟୁତ୍ ଗ୍ରାହକମାନଙ୍କ ପାଇଁ ବିଦ୍ୟୁତ୍ ବ୍ୟବହାର ଲାଗି ନିମ୍ନଲିଖିତ ଅନୁସୂଚୀ ଅନୁଯାୟୀ ତା୦୧।୧୦।୨୦୨୦ରିଖଠାରୁ ଲାଗୁ ହେବ ଏବଂ ଆୟୋଗଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ ।

୨. ଓଡ଼ିଶା ବିଦ୍ୟୁତ୍ (ଶୁଳ୍କ) ଅଧିନିୟମ, ୧୯୬୧ ଅଧୀନରେ ଓଡ଼ିଶା ସରକାରଙ୍କ ଦ୍ୱାରା ଧାର୍ଯ୍ୟ ବିଦ୍ୟୁତ୍ ଶୁଳ୍କ ଏବଂ ସମୟ ସମୟରେ ଅନ୍ୟ କୌଣସି ଅନ୍ୟାନ୍ୟ ବୈଧାନିକ ଦେୟ/ଶୁଳ୍କ/ଟିକସ/ସେସ୍/ଟୋଲ୍‌କୁ ଆଇନ ଅନୁଯାୟୀ ଶୁଳ୍କସୂଚୀ ଉପରେ ଏବଂ ଉର୍ଦ୍ଧ୍ୱରେ ଉପଭୋକ୍ତାଙ୍କଠାରୁ ଆଦାୟ କରାଯିବ ।

୩. ଆୟୋଗର ସବିସ୍ତୃତ ନିର୍ଦ୍ଦେଶ ଏହାର ୱେବ୍‌ସାଇଟ୍ **www.orierc.org** ତଥା ଲାଇସେନ୍ସିଙ୍କ ୱେବ୍‌ସାଇଟ୍ **www.wescoodisha.com**ରେ ଉପଲବ୍ଧ ।

ସ୍ଥାନ: ବୁର୍ଲା
ତାରିଖ: ୨୩।୦୯।୨୦୨୦

ସ୍ୱା./- ପ୍ରାଧିକୃତ ଅଧିକାରୀ

୧ ଅକ୍ଟୋବର, ୨୦୨୦ଠାରୁ ଲାଗୁ ଖୁଚୁରା ଯୋଗାଣ ଶୁଳ୍କସୂଚୀ

| କ୍ର.ସଂ. | ଉପଭୋକ୍ତା ବର୍ଗ | ଯୋଗାଣର ଭୋଲ୍‌ଟେଜ୍ | ଚାହିଦା ଦେୟ (ଟ./କେଡବ୍ଲ୍ୟୁ/ମାସ)/(ଟ./କେଭିଏ/ମାସ) | ଶକ୍ତି ଦେୟ (ପି/କେଡବ୍ଲ୍ୟୁଏଚ୍) | ଗ୍ରାହକ ସେବା ଦେୟ (ଟଙ୍କା/ମାସ) | ପ୍ରଥମ କେଡବ୍ଲ୍ୟୁ ଅଥବା ଭାଗ ପାଇଁ ମାସିକ ସର୍ବନିମ୍ନ ସ୍ଥାୟୀ ଦେୟ | ଅନ୍ୟାନ୍ୟ ଅତିରିକ୍ତ କେଡବ୍ଲ୍ୟୁ କିମ୍ବା ଭାଗ ପାଇଁ ମାସିକ ସ୍ଥାୟୀ ଦେୟ | ରିହାତି (ପି/କେଡବ୍ଲ୍ୟୁଏଚ୍)/ଡିପିଏସ୍ |
|---|---|---|---|---|---|---|---|---|
| | ଏଲ୍‌ଟି ବର୍ଗ | | | | | | | |
| ୧ | ଘରୋଇ | | | | | | | |
| ୧.କ | କୁଟୀର ଜ୍ୟୋତି <= ୩୦ ୟୁନିଟ୍/ମାସ | ଏଲ୍‌ଟି | ମାସିକ ସ୍ଥାୟୀ ଦେୟ ----> | | | ୮୦ | | |
| ୧.ଖ | ଅନ୍ୟାନ୍ୟ | | | | | | | ୧୦ |
| | (ବ୍ୟବହାର <=୫୦ ୟୁନିଟ୍/ମାସ) | ଏଲ୍‌ଟି | | ୨୭୦.୦୦ | | ୨୦ | ୨୦ | |
| | (ବ୍ୟବହାର >୫୦, <=୨୦୦ ୟୁନିଟ୍/ମାସ) | ଏଲ୍‌ଟି | | ୪୫୦.୦୦ | | | | |
| | (ବ୍ୟବହାର >୨୦୦, <=୪୦୦ ୟୁନିଟ୍/ମାସ) | ଏଲ୍‌ଟି | | ୫୫୦.୦୦ | | | | |
| | ବ୍ୟବହାର >୪୦୦ ୟୁନିଟ୍/ମାସ) | ଏଲ୍‌ଟି | | ୫୯୦.୦୦ | | | | |
| ୨ | ସାଧାରଣ ଉଦ୍ଦେଶ୍ୟ <୧୧୦ କେଭିଏ | | | | | | | ୧୦ |
| | ବ୍ୟବହାର <= ୧୦୦ ୟୁନିଟ୍/ମାସ | ଏଲ୍‌ଟି | | ୫୬୦.୦୦ | | ୩୦ | ୩୦ | |
| | ବ୍ୟବହାର >୧୦୦, <= ୩୦୦ ୟୁନିଟ୍/ମାସ | ଏଲ୍‌ଟି | | ୬୭୦.୦୦ | | | | |
| | (ବ୍ୟବହାର >୩୦୦ ୟୁନିଟ୍/ମାସ) | ଏଲ୍‌ଟି | | ୭୩୦.୦୦ | | | | |
| ୩ | ଜଳସେଚନ, ପମ୍ପିଂ ଓ କୃଷି | ଏଲ୍‌ଟି | | ୧୫୦.୦୦ | | ୨୦ | ୧୦ | ୧୦ |
| ୪ | ସମ୍ପର୍କିତ କୃଷି କାର୍ଯ୍ୟ | ଏଲ୍‌ଟି | | ୧୬୦.୦୦ | | ୨୦ | ୧୦ | ୧୦ |
| ୫ | ସମ୍ପର୍କିତ ଆଗ୍ରୋ ଇଣ୍ଡଷ୍ଟ୍ରିଆଲ କାର୍ଯ୍ୟ | ଏଲ୍‌ଟି | | ୪୪୦.୦୦ | | ୮୦ | ୫୦ | ଡିପିଏସ୍/ରିହାତି |
| ୬ | ସର୍ବସାଧାରଣ ଆଲୋକ ବ୍ୟବସ୍ଥା | ଏଲ୍‌ଟି | | ୫୯୦.୦୦ | | ୨୦ | ୧୫ | ଡିପିଏସ୍/ରିହାତି |
| ୭ | ଏଲ୍.ଟି. ଇଣ୍ଡଷ୍ଟ୍ରିଆଲ୍ (ଏସ୍) ଯୋଗାଣ <୨୨ କେଭିଏ | ଏଲ୍‌ଟି | | ୫୯୦.୦୦ | | ୮୦ | ୩୫ | ୧୦ |
| ୮ | ଏଲ୍.ଟି. ଇଣ୍ଡଷ୍ଟ୍ରିଆଲ୍ (ଏମ୍) ଯୋଗାଣ >=୨୨ କେଭିଏ <୧୧୦ କେଭିଏ | ଏଲ୍‌ଟି | | ୫୯୦.୦୦ | | ୧୦୦ | ୮୦ | ଡିପିଏସ୍/ରିହାତି |
| ୯ | ଅଧିସୂଚିତ ସର୍ବସାଧାରଣ ଉଦ୍ଦେଶ୍ୟ | ଏଲ୍‌ଟି | | ୫୯୦.୦୦ | | ୫୦ | ୫୦ | ଡିପିଏସ୍/ରିହାତି |
| ୧୦ | ସର୍ବସାଧାରଣ ୱାଟର୍ ୱାର୍କସ୍ ଓ ସ୍ୱେରେଜ୍ ପମ୍ପିଂ <୧୧୦ କେଭିଏ | ଏଲ୍‌ଟି | | ୫୯୦.୦୦ | | ୫୦ | ୫୦ | ୧୦ |
| ୧୧ | ସର୍ବସାଧାରଣ ୱାଟର୍ ୱାର୍କସ୍ ଓ ସ୍ୱେରେଜ୍ ପମ୍ପିଂ >=୧୧୦ କେଭିଏ | ଏଲ୍‌ଟି | ୨୦୦ | ୫୯୦.୦୦ | ୩୦ | | | ୧୦ |
| ୧୨ | ସାଧାରଣ ଉଦ୍ଦେଶ୍ୟ >=୧୧୦ କେଭିଏ | ଏଲ୍‌ଟି | ୨୦୦ | ୫୯୦.୦୦ | ୩୦ | | | ଡିପିଏସ୍/ରିହାତି |
| ୧୩ | ବୃହତ୍ ଶିଳ୍ପ | ଏଲ୍‌ଟି | ୨୦୦ | ୫୯୦.୦୦ | ୩୦ | | | ଡିପିଏସ୍/ରିହାତି |
| | ଏଚ୍‌ଟି ବର୍ଗ | | | | | | | |
| ୧୪ | ବୃହତ୍ ଯୋଗାଣ – ଘରୋଇ | ଏଚ୍‌ଟି | ୨୦ | ୪୬୦.୦୦ | ୨୫୦ | | | ୧୦ |
| ୧୫ | ଜଳସେଚନ ପମ୍ପିଂ ଓ କୃଷି | ଏଚ୍‌ଟି | ୩୦ | ୧୪୦.୦୦ | ୨୫୦ | | | ୧୦ |
| ୧୬ | ସମ୍ପର୍କିତ କୃଷିଗତ କାର୍ଯ୍ୟ | ଏଚ୍‌ଟି | ୩୦ | ୧୫୦.୦୦ | ୨୫୦ | | | ୧୦ |
| ୧୭ | ସମ୍ପର୍କିତ ଆଗ୍ରୋ–ଇଣ୍ଡଷ୍ଟ୍ରିଆଲ୍ କାର୍ଯ୍ୟ | ଏଚ୍‌ଟି | ୫୦ | ୪୩୦.୦୦ | ୨୫୦ | | | ଡିପିଏସ୍/ରିହାତି |
| ୧୮ | ଅଧିସୂଚିତ ସର୍ବସାଧାରଣ ଉଦ୍ଦେଶ୍ୟ | ଏଚ୍‌ଟି | ୨୫୦ | ନିମ୍ନ ଦ୍ରଷ୍ଟବ୍ୟରେ ଦର୍ଶାଯାଇଥିବା ଅନୁଯାୟୀ | ୨୫୦ | | | ଡିପିଏସ୍/ରିହାତି |
| ୧୯ | ସାଧାରଣ ଉଦ୍ଦେଶ୍ୟ >୭୦ କେଭିଏ <୧୧୦ କେଭିଏ | ଏଚ୍‌ଟି | ୨୫୦ | | ୨୫୦ | | | ୧୦ |
| ୨୦ | ଏଚ୍.ଟି. ଇଣ୍ଡଷ୍ଟ୍ରିଆଲ୍ (ଏମ୍) ଯୋଗାଣ | ଏଚ୍‌ଟି | ୧୫୦ | | ୨୫୦ | | | ଡିପିଏସ୍/ରିହାତି |
| ୨୧ | ସାଧାରଣ ଉଦ୍ଦେଶ୍ୟ >= ୧୧୦ କେଭିଏ | ଏଚ୍‌ଟି | ୨୫୦ | | ୨୫୦ | | | ଡିପିଏସ୍/ରିହାତି |
| ୨୨ | ସର୍ବସାଧାରଣ ୱାଟର ୱାର୍କସ୍ ଓ ସ୍ୱେରେଜ୍ ପମ୍ପିଂ | ଏଚ୍‌ଟି | ୨୫୦ | | ୨୫୦ | | | ୧୦ |
| ୨୩ | ବୃହତ୍ ଶିଳ୍ପ | ଏଚ୍‌ଟି | ୨୫୦ | | ୨୫୦ | | | ଡିପିଏସ୍/ରିହାତି |
| ୨୪ | ପାୱାର୍ ଇଣ୍ଟେନ୍‌ସିଭ୍ ଇଣ୍ଡଷ୍ଟ୍ରି | ଏଚ୍‌ଟି | ୨୫୦ | | ୨୫୦ | | | ଡିପିଏସ୍/ରିହାତି |
| ୨୫ | ମିନି ଷ୍ଟିଲ୍ ପ୍ଲାଣ୍ଟ | ଏଚ୍‌ଟି | ୨୫୦ | | ୨୫୦ | | | ଡିପିଏସ୍/ରିହାତି |
| ୨୬ | ରେଲ୍‌ୱେ ଟ୍ରାକ୍ସନ୍ | ଏଚ୍‌ଟି | ୨୫୦ | | ୨୫୦ | | | ଡିପିଏସ୍/ରିହାତି |
| ୨୭ | ସିଜିପିକୁ ଜରୁରିକାଳୀନ ଯୋଗାଣ | ଏଚ୍‌ଟି | ୦ | ୭୫୦.୦୦ | ୨୫୦ | | | ଡିପିଏସ୍/ରିହାତି |
| ୨୮ | କଲୋନୀ ବ୍ୟବହାର (ଉଭୟ ଏସ୍‌ପିପି ଓ ଇଣ୍ଡଷ୍ଟ୍ରିଆଲ୍) | ଏଚ୍‌ଟି | ୦ | ୪୬୦.୦୦ | ୦ | | | ଡିପିଏସ୍/ରିହାତି |
| | ଇଏଚ୍‌ଟି ବର୍ଗ | | | | | | | |
| ୨୯ | ସାଧାରଣ ଉଦ୍ଦେଶ୍ୟ | ଇଏଚ୍‌ଟି | ୨୫୦ | ନିମ୍ନ ଦ୍ରଷ୍ଟବ୍ୟରେ ଦର୍ଶାଯାଇଥିବା ଅନୁଯାୟୀ | ୭୦୦ | | | ଡିପିଏସ୍/ରିହାତି |
| ୩୦ | ବୃହତ୍ ଶିଳ୍ପ | ଇଏଚ୍‌ଟି | ୨୫୦ | | ୭୦୦ | | | ଡିପିଏସ୍/ରିହାତି |
| ୩୧ | ରେଲ୍‌ୱେ ଟ୍ରାକ୍ସନ୍ | ଇଏଚ୍‌ଟି | ୨୫୦ | | ୭୦୦ | | | ଡିପିଏସ୍/ରିହାତି |
| ୩୨ | ଭାରି ଶିଳ୍ପ | ଇଏଚ୍‌ଟି | ୨୫୦ | | ୭୦୦ | | | ଡିପିଏସ୍/ରିହାତି |
| ୩୩ | ପାୱାର୍ ଇଣ୍ଟେନ୍‌ସିଭ୍ ଇଣ୍ଡଷ୍ଟ୍ରି | ଇଏଚ୍‌ଟି | ୨୫୦ | | ୭୦୦ | | | ଡିପିଏସ୍/ରିହାତି |
| ୩୪ | ମିନି ଷ୍ଟିଲ୍ ପ୍ଲାଣ୍ଟ | ଇଏଚ୍‌ଟି | ୨୫୦ | | ୭୦୦ | | | ଡିପିଏସ୍/ରିହାତି |
| ୩୫ | ସିଜିପିକୁ ଜରୁରିକାଳୀନ ଯୋଗାଣ | ଇଏଚ୍‌ଟି | ୦ | ୭୪୦.୦୦ | ୭୦୦ | | | ଡିପିଏସ୍/ରିହାତି |
| ୩୬ | କଲୋନୀ ବ୍ୟବହାର | ଇଏଚ୍‌ଟି | ୦ | ୪୫୫.୦୦ | ୦ | | | ଡିପିଏସ୍/ରିହାତି |

ଦ୍ରଷ୍ଟବ୍ୟ: ଏଚ୍‌ଟି ଓ ଇଏଚ୍‌ଟି ପାଇଁ ଶକ୍ତି ଦେୟର ସ୍ଲାବ୍ ଦର (ପଇସା/ୟୁନିଟ୍)

| ଲୋଡ୍ ଫାକ୍ଟର (%) | ଏଚ୍‌ଟି | ଇଏଚ୍‌ଟି |
|---|---|---|
| =<୬୦% | ୫୫୫.୦୦ | ୫୫୦.୦୦ |
| >60% | ୪୪୫.୦୦ | ୪୪୦.୦୦ |

ତା୦୧।୦୪।୨୦୧୫ରିଖଠାରୁ ଲାଗୁ ପୁନଃ ସଂଯୋଗ ଦେୟ ଅପରିବର୍ତ୍ତିତ ରହିବ

| ଉପଭୋକ୍ତାଙ୍କ ବର୍ଗ | ପ୍ରଯୁଜ୍ୟ ଦର |
|---|---|
| ଏଲ୍‌ଟି ସିଙ୍ଗଲ୍ ଫେଜ୍ ଘରୋଇ ଉପଭୋକ୍ତା | ଟ.୧୫୦/– |
| ଏଲ୍‌ଟି ସିଙ୍ଗଲ୍ ଫେଜ୍ ଅନ୍ୟାନ୍ୟ ଉପଭୋକ୍ତା | ଟ.୪୦୦/ |
| ଏଲ୍‌ଟି ୩ ଫେଜ୍ ଉପଭୋକ୍ତା | ଟ.୬୦୦/– |
| ସମସ୍ତ ଏଚ୍‌ଟି ଓ ଇଏଚ୍‌ଟି ଗ୍ରାହକ | ଟ.୩୦୦୦/– |

(i) ଅସ୍ଥାୟୀ ସଂଯୋଗ କ୍ଷେତ୍ରରେ ଶକ୍ତି ଦେୟ ସମ୍ପୃକ୍ତ ବର୍ଗରେ ନିୟମିତ ସଂଯୋଗ ତୁଳନାରେ ୧୦% ଅଧିକ ହେବ।

(ii) ତା୦୧।୦୪।୨୦୧୭ରିଖରୁ ଲାଗୁ ମିଟର ଭଡ଼ା ନିମ୍ନ ଅନୁଯାୟୀ ଅପରିବର୍ତ୍ତିତ ରହିବ:

| ମିଟର ପ୍ରକାର | ମାସିକ ମିଟର ଭଡ଼ା (ଟ.) |
|---|---|
| ୧. ସିଙ୍ଗଲ୍ ଫେଜ୍ ଇଲେକ୍ଟ୍ରୋ ମାଗ୍ନେଟିକ୍ କେଡବ୍ଲ୍ୟୁଏଚ୍ ମିଟର | ୨୦ |
| ୨. ତିନି ଫେଜ୍ ଇଲେକ୍ଟ୍ରୋ ମାଗ୍ନେଟିକ୍ କେଡବ୍ଲ୍ୟୁଏଚ୍ ମିଟର | ୪୦ |
| ୩. ତିନି ଫେଜ୍ ଇଲେକ୍ଟ୍ରୋ ମାଗ୍ନେଟିକ୍ ଟ୍ରାଇ ଭେକ୍ଟର ମିଟର | ୧୦୦୦ |
| ୪. ଟ୍ରାଇ–ଭେକ୍ଟର ମିଟର ରେଲ୍‌ୱେ ଟ୍ରାକ୍ସନ୍ ନିମନ୍ତେ। | ୧୦୦୦ |
| ୫. ସିଙ୍ଗଲ ଫେଜ୍ ଷ୍ଟାଟିକ୍ କେଡବ୍ଲ୍ୟୁଏଚ୍ ମିଟର | ୪୦ |
| ୬. ତିନି ଫେଜ୍ ଷ୍ଟାଟିକ୍ କେଡବ୍ଲ୍ୟୁଏଚ୍ ମିଟର | ୧୫୦ |
| ୭. ତିନି ଫେଜ୍ ଷ୍ଟାଟିକ୍ ଟ୍ରାଇ–ଭେକ୍ଟର ମିଟର | ୧୦୦୦ |
| ୮. ତିନି ପେଜ୍ ଷ୍ଟାଟିକ୍ ବାଇ–ଭେକ୍ଟର ମିଟର | ୧୦୦୦ |
| ୯. ଏଲ୍‌ଟି ସିଙ୍ଗଲ ଫେଜ୍ ଏଏମ୍‌ଆର୍/ଏଏମ୍‌ଆଇ କମ୍ପ୍ଲିଆଣ୍ଟ ମିଟର | ୫୦ |
| ୧୦. ଏଲ୍‌ଟି ତିନି ଫେଜ୍ ଏଏମ୍‌ଆର୍/ଏଏମ୍‌ଆଇ କମ୍ପ୍ଲିଆଣ୍ଟ ମିଟର | ୧୫୦ |

**ଦ୍ରଷ୍ଟବ୍ୟ:** ଡିସ୍‌କମ୍ ଦ୍ୱାରା ଯୋଗାଣ କରାଯାଇଥିବା ମିଟର ନିମନ୍ତେ ମିଟର ଭଡ଼ା କେବଳ ୬୦ ମାସ ପାଇଁ ଆଦାୟ କରାଯିବ। ଷାଠିଏ ମାସ ପାଇଁ ମିଟର ଭଡ଼ା ସଂଗ୍ରହ ହେବା ପରେ ଏହା ବନ୍ଦ ହେବ। ସମସ୍ତ ବୈଧାନିକ ଶୁଳ୍କ ମିଟର ଭଡ଼ା ଅତିରିକ୍ତ ଭାବେ ସଂଗ୍ରହ କରାଯିବ ।

(iii) ଫିଡର୍‌ର ପ୍ରକୃତି ନିର୍ବିଶେଷରେ ଶକ୍ତି ହାସଲ କରୁଥିବା ଏଚ୍‌ଟି ଏବଂ ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଏକ ଭରସାଯୋଗ୍ୟତା ସରଚାର୍ଜ ୟୁନିଟ୍ ପିଛା @୧୦ ପଇସା ଜାରି ରହିବ । ଯଦି ଭରସାଯୋଗ୍ୟତା ସୂଚକାଙ୍କ ୯୯% କିମ୍ବା ତଦୂର୍ଦ୍ଧ୍ୱ ହୁଏ ଏବଂ ଉପଭୋକ୍ତାଙ୍କ ପାର୍ଶ୍ୱରେ ଭୋଲ୍‌ଟେଜ୍ ପ୍ରୋଫାଇଲ୍ ନିର୍ଦ୍ଧାରିତ ସୀମା ମଧ୍ୟରେ ରହେ ତେବେ ୟୁନିଟ୍ ପିଛା @ ୧୦ ପଇସାର ଏହି ସରଚାର୍ଜ ଆଦାୟ କରାଯିବ । (ବିବରଣୀ ପାଇଁ ଅର୍ଡର ଦେଖନ୍ତୁ) (iv) ୧ ମେଗାୱାଟ୍ ଓ ତଦୂର୍ଦ୍ଧ୍ୱର ସିଡିଧାରୀ ଏବଂ ୩୩ କେଭିରେ ଶକ୍ତି ଡ୍ର କରୁଥିବା ସମସ୍ତ ଇଣ୍ଡଷ୍ଟ୍ରିଆଲ୍ ଉପଭୋକ୍ତାଙ୍କୁ ଲୋଡ୍ ଫାକ୍ଟରର ୭୦% ଅତିରିକ୍ତରେ ଓ ଲୋଡ୍ ଫାକ୍ଟରର ୮୦% ପର୍ଯ୍ୟନ୍ତ ବ୍ୟବହୃତ ୟୁନିଟ୍‌ଗୁଡ଼ିକ ଲାଗି ମାସିକ ୟୁନିଟ୍ ପିଛା ୧୦ ପଇସାର ଏବଂ ଲୋଡ୍ ଫାକ୍ଟରର ୮୦% ଅତିରିକ୍ତ ବ୍ୟବହୃତ ୟୁନିଟ୍ ପାଇଁ ୟୁନିଟ୍ ପିଛା ୨୦ ପଇସାର ରିହାତି ଦିଆଯିବ। ଏହା ଉପଭୋକ୍ତା ଯୋଗ୍ୟ ହୋଇଥିବା ଅନ୍ୟ ସମସ୍ତ ରିହାତିରୁ ଅତିରିକ୍ତ ହେବ । (v) ଇଏଚ୍‌ଟିରେ ଶକ୍ତି ଡ୍ର କରୁଥିବା ସମସ୍ତ ଇଣ୍ଡଷ୍ଟ୍ରିଆଲ ଉପଭୋକ୍ତା ଲୋଡ୍ ଫାକ୍ଟରର ୮୦%ର ଅତିରିକ୍ତ ବ୍ୟବହୃତ ସମସ୍ତ ୟୁନିଟ୍ ପାଇଁ ୟୁନିଟ୍ ପିଛା ୧୦ ପଇସାର ରିହାତି ପାଇଁ ଯୋଗ୍ୟ ହେବେ। (vi) ୫ କେଡବ୍ଲ୍ୟୁ ପର୍ଯ୍ୟନ୍ତ ସିଡି ଧାରୀ ଏବଂ ଉପଭୋକ୍ତାଙ୍କ ପରିସରରୁ ୩୦ ମିଟର ମଧ୍ୟରେ ଖୁଣ୍ଟ ଥିବା ସମସ୍ତ ବର୍ଗର ଏଲ୍‌ଟି ସିଙ୍ଗଲ ଫେଜ୍ ଉପଭୋକ୍ତା: ୨ କେଡବ୍ଲ୍ୟୁ ପର୍ଯ୍ୟନ୍ତ: ଟ. ୧,୫୦୦/–, ୨ କେଡବ୍ଲ୍ୟୁ ପରେ ୫ କେଡବ୍ଲ୍ୟୁ ପର୍ଯ୍ୟନ୍ତ: ଟ.୨,୫୦୦/– ଏହି ସର୍ତ୍ତରେ ଯେ ଆବଶ୍ୟକ ଲାଇନ୍ ବିସ୍ତାରଣ ୩୦ ମିଟରରୁ ଅଧିକ ହେଉଥିବ, ଲାଇସେନ୍ସି/ଯୋଗାଣକାରୀ ଉପରୋକ୍ତ ଦେୟରୁ ଅତିରିକ୍ତ ଭାବେ ପ୍ରତ୍ୟେକ ଲାଇନ୍ ବିସ୍ତାରଣ ସ୍ପାନ୍ ପାଇଁ @ ଟ.୫,୦୦୦/– ଆଦାୟ କରିବେ । (vii) ଏଲ୍‌ଟି ଘରୋଇ, କୃଷି ଓ ସାଧାରଣ ଉଦ୍ଦେଶ୍ୟ ଉପଭୋକ୍ତାଙ୍କ ପାଇଁ ନୂଆ ସଂଯୋଗ ଲାଗି ଏକ "ତତ୍କାଳ ସ୍କିମ୍" ପ୍ରଯୁଜ୍ୟ ହେବ। (viii) ରେକର୍ଡିଂ ଡିମାଣ୍ଡର ବ୍ୟବସ୍ଥା ସହିତ ଷ୍ଟାଟିକ ମିଟର/ମିଟର ସହ ସ୍ଥାପନ କ୍ଷେତ୍ରରେ ରେକର୍ଡ ହୋଇଥିବା ଡିମାଣ୍ଡକୁ ନିକଟସ୍ଥ ୦.୫ କେଡବ୍ଲ୍ୟୁକୁ ରାଉଣ୍ଡ ଅଫ୍ କରାଯାଇ ରାଜିନାମା ନିର୍ବିଶେଷରେ କଣ୍ଟ୍ରାକ୍ଟ ଡିମାଣ୍ଡ ଭାବେ ବିବେଚିତ କରାଯିବ, ଯାହା କୌଣସି ଯାଞ୍ଚ ଆବଶ୍ୟକ କରିବ ନାହିଁ । ତେଣୁ, ୧୧୦ କେଭିଏରୁ କମ୍ ସଂଯୋଗ ହୋଇଥିବା ଲୋଡ୍ ପାଇଁ ମାସିକ ସର୍ବନିମ୍ନ ସ୍ଥିରୀକୃତ ଦେୟ (ଏମ୍ଏମ୍ଏଫ୍‌ସି)ର ହିସାବ ପାଇଁ ଉପରୋକ୍ତ ନିୟମକୁ ଭିତ୍ତି ଭାବେ ଧରାଯିବ । (ix) ୧୧୦ କେଭିଏରୁ କମ୍ କଣ୍ଟ୍ରାକ୍ଟ ଡିମାଣ୍ଡ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଲିଂ ଡିମାଣ୍ଡ ସଂଯୋଗ ହୋଇଥିବା ଲୋଡ୍ ନିର୍ବିଶେଷରେ ସମ୍ପୃକ୍ତ ଆର୍ଥିକ ବର୍ଷରେ ମିଟରରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଡିମାଣ୍ଡ ହେବ, ଯାହା କୌଣସି ଯାଞ୍ଚ ଆବଶ୍ୟକ କରିବ ନାହିଁ । (x) ଷ୍ଟାଟିକ୍ ମିଟରଧାରୀ ତିନିଫେଜ୍ ଉପଭୋକ୍ତାଙ୍କୁ ସର୍ବସାଧାରଣ ଆଲୋକ ବ୍ୟବସ୍ଥା ଏବଂ ସିଜିପିକୁ ଜରୁରିକାଳୀନ ଯୋଗାଣକୁ ବାଦ୍ ଦେଇ ଅଫ୍ ପିକ୍ ସମୟରେ ବ୍ୟବହାର କରିଥିବା ଶକ୍ତି ପାଇଁ @୨୦ ପଇସା/ୟୁନିଟ୍ ଟିଓଡି ରିବେଟ୍‌ର ଲାଭ ଉଠାଇବା ଲାଗି ଅନୁମତି ଦିଆଯିବ । ଅଫ୍ ପିକ୍ ସମୟ ହେଉଛି ମଧ୍ୟରାତ୍ର ୧୨ ଘଟିକାରୁ ପରବର୍ତ୍ତୀ ଦିବସ ସକାଳ ୬ ଘଟିକା । (xi) ଏସ୍‌ସି/ଏସ୍‌ଟି ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏବଂ ପରିଚାଳିତ ବିଦ୍ୟାଳୟଗୁଡ଼ିକ ସହ ସଂଲଗ୍ନ ଛାତ୍ରାବାସ ସୂଚିତ ସାଧାରଣ ଉଦ୍ଦେଶ୍ୟ ବର୍ଗ (ଏଲ୍‌ଟି/ଏଚ୍‌ଟି) ଅଧୀନରେ ଶକ୍ତି ଦେୟରେ ୟୁନିଟ୍ ପିଛା ଟ୨.୪୦ ପଇସାର ରିହାତି ପାଇବେ ଯାହା ସେମାନେ ଯୋଗ୍ୟ ହୋଇଥିବା ସ୍ୱାଭାବିକ ରିହାତି ଉର୍ଦ୍ଧ୍ୱରେ ହେବ । (xii) ପବ୍ଲିକ୍ ୱାଟର୍ ୱାର୍କସ୍ ଏବଂ ସ୍ୱେରେଜ୍ ପମ୍ପିଂ ସ୍ଥାପନ ବର୍ଗ ଅଧୀନରେ ସ୍ୱଜଳଧାରା ଉପଭୋକ୍ତାମାନେ ସ୍ୱତନ୍ତ୍ର ୧୦% ରିବେଟ୍ ପାଇବେ ଯଦି ବିଦ୍ୟୁତ୍ ବିଲ୍ ସ୍ୱାଭାବିକ ରିବେଟ୍‌ର ଧାର୍ଯ୍ୟ ତାରିଖ ମଧ୍ୟରେ ପୈଠ କରାଯାଏ ଯାହା ସ୍ୱାଭାବିକ ରିହାତିରୁ ଉର୍ଦ୍ଧ୍ୱରେ ହେବ । (xiii) ମତ୍ସ୍ୟପାଳନ ବିଭାଗ ଦ୍ୱାରା ଲାଗୁ ବୈଧାନିକ କଟକଣା ଅବଧିରେ, ପ୍ରତିବନ୍ଧିତ ଜୋନ୍‌ର ସମୁଦ୍ର ଉପକୂଳ ସ୍ଥଳଭାଗରୁ ୫ କିମିରୁ ଅଧିକ ଦୂରରେ ନ ଥିବା ବରଫ କାରଖାନାଗୁଡ଼ିକୁ ବିଲିଂ ଅବଧି ସମୟରେ ରେକର୍ଡ କରାଯାଇଥିବା ପ୍ରକୃତ ସର୍ବାଧିକ ଡିମାଣ୍ଡ ଭିତ୍ତିରେ ଡିମାଣ୍ଡ ଦେୟ ପୈଠ କରିବେ । (xiv) ପଲ୍‌ଟ୍ରି ଫାର୍ମର ମୋଟ ସଂଯୁକ୍ତ ଲୋଡ୍‌ର ୨୦%ରୁ କମ୍ ସଂଯୁକ୍ତ ଲୋଡ୍ ରହିଥିବା ସଂଲଗ୍ନ ଫିଡ୍ ୟୁନିଟ୍‌ଧାରୀ ପଲ୍‌ଟ୍ରି ଫାର୍ମକୁ ଶୁଳ୍କସୂଚୀ ପାଇଁ ସାଧାରଣ ଉଦ୍ଦେଶ୍ୟ ବର୍ଗ ପରିବର୍ତ୍ତେ କୃଷି ସମ୍ପର୍କିତ କାର୍ଯ୍ୟ ଭାବେ ବିବେଚନା କରାଯିବ । ଯଦି ସଂଲଗ୍ନ ଫିଡ୍‌ର ସଂଯୁକ୍ତ ଲୋଡ୍ ମୋଟ ସଂଯୁକ୍ତ ଲୋଡ୍‌ର ୨୦%ରୁ ଅଧିକ ହୁଏ ତେବେ ପଲ୍‌ଟ୍ରି ଫାର୍ମ ଓ ଫିଡ୍ ପ୍ରୋସେସିଂ ୟୁନିଟ୍ ଦ୍ୱାରା ବ୍ୟବହୃତ ସମ୍ପୂର୍ଣ୍ଣ ଲୋଡ୍‌କୁ ଏକାଠି କରି, ମାମଲା ଅନୁଯାୟୀ, ସାଧାରଣ ଉଦ୍ଦେଶ୍ୟ କିମ୍ବା ଶିଳ୍ପ ଉଦ୍ଦେଶ୍ୟ ନିମନ୍ତେ ପ୍ରଯୁଜ୍ୟ ଶୁଳ୍କସୂଚୀ ଅନୁଯାୟୀ ଦେୟ ଆଦାୟ କରାଯିବ । (xv) ଯଦି ଶୀତଳଭଣ୍ଡାରର ଲୋଡ୍ ସମ୍ପୂର୍ଣ୍ଣ ସଂଯୁକ୍ତ ଲୋଡ୍‌ର ୮୦%ରୁ କମ୍ ନ ହୁଏ ତେବେ ଶୀତଳଭଣ୍ଡାର ସହିତ ସଂଲଗ୍ନ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌କୁ ଆଗ୍ରୋ–ଇଣ୍ଡଷ୍ଟ୍ରିଆଲ୍ ଶୁଳ୍କସୂଚୀରେ ଦେୟ ଆଦାୟ କରାଯିବ। ଶୀତଳଭଣ୍ଡାରକୁ ଛାଡ଼ି ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍‌ର ଲୋଡ୍ ଯଦି ସଂଯୁକ୍ତ ଲୋଡ୍‌ର ୨୦%ରୁ ଅଧିକ ହେଉଥାଏ, ତେବେ ଶୀତଳଭଣ୍ଡାର ଏବଂ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଦ୍ୱାରା ବ୍ୟବହୃତ ସମ୍ପୂର୍ଣ୍ଣ ଲୋଡ୍‌କୁ ଏକାଠି କରି, ମାମଲା ଅନୁଯାୟୀ, ସାଧାରଣ ଉଦ୍ଦେଶ୍ୟ କିମ୍ବା ଶିଳ୍ପ ଉଦ୍ଦେଶ୍ୟ ନିମନ୍ତେ ପ୍ରଯୁଜ୍ୟ ଶୁଳ୍କସୂଚୀ ଅନୁଯାୟୀ ଦେୟ ଆଦାୟ କରାଯିବ । (xvi) ଶିଳ୍ପସଂସ୍ଥାଗୁଡ଼ିକୁ ଅଫ୍ ପିକ୍ ସମୟରେ କରିଥିବା କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦% ପର୍ଯ୍ୟନ୍ତ ଉଠାଣକୁ କୌଣସି ଜରିମାନା ବିନା ଅନୁମତି ଦିଆଯିବ । ଶୁଳ୍କସୂଚୀ ଉଦ୍ଦେଶ୍ୟ ପାଇଁ ନିର୍ଦ୍ଧାରିତ "ଅଫ୍ ପିକ୍ ସମୟ" ହେଉଛି ମଧ୍ୟରାତ୍ର ୧୨ ଘଟିକାରୁ ପରବର୍ତ୍ତୀ ଦିବସ ସକାଳ ୬ ଘଟିକା । ଅଫ୍ ପିକ୍ ସମୟ ବ୍ୟତୀତ ଅନ୍ୟ କୌଣସି ସମୟରେ ନିଜ କଣ୍ଟ୍ରାକ୍ଟ ଡିମାଣ୍ଡରୁ ଅଧିକ ଉଠାଣ କରିଥିବା ଉପଭୋକ୍ତା ଏହି ସୁବିଧା ପାଇବା ପାଇଁ ଯୋଗ୍ୟ ହେବେ ନାହିଁ । ଯଦି ଅଫ୍ ପିକ୍ ସମୟରେ ବ୍ୟବହାର କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦%ରୁ ଉର୍ଦ୍ଧ୍ୱ ହୁଏ ତେବେ କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦%ରୁ ଅତିରିକ୍ତ ଓଭରଡ୍ରୟାଲ୍ ଜରିମାନା ଆଦାୟ କରାଯିବ (ବିବରଣୀ ପାଇଁ ତା୨୨।୦୪।୨୦୨୦ରିଖର ଶୁଳ୍କସୂଚୀ ନିର୍ଦ୍ଦେଶ ଦେଖନ୍ତୁ) । ଯେବେ ବୈଧାନିକ ଲୋଡ୍ ନିୟମାବଳୀ ଲାଗୁ ହେବ ତେବେ ନିୟନ୍ତ୍ରିତ ଡିମାଣ୍ଡକୁ କଣ୍ଟ୍ରାକ୍ଟ ଡିମାଣ୍ଡ ଭାବେ ବିବେଚନା କରାଯିବ । (xvii) କଣ୍ଟ୍ରାକ୍ଟ ଡିମାଣ୍ଡ (ସିଡି) <୭୦ କେଭିଏଧାରୀ ସାଧାରଣ ଉଦ୍ଦେଶ୍ୟ ଉପଭୋକ୍ତାମାନଙ୍କୁ ଯୋଗାଣ ଭୋଲ୍‌ଟେଜ୍ ସ୍ତର ନିର୍ବିଶେଷରେ ଶୁଳ୍କସୂଚୀ ଉଦ୍ଦେଶ୍ୟ ପାଇଁ ଏଲ୍‌ଟି ଉପଭୋକ୍ତା ଭାବେ ବିବେଚନା କରାଯିବ । ଓଇଆର୍‌ସି ବିତରଣ (ଯୋଗାଣର ସର୍ତ୍ତାବଳୀ) ସଂହିତା, ୨୦୧୯ର ବ୍ୟବସ୍ଥାପନ ୧୩୪ (।) ଅନୁଯାୟୀ ୫ କେଡବ୍ଲ୍ୟୁରୁ ଉର୍ଦ୍ଧ୍ୱ ତଥା ୭୦ କେଭିଏ ପର୍ଯ୍ୟନ୍ତ ଏବଂ ଏହା ସମେତ ଲୋଡ୍‌ର ଯୋଗାଣ ୩–ଫେଜ୍, ୩ କିମ୍ବା ୪ ୱେୟାର୍ ଫେଜ୍ ମଧ୍ୟରେ ୪୦୦ ଭୋଲ୍‌ଟରେ ହେବ । (xviii) ନିଜ ଟ୍ରାନ୍ସଫର୍ମର୍‌ର ମାଲିକ ହୁଅନ୍ତୁ – "ଓୱାଇଟି ଯୋଜନା" ବିଦ୍ୟମାନ ବ୍ୟକ୍ତିବିଶେଷ ଏଲ୍‌ଟି ଘରୋଇ, ବ୍ୟକ୍ତିବିଶେଷ/ସମୂହ ସାଧାରଣ ଉଦ୍ଦେଶ୍ୟ ଉପଭୋକ୍ତାଙ୍କ ପାଇଁ ପ୍ରବର୍ତ୍ତିତ କରାଯାଇଛି ଯେଉଁମାନେ ନିଜର ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର୍‌ର ମାଲିକ ହୋଇ ସିଙ୍ଗଲ୍ ପଏଣ୍ଟ ଯୋଗାଣ ପାଇବାକୁ ଇଚ୍ଛୁକ। ଏଭଳି କ୍ଷେତ୍ରରେ ଲାଇସେନ୍ସି ଧାର୍ଯ୍ୟ ତାରିଖ ସୁଦ୍ଧା ବିଲ୍ ପୈଠ କରାଗଲେ ସ୍ୱାଭାବିକ ରିହାତି ବ୍ୟତୀତ ସମ୍ପୃକ୍ତ ବର୍ଗରେ ମୋଟ ବିଦ୍ୟୁତ୍ ବିଲ୍ (ବିଦ୍ୟୁତ୍ ଡ୍ୟୁଟି ଓ ମିଟର ଭଡ଼ାକୁ ଛାଡ଼ି) ଉପରେ ସ୍ୱତନ୍ତ୍ର ୫%ର ରିହାତି ପ୍ରଦାନ କରିବେ । ଯଦି ଦେୟ ଧାର୍ଯ୍ୟ ତାରିଖ ସୁଦ୍ଧା ପୈଠ କରା ନ ଯାଏ ତେବେ ସ୍ୱାଭାବିକ କି ସ୍ୱତନ୍ତ୍ର କୌଣସି ରିହାତି ପୈଠଯୋଗ୍ୟ ହେବନାହିଁ । 'ଓୱାଇଟି' ଟ୍ରାନ୍ସଫର୍ମର୍‌ର ରକ୍ଷଣାବେକ୍ଷଣ ଡିଆଇଏସ୍‌ସିଓଏମ୍ ୟୁଟିଲିଟିଗୁଡ଼ିକ ଦ୍ୱାରା କରାଯିବ । ସନ୍ଦେହ ଦୂର ପାଇଁ ଏହା ସ୍ପଷ୍ଟ କରିଦିଆଯାଉଛି ଯେ 'ଓୱାଇଟି ଯୋଜନା' କୌଣସି ବିଦ୍ୟମାନ କିମ୍ବା ନୂତନ ଏଚ୍‌ଟି/ଇଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ପ୍ରଯୁଜ୍ୟ ହେବ ନାହିଁ । (xix) ପାୱାର ଫାକ୍ଟର ଜରିମାନା ଏହି ଅନୁଯାୟୀ ହେବ: i) ୯୨%ରୁ ୭୦% ପ୍ଲସ୍ ପର୍ଯ୍ୟନ୍ତ ଏବଂ ସମେତ ପ୍ରତ୍ୟେକ ୧% ହ୍ରାସ ପାଇଁ ୦.୫% । ii) ୭୦%ରୁ ୩୦% ପ୍ଲସ୍ ପର୍ଯ୍ୟନ୍ତ ଏବଂ ସମେତ ପ୍ରତ୍ୟେକ ୧% ହ୍ରାସ ପାଇଁ ୧% । iii) ୩୦% ତଳକୁ ପ୍ରତ୍ୟେକ ୧% ହ୍ରାସ ପାଇଁ ୨% । ଜରିମାନା ମାସିକ ଡିମାଣ୍ଡ ଦେୟ ଏବଂ ଶକ୍ତି ଦେୟ ଉପରେ ହେବ । ଲିଡିଂ ପାୱାର୍ ଫାକ୍ଟର୍ ପାଇଁ କୌଣସି ପାୱାର୍ ଫାକ୍ଟର ଜରିମାନା ଲାଗୁ ହେବ ନାହିଁ । (ପାୱାର୍ ଫାକ୍ଟର ଜରିମାନା କେଉଁ କେଉଁ ବର୍ଗର ଉପଭୋକ୍ତଙ୍କ ପାଇଁ ଲାଗୁ ହେବ ତାହା ଜାଣିବା ପାଇଁ ଦୟାକରି ବିସ୍ତୃତ ନିର୍ଦ୍ଦେଶ ଦେଖନ୍ତୁ ।) (xx) ନିମ୍ନଲିଖିତ ଦରରେ ପାୱାର ଫାକ୍ଟର୍ ଜରିମାନା ପୈଠ କରୁଥିବା ଉପଭୋକ୍ତାଙ୍କ କ୍ଷେତ୍ରରେ ପାୱାର ଫାକ୍ଟର ଇନ୍‌ସେଣ୍ଟିଭ୍ ପ୍ରଯୁଜ୍ୟ ହେବ: ପାୱାର ଫାକ୍ଟର ଇନ୍‌ସେଣ୍ଟିଭ୍‌ର ଦର ମାସିକ ଡିମାଣ୍ଡ ଦେୟ ଏବଂ ଶକ୍ତି ଦେୟର ୯୭%ରୁ ଉର୍ଦ୍ଧ୍ୱ ଏବଂ ୧୦୦% ପର୍ଯ୍ୟନ୍ତ ଏବଂ ସମେତ ପ୍ରତ୍ୟେକ ୧% ବୃଦ୍ଧି ପାଇଁ ୦.୫% ହେବ। (xxi) ଗ୍ରାମୀଣ ଏଲ୍‌ଟି ଉପଭୋକ୍ତା ଯେଉଁମାନେ ସଠିକ୍ ମିଟର ମାଧ୍ୟମରେ ଶକ୍ତି ଉଠାଣ କରୁଥିବେ ଏବଂ ଠିକ୍ ସମୟରେ ବିଲ୍ ପୈଠ କରୁଥିବେ ସେମାନଙ୍କୁ ବିଦ୍ୟମାନ ତତ୍ପର ପୈଠ ରିହାତିରୁ ଅତିରିକ୍ତ ୟୁନିଟ୍ ପିଛା ୫ ପଇସାର ରିହାତି ପାଇବେ । (xxii) ଡିଜିଟାଲ୍ ମାଧ୍ୟମରେ ପୈଠ କରୁଥିବା ଏଲ୍‌ଟି ଘରୋଇ ଓ ସିଙ୍ଗଲ୍ ଫେଜ୍ ସାଧାରଣ ଉଦ୍ଦେଶ୍ୟ ବର୍ଗର ଉପଭୋକ୍ତାଙ୍କୁ ସମସ୍ତ ରିହାତି ଉପରେ ଓ ଉର୍ଦ୍ଧ୍ୱରେ ବିଲ୍ ଉପରେ ସ୍ୱାଭାବିକ ରିହାତି ଉପରେ ଓ ଉର୍ଦ୍ଧ୍ୱରେ ୨% ରିହାତି ଦିଆଯିବ । ଚଳିତ ମାସିକ ବିଲ୍ ପୂରା ପୈଠ କରିଥିଲେ ଏହି ରିହାତି ପ୍ରଯୁଜ୍ୟ ହେବ । (xxiii) ସମସ୍ତ ପ୍ରି–ପେଡ୍ ଗ୍ରାହକମାନଙ୍କୁ ପ୍ରି–ପେଡ୍ ପରିମାଣ ଉପରେ ୨% ରିହାତି ଦିଆଯିବ। (xxiv) ସମ୍ପୃକ୍ତ ଆର୍ଥିକ ବର୍ଷରେ ନିରନ୍ତର ଭାବେ ୧୨ ମାସ ପାଇଁ ବିନା ବିଫଳତାରେ ଧାର୍ଯ୍ୟ ତାରିଖ ସୁଦ୍ଧା ବିଲ୍ ପୈଠ କରିଥିବା ଏଲ୍‌ଟି ସିଙ୍ଗଲ୍ ଫେଜ୍ ଉପଭୋକ୍ତାଙ୍କୁ ସେ ଯୋଗ୍ୟ ହୋଇଥିବା ଅନ୍ୟାନ୍ୟ ରିହାତିରୁ ଅତିରିକ୍ତ ଭାବେ ଆର୍ଥିକ ବର୍ଷ ଶେଷରେ (ମାର୍ଚ୍ଚ ମାସର ବିଲ୍) ଏକ ସ୍ୱତନ୍ତ୍ର ରିହାତି ଦିଆଯିବ । ବିଲ୍‌ର ସମୟୋଚିତ ପୈଠ ପାଇଁ ରିହାତିର ପରିମାଣ ମାର୍ଚ୍ଚ ମାସର ରିହାତିର ସମତୁଲ୍ୟ ହେବ। (xxv) ସଂଲଗ୍ନ ଛାତ୍ରାବାସ ଏବଂ/କିମ୍ବା ଆବାସିକ କଲୋନୀ ଥିବା ଶିକ୍ଷାନୁଷ୍ଠାନ (ଅଧିସୂଚିତ ସର୍ବସାଧାରଣ ଉଦ୍ଦେଶ୍ୟ) ଯେଉଁଗୁଡ଼ିକ ଏଚ୍‌ଟିରେ ସିଙ୍ଗଲ୍ ମିଟର ଜରିଆରେ ଶକ୍ତି ଉଠାଣ କରୁଥିବେ ସେମାନେ ବୃହତ୍ ଯୋଗାଣ ଘରୋଇ ବର୍ଗରେ ସେମାନଙ୍କ ଶକ୍ତି ଉଠାଣର ୧୫% ବିଲ୍ ପାଇଁ ଯୋଗ୍ୟ ହେବେ। (xxvi) ସମ୍ଭବ ହେବାସ୍ଥଳେ ମାସିକ ରେକର୍ଡ ପାଇଁ ଟ୫୦୦/–ର ଦେୟ ହାସଲ କରାଯାଇ ଉପଭୋକ୍ତାଙ୍କୁ ଏମ୍‌ଡି, ପିଏଫ୍, ବ୍ୟାଘାତ ସଂଖ୍ୟା ଏବଂ ଅବଧି ସମ୍ପର୍କିତ ଷ୍ଟାଟିକ୍ ମିଟର୍ ରେକର୍ଡର ଏକ ପ୍ରିଣ୍ଟଆଉଟ୍ ଯୋଗାଇ ଦିଆଯିବ । (xxvii) ବୈଦ୍ୟୁତିକ ବାହନଗୁଡ଼ିକର ଚାର୍ଜିଂ ଜିପି ବର୍ଗ ଭାବେ ବିବେଚିତ ହେବ । (xxviii) **ତା୦୧।୧୦।୨୦୨୦ରିଖଠାରୁ** ଲାଗୁ ଏହି ଶୁଳ୍କସୂଚୀ ନିର୍ଦ୍ଦେଶରେ ଅନୁମୋଦିତ ହୋଇଥିବା ଅନୁଯାୟୀ ଅନୁମୋଦିତ ଶୁଳ୍କସୂଚୀ ଅନ୍ୟାନ୍ୟ ଦେୟରୁ ଅତିରିକ୍ତ ହେବ।

# କୋଲକାତାକୁ ହରାଇଲା ମୁମ୍ବାଇ

**ଆବୁଧାବି, ୨୩।୯**

ଅଧିନାୟକ ରୋହିତ ଶର୍ମାଙ୍କ ଦ୍ରୁତ ଅର୍ଦ୍ଧଶତକ ପରେ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସକୁ ୪୯ ରନରେ ପରାସ୍ତ କରିଛି। ମୁମ୍ବାଇ ପକ୍ଷରୁ ଧାର୍ଯ୍ୟ ୧୯୬ ରନ ବିଜୟ ଲକ୍ଷ୍ୟର ପିଛା କରି କୋଲକାତା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୪୬ ରନ କରିପାରିଥିଲା। ଚଳିତ ଆଇପିଏଲରେ କୋଲକାତାର ନିଜ ପ୍ରଥମ ମ୍ୟାଚରେ ପରାଜୟ ସ୍ୱାଦ ଚାଖିଥିବାବେଳେ ମୁମ୍ବାଇର ୨ ମ୍ୟାଚରୁ ପ୍ରଥମ ବିଜୟ। ପ୍ରଥମ ମ୍ୟାଚରେ ମୁମ୍ବାଇ ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗ୍ସ ନିକଟରୁ ପରାଜିତ ହୋଇଥିଲା।

ବଡ଼ ସ୍କୋରର ପିଛା କରି କୋଲକାତା ୨୫ ରନ ମଧ୍ୟରେ ଦୁଇ ଓପନରଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯୁବ ଓପନିଂ ବ୍ୟାଟ୍ସମ୍ୟାନ ଶୁବମନ ଗିଲ୍ ୧୧ ବଲ୍‌ରୁ ୭ ଓ ଅଭିଜ୍ଞ ସୁନୀଲ ନାରିନ ୧୦ ବଲରୁ ୯ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ଦୀନେଶ କାର୍ତ୍ତିକ ଓ ନୀତୀଶ ରାଣା ଇନିଂସ ଗଢ଼ିବାକୁ ଉଦ୍ୟମ କରିଥିଲେ। ୩ୟ ଉଇକେଟରେ ୪୬ ରନ ଯୋଗ ହେବାପରେ କାର୍ତ୍ତିକ ୩୦(୨୩ ବଲ, ୫ ଚୌକା) ଏବଂ ଆଉ ୬ ରନ ପରେ ନୀତୀଶ ୨୪(୧୮ ବଲ, ୨ ଚୌକା, ୧ ଛକା) ରନ କରିଥିବାବେଳେ ଆଉଟ ହୋଇଥିଲେ। ଫଳରେ ଦୁଇ ଅଭିଜ୍ଞ ବିଦେଶୀ ଖେଳାଳି ଇଅନ ମୋର୍ଗାନ ଓ ଆନ୍ଦ୍ରେ ରସେଲଙ୍କ ଉପରେ ଚାପ ପଡ଼ିଥିଲା। ୧୬ତମ ଓଭରର ପ୍ରଥମ ବଲ୍‌ରେ ରସେଲ ଆଉଟ ହେବା ସହ କୋଲକାତାର ବିଜୟ ସମ୍ଭାବନା ମଉଳି ଯାଇଥିଲା। ରସେଲ ୧୧ ବଲ୍‌ରୁ ମାତ୍ର ୧୧(୨ ଚୌକା) ରନ କରି ପାରିଥିଲେ। ମୋର୍ଗାନ ମଧ୍ୟ ଚାପକୁ ହାତେଇ ନ ପାରି ମାତ୍ର ୧୬ (୨୦ ବଲ, ୧ ଚୌକା, ୧ ଛକା) ରନରେ ପ୍ୟାଭିଲିୟନ ଫେରିଥିଲେ। ଟି୨୦ ସ୍ପେଶାଲିଷ୍ଟ ଯଶପ୍ରୀତ ବୁମ୍‌ରା ଏହି ୨ଟି ଉଇକେଟ ନେଇ ମୁମ୍ବାଇର ବିଜୟ ନିଶ୍ଚିତ କରି ଦେଇଥିଲେ। ଶେଷ ଭାଗରେ ପ୍ୟାଟ୍ କମିନ୍ସ କେତେକ ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ସେତେବେଳକୁ ବହୁତ ବିଳମ୍ବ ହୋଇ ଯାଇଥିଲା। ସେ ୧୨ ବଲ୍‌ରୁ ୩୩(୧ ଚୌକା, ୪ ଛକା) ରନ କରିବାରୁ କୋଲକାତା ସ୍କୋର ୨୦ ଓଭରରେ ୧୪୯/୯ରେ ପହଞ୍ଚି ପାରିଥିଲା। ମୁମ୍ବାଇ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ, ଯଶପ୍ରୀତ ବୁମ୍‌ରା, ଜେମ୍ସ ପ୍ୟାଟିନସନ ଓ ରାହୁଲ ଚହର ୨ଟି ଲେଖାଏ ଏବଂ କିରନ ପୋଲାର୍ଡ ଗୋଟିଏ ଉଇକେଟ ନେଇଥିଲେ।



ଅର୍ଦ୍ଧଶତକ ହାସଲ ଅବସରରେ ରୋହିତ ଶର୍ମା।



ଉଇକେଟ୍ ନେବାପରେ ସୁନୀଲ ନାରିନ୍(ବାମ)।

ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା କୋଲକାତା। ମୁମ୍ବାଇ ମାତ୍ର ୮ ରନରେ ଓପନର କ୍ୱିଣ୍ଟନ ଡିକକ୍‌ଙ୍କ ଉଇକେଟ ହରାଇଥିଲେ ହେଁ ଅଧିନାୟକ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବଙ୍କ ସହାୟତାରେ ବିସ୍ଫୋରକ ଆରମ୍ଭ କରିଥିଲା। ଦ୍ୱିତୀୟ ଉଇକେଟ ଭାଗୀଦାରିରେ ଦୁହେଁ ୫୭ ବଲ୍‌ରୁ ଦ୍ରୁତ ୯୦ ରନ ସଂଗ୍ରହ କରି ଦଳ ପାଇଁ ବଡ଼ ସ୍କୋରର ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୨୮ଟି ବଲ୍ ଖେଳିଥିବା ସୂର୍ଯ୍ୟକୁମାର ୬ ଚୌକା ଓ ୧ ଛକା ସହାୟତାରେ ୪୭ ରନ କରିଥିବାବେଳେ ଦୁର୍ଭାଗ୍ୟଜନକଭାବେ ରନଆଉଟ ହୋଇ ଯାଇଥିଲେ। ସୌରଭ ତିୱାରୀ ଗୋଟିଏ ଲେଖାଏ ଛକା ଓ ଚୌକା ସହାୟତାରେ ୧୩ ବଲ୍‌ରୁ ୨୧ ରନ କରିଥିବାବେଳେ ବଡ଼ ଶଟ୍ ମାରିବା ଚକ୍କରରେ ଆଉଟ ହୋଇଥିଲେ। ଫଳରେ ୧୫.୧ ଓଭର ବେଳକୁ ସ୍କୋର ୧୪୭/୩ ହୋଇ ଯାଇଥିଲା। ରୋହିତ ଦ୍ରୁତ ହାରରେ ରନ ସଂଗ୍ରହ ଜାରି ରଖି ଶତକ ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ସେ ୫୪ ବଲ୍‌ରୁ ୮୦(୩ ଚୌକା, ୬ ଛକା) ରନ କରିଥିବାବେଳେ ଶିବମ୍ ମାଭିଙ୍କ ଏକ ୱାଇଡ୍ ଫୁଲଟସ୍‌କୁ ଛକାରେ ପରିଣତ କରିବା ଚକ୍କରରେ ଲଙ୍ଗଅନ୍‌ରେ ପ୍ୟାଟ୍ କମିନ୍ସଙ୍କ ହାତରେ ଧରା ପଡ଼ି ଯାଇଥିଲେ। ଆନ୍ଦ୍ରେ ରସେଲଙ୍କ ଏକ ୟର୍କରକୁ ଖେଳିବାକୁ ଯାଇ ହାର୍ଦ୍ଦିକ ପାଣ୍ଡ୍ୟା ହିଟ୍ ଉଇକେଟ ହୋଇଥିଲେ। ସେ ୧୩ ବଲ୍‌ରୁ ୧୮(୨ ଚୌକା, ୧ ଛକା) କରିବାକୁ ସକ୍ଷମ ହୋଇଥିଲେ। ମୁମ୍ବାଇ ପକ୍ଷରୁ ୧୫୦ତମ ଆଇପିଏଲ୍ ମ୍ୟାଚ ଖେଳୁଥିବା କିରନ ପୋଲାର୍ଡ ୭ ବଲ୍‌ରେ ୧ ଚୌକା ସହ ୧୩ ରନରେ ଅପରାଜିତ ରହିଥିବାବେଳେ ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୯୫ ରନ କରିଥିଲା।

### ସଂକ୍ଷିପ୍ତ ସ୍କୋର

**ମୁମ୍ବାଇ ଇଣ୍ଡିଆନ୍ସ** ୨୦ ଓଭରରେ ୧୯୫/୫(ରୋହିତ–୮୦, ସୂର୍ଯ୍ୟକୁମାର–୪୭, ତିୱାରୀ–୨୧, ଶିବମ୍ ମାଭି–୨/୩୨, ସୁନୀଲ ନାରିନ–୧/୨୨, ଆନ୍ଦ୍ରେ ରସେଲ–୧/୧୭)।

**କୋଲକାତା ନାଇଟ ରାଇଡର୍ସ** ୨୦ ଓଭରରେ ୧୪୬/୯ (କାର୍ତ୍ତିକ– ୩୦, ରାଣା– ୨୪, ରସେଲ– ୧୧, ମୋର୍ଗାନ– ୧୬ , କମିନ୍ସ– ୩୩, ବୁମ୍‌ରା– ୨/୩୨, ବୋଲ୍ଟ– ୨/୩୦, ପାଟିନସନ– ୨/୨୫ , ରାହୁଲ ଚହର– ୨/୨୬ , ପୋଲାର୍ଡ– ୧/୨୧)।

# ଆଇପିଏଲ୍‌ରୁ ଓହରିଲେ ମିଚେଲ



ମିଚେଲ ମାର୍ଶ

**ଦୁବାଇ, ୨୩।୯(ପି.ଟି.)**


ଅଷ୍ଟ୍ରେଲିଆନ ଅଲରାଉଣ୍ଡର ମିଚେଲ ମାର୍ଶ ଗୋଟିଏ ମ୍ୟାଚ ଖେଳି ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ଓହରି ଯାଇଛନ୍ତି। ସନ୍‌ରାଇଜର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ମିଚେଲ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ପ୍ରଥମ ମ୍ୟାଚ ଅବସରରେ ଆହତ ହୋଇଥିଲେ। ତାଙ୍କ ଗୋଇଠି ମକଚି ହୋଇଯାଇଥିଲା। ତାଙ୍କ ସ୍ଥାନରେ ୱେଷ୍ଟଇଣ୍ଡିଜ ଅଲରାଉଣ୍ଡର ଜାସନ ହୋଲ୍ଡରଙ୍କୁ ବଦଳ ଖେଳାଳିଭାବେ ହାଇଦ୍ରାବାଦ ଦଳରେ ସାମିଲ କରାଯାଇଛି। ସେ ଖୁବ୍‌ଶୀଘ୍ର ୟୁଏଇରେ ଦଳସହ ଯୋଗଦେବେ। "ମିଚେଲ ଆହତ ସମସ୍ୟା ଯୋଗୁ ଓହରି ଯାଇଛନ୍ତି। ଆମେ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରୁଛୁ। ଜାସନ ହୋଲ୍ଡର ବଦଳ ଖେଳାଳିଭାବେ ଦଳରେ ଯୋଗଦେବେ" ବୋଲି ସନ୍‌ରାଇଜର୍ସର ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି। ୨୮ ବର୍ଷୀୟ ମିଚେଲ ସୋମବାର ମ୍ୟାଚରେ ମାତ୍ର ୪ଟି ବଲ୍ ବୋଲିଂ କରି ପାରିଥିଲେ। ଦ୍ୱିତୀୟ ବଲ୍ ବୋଲିଂରେ ଆରୋନ ଫିଞ୍ଚଙ୍କ ଏକ ଡ୍ରାଇଭ୍‌କୁ ନିଜ ଫଲୋ ଥ୍ରୁରେ ରୋକାବାକୁ ଉଦ୍ୟମ କରୁଥିବାବେଳେ ତାଙ୍କ ଗୋଇଠି ମକଚି ହୋଇଯାଇଥିଲା। ଏହାପରେ ସେ ଆଉ ମାତ୍ର ୨ଟି ବଲ୍ ବୋଲି କରି ପଡ଼ିଆ ଛାଡ଼ିଥିଲେ। ଉତ୍ସାହ ଦେଖାଇ ଦଳର ବିପଦ ସମୟରେ ୧୦ ନମ୍ବର ସ୍ଥାନରେ ସେ ବ୍ୟାଟିଂ କରିବାକୁ ଆସିଥିଲେ ହେଁ ପ୍ରଥମ ବଲ୍‌ରେ ବଡ଼ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇ ଯାଇଥିଲେ। ସେ ଛିଡ଼ା ହେବାକୁ ମଧ୍ୟ ସକ୍ଷମ ନ ଥିବା ପରିଲକ୍ଷିତ ହୋଇଥିଲା। ମିଚେଲ ଦ୍ୱିତୀୟ ଥରପାଇଁ ଆହତ କାରଣରୁ ଆଇପିଏଲ ମଝିରୁ ଓହରିଛନ୍ତି। ପୂର୍ବରୁ ୨୦୧୭ରେ କାନ୍ଧରେ ସମସ୍ୟା ଯୋଗୁ ତାଙ୍କୁ ଓହରିବାକୁ ପଡ଼ିଥିଲା। ୨୦୧୪-୧୫ ସିଜନରେ ସନ୍‌ରାଇଜର୍ସ ପକ୍ଷରୁ ଖେଳିଥିବା ମିଚେଲ ୨୦୧୬ରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

### ଜାସନ ହୋଲ୍ଡର ବଦଳ ଖେଳାଳି

# ମୋରିସ ଖେଳିବା ସମ୍ଭାବନା କମ୍

**ଦୁବାଇ, ୨୩।୯(ପି.ଟି.)**

ଆହତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବାରୁ କ୍ରିସ୍ ମୋରିସ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ପକ୍ଷରୁ ଆଗାମୀ ମ୍ୟାଚରେ ମଧ୍ୟ ଖେଳିବା ସମ୍ଭାବନା କମ୍। କ୍ରିକେଟ ଅପରେଶନ୍ସ ନିର୍ଦ୍ଦେଶକ ମାଇକ ହେସନ ଏହା ପ୍ରକାଶ କରିଛନ୍ତି। ପ୍ରଥମ ମ୍ୟାଚରେ ବିଜୟୀ ହୋଇ ସାରିଥିବା ଚ୍ୟାଲେଞ୍ଜର୍ସ ଗୁରୁବାର କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ଭେଟିବ। ଡେଥ୍ ଓଭରରେ ବୋଲିଂକୁ ଦୃଢ଼ କରିବା ପାଇଁ ବାଙ୍ଗାଲୋର ଫ୍ରାଞ୍ଚାଇଜ୍ ମୋରିସଙ୍କୁ ୧୦ କୋଟି ଟଙ୍କାରେ କିଣିଥିଲା। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ପ୍ରଥମ ମ୍ୟାଚରେ ମଧ୍ୟ ସେ ଖେଳିପାରି ନ ଥିଲେ। କିଛିଦିନ ପୂର୍ବରୁ ମୋରିସ ଦୁର୍ଭାଗ୍ୟଜନକଭାବେ ସାମାନ୍ୟ ଆହତ ହୋଇଛନ୍ତି। ମିଡଲ ଏବଂ ଡେଥ୍ ଓଭର ଗୁଡ଼ିକରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ। ତାଙ୍କ ବ୍ୟାଟିଂ ଦକ୍ଷତା ମଧ୍ୟ ମ୍ୟାଚରେ ପ୍ରଭାବ ପକାଇବ ବୋଲି ହେସନ ଆରସିବି ଟୁଇଟର ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରି ଏହା କହିଛନ୍ତି। ତାଙ୍କ ଉପସ୍ଥିତିରେ ଦଳରେ ଅଧିକ ସନ୍ତୁଳନ ଆସିବ। ତାଙ୍କ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ଚମତ୍କାର। ତେଣୁ ତାଙ୍କ ସ୍ଥାନରେ କୌଣସି ଖେଳାଳିଙ୍କୁ ବଦଳଭାବେ ନେବା ସହଜ ନୁହେଁ। ଖୁବଶୀଘ୍ର ମୋରିସ ଚୟନ ପାଇଁ ଉପଲବ୍ଧ ହେବା ଆଶା ରହିଛି ବୋଲି ବୋଲି ସେ କହିଛନ୍ତି। ୨୦୧୯ ଆଇପିଏଲ ସିଜନରେ ଆରସିବି ଖରାପ ପ୍ରଦର୍ଶନ କରି ଶେଷ ସ୍ଥାନରେ ରହିଥିଲା।



କ୍ରିସ୍ ମୋରିସ

# ପଞ୍ଜାବ-ବାଙ୍ଗାଲୋର ମୁକାବିଲା ଆଜି

**ଦୁବାଇ,୨୩।୯(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଷଷ୍ଠ ମ୍ୟାଚରେ ଗୁରୁବାର ଲୋକେଶ ରାହୁଲଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଏକାଦଶ ପଞ୍ଜାବ ଓ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରସ୍ପରକୁ ଭେଟିବେ। ପ୍ରଥମ ମ୍ୟାଚ୍‌ରେ 'ଶର୍ଟ ରନ' ବିବାଦକୁ ପଛରେ ପକାଇ ପଞ୍ଜାବ ନୂଆ ଆରମ୍ଭ ଲକ୍ଷ୍ୟରେ ରହିଛି।

ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବର କ୍ରିସ୍ ଜୋର୍ଡାନଙ୍କ ଏକ ରନ୍‌କୁ ଶର୍ଟ ରନ ବୋଲି ଲେଗ୍ ଅମ୍ପାୟର ନିର୍ଦ୍ଦେଶ ଦେଇଥିଲେ। ୧୯ତମ ଓଭରର ତୃତୀୟ ବଲ୍‌ରେ ଅମ୍ପାୟର ଏହି ବିବାଦୀୟ ନିଷ୍ପତ୍ତି ଦେଇଥିଲେ। ଫଳରେ ପଞ୍ଜାବ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ପଞ୍ଜାବ ଅଳ୍ପକେ ଏହି ମ୍ୟାଚ୍ ହାତଛଡ଼ା କରିଥିଲା। ପଞ୍ଜାବ ମଧ୍ୟ ମ୍ୟାଚ୍ ରେଫରିଙ୍କୁ ଏ ନେଇ ଅପିଲ କରିଥିଲା। ତେବେ ଗୁରୁବାର ଏହି ବିବାଦୀୟ ଘଟଣାକୁ ପଛରେ ପକାଇ ରାହୁଲ ଓ ଅନ୍ୟ ସାଥୀ ଖେଳାଳି ବାଙ୍ଗାଲୋର ବିପକ୍ଷ ମ୍ୟାଚ୍ ଉପରେ ମନୋନିବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ଅନ୍ୟପଟେ ବାଙ୍ଗାଲୋର ତା'ର ପ୍ରଥମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୧୦ ରନରେ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଛି। ପୁରୁଣା ବିଫଳତାକୁ ପଛରେ ପକାଇ କୋହଲିଙ୍କ ଦଳ ଚଳିତ ସଂସ୍କରଣ କିଛି ନୂଆ କରିଦେଖାଇବା ଲକ୍ଷ୍ୟରେ ରହିଛନ୍ତି। ଏକ କ୍ୱାଲିଟି ଦ୍ରୁତ ଅର୍ଦ୍ଧଶତକ ସହ ଦେବଦତ୍ତ ପଡିକାଲ ତାଙ୍କ ଆଇପିଏଲ୍ କ୍ୟାରିୟର ଆରମ୍ଭ କରିଛନ୍ତି। ତେଣୁ ସେ ଏହି ମ୍ୟାଚ୍‌ରେ ସମସ୍ତଙ୍କ ନଜରରେ ରହିବେ। ଅଭିଜ୍ଞ ଏବି ଡିଭିଲର୍ସ ମଧ୍ୟ ପ୍ରଥମ ମ୍ୟାଚ୍‌ରେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ ଓ ସେ ଏହି ଫର୍ମକୁ ବଜାୟ ରଖିବାକୁ ଚାହାନ୍ତି। କୋହଲି ଓ ଆରୋନ ଫିଞ୍ଚ୍ ମିଡିଲ ଅର୍ଡରରେ ଅଧିକ ସମୟ ବିତାଇବାକୁ ଚାହିଁବେ। ବାଙ୍ଗାଲୋର ବୋଲିଂ ଆଟାକ୍‌ରେ ୟୁଜବେନ୍ଦ୍ର ଚହଲ ସବୁବେଳେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ପ୍ରଥମ ମ୍ୟାଚ୍‌ରେ ମଧ୍ୟ ତାଙ୍କ ଚମକ ଦେଖିବାକୁ ମିଳିଥିଲା। ଏହି ଲେଗ୍ ସ୍ପିନର ଜଣକ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ କରି ସୋମବାର ଦଳକୁ ଜିତାଇଥିଲେ। ତେବେ ଦକ୍ଷିଣ ଆଫ୍ରିକା ଅଲରାଉଣ୍ଡର କ୍ରିସ୍ ମୋରିସ୍ ବାଙ୍ଗାଲୋର ପାଇଁ ଏହି ମ୍ୟାଚ୍ ଖେଳିପାରିବେ ନାହିଁ। ସାଇଡ୍ ଷ୍ଟ୍ରେନ୍ କାରଣରୁ ସେ ଦଳରୁ ବାଦ୍ ପଡିଛନ୍ତି। ୧୦ କୋଟି ଟଙ୍କା ବିନିମୟରେ ସେ ଦଳରେ ସାମିଲ ହୋଇଥିଲେ। ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ତାଙ୍କ ବଦଳରେ ମହମ୍ମଦ ସିରାଜ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି। ମିଡିଲ ଅର୍ଡରରେ ମୋଇନ୍ ଅଲୀଙ୍କୁ ଖେଳାଯାଉଛି କିନା ତାହା ଦେଖିବାକୁ ବାକି ରହିଲା। ଜୋଶ ଫିଲିପ୍ ଉଇକେଟକିପର ବ୍ୟାଟ୍ସମ୍ୟାନ ଭାବେ ଦଳରେ ସାମିଲ ହୋଇଛନ୍ତି। ଡେଲ୍ ଷ୍ଟେଇନଙ୍କ ବଦଳରେ ମୋଇନ ଦଳରେ ସାମିଲ ହେବା ସମ୍ଭାବନା ରହିଛି।

ଅପରପକ୍ଷରେ ପଞ୍ଜାବ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଓପନର ମୟଙ୍କ ଅଗ୍ରୱାଲ ଦମ୍‌ଦାର ଆରମ୍ଭ କରିଛନ୍ତି। ତେବେ ତାଙ୍କ ଉଚ୍ଚକୋଟୀର ପ୍ରଦର୍ଶନ ସତ୍ତ୍ୱେ ଦଳକୁ ଜିତାଇପାରି ନାହାନ୍ତି। ରାହୁଲ, ଗ୍ଲେନ୍ ମ୍ୟାକ୍ସୱେଲ ଓ ନିକୋଲାସ ପୁରାନ ଦକ୍ଷତା ଅନୁରୂପ ପ୍ରଦର୍ଶନ କଲେ ଦଳକୁ ସହଜରେ ଜିତାଇପାରିବେ। ପ୍ରଥମ ମ୍ୟାଚ୍‌ରେ ବିସ୍ଫୋରକ ଓପନର କ୍ରିସ୍ ଗେଲ୍‌ଙ୍କୁ ଖେଳାଯାଇ ନ ଥିଲା। ବ୍ୟାଟିଂ ଅଲରାଉଣ୍ଡର ଜିମି ନିଶାମଙ୍କୁ ଏହି ମ୍ୟାଚ୍‌ରେ ସୁଯୋଗ ଦିଆଯାଇପାରେ। ମହମ୍ମଦ ସାମିଙ୍କ ନେତୃତ୍ୱରେ ପଞ୍ଜାବ ବୋଲିଂରେ ସୁଧାର ଆଣିବାକୁ ପ୍ରୟାସ କରିବ। ଯୁବ ଲେଗ୍ ସ୍ପିନର ରବି ବିଷ୍ଣୋଇ ଦିଲ୍ଲୀ ବିପକ୍ଷରେ ଚମକ ଦେଖାଇଥିଲେ ଓ ସେ ଏହା ଦୋହରାଇବାକୁ ପ୍ରୟାସ କରିବେ।



ବୁଧବାର ନେଟ୍ସ ସେସନ୍‌ରେ ମହମ୍ମଦ ସାମିଙ୍କ ବୋଲିଂ ଅଭ୍ୟାସ।

**ଆଇପିଏଲ୍**
(ଗୁରୁବାର ମ୍ୟାଚ)
**କିଙ୍ଗ୍ସ ଇଲେଭେନ ବନାମ ରୟାଲ ଚ୍ୟାଲେଞ୍ଜର୍ସ**
**ସ୍ଥାନ: ଦୁବାଇ, ସମୟ: ରାତି ୭ଟା ୩୦**
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଧୋନୀ କିଛି ସମୟ ନେବେ: ଫ୍ଲେମିଂ

**ଶାରଜା,୨୩।୯(ପି.ଟି.):** ଶ୍ରେଷ୍ଠ ଫିନିଶର ଭାବେ ଜଣାଶୁଣା ଥିବା ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ପ୍ରଶଂସକମାନେ ସବୁବେଳେ ବହୁତ ଆଶା ରଖିଥାନ୍ତି। ପ୍ରଥମ ମ୍ୟାଚ୍‌ରେ ଧୋନୀ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଦଳକୁ ଜିତାଇ ପାରି ନ ଥିବାରୁ ଚେନ୍ନାଇ ପ୍ରଶଂସକ ନିରାଶ ହୋଇଛନ୍ତି। ଦଳର ହେଡ୍ କୋଚ୍ ଷ୍ଟିଫାନ ଫ୍ଲେମିଂ ହୃଦୟଙ୍ଗମ କରିଛନ୍ତି। ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ଧୋନୀ କିଛି ସମୟ ଆବଶ୍ୟକ କରିବେ ବୋଲି ସେ କହିଛନ୍ତି। ମଙ୍ଗଳବାର ମ୍ୟାଚ୍‌ରେ ଧୋନୀ ୭ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ଫଳରେ ଅଧିକ ବଲ୍ ଖେଳିପାରି ନ ଥିଲେ। ଫଳରେ ଦଳ ମାତ୍ର ୧୬ ରନରେ ପରାସ୍ତ ହୋଇଥିଲା। ଧୋନୀ ୧୭ ବଲ୍ ଖେଳି ୩ ଛକା ସହ ୨୯ରନ କରି ଅପରାଜିତ ରହିଥିଲେ। ବର୍ଦ୍ଧିତ ଦୁଇ ସପ୍ତାହର କ୍ୱାରାଣ୍ଟାଇନ୍ ତାଙ୍କ ପ୍ରସ୍ତୁତିରେ ବାଧା ପହଞ୍ଚାଇଥିଲା ବୋଲି ଧୋନୀ କହିଛନ୍ତି। ଅଧିକ ଅଭ୍ୟାସ କରିବାକୁ ସମୟ ପାଇ ନ ଥିଲେ। ଆଇପିଏଲ୍ ପୂର୍ବରୁ ସେ ଅଧିକ ପରିମାଣର କ୍ରିକେଟ ଖେଳି ନ ଥିଲେ ବୋଲି ମ୍ୟାଚ୍ ପରେ ଖବରଦାତା ସମ୍ମିଳନୀରେ ଫ୍ଲେମିଂ କହିଛନ୍ତି। ଦଳ ପରାସ୍ତ ହୋଇଥିଲେ ମଧ୍ୟ ବ୍ୟାଟିଂକୁ ନେଇ ଆମେ ସେତେଟା ବ୍ୟସ୍ତ ନୁହଁ ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Galaxy Tower
(Regd. Company)
ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ
ଡିଜିଟାଲ
ଟାୱାର ଲଗାନ୍ତୁ ଓ ପାଆନ୍ତୁ
ଅଗ୍ରିମ - 90 ଲକ୍ଷ
ଭଡ଼ା - 45 ହଜାର
ମାସିକ 25,000 ଟଙ୍କାର ସୁବିଧା +
ମାଗଣା ଇଣ୍ଟରନେଟ୍ + (20 ବର୍ଷର କୋର୍ଟ ଏଗ୍ରୀମେଣ୍ଟ)
9451783485
H.No. 412, Subhash Nagar Jind, Haryana

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ
ଆଧାର ଋଣ, ପଶୁପାଳନ,
ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭତ୍ତା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

ଋଣ ହିଁ ଋଣ ପାଆନ୍ତୁ
ମାର୍କଶିଟ୍ ପ୍ରପର୍ଟି
ବ୍ୟବସାୟ ପର୍ସନାଲ
ସମସ୍ତ ଋଣ
0% ସୁଧ 40% ସବ୍‌ସିଡି
ରୁଚିତା :- 7649061623
ପୂଜା :- 7587660596
ପାୟଲ:- 7772806247

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଦିବାକର ସାହୁ
ଓଏଏସ୍-୧, ବରିଷ୍ଠ ବର୍ଗ ପ୍ରାକ୍ତନ
ଉପ ଶାସନ ସଚିବ ତଥା
ଯୁଗ୍ମ କମିଶନର, ରେଳ ସମନ୍ୱୟ
ନ୍ୟୁ କଲୋନୀ, ଜଗନ୍ନାଥପୁର, ଭଦ୍ରକ
ଆବିର୍ଭାବ: ୧୯୪୨
ତିରୋଧାନ: ୧୪।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶ୍ରଦ୍ଧାଞ୍ଜଳି ସହ: ଦିଲୀପ, ପ୍ରଦୀପ, ଅନୁପ, ସ୍ୱରୂପ, ଜୟଶ୍ରୀ, ଶୁଭମ, ଖୁସୀ, ଓମ୍, ଜୟ, ରିଷ୍ଟ, ଇନ୍ଦୁ, କାହ୍ନା, ଭାଇ ଓ ଭଉଣୀ ସହ ପରିବାରବର୍ଗ।
ଧ-୧୮୩୪୯

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ନଦୀୟାବିହାରୀ ମହାନ୍ତି
ତଳତେଲେଙ୍ଗା ବଜାର, କଟକ
ଆବିର୍ଭାବ: ୧୫।୧୧।୧୯୩୧
ତିରୋଧାନ: ୧୪।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଦିବ୍ୟ ଧାମରୁ ଆମ୍ଭମାନଙ୍କୁ ଆଶୀର୍ବାଦ କରୁଥାନ୍ତୁ।
ଶିଶୁ ଅନନ୍ତ ସ୍ମୃତି ସଂସଦ, ଧ୍ରୁବତାରା, ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର, ଶିଶୁ ସାହିତ୍ୟିକ ବୃନ୍ଦ
ଧ-୬୯୫୪୮

ଏକାଦଶାହ ଉପଲକ୍ଷେ



ଁ ଘନଶ୍ୟାମ ଦାସ
ଗ୍ରାମ: କେଶପୁର (ବୈଷ୍ଣବସାହି)
ଚଉଦକୁଲାଟ, କେନ୍ଦ୍ରାପଡ଼ା
ଆବିର୍ଭାବ : ୨୧.୦୩.୧୯୨୭
ତିରୋଧାନ: ୧୪.୦୯.୨୦୨୦
ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଅଶେଷ ଅଶେଷ ପ୍ରାର୍ଥନା।
ହତଭାଗ୍ୟ ପୁତ୍ର ଓ ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀବୋହୂ, ନାତୁଣୀ-ନାତୁଣୀଜ୍ୱାଇଁ ଓ ଆତ୍ମୀୟ ପରିଜନମାନେ ।
ଧ-୧୮୩୪୦

# କବିତା

## ଲଣ୍ଠନ

**ପଲ୍ଲବୀ ନାୟକ**

ତୁମ ଭଲ ପାଇବାର ଆଲୁଅରେ
କେତେ ସଂଧ୍ୟା, କେତେ ରାତି
କେତେ କବିତା, କେତେ ଚିଠି ।।

ଅବୁଝାମଣାର କଳା ଯେ
ନ ଲାଗିଛି ନୁହଁ
ସାଙ୍ଗେ ସାଙ୍ଗେ ପୋଛିନେଇଛି
କଟିଛି ଆଙ୍ଗୁଠି ମୋର ।।

ଆହା...
ଅତୀତର ମିଂଜି ମିଂଜି
ପ୍ରେମାଲୋକ ମୋର
ଆଜି ବି ମୁଛି ଦେଉଛ
ଛାତି ତଳ ଅଳନ୍ଧୁ
ଓ ଯେତେ ଅଂଧକାର ।।

– ତହସିଲଦାର, ଦେବଗଡ଼

## ଚିତ୍ରକାର

**ବିଷ୍ଣୁ ମୋହନ**

ନୁହେଁ ମୁହିଁ ଚିତ୍ରକାର, ତୂଳୀ ଓ ରଂଗର
ଶବଦର ରଂଗ ଭରି ଆଙ୍କିବି ତୁମର
ଆକାଶେ, ଉକୁଟି ଆସୁଥିବା
ଆଲୋକ ଉଷାର
ଗୋଲାପି ଓଠରେ ମାଖି
ରଂଗ ଉଦୟ ସୂର୍ଯ୍ୟର ।

ହରିଣୀ ଆଖିପତାରେ କଳା କଜଳପାତିର
ଦର୍ପଭରା ଚାହାଣିରେ ରଂଗ କୃଷ୍ଣଚୂଡ଼ାର
ମେଘଭରା ବାଦଲର ରଂଗ
କେଶବିନ୍ୟାସର
ହୃଦ ସ୍ପନ୍ଦନରେ ଭରିବ କଂପନ
ରୂପ ମାଧୁରୀର ।

ଅଙ୍କାବଙ୍କା ଚାଲିଟି ଲାଗଇ
ପାହାଡ଼ି ଝରର
ଶରୀରର ମତୁଆଲା ଛନ୍ଦ
ବ୍ୟଗ୍ର ପ୍ରପାତର
ଅପୂର୍ଣ୍ଣତାର ଏ ଜୀବନ
ଆକାଶେ ମୋର
ତୁମେ ହେବ ପ୍ରିୟା ଜହ୍ନ ପରିପୂର୍ଣ୍ଣତାର ।

– ଏ/୫୮, କ୍ରିଷ୍ଣା ଗାର୍ଡେନ୍-୨
ଖଣ୍ଡଗିରି, ଭୁବନେଶ୍ୱର-୩୦

ଗୀତି-କବିତା

## ଭୋଦୁଅ ବରଷା ଗୀତ

**ଧନଞ୍ଜୟ ସ୍ୱାଇଁ**

ମୁଁ ଉଷର ମାଟି ତୁମେ ମୋ' ଆକାଶ
ଅଭିମାନେ ଥାଏ ଚାହିଁ
ଭରସାରେ ତୁମେ ଭାଦ୍ରବ ମୋର
ଓଦା କରି ଯାଅ ଛୁଇଁ ।

ସାତ ଟୁକୁଡ଼ାର ଜହ୍ନ ପରି ତୁମ
ଓଠରେ ବିଜୁଳି ହସ
ସେ ହସରେ ମୋର ଇଚ୍ଛା ଧରିବାକୁ
ମେଘର ମୋହନ ବେଶ
କଳାରାତି ଭଳି କେଶରେ ତୁମରି
ମେଘ ମୁଁ ରାତିକ ପାଇଁ
ଅଭିମାନେ ଥାଏ ଚାହିଁ ।

ଏବେ ସେ ବରଷା କରି ଲୋକହସା
କୁଆଡ଼େ ଗଲାଣି ଚାଲି
ଝରକାଦାଢ଼େ ମୋ' ନାଚୁନି ଆଉ ସେ
ମନତଳ ଓଦା କରି
ପାଣିରେ ଲଗାଇ ନିଆଁ ଦିନେ ଆମେ
ଭିଜିଥିଲେ ସାଥି ହୋଇ
ଅଭିମାନେ ଥାଏ ଚାହିଁ ।

ମୋ-୯୪୩୭୦୦୦୬୩୬

## କାଳକାଳକୁ



'ମଣିଷ କ'ଣ ଚାହେଁ-ଉନ୍ନତି
ନା ଆନନ୍ଦ?
ଉନ୍ନତି କରି କ'ଣ ହେବ, ଯଦି
ତହିଁରେ ନାହିଁ ଆନନ୍ଦ?'

-'ଆରଣ୍ୟକ':
ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟ

ବିଭୂତିଭୂଷଣ ବନ୍ଦ୍ୟୋପାଧ୍ୟାୟଙ୍କ ଜନ୍ମ ୧୨ ସେପ୍ଟେମ୍ବର ୧୮୯୪ରେ ପଶ୍ଚିମବଙ୍ଗର ନଦିଆ ଜିଲାରେ ଓ ପରଲୋକ ୧ ନଭେମ୍ବର ୧୯୫୦ରେ। ବଙ୍ଗଳା ଭାଷାର ଏହି ବିଶିଷ୍ଟ ଔପନ୍ୟାସିକଙ୍କ ଉଲ୍ଲେଖନୀୟ ଉପନ୍ୟାସଗୁଡ଼ିକ ମଧ୍ୟରୁ ପ୍ରମୁଖ କେତୋଟି ହେଲା- 'ପଥେର୍ ପାଞ୍ଚାଲି', 'ଅପରାଜିତ', 'ଆରଣ୍ୟକ', 'ଚାନ୍ଦେର ପାହାଡ଼', 'ଅଶନି ସଂକେତ', 'ଆଲୋ' ଓ 'ଆଦର୍ଶ ହିନ୍ଦୁ ହୋଟେଲ'। ୧୯୫୧ରେ ମରଣୋତ୍ତର ଭାବେ ଏହି ଲେଖକଙ୍କୁ ମିଳିଥିଲା ପ୍ରଖ୍ୟାତ ରବୀନ୍ଦ୍ର ପୁରସ୍କାର।

# ଭେଟାଭେଟି

ଗଳ୍ପ



**ବିରାଜ ମୋହନ ଦାସ**

ଭୋରରୁ ସକାଳବୁଲା ପାଇଁ ବାହାରିଥିଲା ଶୁଭକାନ୍ତ। ଗେଟ୍ ପାଖରୁ କିଛିବାଟ ଯିବା ପରେ ଦେଖିଲା ତା' ଆଗରେ କିଏ ଜଣେ ଯାଉଛି। ଟିକିଏ ନିରିଖେଇ ଦେଖିବା ପରେ ସେ ଜାଣି ପାରିଲା ଯେ ଆଗରେ ଢଳିଢଳି ଯାଉଥିବା ଲୋକଟି ଭିକାରି-ଭିକାରି ପରିଡ଼ା। ମନଟା ତା'ର ଖୁସି ହେଇଗଲା। ଏ ତିନିମାସ ହେଲା ମନେମନେ ସେ ତାକୁଇ ଖୋଜିଚି! ଏଠାରେ ଆସି ରହିବା ପରେ ପାଖ ଗାଁର ଯେଉଁ ତିନି ଚାରିଜଣଙ୍କ ସହ ତା'ର ଆତ୍ମୀୟତା ସ୍ଥାପିତ ହୋଇଛି, ସେମାନଙ୍କ ଭିତରେ ଭିକାରି ଜଣେ। ସବୁଦିନ ତା' ଘର ଆଗ ରାସ୍ତାଦେଇ ଗାଁ ପୋଖରୀ ନିକଟକୁ ସକାଳବେଳା ନିତ୍ୟକର୍ମ ସାରିବାକୁ ଓ ଦି' ପହରେ ଗାଧୋଇବାକୁ ଯାଏ ଭିକାରି। ହେଲେ ଏଇ ଲକ୍‌ଡାଉନ୍ ଆଉ ସଟ୍‌ଡାଉନ୍ ଅବଧି ଭିତରେ ତା' ସହିତ ଭେଟ ହୋଇପାରି ନ ଥିଲା ଶୁଭକାନ୍ତର।

ଗାଁର ଅନ୍ୟ ଲୋକମାନଙ୍କୁ ଶୁଭକାନ୍ତ ପଚାରିଛି ଭିକାରି କଥା। ସେମାନଙ୍କ ଭିତରୁ କେହି କେହି ଖବର ଦେଇଛନ୍ତିଯେ 'ସିଏ ଘରେ ଅଛି, ହେଲେ ବାହାରକୁ ବାହାରୁ ନାହିଁ।' ଏ କଥାଟା ଶୁଭକାନ୍ତକୁ ଆଶଙ୍କାଗ୍ରସ୍ତ କରି ରଖିଥିଲା। ପୁଣି ଏଇ ସମୟ ଭିତରେ ତା' ଘର ଆଗ ଶ୍ମଶାନକୁ ସର୍ବମୋଟ ସାତଟି ଶବ ସତ୍କାର ହେବା ପାଇଁ ଆସିଥିଲା। ତାଙ୍କ ଘରେ କାମ କରୁଥିବା ସେଇ ଗାଁର ପରିଚାରିକାର କଥାନୁଯାୟୀ ଏ ମଶାଣି କାଳେ ଏକାଥରେ ସାତ ନ ହେଲେ ନଅ ମୁଣ୍ଡ ନିଏ। ଅବଶ୍ୟ ଏବେ ସତ୍କାର ପାଇଁ ଆସୁଥିବା ଶବଗୁଡ଼ିକ ବୁଢ଼ାବୁଢ଼ୀଙ୍କର ଥିଲା। ଏ ଗାଁର ପରମ୍ପରାନୁଯାୟୀ ସତ୍କାର ପାଇଁ ଆସୁଥିବା ଶବ ସହିତ ହରିନାମ ସଂକୀର୍ତ୍ତନ କରି କିଛି ଲୋକ ଆସିଥାନ୍ତି। ଆଉ ସଂକୀର୍ତ୍ତନର ଶବ୍ଦ ଶୁଭିଲେ ଆଶଙ୍କାଗ୍ରସ୍ତ ଶୁଭକାନ୍ତ ବାହାରକୁ ବାହାରିଯାଇ ଶବର ପରିଚୟ ପଚାରି ବୁଝୁଥିଲା। ଆଉ ଶବର ପରିଚୟ ପାଇବା ପରେ ଆଶ୍ୱସ୍ତ ହେଉଥିଲା। ସେଇ ସବୁ କାରଣରୁ ପ୍ରାୟ ସୁଦୀର୍ଘ ତିନିମାସ ପରେ ଆଜି ଭିକାରିକୁ ଦେଖି ତା' ମନଟା ଏତେ ଖୁସି। ଟିକିଏ ଜୋର୍‌ରେ ଯାଇ ସେ ପହଞ୍ଚିଗଲା ଭିକାରି ପାଖରେ।

ଭିକାରି ଗୋଟାଏ ନୂଆ ପାଞ୍ଚହାତି ଗାମୁଛା ପିନ୍ଧିଥିଲା ଓ ସେମିତିକା ଆଉ ଗୋଟିଏ ଗାମୁଛା ଘୋଡ଼ି ହୋଇଥିଲା। ସିଏ ବି ଶୁଭକାନ୍ତକୁ ଦେଖି ଖୁସିରେ ହସିଦେଲା। କହିଲା, 'ତୁମଘର ଆଡ଼େ ଚାହିଁଚାହିଁ ଆସିଲିଯେ, ଦେଖିଲି ଗ୍ରୀଲ ଆଉ ଗେଟ୍ ଦି'ଟା ଯାକ ବନ୍ଦ ଅଛି। ଭାବିଲି ତୁମେ ଶୋଇପଡ଼ିଚ ପରା! ଟିକିଏ ମଜା କରିବା ଲାଗି ଶୁଭକାନ୍ତ କହିଲା, 'ଯା'ହଉ ଏ ଶଟ୍‌ଡାଉନ୍, ଲକ୍‌ଡାଉନ୍ ଲୋକଙ୍କର ଭଲ କରୁଛି। ଲୋକେ ନୂଆ ଲୁଗାପଟା ପିନ୍ଧି ବାହାରୁଚନ୍ତି।' ଏ କଥାରେ ଟିକିଏ ରୁଷ୍ଟ ହୋଇଗଲା ଭିକାରି। ତା' ମୁହଁର ଭାବଭଙ୍ଗୀ ବଦଳିଗଲା। ଅସନ୍ତୁଷ୍ଟ ସ୍ୱରରେ କହିଲା, 'ହଁ, ତମେ କହିବନି କାହିଁକି? ତମର କ'ଣ ଯାଉଚି? ଆମେ ଯାହା ହଇରାଣ ହଉଚୁ ଆମ ମନ ଜାଣୁଚି। ତମେ ତ ଆମର ନିଜ ଲୋକ ତମକୁ କ'ଣ ଲୁଚେଇବି! ଏ ତିନି ମାସ ହେଲା ମୁଁ ଇଚ୍ଛା କରି ବି ଘରୁ ବାହାରକୁ ବାହାରି ପାରିନି। ବାହାରକୁ ତ ଦୂରର କଥା, ଘର ଭିତରେ ବି ନାତି ନାତୁଣୀ ଆଉ ବୋହୂ ଦିହିଁଙ୍କ ଆଗରେ ଯେମିତି ଚଳିଚି ସେ କଥା ମୋ' ମନ ଜାଣିଚି। ଏମିତିକା ହୀନସ୍ତା ମୁଁ କେବେ ହେଇ ନ ଥିଲି।

ଶୁଭକାନ୍ତ ସମସ୍ୟାଟି ଜାଣିବା ପାଇଁ ଉତ୍ସୁକ ହୋଇ ପଚାରିଲା 'ହେଲା କ'ଣ?' ଭିକାରି କହିଲା ''ଶୁଣ ତମମାନଙ୍କ ପାଇଁ ଲୁଗା ପିନ୍ଧିବା ଗୋଟେ ସଉକ। ଅଣ୍ଡରୱେୟର ପିନ୍ଧିବ, ଗେଞ୍ଜି ପିନ୍ଧିବ, ତା' ଉପରେ ପେଣ୍ଟ, ଶାର୍ଟ, କୋଟ୍ ଏମିତି ସବୁ କେତେ କ'ଣ, ହେଲେ ମୋର ଦରକାର ହୁଏ ଦି'ଖଣ୍ଡ ପାଞ୍ଚହାତି ଖୋର୍ଦ୍ଧା ଗାମୁଛା, ଆଉ ଶୀତଦିନେ ମୋଟା ଚାଦର ଗୋଟେ। ଏଇ ଶଟ୍‌ଡାଉନ୍, ଲକ୍‌ଡାଉନ ଆଗରୁ ମୋର ଗୋଟେ ଗାମୁଛା ଚିରି ଆସିଥିଲା। ଭାବିଥିଲି ବଜାରକୁ ଯାଇ ଆଣିବି। ହେଲେ ଦୋକାନ ବଜାର ସବୁ ବନ୍ଦ ହେଇ ଯିବାରୁ ମୋର ଦୁଇଟିଯାକ ଗାମୁଛା ଚିରିଗଲା। ଦି'ପୁଅ ସେମାନଙ୍କର ତଉଲିଆ ଗୋଟେ ଗୋଟେ ଦେଲେଯେ ହେଲେ ସେଥିରେ କଛାମାରି ହୁଏନି। ମୋତେ ସେଗୁଡ଼ାକ ପିନ୍ଧିବାକୁ ଭାରି ଅଡୁଆ। ସେଇଥିପାଇଁ ମୁଁ ରାତି ନ ପାହୁଣୁ ପୋଖରୀକୁ ଯାଇ ଏକାଥରେ ନିତ୍ୟକର୍ମ ସାରିବା ସହିତ ଗାଧୋଇ ପଡ଼ି ଘରକୁ ଚାଲିଯାଉଥିଲି। ସେଇ ଛିଣ୍ଡା ଲେଙ୍ଗଡ଼ା ପିନ୍ଧି ବାହାରିବ କେମିତି? ଗଲାକାଲି ଦୋକାନ ବଜାର ଖୋଲିବାରୁ ମୋ' ବଡ଼ପୁଅ ଏ ଦି'ଖଣ୍ଡ ଆଣି ଦେଇଚି। କୁହନି ବାବୁ, ତେଜରାତି ଜିନିଷ, ପନିପରିବା, ମାଛ ମାଂସ ହେରିକା ଦରକାରୀ ଜିନିଷ ଆଉ ଲୁଗା, ଗାମୁଛା ଦରକାରୀ ଜିନିଷ ନୁହେଁ? 'ଇଏ କି ନିୟମ?' ଉତ୍ତର ନ ଥିଲା ଶୁଭକାନ୍ତ ପାଖରେ। ସେ ଚୁପ୍ ରହିଲା। ଭାବୁଥିଲା 'ଦରକାରୀ' ଓ 'ସେମିତି ଦରକାରୀ ନୁହେଁ', ନିଷ୍ପତ୍ତି ଯିଏ ନେଉଛନ୍ତି ସେମାନେ କ'ଣ ଭିକାରି ପରି ଲୋକଙ୍କର ଆବଶ୍ୟକତାକୁ ବୁଝନ୍ତି!

ମୋ: ୯୮୫୩୩୪୭୨୪୨



କୁହନି ବାବୁ, ମାଛମାଂସ ଦରକାରୀ, ଲୁଗା ଗାମୁଛା ଦରକାରୀ ନୁହେଁ?

# ଗାଳି

କ୍ଷୁଦ୍ର ଗଳ୍ପ

**ମାନସ କୁମାର ପାଢ଼ୀ**

ମହାପାତ୍ରବାବୁଙ୍କ ପିଲାଦିନର ସାଙ୍ଗ ମହାନ୍ତି ବାବୁ ଆସିଥା'ନ୍ତି। ସକାଳୁ ତ ଦୁହେଁ ବସି ଗପ ମାରୁଥିଲେ ଡ୍ରଇଂରୁମ୍‌ରେ। ଅଗତ୍ୟା ସୁନା ଦୋକାନୀ ମଲ୍ଲିକବାବୁ କଲିଂ ବେଲ୍ ଟିପିଲେ। ତ ମହାପାତ୍ର ବାବୁ ଯାଇ ପାଛୋଟି ଆଣିଲେ। ଯେହେତୁ ପିଲାଦିନର ସାଙ୍ଗ। ତେଣୁ ବାବୁ ଟିକେ ଶଙ୍କି ଗଲେ ମଲ୍ଲିକବାବୁଙ୍କୁ ଦେଖି। କାଳେ ମାଗିଦେବ ବୋଲି।

ସେଇଆ ବି ହେଲା। କିନ୍ତୁ ବ୍ୟବସାୟିକ ଢଙ୍ଗରେ। ପ୍ରଥମେ କୁଶଳ ମଙ୍ଗଳ ବୁଝାବୁଝି ସରିଲା ପରେ ମଲ୍ଲିକବାବୁ କହିଲେ, ବଡ଼ ଅସୁବିଧାରେ ପଡ଼ିଯାଇଛି ବୋଲି ଆସିଲି ଆଜ୍ଞା। ନହେଲେ ଆପଣ ଜାଣନ୍ତି ମୁଁ କେବେ ଆସେନି।

ମହାପାତ୍ରବାବୁ ସମ୍ମତି ଜଣାଇବା ପରି ମୁଣ୍ଡ ଟୁଙ୍ଗାରିଲେ। କହିଲେ, ମୁଁ ଦେଇଦେବି। ପହିଲା ବେଳକୁ।

ମଲ୍ଲିକବାବୁ ପଚାରିଲେ, ପହିଲାରେ ଆସିବି ତା'ହଲେ।

ମହାପାତ୍ରବାବୁ କହିଲେ, ହଁ ଆସନ୍ତୁ। ଆସନ୍ତୁ ଯେ ସନ୍ଧ୍ୟାପରେ।

ଆଜ୍ଞଆଲି ମୁଁ ଆଜି ସ୍ୱାଇଁବାବୁଙ୍କ ଘରକୁ ଯାଇଥିଲି। ଏ ବାଟେ ଫେରିଲି ତ ଭାବିଲି ଟିକେ ମୁହଁ ମାରି ଦେଇ ଯିବି। ସହଜେ ଦରକାର ଥିଲା।



ମହାପାତ୍ରବାବୁ ପଚାରିଲେ, କୋଉ ସ୍ୱାଇଁ? ଆମ ସାହିର?

ମଲ୍ଲିକବାବୁ କହିଲେ, ନା ନା ଆପଣ ଚିହ୍ନି ଚାହାନ୍ତି। ସେ ଆମ ଗାଁ ପାଖ ଲୋକ, ଆର ସାହିରେ ରହୁଛନ୍ତି। ଶାଳୀ ବାହାଘରଠୁ ଆରମ୍ଭ କରି ଝିଅ ବାହାଘର ପର୍ଯ୍ୟନ୍ତ, କାହା ଏକୋଇଶିଆ ତ କାହା ବ୍ରତଘର ସବୁବେଳେ ଦୌଡ଼ି ଯିବେ ଦୋକାନକୁ। ସୁନା ଟିକେ ନ ଦେଲେ ବନ୍ଧୁ ବାନ୍ଧବରେ ତାଙ୍କ ସମ୍ମାନ ହାନି ହୋଇଯାଏ କାଳେ! ହେଲେ ଟଙ୍କା ପାଇଁ ଦଉଡ଼େଇ ଦଉଡ଼େଇ ମୋତେ ନାକେଦମ କଲେଣି। ଗାଁ ପାଖ ଲୋକ ଅସୁବିଧା ଶୁଣି ଦେଇଛି ତ! ଆଜ୍ଞା ବାକି ନେଲାବେଳକୁ ବୋପା ଥୋଇଲା ଭଳିଆ ଆସି ନେଇଯିବେ। ଟଙ୍କା ମାଗିଲାବେଳକୁ ନମସ୍କାର ପକାଇ ଆମେ ଯାଇ କହିବୁ- ଆଜ୍ଞା ମିସେସ୍ ଦେହ ଖରାପ ବହୁତ ଟଙ୍କା ଖର୍ଚ୍ଚ ହୋଇଗଲାଣି, ପୁଅର ଆଡ଼ମିଶନ କରବି, ଶାଶୁ ଚାଲିଗଲେ ବହୁତ ଖର୍ଚ୍ଚ ଉଠାଇବାକୁ ପଡ଼ିଲା। ବେପାର ନାହିଁ ଦୋକାନରେ ବହୁତ ଷ୍ଟକ୍ ରହିଲାଣି। ସୁନା ଆଜ୍ଞା। କେତେ ଇନ୍‌ଭେଷ୍ଟ କରିବୁ? ନ ହେଲେ ମୁଁ ଆପଣଙ୍କ ପରି ଲୋକଙ୍କୁ ମାଗିବାକୁ ଆସି ନଥାନ୍ତି!

ଦମ୍ ନାହିଁ ଯଦି ସୁନା ବନ୍ଦେଇବା କ'ଣ ଦରକାର। କହୁ ନାହାନ୍ତି ଆଜ୍ଞା?

ମହାପାତ୍ରବାବୁ ସମ୍ମତି ଜଣେଇ କହିଲେ, ହଁ ସେଇଆ ନୁହେଁ ଆଉ କ'ଣ। ଅସୁବିଧା ବେଳେ ଆପଣ ସାହାଯ୍ୟ କରିଛନ୍ତି, ଯାଚିକି ଦେଇଦେବା କଥା ନା!

ମଲ୍ଲିକବାବୁ କହିଲେ, ଯାଚିକି! ଶହେ ଥର ମାଗିବାକୁ ଗଲେ ଏ ପହିଲାରୁ ଆର ପହିଲା କହି କହି ବର୍ଷ ବର୍ଷ ଗଡ଼ଉଛନ୍ତି। ନିର୍ଲ୍ଲଜଙ୍କ ପରି ଦାନ୍ତ ନେଫେଡ଼ି କହୁଛନ୍ତି, ଆପଣଙ୍କୁ ଆଉ ମାଗିବାକୁ ପଡ଼ିବନି ମୁଁ ଯାଇ ଦେଇ ଆସିବି । ଛାଡ଼ନ୍ତୁ ଆଜ୍ଞା ସେଗୁଡ଼ା। ପହିଲା ସନ୍ଧ୍ୟା ସାତଟା ବେଳକୁ ଆସି ପକ୍କା ପହଞ୍ଚିବି। ମନେ ରଖିଥିବେ ଟିକେ!

ମହାପାତ୍ରବାବୁ ସମ୍ମତି ଜଣାଇଲେ।

ମଲ୍ଲିକବାବୁ ଚାଲିଯିବା ପରେ ଗୋଟେ ଲମ୍ବା ନିଃଶ୍ୱାସ ଛାଡ଼ି ମହାପାତ୍ରବାବୁ କହିଲେ, ଦେଇପାରିବେନି ତ ଲୋକେ ବାକି କରନ୍ତି କାହିଁକି କେଜାଣି? ପୁଣି ସୁନା। ସୁନା ତ ଗୋଟେ ଅତ୍ୟାବଶ୍ୟକୀୟ ଜିନିଷ ନୁହେଁ ଯେ ନ ହେଲେ ଜୀବନ ଚାଲିଯିବ। କେତେ ଗାଳିମନ୍ଦ କରୁଛି ଲୋକଟା। ଆମକୁ ପଦେ କହି ଦବ, କା' ଜିଭରେ ହାଡ଼ ଅଛି?

ଏତେ ବେଳଯାଏ ଚୁପ୍ ହୋଇ ବସିଥିବା ବନ୍ଧୁ, ମହାନ୍ତିବାବୁ ମହାପାତ୍ରବାବୁଙ୍କୁ ପଚାରିଲେ, ତୁ କ'ଣ ସେ ସ୍ୱାଇଁ ବାବୁଙ୍କୁ ଜାଣୁ?

ମହାପାତ୍ରବାବୁ ଆଶ୍ଚର୍ଯ୍ୟ ହୋଇ କହିଲେ, କୋଉ ସ୍ୱାଇଁ?

ଯେଉଁ ସ୍ୱାଇଁ ବାବୁଙ୍କ ଘରକୁ ସେ ସୁନାଦୋକାନୀ ଯାଇଥିଲା ସକାଳୁ। ଆଉ ଯାହାକୁ ଗାଳିମନ୍ଦ କରୁଥିଲା।

ମହାପାତ୍ରବାବୁ ମୁହଁ ନେଫେଡ଼ିଲେ। ଯାହାର ଅର୍ଥ ନା।

ମହାନ୍ତିବାବୁ କହିଲେ, ତେବେ ଏତେ ଗାଳି ସେ ଏଠି କାହାକୁ ଦେଇଗଲା? ଟିକେ ହେଜେ।

ମୋ: ୯୪୩୮୭୮୫୭୯୨

# ସାହିତ୍ୟରେ ଚୋରି ନୁହେଁ, ମୌଳିକତା ହିଁ ସ୍ଥାୟୀ

**ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟଙ୍କ ଜନ୍ମ ୩୦ ସେପ୍ଟେମ୍ବର ୧୯୪୮ କୁମାର ପୂର୍ଣ୍ଣିମାରେ, ଅବିଭକ୍ତ କଟକ ଜିଲାର ନୂଆଶାସନ ଗାଁରେ। 'ପିତାମହ ଭୀଷ୍ମ', 'କୁନ୍ତୀପୁତ୍ର', 'ମହାନାୟକ ଶ୍ରୀକୃଷ୍ଣ', 'ଦ୍ରୋଣ', 'ଅମ୍ବା', 'ଦମୟନ୍ତୀ' ଓ 'କୁନ୍ତୀ' ପ୍ରଭୃତି ତାଙ୍କର କତିପୟ ଉଲ୍ଲେଖନୀୟ ଉପନ୍ୟାସ। ଗଳ୍ପ ଓ ସମାଲୋଚନାରେ ସମସିଦ୍ଧିର ଅଧିକାରିଣୀ ଏହି ଲେଖିକା ତାଙ୍କର 'ଅମ୍ବା' ଉପନ୍ୟାସ ପାଇଁ ପାଇଛନ୍ତି ୨୦୧୬ର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର। ପୁରୀ ଘରେ ଭେଟି ତାଙ୍କଠୁଁ ଏହି ସାକ୍ଷାତ୍‌କାରଟି ନେଇଛନ୍ତି କବି ଶ୍ୟାମ ପ୍ରକାଶ ସେନାପତି...**

ସୃଜନ-ଆଳାପ



ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ

**ପ୍ର:** ଉପନ୍ୟାସ ରଚନା ପ୍ରତି ଆପଣ କେବେ ଓ କାହିଁକି ଆଗ୍ରହୀ ହେଲେ?

**ଉ:** ୧୯୬୨ରେ ଦଶମଶ୍ରେଣୀରେ ପଢୁଥିବା ବେଳେ ମୁଁ ମୋର ପ୍ରଥମ ଉପନ୍ୟାସ ଲେଖିଥିଲି। ତା' ପୂର୍ବରୁ ଗଳ୍ପ କବିତା ଲେଖୁଥିଲି। ମୋର ମନେହେଲା, ଉପନ୍ୟାସରେ ଗୋଟିଏ ଚରିତ୍ର ଓ ତା'ର ପରିବେଷ୍ଟନୀକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇପାରିବ।

**ପ୍ର:** ପୁରାଣ ପୃଷ୍ଠଭୂମିରେ ଉପନ୍ୟାସ ଲେଖିବାକୁ ଆପଣ କାହିଁକି ଗୁରୁତ୍ୱ ଦିଅନ୍ତି?

**ଉ:** ମହାଭାରତ, ରାମାୟଣ, ଭାଗବତ ବହୁବାର ଅଧ୍ୟୟନ କଲାପରେ ମୁଁ ଅନୁଭବ କଲି ସେହି ସବୁ କ୍ଲାସିକ୍ ସାହିତ୍ୟ ହିଁ ଆମର ସଂସ୍କୃତି ଓ ପରଂପରାକୁ ଧାରଣ ଓ ପୋଷଣ କରିଛି।

**ପ୍ର:** 'ଅମ୍ବା' ଉପନ୍ୟାସର ସ୍ୱତନ୍ତ୍ରତା କ'ଣ ବୋଲି ଆପଣ ଭାବନ୍ତି?

**ଉ:** ସେ ଦାୟିତ୍ୱ ପାଠକଙ୍କର। ମୋ' ମତରେ ଅମ୍ବା ଏକ ନିତ୍ୟ ନୂତନ ଚରିତ୍ର, ଯାହା ସେଦିନ ଥିଲା, ଆଜି ବି ଅଛି। ସଂଘର୍ଷ ହିଁ ତା' ଜୀବନର ଆଧାର। ଏହା ତ ପ୍ରତ୍ୟେକ ନାରୀର ପ୍ରାଣବାଣୀ।

**ପ୍ର:** ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା ପରେ ଆପଣଙ୍କୁ କିପରି ଲାଗିଲା?

**ଉ:** ପାଠକୀୟ ଶ୍ରଦ୍ଧା, ସ୍ୱୀକୃତି ହିଁ ମୋର ବଡ଼ ପୁରସ୍କାର। ୨୦୧୧ରେ ଭୁବନେଶ୍ୱର ପୁସ୍ତକମେଳାରେ ପିଲାଟିଏ ତା' ମା' ପାଇଁ ଔଷଧ କିଣିବାକୁ ଆଣିଥିବା ଚାରିଶହ ଟଙ୍କାରେ ମୋର 'ଗଳ୍ପ ସମଗ୍ର' ବହିଟି କିଣି ନେଇଥିଲା। ଏକଥା ପ୍ରକାଶକଙ୍କଠୁଁ ଶୁଣିବାପରେ ମୋ' ଆଖିରୁ ଲୁହ ଝରି ପଡ଼ିଥିଲା। ଏଭଳି ପୁରସ୍କାରର ଗୁରୁତ୍ୱ ମୋ' ପାଇଁ ବହୁତ ବେଶି।

**ପ୍ର:** କେଉଁ ବିଶିଷ୍ଟ ଲେଖକଙ୍କ ଦ୍ୱାରା ଆପଣ ପ୍ରଭାବିତ?

**ଉ:** ଫକୀରମୋହନ ହିଁ ମୋ' ପ୍ରେରଣା।

**ପ୍ର:** ଓଡ଼ିଆ ସାହିତ୍ୟରେ ବର୍ତ୍ତମାନ ଯେଉଁସବୁ ଉପନ୍ୟାସ ଲେଖାଯାଉଛି, ତା' ଉପରେ ଆପଣଙ୍କ ମତ କ'ଣ?

**ଉ:** କିଛି ଭଲ ଉପନ୍ୟାସ ନିଶ୍ଚୟ ଲେଖା ହେଉଛି; କିନ୍ତୁ କେତେକ ଲେଖକ ମୌଳିକତା ଉପରେ ଗୁରୁତ୍ୱ ନ ଦେଇ ଇଂରାଜୀ ଓ ପ୍ରତିବେଶୀ ସାହିତ୍ୟରୁ, ଏପରିକି ଓଡ଼ିଆ ସାହିତ୍ୟର ପ୍ରଥିତଯଶା ସାହିତ୍ୟିକଙ୍କ ସୃଷ୍ଟିରୁ ନକଲ କରି ଲେଖୁଛନ୍ତି। ଏହା ସ୍ପଷ୍ଟ ଦିବାଲୋକରେ ଚୋରି। ଏହାର ସ୍ଥାୟିତ୍ୱ କେତେ କାଳ?




**ପ୍ର:** ଉପନ୍ୟାସ ରଚନା କ୍ଷେତ୍ରରେ ଆପଣଙ୍କର ପରବର୍ତ୍ତୀ ଯୋଜନାଟି କ'ଣ?

**ଉ:** ମୁଁ ଏକକାଳୀନ ଦୁଇଟି ଭିନ୍ନ ଧାରା ଓ ଭିନ୍ନ ଶୈଳୀର ଉପନ୍ୟାସ ଲେଖିବାରେ ଆତ୍ମସନ୍ତୋଷ ଲାଭ କରେ। ସୁତରାଂ କର୍ମଜୀବୀ ମହିଳାଙ୍କ ସଂଘର୍ଷକୁ ନେଇ ଗୋଟିଏ ଓ ମୂଳ ରାମାୟଣ ଆଧାରିତ ଏକ ନାରୀ ଚରିତ୍ରକୁ ନେଇ ଆଉ ଗୋଟିଏ ଉପନ୍ୟାସ ଲେଖୁଛି। 'ଦାର୍ଢ୍ୟତାଭକ୍ତି' ଉପରେ କିଛିକିଛି କାମ ମଧ୍ୟ କରୁଛି।

**ପ୍ର:** ଆପଣଙ୍କ ପ୍ରଥମ ଉପନ୍ୟାସ ସଂପର୍କରେ କିଛି କହିବେ?

**ଉ:** ମୋର ପ୍ରଥମ ଉପନ୍ୟାସ 'ପ୍ରଥମ ରାଗିଣୀ ଶେଷ ଛନ୍ଦ'। ମୁଁ ଦଶମଶ୍ରେଣୀରେ ପଢୁଥିବା ବେଳେ ଲେଖିଥିଲି। ସେଇ କିଶୋରୀ ବୟସରେ ଆବେଗ ହିଁ ଥିଲା ତା'ର ପୁଞ୍ଜି। ଜଣେ ଜମିଦାର ସନ୍ତାନ ସହ ତା'ର ଭାଗଚାଷୀ ଝିଅର ପ୍ରଣୟ କାହାଣୀ। ତା' ମଧ୍ୟ ଅସଫଳ ପ୍ରେମ କାହାଣୀ; କିନ୍ତୁ ତାହା ଅପ୍ରକାଶିତ। ମୁଁ ବି.ଏ ପଢୁଥିବାବେଳେ ଯେଉଁ ଉପନ୍ୟାସଟି ରଚନା କରିଥିଲି, ତାହା ପ୍ରକାଶିତ ହୋଇଥିଲା ୧୯୭୨ରେ। ତା' ନାଁ 'ଅସ୍ତ ଜହ୍ନ'। ତା' ମଧ୍ୟ ମୋର ସେ ସମୟର ବୟସ ସହ ତାଳ ଦେଇ ଏକ ପ୍ରେମୋପନ୍ୟାସ।

## ପୁସ୍ତକ ପରିଚୟ

### କବି ସୌରୀନ୍ଦ୍ର ବାରିକଙ୍କ କାବ୍ୟ-ମାନସ




**ଲେଖକ:** ଡ. ଅଭିରାମ ଦାସ
**ପ୍ରକାଶକ:** ଅପୂର୍ବା, ଭୁବନେଶ୍ୱର
**ଦ୍ୱିତୀୟ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୩୦୦/-

ଆଲୋଚ୍ୟ ସମାଲୋଚନାଗ୍ରନ୍ଥଟି କବି ସୌରୀନ୍ଦ୍ର ବାରିକଙ୍କ କବିତା ସମ୍ପର୍କରେ ଏକ ଚର୍ଚ୍ଚାଗ୍ରନ୍ଥ, ଯାହାକୁ ଲେଖକ ଅଭିରାମ ଗବେଷଣା-ପ୍ରକଳ୍ପ ଭାବେ ଦାଖଲ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି ପାଇଛନ୍ତି। ଗବେଷଣାଗ୍ରନ୍ଥ ହୋଇଥିବାରୁ ତା'ର ବିଧିସମ୍ମତ କେତେକ ପରିଚ୍ଛେଦ ସ୍ୱାଭାବିକ ଭାବେ ସଂଯୁକ୍ତ ହୋଇ ସୌରୀନ୍ଦ୍ରଙ୍କ କାବ୍ୟ-ବିବେଚନା ପରିସରକୁ ସଂକୁଚିତ କରିଛି। ତେବେ ଅଭିରାମ ଯେତେକ ପରିସର ପାଇଛନ୍ତି, ସୌରୀନ୍ଦ୍ରଙ୍କ କବିତାର ଭାବ ଓ ଭାଷାର ମୂଲ୍ୟାୟନରେ ସବୁତକ ଅକୁଣ୍ଠ ଚିତ୍ତରେ ବ୍ୟୟ କରିଛନ୍ତି। ସୌରୀନ୍ଦ୍ରଙ୍କ କବିତା ସମ୍ପର୍କରେ ଅଭିରାମଙ୍କ ପ୍ରତ୍ୟେକଟି ଧାଡ଼ି କବିତା ପରି ପ୍ରତୀତ ହୁଏ। ପାଠକ ଚିତ୍ତରେ ଏକ ବୃହତ୍ତର ବୋଧମୟତା ସୃଷ୍ଟି କରେ ବହିଟି। ମନେହୁଏ, ଆଗକୁ ବହିଟିର ଏକାଧିକ ସଂସ୍କରଣ ହେବ।

### ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା




**ଲେଖକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବାଣୀ ବିକାଶ, ମର୍କତନଗର, କଟକ-୧୪
**ପ୍ରଥମ ପ୍ରକାଶ:**୨୦୧୮, **ମୂଲ୍ୟ:** ଟ.୧୪୦/-

ଜନ୍ମରୁ ପରଲୋକ ଯାଏଁ ଓଡ଼ିଶାର ଅଗ୍ରଗଣ୍ୟ ଯାତ୍ରା ନାଟ୍ୟକାର ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଜୀବନର ନାନା ଘଟଣାବଳୀକୁ ବିଭିନ୍ନ ପରିଚ୍ଛେଦରେ ସଜାଇ କବି ଜୟକୃଷ୍ଣ ସାମଲ 'ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା' ଶୀର୍ଷକ ଯେଉଁ ଜୀବନୀ-ଗ୍ରନ୍ଥ ଖଣ୍ଡିକୁ ଲେଖିଛନ୍ତି, ତାହା ରଘୁନାଥଙ୍କ ନଟ-ଜୀବନର ବହୁ ବିରଳ ତଥ୍ୟକୁ ନେଇ ଋଦ୍ଧିମନ୍ତ ହୋଇଛି। ରଘୁନାଥ ତାଙ୍କର ଦୁଷ୍ପ୍ରାପ୍ୟ ଓ ଅପ୍ରକାଶିତ ନାଟକକୁ ମିଶାଇ ମୋଟ ପ୍ରାୟ ୮୦ ଖଣ୍ଡ ଯାତ୍ରା ନାଟକର ଉଜ୍ଜ୍ୱଳ ସ୍ରଷ୍ଟା। ସେ ଏପରି ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଥିଲେ, ଯେ ଯେକୌଣସି ବିଷୟକୁ ଧରୁଥିଲେ, ଜୀବନ୍ତ ନାଟକରେ ପରିବର୍ତ୍ତିତ କରିଦେଉଥିଲେ। କାଦୁଅ ପିଣ୍ଡୁଳାକୁ ମୂର୍ତ୍ତି କରି ଦେଉଥିଲା ତାଙ୍କ ନିର୍ଦ୍ଦେଶନା। ଓଡ଼ିଆ ଯାତ୍ରାନାଟକର ଏହି ପିତାମହଙ୍କ ପୂର୍ଣ୍ଣାଙ୍ଗ ଜୀବନୀ ଭାବେ କେବଳ ନୁହେଁ, କବି ସାମଲଙ୍କର ଏହି ଗ୍ରନ୍ଥଟି ତାଙ୍କ ନାଟ୍ୟାବଳୀ ସମ୍ପର୍କରେ ଏକ ପରିପୂର୍ଣ୍ଣ ଆଲୋଚନାଗ୍ରନ୍ଥ ଭାବେ ମଧ୍ୟ ଓଡ଼ିଶାର ବିଦ୍ୱାନ୍‌ମାନଙ୍କ ମଧ୍ୟରେ ବହୁକାଳଯାଏଁ ଆଦୃତ ହେବ।

## ନୂଆବନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ୩ ଦିନ ବନ୍ଦ

**ବାରଙ୍ଗ,(ଡି.ଏନ୍.ଏ.):** ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଦାଦା ପଞ୍ଚାୟତର ନୂଆବନ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେଣୁ ରୋଗୀ ଓ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩ଦିନ ପାଇଁ ବନ୍ଦ କରାଯାଇଛି। ଏହା ବୁଧବାରରୁ ଶୁକ୍ରବାର ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ଡା. ତପସ୍ୱିନୀ ଦାସ କହିଛନ୍ତି। ସେହିପରି ଏହି ପଞ୍ଚାୟତ ଅଧୀନ କଣ୍ଡୁଣିଆ ଗ୍ରାମର ଜଣେ ପରିବାରର ୩ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏ ନେଇ ବୁଧବାର ମେଣ୍ଢାଶାଳ ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ମାଧମରେ ଉକ୍ତ ପରିବାରକୁ ସୂଚନା ଦିଆଯାଇଛି। ଏହି ପରିବାର ହୋମ କ୍ୱାରାଣ୍ଟାଇନରେ ରହିଛନ୍ତି।

## ସଂକ୍ଷେପରେ

### ଆକ୍ରମଣ କରି ଟଙ୍କା, ମୋବାଇଲ ଫୋନ ଲୁଟ୍

**ଝାଁଳା,୨୩।୯(ଡି.ଏନ୍.ଏ.):** ୧୬ନଂ. ଜାତୀୟ ରାଜପଥରେ ଲୁଟେରାଙ୍କ ପାଦୁର୍ଭାବ ବଢ଼ିବାରେ ଲାଗିଛି। ମଙ୍ଗଳବାର ବିଳମ୍ବିତ ରାତିରେ ଗଙ୍ଗପଡ଼ା ଟୋଲଗେଟ ନିକଟରେ ୪ଜଣ ଦୁର୍ବୃତ୍ତ ଏକ କଣ୍ଟେନରକୁ ଅଟାକାଇ ଡ୍ରାଇଭର ଓ ହେଲପରଙ୍କୁ ଆକ୍ରମଣ କରି ଟଙ୍କା ଓ ମୋବାଇଲ ଫୋନ ଲୁଟି ନେଇଥିଲେ। ସେହିପରି ଝାଁଳା ପୋଷ୍ଟ ଅଫିସ ଛକରେ ଏକ ଚିଆଁ ବୋଝେଇ ପିକ୍ଅପ୍ ଭ୍ୟାନର ଚାଳକ ନରେଶ କାଭାଲି ଓ ହେଲପର ଗୋପୀକୃଷ୍ଣ ସୁବ୍ରମଣ୍ୟମଙ୍କୁ ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ହାଣି ୧୦ହଜାର ଟଙ୍କା, ମୋବାଇଲ ଫୋନ ଓ ଗାଡି ଚାବି ଛଡ଼ାଇନେଇ ଫେରାର ହୋଇଯାଇଥିଲେ। ଖବରପାଇ ପୋଲିସ ପହଞ୍ଚି ସମସ୍ତ ଆହତଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲା। ସେଠାରେ ଦୁଇଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ୧ଲକ୍ଷ ଟଙ୍କା ଜରିମାନା ଆଦାୟ

**ନିରାକାରପୁର,୨୩।୯(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣ ରୋକିବା ଲାଗି ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କିନ୍ତୁ କେତେଜଣ ଅମାନିଆ କୋଭିଡ୍ ଗାଇଡ୍ଲାଇନ ନିୟମକୁ ମାନୁ ନ ଥିବା ଦେଖିବାକୁ ମିଳିଛି। ଏହି ଅମାନିଆଙ୍କୁ ସାବାଡ୍ କରିବା ଓ କରୋନା ସଚେତନତା ପାଇଁ ଟାଙ୍ଗୀ ତହସିଲଦାର ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଛି। ଏହି ଟିମ୍ ପକ୍ଷରୁ ନୂଆଜଗନ୍ନାଥ ସଡ଼କ, ୧୬ନଂ. ଜାତୀୟ ରାଜପଥ ଓ ସମସ୍ତ ପଞ୍ଚାୟତ ଅଞ୍ଚଳରେ ସଚେତନ କରାଯାଉଛି। ଏହା ସହିତ ମାସ୍କ ପିନ୍ଧି ନ ଥିବା ଓ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କଠାରୁ ଚଳିତ ସପ୍ତାହରେ ୧ଲକ୍ଷ ଟଙ୍କା ଜରିମାନା କରାଯାଇଛି ବୋଲି ତହସିଲଦାର ଦାସ କହିଛନ୍ତି।

### ଗୋଚରଜମି ଜବରଦଖଲ ଅଭିଯୋଗ

**ପିପିଲି,୨୩।୯(ସ୍ୱ.ପ୍ର.):** ପିପିଲି ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ମୌଜାରେ ଥିବା ୫ଏକର ୨୦ଡିସିମିଲ ଗୋଚରଜମି ଉପରେ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଉକ୍ତ ଜମିରେ ଅଧିକାଂଶ ଗୋରୁମାନେ ଚରିବା ପାଇଁ ଏଠାକୁ ଆସିଥାନ୍ତି। କିନ୍ତୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସେଠାରେ ଜବରଦଖଲ କରୁଥିବାର ଦେଖିବାକୁ ମିଳିଛି। ଏହାକୁ ନେଇ ଗ୍ରାମର ଯୁବକମାନେ ଏକତ୍ରିତ ହୋଇ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆର୍ଆଇଙ୍କ ଉପସ୍ଥିତିରେ ଉକ୍ତ ଗୋଚର ଜମିକୁ ମାପଚୁପ କରାଯାଇଥିଲା। ଏହାସହ ଜବରଦଖଲ କରିଥିବା ବ୍ୟକ୍ତିମାନଙ୍କୁ ଅବରୋଧ କରିବା ପାଇଁ କୁହାଯାଇଛି। ଏପରିକି ଗ୍ରାମବାସୀଙ୍କ ପକ୍ଷରୁ ତହସିଲଦାର ଏବଂ ଥାନାରେ ଅଭିଯୋଗ କରିଛନ୍ତି। ଜାତୀୟ ଦଳିତ ଆଦିବାସୀ ମାଇନୋରଟି ମହାସଂଘ ଓଡିଶାର ରାଜ୍ୟ ସଭାପତି ବିଜୟ ସେଠୀ ମଧ ଏ ସମ୍ପର୍କରେ ଆରଡିସି କଟକ, ଜିଲାପାଳ ପୁରୀ, ତହସିଲଦାର ପିପିଲିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହି ଗୋଚର ଜମିରେ ଚାରାରୋପଣ ସାଙ୍ଗକୁ ଗୋ ଶାଳା କରିବା ପାଇଁ ଉକ୍ତ ଗ୍ରାମର ଯୁବକମାନେ ଅଣ୍ଟା ଭିଡିଛନ୍ତି।

### ଜଳ ନିଷ୍କାସନରେ ବାଧା ସାଜୁଛି ଦଳ

**ବ୍ରହ୍ମଗିରି,୨୩।୯(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ନଦୀ, କେନାଲ ଓ କାଣିଆରେ କଳିକତି ଦଳ ଭର୍ତ୍ତି ହୋଇରହିଛି। ଫଳରେ ନଦୀର ପାଣି ଠିକ ଭାବରେ ଚିଲିକାକୁ ନିଷ୍କାସନ ହୋଇପାରୁ ନ ଥିବା ଦେଖିବାକୁ ମିଳିଛି। ଯାହାକି ଧାନ ଚାଷ ଉପରେ ନଦୀ ଜଳ ଘୋର ପ୍ରଭାବ ପକାଉଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ନଦୀ ଜଳ ଠିକ ଭାବେ ନିଷ୍କାସନ ନ ହୋଇ କେନାଲରେ ଗଚ୍ଛିତ ରହୁଥିବାରୁ ଦଳ ପୋଚା ହୋଇ ପାଣି ନଷ୍ଟ ହେଲାଣି। ଏହା ଯୋଗୁ ନଦୀ ଏବଂ କେନାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକେ ବିଭିନ୍ନ ସଂକ୍ରମଣରେ ଶିକାର ହେଉଛନ୍ତି। ଉକ୍ତ ବ୍ଲକ ଅଞ୍ଚଳର ନାଣ୍ଡିପୁର ଗ୍ରାମରେ ଅନେକ ପିଲା ଗତ କିଛି ଦିନ ତଳେ ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ବର୍ତ୍ତମାନ ଥଣ୍ଡା ଜ୍ୱର କାୟା ବିସ୍ତାର କରିଥିବା ଦେଖିବାକୁ ମିଳିଛି। ସରକାରଙ୍କ ପକ୍ଷରୁ ନଦୀ ଏବଂ କେନାଲରୁ ଦଳ ସଫା ପାଇଁ କାଗଜ କଲମରେ ଲକ୍ଷଲକ୍ଷ ଟଙ୍କା ବ୍ୟୟ କରାଯାଉଥିବା ବ୍ରହ୍ମଗିରି ଅଞ୍ଚଳରେ କୌଣସି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ ହୋଇଛି। ତେବେ ଏହି ଦଳଗୁଡ଼ିକୁ ଯଥାଶୀଘ୍ର ସଫା କରିବା ପାଇଁ ସାଧାରଣରେ ଦାବି ହେଉଛି।


# ଭୁବନେଶ୍ୱରରୁ ୨୩ ଦିନରେ ୯,୧୧୯ ଆକ୍ରାନ୍ତ

■ ୩୦ଦିନରେ ଲକ୍ଷେ ଲୋକଙ୍କ ଟେଷ୍ଟ
■ ପୁଣି ୩୦୧ ପଜିଟିଭ, ୩୯୨ ସୁସ୍ଥ

**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ଭୁବନେଶ୍ୱରରେ ଏବେ କରୋନା ପଜିଟିଭ୍ ହାର ହ୍ରାସ ପାଉଥିବାବେଳେ ସୁସ୍ଥଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୩ଦିନ ମଧ୍ୟରେ ଭୁବନେଶ୍ୱରରୁ ସର୍ବାଧିକ ତଥା ରେକର୍ଡ ସଂଖ୍ୟକ ୯୧୧୯ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଦୈନିକ ହାରାହାରି ୩୦୦ରୁ ୪୦୦ ଜଣ ଆକ୍ରାନ୍ତ ହେଉଥିବାବେଳେ ସେପ୍ଟେମ୍ବର ଶେଷ ସୁଦ୍ଧା ଏହା ୧୧ହଜାର ଅତିକ୍ରମ କରିବ ବୋଲି ବିଏମ୍ସିର କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି।

ସେପ୍ଟେମ୍ବର ଆରମ୍ଭରୁ ହିଁ ଭୁବନେଶ୍ୱରରେ ବିଏମ୍ସି ଦ୍ୱାରା ସମସ୍ତ କଟକଣାକୁ ହଟାଇ ଦିଆଯାଇଥିଲା। ଫଳରେ ପଜିଟିଭ୍ ହାର ବୃଦ୍ଧିପାଇବା ସ୍ୱାଭାବିକ୍। ଏହାସତ୍ତ୍ୱେ ସହରରେ ସୁସ୍ଥହାର ଅପେକ୍ଷାକୃତ ବୃଦ୍ଧି ପାଇଛି। ଆଗକୁ ପଜିଟିଭ୍ ହାର ଖସୁଥିବାବେଳେ ବିଏମ୍ସି ଯେଉଁ ରଣକୌଶଳ ଦ୍ୱାରା କରୋନା ମୁକାବିଲା କରୁଛି ତାହା ନିଶ୍ଚୟ ଫଳପ୍ରଦ ହେବ ବୋଲି ବିଏମ୍ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଗତ ୩୦ଦିନ ମଧ୍ୟରେ ଭୁବନେଶ୍ୱରରେ ଟେଷ୍ଟ ସଂଖ୍ୟା ଲକ୍ଷେ ଟପିଛି। ଏହି ଟେଷ୍ଟରେ ପ୍ରାୟ ୧୦% ଜନସାଧାରଣ କୋଭିଡ୍ ଆକ୍ରାନ୍ତ ହୋଇଛନ୍ତି। ଏଥିସହ ଗତ ୨୩ ଦିନ ମଧ୍ୟରେ କରୋନାରେ ସର୍ବାଧିକ ୩୧ ଜଣଙ୍କ ମୃତ୍ୟୁ ହୋଇଛି। ପୁଣି ସର୍ବାଧିକ ତଥା ରେକର୍ଡ ସଂଖ୍ୟକ ୯,୪୧୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଯାହାର ସମ୍ପୂର୍ଣ୍ଣ ଶ୍ରେୟ ବିଏମ୍ସି କୋଭିଡ୍ ଯୋଦ୍ଧାଙ୍କୁ ଦେଉଛି। ତେବେ ରାଜଧାନୀରୁ ବୁଧବାର ୩୦୧ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩୯୨ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂଆ ପଜିଟିଭଙ୍କ ମଧ୍ୟରେ ସଙ୍ଗରୋଧରୁ ୮୩ଜଣ ଓ ସ୍ଥାନୀୟ ଅଞ୍ଚଳରୁ ୨୧୮ଜଣ ଆକ୍ରାନ୍ତ ରହିଛନ୍ତି। ସଙ୍ଗରୋଧରୁ ଚିହ୍ନଟ ସମସ୍ତ ଆକ୍ରାନ୍ତ ପୂର୍ବରୁ ଚିହ୍ନଟ ପଜିଟିଭଙ୍କ ସଂସ୍ପର୍ଶରେ ଆସିଥିବା ବିଏମ୍ସି ପକ୍ଷରୁ ଟୁଇଟ ଜରିଆରେ ସୂଚନା ଦିଆଯାଇଛି।



## ୯ହଜାର ଟପିଲା ସଂକ୍ରମିତଙ୍କ ସଂଖ୍ୟା

**ଖୋର୍ଦ୍ଧା ଗ୍ରାମାଞ୍ଚଳ**
**ଦିନକରେ ୧୦୨ଜଣ ପଜିଟିଭ୍**

**ଖୋର୍ଦ୍ଧା ଅଫିସ,୨୩।୯**

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବୁଧବାର ୧୦୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୧୪୬ଜଣ ସୁସ୍ଥ ହୋଇଛନ୍ତି। ପଜିଟିଭ୍ଙ୍କ ମଧ୍ୟରେ ବାଲିଅନ୍ତା ୪, ବାଲିପାଟଣା ୫, ଭୁବନେଶ୍ୱର ବ୍ଲକ ୬, ଜଟଣୀ ୮, ଖୋର୍ଦ୍ଧା ବ୍ଲକ ୨୩, ବେଗୁନିଆ ୯, ବୋଲଗଡ଼ ୩, ଟାଙ୍ଗୀ ୧୬, ଚିଲିକା ୧୩ ଏବଂ ବାଣପୁରର ୧୫ଜଣ ରହିଛନ୍ତି। ଅନ୍ୟପଟେ ବୁଧବାର ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୯୦୯୨ରେ ପହଞ୍ଚିଛି। ଏଥିରୁ ୭୮୨୭ଜଣ ସୁସ୍ଥ ହୋଇଥିବା ବେଳେ ୧୨୨୬ଜଣ ସକ୍ରିୟ ରହିଛନ୍ତି। ୩୯ଜଣଙ୍କ ମୃତ୍ୟୁ ଘଟିଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏନେଇ ଜିଲାପାଳ ସନତ୍ କୁମାର ମହାନ୍ତି କହିଛନ୍ତି, ଗ୍ରାମାଞ୍ଚଳରେ ସଂକ୍ରମଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସମସ୍ତ ବ୍ଲକ ଅଞ୍ଚଳରେ ଥର୍ମାଲ ସ୍କ୍ରିନିଂ ଏବଂ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି, ଉପଖଣ୍ଡରେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ଆବଦ୍ଧାଞ୍ଚଳ କରାଯାଇଛି। ଗ୍ରାମାଞ୍ଚଳସ୍ତରରେ କୋଭିଡ୍ ପରିଚାଳନା କମିଟିକୁ ନେଇ ନିୟମିତ ବ୍ୟବଧାନରେ ସମୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ବୋଲି ସେ କହିଛନ୍ତି। ଖୋର୍ଦ୍ଧା ସହରରେ ୭୨୩ଜଣ ଆକ୍ରାନ୍ତ ହୋଇଥିବା ବେଳେ ୬୩୨ଜଣ ସୁସ୍ଥ ହୋଇଛନ୍ତି। ୮୯ଜଣ ସକ୍ରିୟ ରହିଥିବା ବେଳେ ସେଥିରୁ ୮୦ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ୨ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧାରେ ଆକ୍ରାନ୍ତଙ୍କ ତୁଳନାରେ ସୁସ୍ଥହାର ଅଧିକ ରହିଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି।



କଟକ ଖପୁରିଆସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ

**ପୁରୀ ଅଫିସ/କଟକ ଅଫିସ,୨୩।୯**

କେନ୍ଦ୍ର ସରକାରଙ୍କ ଆତ୍ମସମର୍ପଣ ନୀତି ବିରୋଧରେ ବୁଧବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ କହିଛନ୍ତି, କେନ୍ଦ୍ର ସରକାର ଜିଏସ୍ଟି ଓ ବିମୁଦ୍ରୀକରଣ କରି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଦେଇଛନ୍ତି। ଜିଡିପି ଆଜି ରସାତଳଗାମୀ। ଆତ୍ମନିର୍ଭର ଭାରତ ନାଁରେ ରେଳ, ବନ୍ଦର, ଖଣି, ପାଣି, ଜଙ୍ଗଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ବିଭିନ୍ନ କମ୍ପାନୀ ହାତରେ ଟେକିଦେଲେଣି। ମାଲିକ ସପକ୍ଷରେ ଶ୍ରମ ଆଇନକୁ ସଂଶୋଧନ କରୁଛନ୍ତି। ଲୋକଙ୍କୁ କାମ ନ ଦେଇ କୃଷି ସର୍ବନାଶକାରୀ ବିଲ୍କୁ ସଂସଦରେ ପାରିତ କରିଛନ୍ତି। ଫଳରେ ୮୬ ପ୍ରତିଶତ ଚାଷୀ ଫସଲର ଦାମ୍ ନ ପାଇ କମ୍ପାନୀ ପାଖରେ ଆତ୍ମସମର୍ପଣ କରିବେ। ଏହି ବିକ୍ଷୋଭରେ ସିଟୁର ଜଗନ୍ନାଥ ଦେଓ, ଶରତ କୁମାର ରାୟଗୁରୁ, ଏଆଇଟିୟୁସିର ପ୍ରଦୀପ୍ତ ମହାନ୍ତି, ହରିହର ସେନାପତି, ଲିଙ୍ଗୁଲାଲ ସୁବୁଦ୍ଧି, ମୋହନ ନାଇଡୁ, ଭାସ୍କର ମହାପାତ୍ର ପ୍ରମୁଖ ସାମିଲ ଥିଲେ। ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ସେହିପରି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ମିଳିତ ମଞ୍ଚ ପକ୍ଷରୁ ବିଭିନ୍ନ ଦବି ନେଇ କଟକ ଖପୁରିଆସ୍ଥିତ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭରେ ରବିନାରାୟଣ ମଲ୍ଲିକ, ପିତାମ୍ବର ଲେଙ୍କା, ଅଭୟ ସ୍ୱାଇଁ, ଅମରେନ୍ଦ୍ର ମହାନ୍ତି, ବିପିନ ବିହାରୀ ରାଉତରାୟ, ବିଜୟ ଭୂଷଣ ପତ, ରାଜକିଶୋର ମଲ୍ଲିକ, ଖଗେଶ୍ୱର ସେଠୀ ପ୍ରମୁଖ ସାମିଲ ଥିଲେ।


ଭୁବନେଶ୍ୱର ରବି ଟକିଜ୍ ଛକରେ ବୁଧବାର କମିଶନରେଟ୍ ପୋଲିସ୍‌ର ଏନ୍ଫୋର୍ସମେଣ୍ଟ ଟିମ୍ ପକ୍ଷରୁ କଡ଼ାକଡ଼ି ଚେକିଂ ସହ ଅମାନିଆଙ୍କ ଠାରୁ ଜରିମାନା ଆଦାୟ କରାଯାଉଛି।

## କଟକ ଜିଲାରୁ ୫୭୭, ସିଏମ୍ସିରୁ ୩୪୩ ଆକ୍ରାନ୍ତ

**କଟକ ଅଫିସ,୨୩।୯**

କଟକ ଜିଲାରୁ ବୁଧବାର ରେକର୍ଡ ସଂଖ୍ୟକ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ମହାନଗର ନିଗମ (ସିଏମ୍ସି) ଅଞ୍ଚଳରୁ ୩୪୩ଜଣ ରହିଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୭ ହଜାର ୭୯୨ ଛୁଇଁଥିବାବେଳେ ସ୍ଥାନୀୟ ଆକ୍ରାନ୍ତଙ୍କ ସଂଖ୍ୟା କ୍ଷିପ୍ରଗତିରେ ବୃଦ୍ଧି ପାଉଛି। ଯାହା ଜିଲା ପ୍ରଶାସନର ଚିନ୍ତା ପାଲଟିଛି। ବୁଧବାର ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ସାଲେପୁରରୁ ୫୩, ଆଠଗଡରୁ ୩୪, ବଡମ୍ବାରୁ ୨୧, ବାଙ୍କୀରୁ ୧୪, ବାରଙ୍ଗରୁ ୨୦, ଚୌଦ୍ୱାରରୁ ୬, କଣ୍ଟାପଡାରୁ ୧୦, ମାହାଙ୍ଗାରୁ ୨୧, ନିଶ୍ଚିନ୍ତକୋଇଲିରୁ ୭, ନରସିଂହପୁରରୁ ୧୩, ନିଆଳିରୁ ୫, ସଦରରୁ ୨୪, ଟିଗିରିଆରୁ ୪ଜଣ ଥିବାବେଳେ ଅନ୍ୟ ଜିଲାରୁ ୮ଜଣ ରହିଛନ୍ତି। ସିଏମ୍ସି ଅଞ୍ଚଳରେ ୩୪୩ ଜଣଙ୍କ ମଧ୍ୟରେ ୫୨ଜଣ ସରକାରୀ କ୍ୱାରାଣ୍ଟାଇନ, ୯୧ଜଣ ହୋମ କ୍ୱାରାଣ୍ଟାଇନ ଓ ସ୍ଥାନୀୟ ଅଞ୍ଚଳରୁ ୨ଶହ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୫ଜଣ କୋଭିଡ ଯୋଦ୍ଧା ବୋଲି ଜଣାପଡ଼ିଛି। ୯୧ ହୋମ କ୍ୱାରାଣ୍ଟାଇନ ମଧ୍ୟରୁ ଅରୁଣୋଦୟ ନଗରରୁ ସର୍ବାଧିକ ୮ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ୨୦୦ ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ମଙ୍ଗଳାବାଗରୁ ସର୍ବାଧିକ ୧୩ ଜଣ ଚିହ୍ନଟ ହୋଇଛନ୍ତି।

### ସେବିକା ସଂକ୍ରମିତ

କଟକ ଏସ୍ସିବି ମେଡିକାଲର ଜଣେ ସେବିକା ବୁଧବାର କରୋନାରେ ସଂକ୍ରମିତ ହୋଇଛନ୍ତି। ଏନେଇ ସହକର୍ମୀମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଚନ୍ତି। କିଛିଦିନ ପୂର୍ବେ ତାଙ୍କ ସ୍ୱାମୀ ଓ ପରେ ୧୭ବର୍ଷର ପୁଅ କରୋନାରେ ଆକ୍ରାନ୍ତ ହୋଇଥିଲେ।

ଅନ୍ୟପକ୍ଷେ ବୁଧବାର ଜିଲାରୁ ୩୭୮ଜଣ ଏବଂ ସିଏମ୍ସିରୁ ୨୦୮ଜଣ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ମିଳିଛି।

## ସ୍ୱର୍ଣ୍ଣ-ରୌପ୍ୟ ଶିଳ୍ପୀଙ୍କୁ ମିଳିବ ସରକାରୀ ସହାୟତା

**କଟକ ଅଫିସ,୨୩।୯**

ସ୍ୱର୍ଣ୍ଣ-ରୌପ୍ୟ ଶିଳ୍ପୀଙ୍କୁ ମିଳିବ ସରକାରୀ ସହାୟତା। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନମୂଳକ କାର୍ଯ୍ୟକ୍ରମରେ ଭାଗୀଦାରି ହୋଇପାରିବେ। ଏଭଳି ଏକ କାର୍ଯ୍ୟକ୍ରମ କଟକରେ ଶୁଭାରମ୍ଭ ହୋଇଛି। ବଣିଆ ସାହିର ଉତ୍କଳ ସ୍ୱର୍ଣ୍ଣ-ରୌପ୍ୟ ସଂଘ ଓ ଜିଜେଇପିସିର ମିଳିତ ଆନୁକୂଲ୍ୟରେ ଏହା ଆରମ୍ଭ କରାଯିବା ସହ ଶିଳ୍ପୀଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। ସଂଘର ଏକ ଆଇଟି ସେକ୍ଟର ବିଭାଗ ଗଠନ କରାଯାଇଛି। ସରୋଜ ମହାରଣା ଓ ଗିରୀଶ ଚନ୍ଦ୍ର ପୃଷ୍ଟି ଏହି ଦାୟିତ୍ୱରେ ରହିଛନ୍ତି। ସଂଘର ସଭ୍ୟ ହୋଇ ନାମ ପଞ୍ଜୀକରଣ କରାଯିବା ସହିତ ପରିଚୟପତ୍ର ହାସଲ କରିବାକୁ କାର୍ଯ୍ୟକ୍ରମରେ ଘୋଷଣା କରାଯାଇଥିଲା। ଏହା ସାମାଜିକ ନିରାପତ୍ତା ପରିଚୟ ପ୍ରମାଣପତ୍ର। ନିଜ ତଥା ନିଜ ପରିବାର ପାଇଁ ରିହାତି ଯୋଗ୍ୟ ସ୍ୱାସ୍ଥ୍ୟ ବୀମା ସୁବିଧା ଯୋଗାଇ ଦିଆଯିବ। ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଧାରଣ ସମ୍ପାଦକ ଅଶ୍ୱିନୀ ମହାରଣା ସଂଘର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଦିଲୀପ ପୃଷ୍ଟି, ଯୁବ ସଭାପତି ଭାନୁପ୍ରତାପ ସାହୁ, କୋଷାଧ୍ୟକ୍ଷ ମନୋଜ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ କୋଷାଧ୍ୟକ୍ଷ ହେମନ୍ତ ମହାରଣା ଧନ୍ୟବାଦ ଦେଇଥିଲେ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ

**କୋଣାର୍କ,୨୩।୯(ଡି.ଏନ୍.ଏ.)**

କୋଣାର୍କ ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଚଢ଼ାଉ କରି ୭ ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଅନସରା ଗ୍ରାମର ଆଲୋକ ସେଠ। ଗତ କିଛିଦିନ ହେବ କୋଣାର୍କ ଅଞ୍ଚଳରେ ବହୁଳ ପରିମାଣରେ ବ୍ରାଉନ ସୁଗାର ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏକ ବିଶେଷ ସୂତ୍ରରୁ ଖବରପାଇ ବୁଧବାର ନିମାପଡ଼ା ଅବକାରୀ ବିଭାଗ ଅଧିକାରୀ ଲକ୍ଷ୍ମୀଧର ପ୍ରଧାନ ଟିମ୍ ସହ ସଦଳବଳ କୋଣାର୍କ ନିକଟ ସିମିଳି ସ୍କୁଲ ପାଖରେ ଚଢ଼ାଉ କରି ଆଲୋକଙ୍କୁ ଧରିଥିଲେ। ତାଙ୍କଠାରୁ ୭ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲେ। ତେବେ ଏହି ବ୍ୟବସାୟର ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ଯାଇଥିଲେ।

## କୋଇଲା ବୋଝେଇ ଟ୍ରକ୍ ଜବତ: ଚାଳକ ଗିରଫ

**ଖୁଣ୍ଟୁଣୀ,୨୩।୯(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବଜାରରୁ ବୁଧବାର ପୋଲିସ ଏକ କୋଇଲା ବୋଝେଇ ଟ୍ରକ୍କୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଗ୍ରାମର କାଳନ୍ଦୀ ବେହେରା। ଛେଣ୍ଡିପଦା ଅଞ୍ଚଳରୁ ୧୬ଟନରୁ ଊର୍ଦ୍ଧ୍ୱ ଚୋରା କୋଇଲା ନେଇ ଏକ ଟ୍ରକ୍ ଜଗତ୍‌ସିଂହପୁର ଯାଉଥିଲା। ଖବର ପାଇ ପୋଲିସ ଖୁଣ୍ଟୁଣୀ ବଜାରରେ ଟ୍ରକ୍କୁ ଜବତ କରି କାଳନ୍ଦୀଙ୍କୁ ଥାନାକୁ ଆଣିଥିଲେ। ସେ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ମାମଲା (ନଂ.୧୨୫/୨୦) ରୁଜୁକରି ତାଙ୍କୁ ଗିରଫ କରିଥିଲା।

## ସାହିତ୍ୟିକ ରାମଧାରୀ ସିଂଙ୍କ ଜୟନ୍ତୀ

**ପୁରୀ ଅଫିସ,୨୩।୯**

ସୃଜନୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବୁଧବାର ସର୍ବୋଦୟ ନଗରସ୍ଥିତ ମୈତ୍ରୀ ପରିସରରେ ରାମଧାରୀ ସିଂହ ଦିନକଙ୍କର ୧୨୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦର ଅଧ୍ୟକ୍ଷ ପ୍ରଫେସର ଡ. କାର୍ତ୍ତିକ କୁମାର ଦାସ ଏଥିରେ ପୌରୋହିତ୍ୟ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ବଲ୍ଲଭ କୁମାର ଜୟସିଂ ଅତିଥି ଭାବେ ଯୋଗଦେଇ କହିଥିଲେ, ରାମଧାରୀ ହିନ୍ଦୀରେ ବହୁ ପୁସ୍ତକ ରଚନା କରି କେନ୍ଦ୍ର ସାହିତ୍ୟ ଏକାଡେମୀ ଓ ଜ୍ଞାନପୀଠ ପୁରସ୍କାର ପାଇଥିଲେ। କାର୍ଯ୍ୟକ୍ରମରେ ଯୋଗାଚାର୍ଯ୍ୟ ଡ. ରମାକାନ୍ତ କର, ରାଜେନ୍ଦ୍ର ତ୍ରିପାଠୀ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଭବାନୀ ପ୍ରସାଦ ବଳିୟାରସିଂ, ଜୁପିଟର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ନେଇ ଦାବିପତ୍ର ପ୍ରଦାନ

**ପୁରୁଣା ଭୁବନେଶ୍ୱର,୨୩।୯(ଡି.ଏନ୍.ଏ.)**

କୋଭିଡ୍-୧୯ ସମୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରାଇବା ସହ ଘରୋଇ ଡାକ୍ତରଖାନାର ସୁପରିଚାଳନା ପାଇଁ ଏକାମ୍ର ଜନ ଜାଗରଣ ମଞ୍ଚ ଦାବି କରିବା ସହ ବୁଧବାର ମାନବ ଅଧିକାର କମିଶନଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି। ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ କରୋନା ଭୟରେ ସାଧାରଣ ରୋଗୀ ଉପଯୁକ୍ତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜରୁରିକାଳୀନ ସେବା ନ ପାଇବାରୁ ଗୁରୁତର ରୋଗୀଙ୍କ ମୃତ୍ୟୁ ହେଉଛି ବୋଲି ମଞ୍ଚ ପକ୍ଷରୁ ଦାବି ହୋଇଛି। ମଞ୍ଚ ମସଭାପତି ଭୀଷ୍ମନାରାୟଣ ନାୟକ, ମୃତ୍ୟୁଞ୍ଜୟ ମହାନ୍ତି, ସଂଗ୍ରାମ କିଶୋର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ବିରଳ ପ୍ରଜାତିର ମାଛ ଉଦ୍ଧାର

**ବ୍ରହ୍ମଗିରି,୨୩।୯(ଡି.ଏନ.ଏ)**

ବ୍ରହ୍ମଗିରି ହାଇସ୍କୁଲ ନିକଟସ୍ଥ ତେଲିଆ ପୋଖରୀରେ ମାଛ ଧରାଯାଉଥିବା ବେଳେ ମଙ୍ଗଳବାର ଏକ ବିରଳ ପ୍ରଜାତିର ମାଛ ଜାଲରେ ପଡିଥିଲା। ତା'ର ରଙ୍ଗ ସମ୍ପୂର୍ଣ୍ଣ ହଳଦିଆ। ଓଜନ ପ୍ରାୟ ଅଢ଼େଇ କିଲୋଗ୍ରାମରୁ ଊର୍ଦ୍ଧ୍ୱ ହେବ। ସେହି ମାଛକୁ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ତାକୁ ଉଦ୍ଧାର କରାଯାଇ କିଛି ସମୟ ବାହାରେ ରଖାଯିବା ପରେ ପୁନର୍ବାର ତାକୁ ପୋଖରୀରେ ଛାଡି ଦିଆଯାଇଛି। ବହୁ ସମୟ ବାହାରେ ରହିବା ପରେ ମାଛଟି ମରିଯିବାର ଆଶଙ୍କା କରାଯାଇ ତାକୁ ପୁନର୍ବାର ପାଣିରେ ଛଡାଯାଇଥିବା ବ୍ରହ୍ମଗିରି ବାଲିସାହି ଗ୍ରାମର ମଙ୍ଗୁଳି ସାହୁ କୁହନ୍ତି।



## ପରିବା ଦର ଆକାଶଛୁଆଁ, ସବୁ ୫୦ ଉପରେ


**ଭୁବନେଶ୍ୱର,୨୩।୯(ବ୍ୟୁରୋ)**

ପ୍ରଥମେ ବନ୍ୟା ଓ ଏବେ ଲଗାତର ବର୍ଷା ପାଇଁ କମିବାର ନାଁ ନେଉନି ପନିପରିବା ଦର। ଆଳୁ, ପିଆଜରୁ ଆରମ୍ଭକରି କଞ୍ଚା ପନିପରିବାର ଦାମ୍ ଏବେ ଆକାଶଛୁଆଁ ହୋଇଛି। ବାହାରୁ ଆମଦାନୀ ହେଉଥିବା ପନିପରିବାର ଦାମ୍ ବେଶ୍ ଅଧିକ ଥିବାବେଳେ ରାଜ୍ୟ ଭିତରେ ଚାଷ ହେଉଥିବା ପନିପରିବାର ଦାମ୍‌ରେ ହାତ ମାରିହେଉ ନାହିଁ। ବନ୍ୟା ଯୋଗୁ ରାଜ୍ୟ ଭିତରେ ଚାଷ ହେଉଥିବା ପନିପରିବା ପଚିସଢି ଯାଇଥିବା ବେଳେ ଆବଶ୍ୟକ ପରିମାଣର ପରିବା ଆଉ ଉତ୍ପାଦନ ହେଉନି। ଏଭଳିସ୍ଥଳେ ପ୍ରତି ପରିବା କିଲୋପିଛା ଦାମ୍ ୮୦ଟଙ୍କା ଛୁଇଁଛି। ରାଜଧାନୀର ୟୁନିଟ୍-୧ ହାଟରେ ସବୁଜ ପନିପରିବା ଦର ୫୦ରୁ ୬୦ଟଙ୍କା ଥିବାବେଳେ ସହରର ଅନ୍ୟ ସ୍ଥାନରେ କିନ୍ତୁ ୮୦ ଟଙ୍କାରେ ବିକ୍ରି ହେଉଛି। ଗୋଟିଏପଟେ କରୋନା ପାଇଁ ରାଜଧାନୀବାସୀଙ୍କ ରୋଜଗାର ହ୍ରାସ ପାଇଥିବା ବେଳେ ଏଭଳିସ୍ଥିତିରେ ଦରଦାମ୍ ବୃଦ୍ଧି ଚିନ୍ତା ବଢ଼ାଇ ଦେଇଛି।



ମାସେ ଆଗରୁ ସବୁ ପରିବା ଦାମ୍ କିଲୋପିଛା ୨୦ରୁ ୪୦ଟଙ୍କା ମଧ୍ୟରେ ରହିଥିଲା। ହେଲେ ବାତ୍ୟାପରଠାରୁ ବଢୁଥିବା ଦାମ୍‌ରେ ଲଗାମ ଲାଗିପାରୁନି। ଉପକୂଳ ଓଡ଼ିଶାରେ ବନ୍ୟା ଯୋଗୁ ଏହାର ସିଧାସଳଖ ପ୍ରଭାବ ରାଜଧାନୀ ବଜାର ଉପରେ ପଡ଼ିଛି। ବାଇଗଣ କିଲୋ ପିଛା ୫୦ରୁ ୬୦ ଟଙ୍କା ମଧ୍ୟରେ ରହୁଥିବା ବେଳେ ୨୫ରୁ ୩୦ ଟଙ୍କା ଥିବା ଝୁଡ଼ଙ୍ଗ, ଛୁଇଁ କିଲୋକୁ ୭୦/୮୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ପୋଟଳ କିଲୋକୁ ୯୦ ଟଙ୍କା, ଟମାଟୋ ୮୦ ଟଙ୍କା, ବିନ୍ସ ୧୦୦ ଟଙ୍କା, କାଙ୍କଡ଼ ୫୦/୬୦ ଟଙ୍କା, ଭେଣ୍ଡି ଓ ଜହ୍ନି ୫୦ ଟଙ୍କା ଦରରେ ବିକ୍ରି ହେଉଛି। ଭେଣ୍ଡି କିଲୋ ୪୦ଟଙ୍କାରେ ପହଞ୍ଚିଥିବା ବେଳେ କ୍ୟାପ୍‌ସିକମ୍ କିଲୋପିଛା ୧୩୦ଟଙ୍କା ଛୁଇଁଛି। ସେହିଭଳି କଖାରୁ କିଲୋକୁ ଆଗରୁ ୨୦ଟଙ୍କା ରହିଥିବା ବେଳେ ଏବେ ଦୁଇଗୁଣା ବଢି ୪୦ ଟଙ୍କା ହୋଇଛି। ଅନ୍ୟପକ୍ଷେ ଦେଶୀଆଳୁ କିଲୋ ପ୍ରତି ୪୦ରୁ ୫୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ସାରୁ କିଲୋ ପ୍ରତି ୩୦ରୁ ୪୦ ଟଙ୍କା ରହିଛି। କେବଳ ପନିପରିବା ନୁହେଁ, ତେଲ, ଲୁଣ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ମଧ୍ୟ ଏହାଭିତରେ ବୃଦ୍ଧି ପାଇଛି। ପେଟ୍ରୋଲ, ଡିଜେଲର ବର୍ଦ୍ଧିତ ଦର ପାଇଁ ପରିବହନ ଖର୍ଚ୍ଚ ବଢୁଥିବାରୁ କମ୍ପାନୀଗୁଡ଼ିକ ତେଲ, ଲୁଣ, ଡାଲି ଆଦିର ଦାମ୍ ବଢ଼ାଇଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୩ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ସେପ୍ଟେମ୍ବର ୨୪/୨୦୨୦ Thursday, September 24/2020




# ପୁଣି ଘୁଞ୍ଚିବ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

**ନୂଆଦିଲ୍ଲୀ,୨୩।୯ (ପି.ଟି.)**

୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ପୁଣି ଥରେ ଘୁଞ୍ଚିବାର ସମ୍ଭାବନା ଦେଖାଦେଇଛି। ପୂର୍ବରୁ ଥରେ ଘୁଞ୍ଚାଯାଇ ଏହି ମେଗା ଇଭେଣ୍ଟକୁ ୨୦୨୧ ଫେବୃୟାରୀ- ମାର୍ଚ୍ଚରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବାରୁ ଏହା ପୁଣି ଘୁଞ୍ଚିବ।

ଏହି ମେଗା ଇଭେଣ୍ଟ ନଭେମ୍ବର ୨ରୁ ୨୦ ତାରିଖ ମଧ୍ୟରେ ଭାରତରେ ୫ଟି ଭେନ୍ୟୁରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ପରେ ମହାମାରୀ ପାଇଁ ଏହାକୁ ଆସନ୍ତାବର୍ଷ ଫେବୃୟାରୀ ୧୭ରୁ ମାର୍ଚ୍ଚ ୭ ତାରିଖ ମଧ୍ୟରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟଗତ




ପରିସ୍ଥିତିରେ କୌଣସି ଉନ୍ନତି ନ ଘଟିବାରୁ ବିଶ୍ୱକପ୍‌ର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟଗୁଡିକ ଆଫ୍ରିକା, ନର୍ଥ ଓ ସେଣ୍ଟ୍ରାଲ ଆମେରିକା ଓ ଦକ୍ଷିଣ ଆମେରିକାରେ ଆୟୋଜନ ହୋଇପାରିନାହିଁ। ତେଣୁ ବିଶ୍ୱକପ୍ ଘୁଞ୍ଚିବା ଏକ ପ୍ରକାର ନିଶ୍ଚିତ ମନେହେଉଛି। ଏ ନେଇ ଅବଶ୍ୟ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇ ନାହିଁ। ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ କିଛି ଅପ୍‌ଡେଟ୍ କରାଯାଇ ନାହିଁ ବୋଲି ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ସାଧାରଣ ସମ୍ପାଦକ କୁଶଲ ଦାସ କହିଛନ୍ତି। ତେବେ ବିଶ୍‌କପ୍ ଘୁଞ୍ଚିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ବିଶ୍ୱକପ୍ ଆଉ ୫ ମାସ ବାକି ରହିଛି। କିନ୍ତୁ ବିଭିନ୍ନ କନଫେଡେରେଶନଗୁଡିକ ଏପର୍ଯ୍ୟନ୍ତ କ୍ୱାଲିଫାୟର୍ସ ଆୟୋଜନ କରିପାରି ନାହାନ୍ତି। ସିଏଏଫ୍, କନକାକାଫ, କନମେବୋଲ କ୍ୱାଲିଫାୟର୍ସ ଆୟୋଜନ କରିପାରି ନ ଥିବା ବେଳେ ୟୁଇଏଫ୍‌ଏ ଗତମାସରେ ତା'ର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛି। ସେହିପରି ଓଏଫ୍‌ଏ ମଧ୍ୟ ସମାନ ନିଷ୍ପତ୍ତି ନେଇଛି। କେବଳ ଏସିଆ (ଏଏଫ୍‌ସି) କ୍ୱାଲିଫାୟର୍ସ ଆୟୋଜନ କରିଛି। ଜାପାନ ଓ ଉତ୍ତର କୋରିଆ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏହି ଦୁଇ ଦେଶ ୨୦୧୯ ଏଏଫ୍‌ସି ୧୬ ବର୍ଷରୁ କମ୍ ମହିଳା ଚାମ୍ପିୟନଶିପ୍‌ରେ ଚାମ୍ପିୟନ ଓ ରନର୍ସଅପ୍ ହୋଇଥିଲେ।

ଅନ୍ୟପଟେ ଯଦି ବିଶ୍ୱକପ୍‌କୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଏ ତା'ହେଲେ ଏଆଇଏଫ୍‌ଏଫ୍ ମଧ୍ୟ ତା'ର ଜାତୀୟ କ୍ୟାମ୍ପ ଆୟୋଜନ କରି ନ ପାରେ। ଭାରତ ହେଡ୍ କୋଚ୍ ଥୋମାସ ଡେନେବି ସ୍ୱିଡେନରେ ତାଙ୍କ ଘରେ ରହିଛନ୍ତି। ସେ ମାର୍ଚ୍ଚରେ ଭାରତ ଛାଡିଥିଲେ।

# ପାକିସ୍ତାନ ଗସ୍ତ କରିବାକୁ ଜିମ୍ବାୱେ ଦଳକୁ ଅନୁମତି

**ହରାରେ,୨୩।୯ (ଏପି):** ଆସନ୍ତାମାସ ଏକ ସୀମିତ ଓଭର ସିରିଜ ଖେଳିବାକୁ ଜିମ୍ବାୱେ କ୍ରିକେଟ ଦଳ ପାକିସ୍ତାନ ଗସ୍ତ କରିବ। ଏ ନେଇ ଜିମ୍ବାୱେ ସରକାର ଅନୁମତି ଦେଇଛନ୍ତି। କୋଭିଡ୍-୧୯ ମହାମାରୀ କାରଣରୁ ଦଳ ସରକାରଙ୍କଠାରୁ ଅନୁମତି ଲୋଡିଥିଲା। ତେବେ ଦଳକୁ ଅନୁମତି ପ୍ରଦାନ କରାଯାଇଛି ବୋଲି ଜିମ୍ବାୱେ କ୍ରିକେଟ ତରଫରୁ କୁହାଯାଇଛି। ଜିମ୍ବାୱେ ଓ ପାକିସ୍ତାନ ମଧ୍ୟରେ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳାଯିବ। ଅକ୍ଟୋବର ଶେଷ ଓ ନଭେମ୍ବର ପ୍ରାରମ୍ଭରେ ଏହି ମ୍ୟାଚ୍‌ଗୁଡିକ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ୩ଟି ଯାକ ଦିନିକିଆ ମୁଲତାନରେ ଖେଳାଯିବ। ସେହିପରି ୩ଟି ଯାକ ଟି୨୦ ରାୱଲପିଣ୍ଡିରେ ଆୟୋଜନ ହେବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ତରଫରୁ ସୂଚନା ଦିଆଯାଇଛି। ଦର୍ଶକଙ୍କୁ ଏହି ମ୍ୟାଚ୍ ଦେଖିବାକୁ ଅନୁମତି ଦିଆଯିବ ନାହିଁ। ଏଥିପାଇଁ ଦୁଇଟି ଷ୍ଟାଡିୟମରେ ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରାଯିବ। ଏହି ଅବସରରେ ସବୁ ପ୍ରକାର ନିୟମ ଓ ପ୍ରୋଟୋକଲକୁ ଅନୁସରଣ କରାଯିବ ବୋଲି ପିସିବି ନିର୍ଦ୍ଦେଶକ ଜାକିର ଖାନ୍ କହିଛନ୍ତି। ଏକ ବର୍ଦ୍ଧିତ ଦଳ ସହ ଜିମ୍ବାୱେ ପାକିସ୍ତାନରେ ପହଞ୍ଚିବ। ଖେଳାଳି ଓ ଅଫିସିଆଲମାନେ ହରାରେ ଛାଡିବା ପୂର୍ବରୁ ୪୮ ଘଣ୍ଟା ମଧ୍ୟରେ ୨ଥର କୋଭିଡ୍ ଟେଷ୍ଟର ସମ୍ମୁଖୀନ ହେବେ।

# ୧୧ ଏନ୍‌ସିଏ କୋଚ୍‌ଙ୍କ ଚୁକ୍ତି ନବୀକରଣ କରିବନି ବିସିସିଆଇ

**ନୂଆଦିଲ୍ଲୀ, ୨୩।୯**




କରୋନା ଭାଇରସ ସଂକ୍ରମଣ ଜନିତ କାରଣରୁ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ଗତ କିଛି ମାସଧରି କୌଣସି କାର୍ଯ୍ୟକଳାପ ସମ୍ଭବ ହୋଇନାହିଁ। ନିକଟ ଅତୀତରେ ମଧ୍ୟ ଆରମ୍ଭ ହେବାର ସମ୍ଭାବନା ନାହିଁ। ତେଣୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୧୧ ଏନସିଏ କୋଚ୍‌ଙ୍କ ଚୁକ୍ତିର ନବୀକରଣ ନ କରିବାକୁ ନିଷ୍ପତ୍ତି ନେଇଛି। ଏହା ମଧ୍ୟରେ ଓଡ଼ିଶାର ଶିବସୁନ୍ଦର ଦାସଙ୍କ ସମେତ ୪ ଜଣ ପୂର୍ବତନ ଭାରତୀୟ ଖେଳାଳି ରହିଛନ୍ତି। ଯେଉଁ କୋଚ୍‌ମାନଙ୍କର ଚୁକ୍ତି ନବୀକରଣ କରାଯାଇ ନାହିଁ ବିଜ୍ଞାପନ ପ୍ରକାଶ କରାଗଲେ ସେମାନଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ପ୍ରକାଶ କରିଛନ୍ତି। ଶିବସୁନ୍ଦରଙ୍କ ବ୍ୟତୀତ ପୂର୍ବତନ ଖେଳାଳି ସୁବ୍ରତ ବାନାର୍ଜୀ, ହୃଷୀକେଶ କାନିତକର, ରମେଶ ପାୱାର ଏବଂ ଘରୋଇ କ୍ରିକେଟର ମନସୁର ଅଲର ଖାନ୍, ସୀତାଂଶୁ କୋଟାକ ପ୍ରମୁଖ ଖେଳାଳିଙ୍କ ସହିତ ୩୦ରୁ ୫୦ ଲକ୍ଷ ଟଙ୍କା ଦରମା ଭିତ୍ତିରେ ଏକବର୍ଷିଆ ଚୁକ୍ତି ହୋଇଥିଲା। ସେପ୍ଟେମ୍ବର ୩୦ରେ ଚୁକ୍ତି ସମୟସୀମା ଶେଷ ହେବାପରେ ସେମାନଙ୍କର ଆଉ ଆବଶ୍ୟକ ପଡ଼ିବ ନାହିଁ ବୋଲି ଏନସିଏ ମୁଖ୍ୟ ରାହୁଲ ଦ୍ରାବିଡ ଜଣାଇ ଦେଇଛନ୍ତି। ଚାକିରି ହରାଇଥିବା ଅନ୍ୟ କୋଚିଂ ଷ୍ଟାଫ୍‌ଙ୍କ ମଧ୍ୟରେ ଅଛନ୍ତି ରାଜୀବ ଦତ୍ତ, ଅପୂର୍ବ ଦେଶାଇ, ଅତୁଲ ଗାଏକ୍‌ୱାଡ, ଶୁଭଦୀପ ଘୋଷ ଓ ଟି. ଦିଲୀପ। ବିସିସିଆଇ ସମ୍ବିଧାନ ଅନୁସାରେ ସମସ୍ତ ନିୟମକୁ ପାଳନ କରାଯିବ। କାର୍ଯ୍ୟକାଳ ଶେଷ ହେବାପରେ ସେମାନଙ୍କୁ ଆଉଥରେ ଆବେଦନ କରିବାକୁ ପଡ଼ିବ ବୋଲି ଗାଙ୍ଗୁଲି ସ୍ପଷ୍ଟ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ